ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨୫/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, September 25/2022 Page 20 ₹ 7.00 ★★

୧୮ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 279 ମୂଲ୍ୟ ₹୭/-



## ସଂକ୍ଷେପରେ

### କର୍ମଚାରୀଙ୍କ ପଦୋନ୍ନତି ଲାଗି ବଦଳିବ ସେବା ନିୟମ

**ନୂଆଦିଲ୍ଲୀ,୨୪ା୯ :** କର୍ମଚାରୀମାନଙ୍କ ପଦୋନ୍ନତି ଲାଗି ଆବଶ୍ୟକ ସର୍ବନିମ୍ନ ଯୋଗ୍ୟତା ସେବା ନିୟମାବଳୀରେ ସଂଶୋଧନ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ସପ୍ତମ ବେତନ କମିଶନ ପେ' ମାଟ୍ରିକ୍ସ ଏବଂ ପେ' ଲେବଲ୍ ଅନୁଯାୟୀ ଉକ୍ତ ନିୟମାବଳୀରେ ସଂଶୋଧନ କରାଯିବ। ଗତ ୨୦ ତାରିଖରେ କାର୍ମିକ ଓ ତାଲିମ ବିଭାଗ ଦ୍ୱାରା ଜାରି ବିଜ୍ଞାପନ ଜରିଆରେ ଏହା ଘୋଷଣା କରାଯାଇଛି। ସଂଶୋଧିତ ନିୟମାବଳୀରେ ନିଯୁକ୍ତି ନିୟମ/ସେବା ନିୟମକୁ ସାମିଲ କରାଯାଇପାରେ। ଏଥିପାଇଁ ଆବଶ୍ୟକ ସଂଶୋଧନ କରିବାକୁ ସମସ୍ତ ମନ୍ତ୍ରଣାଳୟ ଓ ବିଭାଗକୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନୂଆ ନିୟମାବଳୀରେ ଲେବଲ୍୧ରୁ ଲେବଲ୍ ୨କୁ ପଦୋନ୍ନତି ଲାଗି ସର୍ବନିମ୍ନ ଯୋଗ୍ୟତା ସେବା ୩ ବର୍ଷ ହୋଇଥିବା ଆବଶ୍ୟକ ବୋଲି ସର୍ତ୍ତ ରଖାଯାଇଛି। ସେହିପରି ଲେବଲ୍ ୨ରୁ ଲେବଲ ୩କୁ ପଦୋନ୍ନତି ଲାଗି ୩ ବର୍ଷ, ଲେବଲ୍ ୩ରୁ ଲେବଲ୍ ୪ ଏବଂ ଲେବଲ୍ ୪ରୁ ଲେବଲ୍ ୫ ପଦୋନ୍ନତି ଲାଗି ସର୍ବନିମ୍ନ ସେବା ଯୋଗ୍ୟତା ୫ ବର୍ଷ ରଖାଯାଇଛି। ତେବେ ଏନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣା ହୋଇନାହିଁ।

### ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଭିଡିଓ ମାମଲାରେ ଯବାନ ଗିରଫ



**ଚଣ୍ଡିଗଡ଼,୨୪ା୯:** ଚଣ୍ଡିଗଡ଼ ୟୁନିଭର୍ସିଟି ହଷ୍ଟେଲ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ମାମଲାରେ ସମ୍ପୃକ୍ତି ନେଇ ସଞ୍ଜୀବ ସିଂ ନାମକ ଜଣେ ଯବାନଙ୍କୁ ଅରୁଣାଚଳପ୍ରଦେଶରୁ ଗିରଫ କରାଯାଇଛି। ପଞ୍ଜାବ ପୋଲିସ ଡିଜି ଗୌରବ ଯାଦବ ଶନିବାର ଏହି ସୂଚନା ଦେଇଛନ୍ତି। ତାଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଏହି ଭିଡିଓ ଲିକ୍ ମାମଲାରେ ୪ ଜଣଙ୍କୁ ଗିରଫ କରାଗଲାଣି। ପୂର୍ବରୁ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ଏବଂ ହିମାଚଳପ୍ରଦେଶରୁ ୨ ଜଣଙ୍କୁ ଗିରଫ କରାଯାଇଥିଲା। ହଷ୍ଟେଲ୍ ୱାଶ୍‌ରୁମ୍‌ରୁ କେତେଜଣ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଗତ ସପ୍ତାହରେ ମୋହାଲିସ୍ଥିତ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଥିଲା।

### ଶିକ୍ଷକଙ୍କୁ ଗୁଳିକଲେ ଦଶମ ଶ୍ରେଣୀ ଛାତ୍ର

**ଲକ୍ଷ୍ନୌ,୨୪ା୯ :** ଉତ୍ତରପ୍ରଦେଶ ସୀତାପୁର ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ର ଶନିବାର ଏକ ଦେଶୀ ବନ୍ଧୁକରୁ ଶିକ୍ଷକଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଛନ୍ତି। ଅଭିଯୁକ୍ତ ଛାତ୍ର ଜଣକର ଅନ୍ୟ ଜଣେ ଛାତ୍ରଙ୍କ ସହ ବିବାଦ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ଅଭିଯୁକ୍ତ ଛାତ୍ରଙ୍କୁ ଗାଳି କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ଛାତ୍ର ଜଣକ ଶିକ୍ଷକଙ୍କୁ ଗୁଳି ଚଳାଇ ସେଠାରୁ ବନ୍ଧୁକ ସହ ଖସି ପଳାଇଥିଲେ। ଶିକ୍ଷକ ଜଣକ ଆହତ ହୋଇଥିଲେ ମଧ ବିପଦମୁକ୍ତ ଥିବା ଅତିରିକ୍ତ ଏସ୍‌ପି ରାଜୀବ ଦୀକ୍ଷିତ କହିଛନ୍ତି। ଅଧିକ ଚିକିତ୍ସା ଲାଗି ତାଙ୍କୁ ଲକ୍ଷ୍ନୌ ପଠାଯାଇଛି।

# ଗଣିକାବୃତ୍ତି ପାଇଁ ବାଧ କରାଯାଉଥିଲା

## ଫିଟୁଛି ଅଙ୍କିତା ହତ୍ୟାକାଣ୍ଡ ଗୁମର

- ୫ ଦିନ ପରେ ମିଳିଲା ମୃତଦେହ
- ପୂର୍ବତନ ମନ୍ତ୍ରୀ ଭାଜପାରୁ ବହିଷ୍କୃତ

**ଋଷିକେଶ, ୨୪ା୯**

ଉତ୍ତରାଖଣ୍ଡର ଏକ ରିସର୍ଟରେ କାମ କରୁଥିବା ରିସେପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀ(୧୯)ଙ୍କୁ ହତ୍ୟା ମାମଲାରେ ଗୋଟିଏ ପରେ ଗୋଟିଏ ଗୁମର ପଦାକୁ ଆସୁଛି। ଘଟଣାର ୫ ଦିନ ପରେ ଶନିବାର ଅଙ୍କିତାଙ୍କ ମୃତଦେହ ଚିଲ୍ଲା ବ୍ୟାରେଜରୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଭାଜପାର ଜଣେ ପୂର୍ବତନ ମନ୍ତ୍ରୀ ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ସମେତ ୩ ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଶନିବାର ବିନୋଦ ଏବଂ ପୁଅ ଅଙ୍କିତ ଆର୍ଯ୍ୟଙ୍କୁ ଭାଜପାରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଅଙ୍କିତା କାମ କରୁଥିବା ରିସର୍ଟରେ ଅତିଥିମାନଙ୍କ ପାଇଁ ଗଣିକାବୃତ୍ତି କରିବାକୁ ବାଧ କରାଯାଉଥିଲା ବୋଲି ତାଙ୍କ ହ୍ୱାଟ୍ସଆପ୍ ଚାଟରୁ ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି।

ପୌରି ଜିଲା ଋଷିକେଶ ନିକଟରେ ଥିବା ପୁଲକିତ୍ ଆର୍ଯ୍ୟଙ୍କ ରିସର୍ଟରେ ଅଙ୍କିତା କାମ କରୁଥିଲେ। ଗତ ୧୮ ତାରିଖରୁ ଅଙ୍କିତା ନିଖୋଜ ଥିଲେ। ୧୯ ତାରିଖରେ ଅଙ୍କିତାଙ୍କ ମାତାପିତା ତାଙ୍କ ପତ୍ତା ମିଳୁ ନ ଥିବା ନେଇ ଅଭିଯୋଗ କରିଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ପୋଲିସ ତଦନ୍ତରେ ଶିଥିଳତା ଯୋଗୁ ଜନ ଆକ୍ରୋଶ ବଢ଼ିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ୨୩ ତାରିଖରେ ଲକ୍ଷ୍ମଣଝୁଲା ପୋଲିସ ପୁଲ୍‌କିତ, ଅଙ୍କିତ ଏବଂ ରିସର୍ଟ ମ୍ୟାନେଜର ସୌରଭ ଭାସ୍କରଙ୍କୁ ଗିରଫ କରିଥିଲା। ସେମାନଙ୍କୁ କୋର୍ଟରେ ହାଜର ପରେ ପୋଲିସ ୧୪ ଦିନିଆ ରିମାଣ୍ଡରେ ନେଇଛି। ବିନୋଦ ଓ ଅଙ୍କିତ୍‌ଙ୍କୁ ଭାଜପାରୁ ବହିଷ୍କାର ସହ ଅଙ୍କିତଙ୍କୁ ଉତ୍ତରାଖଣ୍ଡ ଅନ୍ୟ ପଛୁଆବର୍ଗ କମିଶନର ଉପାଧକ୍ଷ ପଦରୁ ହଟାଯାଇଛି। ଘଟଣାରେ ଉତ୍ତରାଖଣ୍ଡର ପୂର୍ବତନ ଭାଜପା ମନ୍ତ୍ରୀଙ୍କ ପୁଅର ସମ୍ପୃକ୍ତି ଜଣାପଡ଼ିବା ପରେ ଅଞ୍ଚଳରେ ଉତ୍ତେଜନା ତୀବ୍ର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ବିଳମ୍ବିତ ରାତିରେ ରିସର୍ଟକୁ ଜେସିବିରେ ଭାଙ୍ଗି ଦିଆଯାଇଥିଲା। ପାଣିକୁ ଠେଲି ଅଙ୍କିତାଙ୍କୁ ହତ୍ୟା କରାଯାଇଥିବା ଜାଣିବା ପରେ ପୋଲିସ ଏସ୍‌ଡିଆର୍‌ଏଫ୍ ଟିମ୍ ସହାୟତାରେ ଚିଲ୍ଲା କେନାଲରୁ ଜବତ କରିଛି। ଶନିବାର ଉତ୍ତେଜିତ ସ୍ଥାନୀୟ ଲୋକେ ରିସର୍ଟ ପରିସରରେ ଥିବା ଏକ ବିଲ୍ଡିଂରେ ନିଆଁ ଲଗାଇଦେଇଛନ୍ତି। ଏଥିସହ ସ୍ଥାନୀୟ ବିଧାୟକ ରେଣୁ ବିଷ୍ଟଙ୍କ କାର ମଧ ଭଙ୍ଗାରୁଜା କରିଛନ୍ତି।

ଘଟଣାକୁ ନେଇ ବିରୋଧୀ ଭାଜପାକୁ ଟାର୍ଗେଟ କରିଛନ୍ତି। ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ କହିଛନ୍ତି, ଅଧିକାଂଶ ମହିଳା ବିରୋଧୀ ଅପରାଧ କିମ୍ବା ଯୌନ ଉତ୍ପୀଡ଼ନ ମାମଲାଗୁଡ଼ିକରେ ଭାଜପା ନେତାଙ୍କ ସମ୍ପୃକ୍ତି ସାମ୍ନାକୁ ଆସୁଛି। ଏହା ପରେ ବି ସେମାନଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯଦି ପ୍ରକୃତରେ ଭାଜପା ଏଭଳି କାର୍ଯ୍ୟକୁ ପ୍ରଶ୍ରୟ ଦିଏନାହିଁ ତେବେ ଅପରାଧରେ ସମ୍ପୃକ୍ତ ନେତା, ବିଧାୟକ, ଏମ୍‌ପିମାନଙ୍କୁ ଦଳରୁ ବିଦାକରୁ। ହେଲେ ଭାଜପା ସେମାନଙ୍କୁ ସୁରକ୍ଷା ଦେଲେ ଅପରାଧୀମାନେ ପୁଣି ଅନୁରୂପ କାମ କରିବେ ବୋଲି ସୁପ୍ରିୟା କହିଛନ୍ତି।


ଅଙ୍କିତା ଭଣ୍ଡାରୀ


ପୁଲକିତ ଆର୍ଯ୍ୟ


ବିନୋଦ ଆର୍ଯ୍ୟ

### ହ୍ୱାଟ୍ସଆପ୍ ଚାଟ୍, କଲ୍ ରେକର୍ଡିଂ ଭାଇରାଲ

ଅଙ୍କିତାଙ୍କ ମୋବାଇଲରୁ ତାଙ୍କ ହ୍ୱାଟ୍ସଆପ୍ ମେସେଜ୍ ସାମ୍ନାକୁ ଆସିଛି। ମୁଖ୍ୟ ଅଭିଯୁକ୍ତ ତଥା ରିସର୍ଟ ମାଲିକ ପୁଲକିତ ଓ ଅନ୍ୟ ଅଭିଯୁକ୍ତମାନେ ତାଙ୍କୁ ଗଣିକାବୃତ୍ତି କରିବାକୁ ବାଧ କରୁଥିଲେ ବୋଲି ଅଙ୍କିତା ନିଜ ସାଙ୍ଗଙ୍କୁ କରିଥିବା ଚାଟ୍‌ରୁ ଜଣାପଡ଼ିଛି। ରିସର୍ଟକୁ ଆସୁଥିବା ଅତିଥିମାନଙ୍କୁ ୧୦ ହଜାର ଟଙ୍କା ବଦଳରେ ସ୍ୱତନ୍ତ୍ର ସେବା ଦେବାକୁ ତାଙ୍କୁ କୁହାଯାଉଥିଲା ବୋଲି ଡିଜିପି ଅଶୋକ କୁମାର କହିଛନ୍ତି। ହୋଟେଲରେ ତାଙ୍କୁ ଜଣେ ଖରାପ ଢଙ୍ଗରେ ସ୍ପର୍ଶ କରିଥିବା କଥା ମଧ ଅଙ୍କିତା ଜଣେ ବନ୍ଧୁଙ୍କୁ କହିଥିଲେ। ଏହାସହ ଅଙ୍କିତାଙ୍କ ଏକ ଅଡିଓ କଲ୍ ମଧ ଭାଇରାଲ ହୋଇଛି। ସେ ଫୋନ୍‌ରେ କାନ୍ଦିକାନ୍ଦି ତାଙ୍କ ବ୍ୟାଗ୍ ଉପରକୁ ଆଣିବାକୁ ଜଣଙ୍କୁ କହୁଥିବା ଏଥିରେ ଶୁଣିବାକୁ ମିଳିଛି। ରିସର୍ଟରେ ଜଣେ ଅତିଥିଙ୍କ ସହ ଶାରୀରିକ ସମ୍ପର୍କ ନ ରଖିବାରୁ ଅଙ୍କିତାଙ୍କୁ ହତ୍ୟା କରାଯାଇଥିବା ତାଙ୍କର ଜଣେ ସାଙ୍ଗ ଅଭିଯୋଗ କରିଛନ୍ତି। ଘଟଣା ଦିନ ଅଙ୍କିତାଙ୍କ ଏହି ସାଙ୍ଗ ଜଣକ ତାଙ୍କୁ ବାରମ୍ବାର ଫୋନ କରିଥିଲେ। ହେଲେ ତାଙ୍କ ଫୋନ ଲାଗି ନ ଥିଲା। ପରଦିନ ପୁଣି ଫୋନ୍ ନ ଲାଗିବାରୁ ସେ ପୁଲକିତଙ୍କୁ ଫୋନ କରିଥିଲେ। ହେଲେ ପୁଲକିତଙ୍କ ଫୋନ ମଧ ବନ୍ଦ ଥିଲା ବୋଲି ଅଙ୍କିତାଙ୍କ ସାଙ୍ଗ କହିଛନ୍ତି।


ରିସର୍ଟ ପରିସରରେ ଥିବା ଏକ କୋଠାରେ ଲୋକେ ନିଆଁ ଲଗାଇଦେଇଛନ୍ତି।


ଅଷ୍ଟ୍ରେଲିଆର ପଶ୍ଚିମ ତଟ ତାସ୍‌ମାନିଆରେ ପ୍ରାୟ ୨୩୦ ପାଇଲଟ୍ ତିମି ସମୁଦ୍ର କୂଳରେ ଲାଗିବା ପରେ ସେଗୁଡ଼ିକ ମଧ୍ୟରୁ ମାତ୍ର ୩୫ଟି ବଞ୍ଚିପାରିଛନ୍ତି। ଏ ନେଇ ଗୁରୁବାର ସରକାରୀ ବନ୍ୟପ୍ରାଣୀ ଅଧିକାରୀ ସୂଚନା ଦେଇଛନ୍ତି। ଏତେସଂଖ୍ୟାରେ ତିମି ଲାଗିବା ପରେ ସ୍ଥାନୀୟ ଲୋକେ ଏହା ଉପରେ ପାଣି ଢାଳିବା ସହ କମ୍ବଳ ଘୋଡ଼ାଇ ବଞ୍ଚାଇ ରଖିବାକୁ ଉଦ୍ୟମ କରିଥିଲେ। ୨ ବର୍ଷ ପୂର୍ବରୁ ଏହି ଅଞ୍ଚଳରେ ପ୍ରାୟ ୫ ଶହ ତିମି ଫସିଯାଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ଶହେ ତିମିକୁ ବଞ୍ଚାଯାଇପାରିଥିଲା। ତେବେ କାହିଁକି ଏଠାରେ ଶହ ଶହ ତିମି ଆସିବା ପରେ ସେଠାରୁ ଫେରି ପାରୁନାହାନ୍ତି ତାହାର କାରଣ ଜଣାପଡ଼ିନାହିଁ।

## ୭ ବର୍ଷୀୟାଙ୍କୁ ଅପହରଣ ପରେ ହତ୍ୟା

**ଇନ୍ଦୋର,୨୪ା୯**

ମଧ୍ୟପ୍ରଦେଶର ଇନ୍ଦୋର ଅଞ୍ଚଳରୁ ଜଣେ ୭ ବର୍ଷୀୟା ବାଳିକାଙ୍କୁ ଜଣେ ରାସ୍ତାରୁ ଅପହରଣ କରିନେଇ ଛୁରିଭୁସି ହତ୍ୟା କରିଛନ୍ତି। ହତ୍ୟା ପୂର୍ବରୁ ଶିଶୁଟିକୁ ବଳାତ୍କାର କରାଯାଇଥିବା ପୋଲିସ ଓ ନାବାଳିକାର ପରିବାର ସନ୍ଦେହ କରୁଛନ୍ତି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ପୀଡ଼ିତାଙ୍କ ମୃତଦେହ ନେଇ ଥାନାରେ ପହଞ୍ଚି ହାଜତରେ ଥିବା ଅଭିଯୁକ୍ତ ଯୁବକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ପୋଲିସ ରୋକିବାରୁ ସେମାନେ ଟେକାମାଡ଼ କରିବା ସହ ଏକ ଗାଡ଼ି ଭାଙ୍ଗିଦେଇଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ଅଭିଯୁକ୍ତଙ୍କ ଘର ବେଆଇନ ଭାବେ ନିର୍ମାଣ ହୋଇଥିବା ଦର୍ଶାଇ ପ୍ରଶାସନ ତାକୁ ଭାଙ୍ଗିଦେଇଛି।

## ୧୮ ମାସ ଘରେ ରଖିଥିଲେ ସ୍ୱାମୀଙ୍କ ମୃତଦେହ

### କୋମାରୁ ଉଠିଯିବେ ଭାବି ଗଙ୍ଗାଜଳ ଛିଞ୍ଚୁଥିଲେ

**କାନପୁର, ୨୪ା୯**

ଉତ୍ତର ପ୍ରଦେଶର କାନପୁରରେ ଜଣେ ମହିଳା ମୃତ ସ୍ୱାମୀଙ୍କ ମୃତଦେହକୁ ୧୮ମାସ କାଳ ଗଙ୍ଗାଜଳ ଛିଞ୍ଚି ଘରେ ରଖିଥିବା ଘଟଣା ସାମ୍ନାକୁ ଆସିଛି। ମୃତକଙ୍କ ମାନସିକ ବିକାରଗ୍ରସ୍ତ ସ୍ତ୍ରୀଙ୍କ ଧାରଣା ଥିଲା ସ୍ୱାମୀଙ୍କ ମୃତ୍ୟୁ ହୋଇ ନାହିଁ ବରଂ ସେ କୋମାରେ ଅଛନ୍ତି। ଗଙ୍ଗାଜଳ ଛିଞ୍ଚିବା ଦ୍ୱାରା ବ୍ୟକ୍ତି ଜଣକ ସୁସ୍ଥ ହୋଇଯିବେ ବୋଲି ପରିବାରର ବିଶ୍ୱାସ ଥିଲା। ମୃତ ବ୍ୟକ୍ତି ହେଉଛନ୍ତି ବିମଲେଶ ଦିକ୍ଷିତ। ସେ ଆୟକର ବିଭାଗରେ କାର୍ଯ୍ୟ କରୁଥିଲେ। ଗତବର୍ଷ ଏପ୍ରିଲରେ ହୃଦ୍‌ଘାତ କାରଣରୁ ବିମଲେଶଙ୍କ ମୃତ୍ୟୁ ହୋଇଥିବା ତାଙ୍କ ମୃତ୍ୟୁ ପ୍ରମାଣପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରତିଦିନ ଗଳିତ ମୃତଦେହରେ ତାଙ୍କ ସ୍ତ୍ରୀ ଗଙ୍ଗାଜଳ ଛିଞ୍ଚୁଥିଲେ। ବିମଲେଶଙ୍କ ପେନସନ୍ ଫାଇଲ୍ କାମ ଅଟକି ରହିବା ଯୋଗୁ ଆୟକର ବିଭାଗ ଘଟଣାର ତଦନ୍ତ ପାଇଁ ଥାନାରେ ଜଣାଇଥିଲା। ଏହାପରେ ପୋଲିସ ଏକ ଡାକ୍ତରୀ ଟିମ୍ ନେଇ ବିମଲେଶଙ୍କ ଘରେ ପହଞ୍ଚିଥିଲା। ମୃତଦେହକୁ ହସ୍ପିଟାଲ ନେଇ ପରୀକ୍ଷା କଲା ପରେ ଡାକ୍ତର ବିମଲେଶଙ୍କୁ ପୁଣିଥରେ ମୃତ ବୋଲି ଘୋଷଣା କଲେ। ତିନିଜଣିଆ ତଦନ୍ତକାରୀ ଦଳ ଘଟଣାର ଯାଞ୍ଚ କରିବ।

## ଭାରତରେ ଇସ୍‌ଲାମିକ୍ ଶାସନ ସ୍ଥାପନ ଚାହୁଁଥିଲା ପିଏଫ୍‌ଆଇ

**ନୂଆଦିଲ୍ଲୀ,୨୪ା୯**

### ଏନ୍‌ଆଇଏର ସୂଚନା

- ଲଶ୍କର, ଆଇଏସ୍‌ରେ ସାମିଲ ଲାଗି ଯୁବକଙ୍କୁ ପ୍ରୋତ୍ସାହିତ କରୁଥିଲା
- ପ୍ରଧାନମନ୍ତ୍ରୀଙ୍କ ବିହାର ରାଲି ଭଣ୍ଡୁର ଯୋଜନା କରିଥିଲା ସଂଗଠନ

ଭାରତରେ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ଲକ୍ଷ୍ୟରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଯୁବକମାନଙ୍କୁ ଲଶ୍କର-ଇ-ତୋଇବା ଏବଂ ଇସ୍‌ଲାମିକ୍ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସ୍‌ଆଇଏସ୍)ରେ ସାମିଲ କରାଇବା ଲାଗି ପ୍ରୋତ୍ସାହିତ କରୁଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। କେରଳରେ ପିଏଫ୍‌ଆଇ ସଦସ୍ୟ ଓ କ୍ୟାଡରମାନେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଛନ୍ତି। ସେମାନେ ବିଭିନ୍ନ ଧର୍ମ ଓ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ଲାଗି ଉଦ୍ୟମ ଚଳାଇଛନ୍ତି।

ନିକଟରେ ଏନ୍‌ଆଇଏ ପକ୍ଷରୁ ୧୫ ରାଜ୍ୟରେ ଚଢ଼ାଉ କରାଯାଇ ୧୦୬ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣ ପିଏଫ୍‌ଆଇ ନେତାଙ୍କୁ ରିମାଣ୍ଡରେ ନେବା ଲାଗି ଏନ୍‌ଆଇଏ ସ୍ୱତନ୍ତ୍ର ଅଦାଲତରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଆବେଦନ କରାଯାଇଥିଲା। ଚଢ଼ାଉ ବେଳେ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଏବଂ ଆପରାଧିକ ସାମଗ୍ରୀ ଜବତ ହୋଇଥିଲା। ପିଏଫ୍‌ଆଇ ଏବଂ ଏହାର ନେତାମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପ୍ରମୁଖ ନେତାଙ୍କୁ ଟାର୍ଗେଟରେ ରଖିଥିବା ଏନ୍‌ଆଇଏ କହିଛି। ଜେହାଦ ନାମରେ ସେମାନେ ଆତଙ୍କବାଦ ଚଳାଇବା ସହ ଇସ୍‌ଲାମୀୟ ଶାସନ ପ୍ରତିଷ୍ଠା ଲାଗି ଷଡ଼ଯନ୍ତ୍ର କରୁଥିଲେ ବୋଲି ଏନ୍‌ଆଇଏ ରିପୋର୍ଟରେ କୁହାଯାଇଛି।

ଜୁଲାଇ ୧୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିହାର ଗସ୍ତ ବେଳେ ଏହାକୁ ଭଣ୍ଡୁର କରିବା ଲାଗି ପିଏଫ୍‌ଆଇ ପକ୍ଷରୁ ଯୋଜନା ହୋଇଥିଲା। କେରଳରୁ ଗିରଫ ପିଏଫ୍‌ଆଇ ସଦସ୍ୟ ଶଫିକ୍ ପାୟେଥଙ୍କୁ ଜେରା ବେଳେ ସେ ଏହି ସୂଚନା ଦେଇଛନ୍ତି। ରାଲିରେ ବିଶୃଙ୍ଖଳା ସୃଷ୍ଟି ଲାଗି ସଦସ୍ୟମାନଙ୍କୁ ତାଲିମ ଶିବିରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ବ୍ୟାନର, ପୋଷ୍ଟର ଧରି ବିକ୍ଷୋଭ କରିବା ଲାଗି ମଧ ପ୍ରସ୍ତୁତି ହୋଇଥିଲା।

# ଜିନ୍‌ପିଙ୍ଗ୍ ଗୃହବନ୍ଦୀ ଚର୍ଚ୍ଚା ଇଣ୍ଟରନେଟ ସୁବିଧା ଯୋଗାଇବ ଆମେରିକା

**ବେଜିଂ, ୨୪ା୯**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ମୁଖ୍ୟ ପଦରୁ ହଟାଯିବା ସହ ତାଙ୍କୁ ଗୃହବନ୍ଦୀ କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ଏ ନେଇ ଟୁଇଟର ଏବଂ ଅନ୍ୟ ସୋସିଆଲ ମିଡିଆରେ ହଠାତ୍ ଏଭଳି ପୋଷ୍ଟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ମଧ ଏ ପ୍ରସଙ୍ଗରେ ଟୁଇଟ୍ କରିଛନ୍ତି। ସୋସିଆଲ ମିଡିଆ ପୋଷ୍ଟ ଅନୁସାରେ, ନିକଟରେ ଜିନ୍‌ପିଙ୍ଗ୍ ସାଂଘାଇ ସହଯୋଗ ସମ୍ମିଳନୀ (ଏସ୍‌ସିଓ)ରେ ଯୋଗଦେବାକୁ ଉଜବେକିସ୍ତାନର ସମରକନ୍ଦକୁ ଆସିଥିବାବେଳେ ତାଙ୍କୁ ପିଏଲ୍‌ଏ ମୁଖ୍ୟ ପଦରୁ ହଟାଯାଇଛି। ପରେ ତାଙ୍କୁ ଗୃହବନ୍ଦୀ ରଖାଯାଇଛି। ତେବେ ଚାଇନା ମିଡିଆ, ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟି କିମ୍ବା କୌଣସି ଅଧିକାରୀଙ୍କ ସୂତ୍ରରୁ ଏ ନେଇ କିଛି ସୂଚନା ମିଳିନାହିଁ। ହେଲେ କେତେ ଜଣ ଚାଇନା ନାଗରିକ ମଧ ଟୁଇଟରରେ ସମାନ ଦାବି କରିଛନ୍ତି। ଏପରିକି ପିଏଲ୍‌ଏ ସମ୍ପୂର୍ଣ୍ଣ ଭାବେ ସେନାର ନିୟନ୍ତ୍ରଣ ନିଜ ହାତକୁ ନେଇଥିବା ନେଇ ମଧ କୁହାଯାଉଛି।



### ଚର୍ଚ୍ଚା ପଛର କାରଣ

ଚାଇନା ଏବେ ଦୁର୍ନୀତି ନିରୋଧୀ ଅଭିଯାନ ଚଳାଇଥିବାବେଳେ ଚଳିତ ସପ୍ତାହରେ ୨ ପୂର୍ବତନ ମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ଏଥିସହ ୪ ଅଧିକାରୀଙ୍କୁ ଜେଲ୍ ପଠାଯାଇଛି। ଏହି ୬ ଜଣ ଜିନ୍‌ପିଙ୍ଗ ବିରୋଧୀ ଥିଲେ ବୋଲି କୁହାଯାଉଛି। ଚାଇନା ରାଷ୍ଟ୍ରପତିଙ୍କ ବିରୋଧୀ ଏଭଳି ଗୁଜବ ପ୍ରସାର କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

**ତେହରାନ, ୨୪ା୯**

### ଇରାନରେ ହିଜାବକୁ ବିରୋଧ ଜାରି

- ଷ୍ଟାରଲିଙ୍କ୍‌ରେ ସେବା ଯୋଗାଇବେ ମସ୍କ
- ପ୍ରାଣ ହରାଇଲେଣି ୫୦ ବିକ୍ଷୋଭକାରୀ
- ବଳପ୍ରୟୋଗ ନ କରିବାକୁ କହିଲା ଜାତିସଂଘ

ହିଜାବ ନ ପିନ୍ଧିବାରୁ ପୋଲିସ ବର୍ବରତାରେ ଇରାନୀୟ ମହିଳା ମହସା ଆମିନିଙ୍କ ମୃତ୍ୟୁ ନେଇ ସେଠାରେ ବିକ୍ଷୋଭ ଥମିବାର ନାଁ ଧରୁନି। ପୋଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ଗୁଳିଚାଳନା ସହ ବଳପ୍ରୟୋଗ କରୁଛି। ୮ ଦିନ ହେଲା ପୋଲିସ କାର୍ଯ୍ୟାନୁଷ୍ଠାନରେ ଅନ୍ୟୁନ ୫୦ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଘଟଣାର ତଦନ୍ତ ସହ ଆନ୍ଦୋଳନକାରୀଙ୍କ ଉପରେ ଅଯଥା ବଳ ପ୍ରୟୋଗ ନ କରିବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଇରାନକୁ ନିବେଦନ କରିଛନ୍ତି। ସେପଟେ ଇରାନ ସରକାର ଇଣ୍ଟରନେଟ ସେବା ବନ୍ଦ କରିଦେଇଥିବାବେଳେ ଆମେରିକା ଏହି ମୁସ୍‌ଲିମ ରାଷ୍ଟ୍ର ଉପରେ ଲଗାଇଥିବା ଇଣ୍ଟରନେଟ କଟକଣାକୁ କୋହଳ କରିଛି। ଜୋ ବାଇଡେନ୍ ପ୍ରଶାସନ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ, ଭିଡିଓ କନ୍‌ଫରେନ୍ସିଂ, କ୍ଲାଉଡ୍ ସର୍ଭିସ୍ ଆଦି ଇଣ୍ଟରନେଟ୍ ସୁବିଧା ଇରାନବାସୀଙ୍କୁ ପ୍ରଦାନ ନିମନ୍ତେ ଲାଇସେନ୍ସ ଇସ୍ୟୁ କରିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏ ନେଇ ଟୁଇଟରରେ ଘୋଷଣା କରିବା ପରେ ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ ଇରାନ ମହିଳାଙ୍କ ସମର୍ଥନରେ ବାହାରିଛନ୍ତି। ଇରାନରେ ଷ୍ଟାରଲିଙ୍କ୍ ସକ୍ରିୟ କରୁଛି ବୋଲି ମସ୍କ ବ୍ଲିଙ୍କେନ୍‌ଙ୍କ ଟୁଇଟରେ ପ୍ରତିକ୍ରିୟା ରଖିଛନ୍ତି।

ଇରାନର ୮୦ରୁ ଅଧିକ ସହର ଏବଂ ଅନ୍ୟ ଅଞ୍ଚଳରେ ବିକ୍ଷୋଭ ବ୍ୟାପିଲାଣି। ଶହ ଶହ ସଂଖ୍ୟାରେ ଲୋକେ ଆମିନିଙ୍କୁ ନ୍ୟାୟ ଦାବିରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ପୋଲିସ କିମ୍ବା ମିଲିସିଆ ସହ ମୁହାଁମୁହିଁ ହେଉଛନ୍ତି। ଏଥିରେ ଶତାଧିକ ଆହତ ହୋଇଛନ୍ତି। ଇରାନ ସରକାର ନିଜ ଲୋକଙ୍କୁ ଭୟ କରୁଛନ୍ତି। ଇଣ୍ଟରନେଟ କଟକଣା କୋହଳ କରିବା ଦ୍ୱାରା ଇରାନ ନାଗରିକଙ୍କ ଉପରେ କରୁଥିବା ଅତ୍ୟାଚାର ସାମ୍ନାକୁ ଆସିବ ବୋଲି ବ୍ଲିଙ୍କେନ କହିଛନ୍ତି।


ଇରାକର ଏର୍‌ବିଲ୍‌ସ୍ଥିତ ଜାତିସଂଘ କାର୍ଯ୍ୟାଳୟ ସମ୍ମୁଖରେ ମହସା ଆମିନିଙ୍କ ସମର୍ଥନରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଧରିତ୍ରୀ
DHARITRI
ରବିବାର, ସେପ୍ଟେମ୍ବର ୨୫/୨୦୨୨ | Sunday, September 25/2022 | ପୃଷ୍ଠା-୧

**ଆଜିର ସମ୍ପାଦକୀୟ**

ସିଭିଲ୍ ସୋସାଇଟିର କ୍ଷତି

**ଆଜିର ମନ୍ତବ୍ୟ**

ଭାଜପା କ୍ଷମତାରେ ନ ଥିବା ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ଗୈରିକ ଦଳର ଏଜେଣ୍ଡା କାର୍ଯ୍ୟକାରୀ କରାଇବା ଦାୟିତ୍ୱ ଦିଆଯାଇଛି।
**-ଅମନ ଆରୋରା, ପଞ୍ଜାବ ଶକ୍ତିମନ୍ତ୍ରୀ**

ଓଡ଼ିଶାର ୩ ଜଣଙ୍କୁ ଏନ୍ଏସ୍ଏସ୍ ପୁରସ୍କାର
........୮........







# ଅଟକିଛି ୬ ଜଳପଥ ପ୍ରକଳ୍ପ

- **କେନ୍ଦ୍ର ଅର୍ଥ ଦେଉନି, ଓଡ଼ିଶାର ଅନାଗ୍ରହ**
- **୬ ବର୍ଷ ହେଲା କାମ ଆରମ୍ଭ ହୋଇପାରୁନି**

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଜଳପଥରେ ପରିବହନ ହେବ। ସଡ଼କ ପଥଠାରୁ ବହୁ କମ୍ ଖର୍ଚ୍ଚରେ ପରିବହନ ସୁବିଧା ହୋଇପାରିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ଜାତୀୟ ଜଳ ମାର୍ଗ ନୀତି-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଦେଶରେ ୧୧୧ଟି ଜଳପଥ ଚିହ୍ନଟ କରାଯାଇଥିବାବେଳେ ଓଡ଼ିଶାରେ ୬ଟି ଜଳପଥ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରକଳ୍ପ କେବଳ ଲୋକଦେଖାଣିଆ ଭାବେ ଘୋଷଣାରେ ସୀମିତ ହୋଇଯାଇଛି। ଜଳପଥ ପରିବହନକୁ ନେଇ କେନ୍ଦ୍ର ସରକାର ଯେଉଁ ଆଶା ଦେଖାଇଥିଲେ ତାହା ମଉଳିବାରେ ଲାଗିଛି। ୬ ବର୍ଷ ପରେ ଘୋଷଣା ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଜଳପଥକୁ ବାଟବଣା କରିଛି।

ବିଭିନ୍ନ ନଦୀ, ଉପନଦୀ, ଶାଖା ନଦୀ ଓ ଇଷ୍ଟକୋଷ୍ଟ କେନାଲକୁ ବ୍ୟବହାର କରି ରାଜ୍ୟରେ ୬ଟି ଜଳ ମାର୍ଗ ନିର୍ମାଣ କରିବାକୁ ଘୋଷଣା କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରାଜ୍ୟରେ ୧୫୮୯ କିଲୋମିଟର ପର୍ଯ୍ୟନ୍ତ ଜଳପଥ ସୁବିଧା ହୋଇପାରିବ। ଘୋଷଣା ଅନୁଯାୟୀ ଜାତୀୟ ଜଳ ମାର୍ଗ-୫ରେ ବ୍ରାହ୍ମଣୀ, ଖରସୁଆଁ, କାଣୀ, ମନ୍ତେଇ, ମହାନଦୀ ଓ ଏହାର ଶାଖା ନଦୀ, ଇଷ୍ଟକୋଷ୍ଟ କେନାଲ ସଂଯୋଗ କରାଯାଇ ରାଜ୍ୟର ତାଳଚେରଠାରୁ ପଶ୍ଚିମବଙ୍ଗର ଜିଓଖାଲି ପର୍ଯ୍ୟନ୍ତ ୫୮୮ କିଲୋମିଟର ବ୍ୟାପୀ ଜଳପଥ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଜାତୀୟ ଜଳ ମାର୍ଗ-୧୪ ଅଧୀନରେ ବୈତରଣୀ ନଦୀର ଦଉପୁର ଗ୍ରାମଠାରୁ ଲକ୍ଷ୍ମୀପ୍ରସାଦ ଡିଆ ନିକଟ ଧାମରା ଓ ବୈତରଣୀ ନଦୀ ସଙ୍ଗମସ୍ଥଳ ପର୍ଯ୍ୟନ୍ତ ୪୯ କି.ମି., ଜାତୀୟ ଜଳ ମାର୍ଗ-୨୨ ଅନ୍ତର୍ଗତ ବିରୂପା, ବଡ଼ି, ଗେଙ୍ଗୁଟି ଓ ବ୍ରାହ୍ମଣୀ ନଦୀରେ ଚୌଦ୍ୱାର ବିରୂପା ଆନିକଟଠାରୁ କାଇପଡା ନିକଟସ୍ଥ ବିରୂପା, ବ୍ରାହ୍ମଣୀ ନଦୀର ସଙ୍ଗମସ୍ଥଳ




ପର୍ଯ୍ୟନ୍ତ ଓ ବିକଳ୍ପ ମାର୍ଗ ଭାବେ ସାମସପୁର ଗ୍ରାମରୁ ଖଡଗପୁର ଗ୍ରାମ ପର୍ଯ୍ୟନ୍ତ ଏବଂ ବିରୂପା ଓ ବ୍ରାହ୍ମଣୀ ନଦୀର କାଟଣା ପର୍ଯ୍ୟନ୍ତ ୧୫୬ କି.ମି. ପର୍ଯ୍ୟନ୍ତ ଜଳପଥ ନିର୍ମାଣ ହେବ। ସେହିପରି ଜାତୀୟ ଜଳ ମାର୍ଗ-୨୩ ଅଧୀନରେ ବୁଢ଼ାବଳଙ୍ଗ ନଦୀରେ ପାଟଳିପୁତ୍ର ଗ୍ରାମ ନିକଟ ଆନିକଟଠାରୁ ଚାନ୍ଦିପୁର ମାଛଧରା ବନ୍ଦର ନିକଟସ୍ଥ ବୁଢ଼ାବଳଙ୍ଗ ନଦୀ ଓ ବଙ୍ଗୋପସାଗର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ୫୬ କି.ମି. ଜଳପଥ ନିର୍ମାଣ ଯୋଜନା କରାଯାଇଛି। ଜାତୀୟ ଜଳ ମାର୍ଗ-୬୪ ଅଧୀନରେ ମହାନଦୀର ସମ୍ବଲପୁର ଆନିକଟଠାରୁ ପାରାଦୀପ ପର୍ଯ୍ୟନ୍ତ ୪୨୫ କି.ମି. ଏବଂ ଜାତୀୟ ଜଳ ମାର୍ଗ-୯୬ ଅଧୀନରେ ଝାଡ଼ଖଣ୍ଡର ଚାଣ୍ଡିଲି ଡ୍ୟାମ୍‌ଠାରୁ ସୁବର୍ଣ୍ଣରେଖା ନଦୀ ଓ ବଙ୍ଗୋପସାଗର ସଙ୍ଗମସ୍ଥଳ ଯାଏ ୩୧୪ କି.ମି. ଜଳପଥ ନିର୍ମାଣ କରିବାକୁ ଘୋଷଣା କରାଯାଇଛି।

ବିଡ଼ମ୍ବନା ଯେ ଗତ ୬ ବର୍ଷ ପରେ ମଧ୍ୟ ରାଜ୍ୟରେ କୌଣସି ଗୋଟିଏ ଜଳ ମାର୍ଗ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେବଳ ଜାତୀୟ ଜଳ ମାର୍ଗ -୫ କାର୍ଯ୍ୟକାରୀ କରିବାକୁ ଫିଜିବିଲିଟି ଷ୍ଟଡି ପରେ ଡିପିଆର ପ୍ରସ୍ତୁତ କରାଯାଇଥିବାବେଳେ ଅନ୍ୟ ୫ଟି ଜଳ ମାର୍ଗ ଫିଜିବିଲିଟି ଷ୍ଟଡିରେ ସୀମିତ ରହିଛି। ଜଳ ମାର୍ଗ-୫ ପାଇଁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଥିଲାଗି କୌଣସି ବ୍ୟୟବରାଦ ହୋଇନାହିଁ। କେନ୍ଦ୍ରର ଜଳପଥ ଘୋଷଣା ପରେ ଏହା ରାଜ୍ୟର ଆର୍ଥିକ ବିକାଶକୁ ବଳ ଯୋଗାଇବା ନେଇ ଆଶା ସଞ୍ଚାର ହୋଇଥିଲା। ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥ କେନ୍ଦ୍ର ସରକାର ଯୋଗାଇ ନ ଥିବାରୁ ଜଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ରାଜ୍ୟ ସରକାର ମଧ୍ୟ ଏ ଦିଗରେ ସେତେଟା ଆଗ୍ରହ ଦେଖାଉ ନ ଥିବାରୁ ପ୍ରକଳ୍ପର ଭାଗ୍ୟ ଏକପ୍ରକାର ଅନିଶ୍ଚିତତା ଭିତରକୁ ଠେଲିହୋଇ ଯାଇଛି। ରାଜ୍ୟ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ୬ ବର୍ଷ ବିତିଯାଇଥିଲେ ମଧ୍ୟ ଜାତୀୟ ଜଳ ମାର୍ଗ-୫ ଆରମ୍ଭ ହୋଇପାରି ନାହିଁ। ଅନ୍ୟ ଜଳ ମାର୍ଗ ଫିଜିବିଲିଟି ଷ୍ଟଡିରେ ସୀମିତ ରହିଛି। ରାଜ୍ୟର ଏହି ୬ ଜଳପଥ ପ୍ରକଳ୍ପ ଶେଷ କରିବା ନେଇ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ। କେବେ କାମ ଆରମ୍ଭ ହେବ ଓ ଶେଷ ହେବ ତାହା ମଧ୍ୟ ଜଣାନାହିଁ ବୋଲି ସେ କହିଛନ୍ତି।




# ଜିଲା ପରିଷଦ ସଭ୍ୟଙ୍କ ଝୁଲନ୍ତା ମୃତଦେହ ଜବତ

- **ଘର ପାଖରୁ ମିଳିଲା ୨ ମୋବାଇଲ ଫୋନ**
- **ଫେସ୍‌ବୁକ୍ ପେଜ୍‌ରେ ଭିଡିଓ ପୋଷ୍ଟ, ଖୋଲିବ ରହସ୍ୟ**
- **କାରଣ ଖୋଜୁଛି ପୋଲିସ**

**ଭୁବନେଶ୍ୱର,୨୪।୯ (ବ୍ୟୁରୋ)**

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନ ଆଗରୁ ଶନିବାର ସକାଳେ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କ ମୃତଦେହ ଜବତ ହୋଇଛି। ତେବେ ଏହା ହତ୍ୟା କି ଆତ୍ମହତ୍ୟା ତା'ର ପ୍ରକୃତ କାରଣ ଜଣାପଡ଼ିନାହିଁ। ଇତି ମଧ୍ୟରେ ଧର୍ମେନ୍ଦ୍ରଙ୍କ ଏକ ଭିଡିଓ ସାମନାକୁ ଆସିଛି। ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଛନ୍ତି 'ମୋ ଫୋନ୍ ୨ ଟିରେ ସବୁ ଭିଡିଓ ରହିଛି, ତାକୁ ଲୋକ ଲୋଚନକୁ ଆଣିବେ'। ଏଥିସହ ସେ ଆହୁରି ମଧ୍ୟ କହିଛନ୍ତି, ଅସୁସ୍ଥତା ହେତୁ ମୁଁ ବହୁ ଦିନ ହସ୍ପିଟାଲରେ ଥିଲି। ଏହା ମଧ୍ୟରେ ମୋ' ନାଁରେ ସୋସିଆଲ ମିଡିଆରେ ବହୁ ଗୁଜବ ଶୁଣିବାକୁ ମିଳୁଛି। ତା'ର ଗୋଟିଏ ପ୍ରମାଣ ଦେଲେ ମୁଁ ରାଜନୀତିରୁ ଦୂରେଇ ଯିବା ସହ କୌଣସି ସାମାଜିକ କାର୍ଯ୍ୟକ୍ରମରେ ବି


ଧର୍ମେନ୍ଦ୍ର ସାହୁ

ଦେଖାଦେବିନି ବୋଲି କହିଛନ୍ତି। ସେହିପରି କିଛି ରାଜନୈତିକ ପ୍ରସଙ୍ଗ ଯୋଗୁ ମୋ ପରିବାରରେ ଝଡ଼ ସୃଷ୍ଟି ହେବା ସହ ଅଯଥା କଳହ ସୃଷ୍ଟି ହେଉଛି। ମୋ' ନାଁରେ ମିଥ୍ୟା ଅପପ୍ରଚାର କରାଯାଉଛି। ଏକ ଖବରକାଗଜର ଖବରଦାତା ମୋ' ନାଁରେ ମିଥ୍ୟା ଖବର ଛାପି ମୋ ମାନ ସମ୍ମାନ ଉପରେ ଆଞ୍ଚ ଆଣିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ତେବେ କେଉଁ ଖବରକାଗଜ ଏବଂ କ'ଣ ଛାପିଛନ୍ତି ସେ ନେଇ କିଛି ସ୍ପଷ୍ଟ କରି ନଥିବାବେଳେ ଆବଶ୍ୟକ ପଡ଼ିଲେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯିବାକୁ ପଛାଇବି ନାହିଁ ବୋଲି ଧର୍ମେନ୍ଦ୍ର ଉକ୍ତ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ତାଙ୍କ ମୃତ୍ୟୁ ସହ ଏହି ଭିଡିଓର ସମ୍ପର୍କ କ'ଣ ରହିଛି ତାକୁ ନେଇ ନାନା ଚର୍ଚ୍ଚା ହେବା ସହ ରହସ୍ୟ ବଢ଼ିବାରେ ଲାଗିଛି।

ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ୨ଟି ମୋବାଇଲକୁ ଅପରାହ୍ନ ୫ଟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘର ନିକଟସ୍ଥ ଏକ ପ୍ଲଟରୁ ଠାବ କରିଛି। ତେବେ ବର୍ଷା ☞ପୃଷ୍ଠା-୨

# ଲାଭା ଉଦ୍‌ଗିରଣବେଳେ ସ୍ଲାକ୍‌ଲାଇନ ୱାକ୍

- **୨ ଯୁବକଙ୍କ ଦୁଃସାହସିକ ପ୍ରଦର୍ଶନ**
- **ଭିଡିଓ ଜାରିକଲା ଗିନିଜ୍ ୱାର୍ଲ୍ଡ ରେକର୍ଡ**

**ପୋର୍ଟଭିଲା, ୨୪।୯**

ଆଗ୍ନେୟଗିରି ଉଦ୍‌ଗିରଣ କେତେ ଭୟଙ୍କର ତାହା ପ୍ରାୟ ସମସ୍ତଙ୍କୁ ଜଣା। ହେଲେ ଦୁଇ ଯୁବକ ଆକ୍ଟିଭ୍ ଭୋଲ୍‌କାନୋ ବା ଆଗ୍ନେୟ ଉଦ୍‌ଗିରଣବେଳେ ଏହା ଉପରେ ରଶିରେ ଚାଲିବା ଇଣ୍ଟରନେଟ୍‌ରେ ଚହଳ ପକାଇଛି। ଏହାର ଭିଡିଓ ସୋସିଆଲ ମିଡିଆ ୟୁଜର୍ସଙ୍କୁ ଅବାକ୍ କରିଦେଇଛି। ରାଫେଲ ବ୍ରୁଗ୍‌ନୋ ବ୍ରିଡି ଏବଂ ଆଲେକ୍‌ଜାଣ୍ଡର ସ୍କଲ୍‌ଜ ଖାଲି ପାଦରେ ଜଳନ୍ତା ଆଗ୍ନେୟଗିରିର ଠିକ୍ ଉପରେ ରଶିରେ ଚାଲି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଏହି ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରାଯାଇଛି। ଦକ୍ଷିଣପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ର ଭାନୁଆଟୁ ସ୍ଥିତ ତନ୍ନା ଦ୍ୱୀପରେ ଥିବା ୟାସୁର ଆଗ୍ନେୟଗିରି ଉପରେ ପୃଥକ୍ ପଏଣ୍ଟରୁ ରଶି ଟଣାଯାଇଥିଲା। ଇନ୍‌ଷ୍ଟା ପୋଷ୍ଟରେ ଲେଖାଯାଇଥିବା କ୍ୟାପ୍‌ଶନ ଅନୁଯାୟୀ, ଭାନୁଆଟୁର ୟାସୁର ପର୍ବତର ଜ୍ୱାଳାମୁଖୀରୁ ୧୩୭ ଫୁଟ ଉଚ୍ଚରେ ରାଫେଲ ଏବଂ ଆଲେକ୍‌ଜାଣ୍ଡର ଚାଲିଥିଲେ। ଉଭୟେ ହେଲମେଟ୍ ଏବଂ ଏକ ଗ୍ୟାସ୍ ମାସ୍କ ପିନ୍ଧିଥିବା ଭିଡିଓରେ ଦେଖିବାକୁ ମିଳିଛି। ପ୍ରାୟ ୨୬୧ ମିଟର ଲମ୍ବର ସ୍ଲାକ୍‌ଲାଇନରେ ସେମାନେ ଚାଲିଥିଲେ। ତଳେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେଉଥିବାବେଳେ ଉଭୟେ ଏହି ଦୁଃସାହସିକ ଯାତ୍ରା ଜାରି ରଖିଥିଲେ। ଏହାକୁ ପ୍ରାୟ ୩ ଲକ୍ଷ ଲୋକ ଦେଖିସାରିଛନ୍ତି। ରାଫେଲ ଏବଂ ଆଲେକ୍‌ଜାଣ୍ଡର ବାସ୍ତବରେ ଗିନିଜ୍ ୱାର୍ଲ୍ଡ ରେକର୍ଡର ଦାବିଦାର ବୋଲି ଅନେକେ କହିଥିବାବେଳେ ଏଭଳି ରେକର୍ଡ କେବେ କେହି ଭାଙ୍ଗିବା ଏକ ପ୍ରକାର ଅସମ୍ଭବ ବୋଲି ମଧ୍ୟ କମେଣ୍ଟ କରିଛନ୍ତି।





## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୯୮,୭୪,୦୬୧ | ୬୫,୩୯,୪୬୨ | ୫୯,୯୭,୧୩,୪୫୦ |
| ଭାରତ | ୪,୪୫,୬୩,୩୩୭ | ୫,୨୮,୪୮୭ | ୪,୩୯,୯୦,୪୧୪ |
| ଓଡ଼ିଶା | ୧୩,୩୨,୯୫୭ | ୯୧୮୮(+୫୩) | ୧୩,୨୨,୨୯୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ...................................


ଦିବ୍ୟାଂଶୁ
ପରିବାରବର୍ଗ


ଇଶାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ୧୫.୩ ଲକ୍ଷର ବ୍ରାଉନସୁଗାର ଜବତ

ପୁରୀ ଅଫିସ,୨୪।୯- ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ଡେଲାଙ୍ଗ ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଥାନା ବେରାବୋଇ ଅଞ୍ଚଳର ରାଜକିଶୋର ବେହେରା(୩୨)। ପୋଲିସ ତାଙ୍କଠାରୁ ୧୫୩ଗ୍ରାମ ବ୍ରାଉନସୁଗାର ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୧୫.୩ ଲକ୍ଷ ଟଙ୍କା ହେବ। ଅବକାରୀ ବିଭାଗ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯୁବକଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର

**ଭିଡିଓ ଭାଇରାଲ**

ଭଦ୍ରକ ଅଫିସ, ୨୪।୯

ଭଦ୍ରକ ଜିଲା ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର ଜଣେ ଯୁବକଙ୍କୁ ଦୁର୍ବ୍ୟବହାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି ଯେ, ଯୁବକ ଜଣଙ୍କ ଏକ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ବିଷୟରେ ବୁଝିବା ପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ସେ ବାରମ୍ବାର ତହସିଲ ଅଫିସ୍‌କୁ ଏ ସମ୍ପର୍କରେ ବୁଝିବାକୁ ଆସୁଥିବାରୁ ତହସିଲଦାର ସୂତାର ବିରକ୍ତ ହୋଇ ତାଙ୍କୁ ପୋଲିସରେ ଦେବେ ବୋଲି ଧମକ ଦେଉଛନ୍ତି। ଏଥିସହ ଗାଳିଗୁଲଜ କରି ତାଙ୍କୁ ଧକ୍କା ମାରିଛନ୍ତି। ଘଟଣାଟି ଏଇ କିଛିଦିନ ତଳେ ଘଟିଥିବାର ଅନୁମାନ କରାଯାଉଛି। ତେବେ ଏ ସମ୍ପର୍କରେ ତହସିଲଦାର ସୂତାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଭିଡିଓଟି ଦେଖିବା ପରେ ଘଟଣାର ତଦନ୍ତ ଦାୟିତ୍ୱ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# classifieds Everyday
**0674-2580101, 2549302**




**BRIDE WANTED**

Wanted a bride, required to stay at Mumbai and Delhi, for Sougat Pati, Brahmin, gotra Koussik, DOB 01 May 1996, fair, 5'4", Schooling and Hometown Bhubaneswar, B.L.S., LL.B from Government Law College, Mumbai under Bombay University (2019), an Advocate at Bombay High Court with a litigating law firm at Mumbai, earning a handsome amount of fee, keen to establish a litigation career at High/Apex Court, father a retired Professor, mother a University faculty member, one sister at Secondary School. (Bride must be one year or more younger) Contact: 7735760556 (8pm-9pm). D-1571

**GROOM WANTED**

Govt. ଚାକିରିଆ 33 ବୟସ୍କା କରଣ Divorce ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 9124023134. D-1616




**SALE**

Renault Kwid-2020, INNOVA-2015, WagonR-2009, Creta Automatic, Nissan Sunny 2012 for sale. 9861194627, 7381091234. D-74120




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759.** D-74121

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ। **Mob.- 9827119799** D-1580

**Sale ready to move 2 Nos. 2BHK flat near AIIMS Hospital, Bhubaneswar. Contact No: 9777017120.** D-73875

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର **Rs 850/-sqft. Mob: 7008368091, 9437714391.** D-1576

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

M Planets - 7008550473. Contact for Simplex/ Duplex/Apartment Construction and interior design (Modular Kitchen/TV Unit/Wardrobe). D-1605

**Readymade 2/3 BHK flat sale at Acharyavihar. Contact: 7978209277.** D-1537

ଭୁବନେଶ୍ୱର ହଂସପାଳ ଛକ ନିକଟରେ **3BHK Duplex Modern Amenities** ସହିତ ମିଳୁଛି। 9658122456, 8327785834. D-74122

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-73967

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455.** D-74105




Do you want to construct buildings on your own plot. Contact: 7008268129, 9439143273. D-71352




Well furnished 3 BHK Apartment with wardrobes in 3 bed room, 6 fans, chimeny fitted kitchen at Dumduma Housing Board, Phase-VI, 804 available for rent. Contact: Madhusmita Pati, (M)-9556344469. D-1586




Ashirvaad Saloon and SPA getgood massage for your health tha best therapy. 7077181074. D-73973

Newly open Spa positively health benefit with expert. Contact: 7749976301. D-73873

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

**One hour any therapy by expert therapist @999 only. 9078484455.** D-73645

Newly opened full body massage center by expert therapist. 7381172169. D-73648

Only professional massage steam bath, Trupti Spa - 9337337007, 9861550765. D-1577

**Relax, Refresh your body, Mind at Saikrupa Spa with best therapies. 8984068077.** D-1543




Medical Exam. Registration- BAMS/ BHMS/ BUMS/ BDS/ BPT/ ANM/ GNM/ D.Pharma/ Dental Hygiene/ DHMS/ DAMS/ DUMS. W.A- 9064681304. D-1600

Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646




**Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888.** D-73647

**LOST**

By virtue of an affidavit sworn before the Notary Public, Puri dt. 19.08.2022 I, K. Mark, 46Yrs. S/o- K. Prasad, CT Road, PS.- Sea Beach, Puri, solemnly affirm and state that on 17.08.2022 while I was travelling at CT Road to my house my registered sale deed No.-5064, dt. 31.12.2007 has been lost. This affidavit is to be produced before the concerned authority for obtaining a duplicate copy of the said registered sale deed.

K. Mark, Deponent. D-69072

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଘରେ ଖାଇ ମାଗଣା ରୁଷା,**
**ଭିକ ମାଗି ଯାଇ ଖେଳିବା ପଶା,**
**ବାସି ଧୋବ ଲୁଗା ପିନ୍ଧଇ ଚଷା,**
**ସାହୁ ବାପୁଡାକୁ ତୁକାର ଭାଷା,**
**ଏସବୁ ପଛକୁ ଫସର ଫସା।**

ପର ଘରେ ରୁଷା ଅଭିମାନ ଶୋଭାପାଇ ନ ଥାଏ। ମାଗି ଆଣିଥିବା ଧନରେ ପଶା ବା ଜୁଆ ଖେଳିବା ହୀନବୁଦ୍ଧି ଭଳି। ମାଟି କାଦୁଅରେ କାମ କରୁଥିବା ବ୍ୟକ୍ତି ପକ୍ଷେ ସଫା ଲୁଗା ପରିଧାନ ନିରର୍ଥକ ହୋଇଥାଏ। ସେହିପରି ମହାଜନଙ୍କୁ ଗାଳି ମନ୍ଦ ଦେବା ଗରିବ ଖାତକ ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ନିଜ ବଡ଼ିମା ଦେଖାଇବାକୁ ଯାଇ ଉପରୋକ୍ତ ଢଙ୍ଗ ଦେଖାଉଥିବା ବ୍ୟକ୍ତି ପରିଶେଷରେ ହଟହଟା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପୁଷେ ଖଇ, ମାଘେ ଦହି**
**ଚଇତେ ନିମ୍ବ ଚକୁଳି ଖାଇ।**

ପୌଷ ମାସରେ ଖଇ ଖାଇବା ଭଲ। ସେହିପରି ମାଘ ମାସରେ ଦହି ଓ ଚୈତ୍ର ମାସରେ ନିମ୍ବ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଇପିଏଫ୍ ପେନ୍‌ସନର୍ସ ସଂଘର ବୈଠକ

**୨୯ରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର**

ଭୁବନେଶ୍ୱର, ୨୪।୯ (ବ୍ୟୁରୋ)

ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ କୋର୍ କମିଟି ବୈଠକ ଶୁକ୍ରବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିକୁ କେନ୍ଦ୍ର ସରକାର ଅଣଦେଖା କରୁଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ ଏବଂ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାଗଣା ଚିକିତ୍ସା ପ୍ରଦାନରେ ଅନ୍ତର୍ଭୁକ୍ତ କରିବା ନେଇ ଇପିଏଫ୍ ପେନସନଧାରୀମାନେ ଦୀର୍ଘଦିନ ଧରି ଦାବିକରି ଆସୁଥିଲେ ମଧ୍ୟ ସରକାର ଅଣଦେଖା କରୁଛନ୍ତି। ଦେଶ ବିକାଶରେ ଦୀର୍ଘବର୍ଷ ନିୟୋଜିତ ରହି ଅବସର ନେବାପରେ ସାମାଜିକ ସୁରକ୍ଷାରୁ ଏହି ବର୍ଗର ବରିଷ୍ଠ ନାଗରିକଙ୍କୁ ଉପେକ୍ଷା କରାଯିବାକୁ ଦୃଢ଼ ନିନ୍ଦା କରାଯାଇଥିଲା। ତେଣୁ ଆସନ୍ତା ୨୯ ତାରିଖରେ କଟକ, ବ୍ରହ୍ମପୁର, ସମ୍ବଲପୁର ଆର୍‌ପିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ ପାଇଁ ରାଜ୍ୟ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଟକ, ଗଞ୍ଜାମ, ସମ୍ବଲପୁର ଜିଲା କମିଟିକୁ ଏହାର ସଫଳତା ପାଇଁ ଦାୟିତ୍ୱ ଦିଆଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସଚ୍ଚିଦାନନ୍ଦ ସାମନ୍ତରାୟ, ରାଜକିଶୋର ସ୍ୱାଇଁ, ମାୟାଧର ମଲ୍ଲିକ, ବିକ୍ରମ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କମିଟି ସଭ୍ୟ ଧୀରେନ୍ଦ୍ର କୁମାର ପ୍ରତାପ, ବିନୋଦ ବେହେରା, ଗୀତାଞ୍ଜଳି ପାତ୍ର ଓ ଲକ୍ଷ୍ମଣ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିଗମ କର୍ମଚାରୀ ମହାସଂଘ ମହାସଚିବ ସରୋଜକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ ନୂଆ କୌଶଳର ଆବଶ୍ୟକତା ରହିଛି

**ଜାତୀୟ ମାନବ ସମ୍ବଳ କନ୍‌କ୍ଲେଭ୍**

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୧୩ତମ ଜାତୀୟ ମାନବ ସମ୍ବଳ କନ୍‌କ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। 'ପୁନଃ କୌଶଳ କ୍ରାନ୍ତି: ପରିବର୍ତ୍ତନର ବାହକ' ଶୀର୍ଷକ ଏହି ସମ୍ମିଳନୀରେ ଡେଲୋଏଟ୍ ଇଣ୍ଡିଆ କନ୍‌ସଲ୍‌ଟାନ୍ସି ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ରାକେଶ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ପରିବର୍ତ୍ତନଶୀଳ ଦୁନିଆ ସହ ତାଳ ଦେବା ପାଇଁ ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ କୌଶଳର ଆବଶ୍ୟକତା ରହିଛି। ଶିଳ୍ପ, ବାଣିଜ୍ୟ ଓ ସେବା ଆଦି ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳର ବିନିଯୋଗ ନିମନ୍ତେ ନୂତନ ପ୍ରଯୁକ୍ତିବିଦ୍ୟାକୁ ଦୃଷ୍ଟିରେ ରଖି କୌଶଳରେ ମଧ୍ୟ ପରିବର୍ତ୍ତନ କରାଯାଉଛି। ତେଣୁ ଆମକୁ ଆମର ଦକ୍ଷତାରେ ପରିବର୍ତ୍ତନ ଆଣିବା ସହ ନୂଆ ନୂଆ କୌଶଳ ଆପଣାଇବାକୁ ପଡ଼ିବ। ଏଥିପାଇଁ କୁଶଳୀ ହେବାକୁ ପଡ଼ିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସରିତ ସିଂ କହିଲେ, କିଟ୍ ବିଶ୍ୱବିଦ୍ୟାଳୟ ସର୍ବଦା ପରିବର୍ତ୍ତନକୁ ତାଳଦେଇ ବିଭିନ୍ନ କ୍ଷେତ୍ରରେ ନୂତନ କୌଶଳ ଆପଣାଇଥାଏ। କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର ଏସ୍. କେ. ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରଫେସର ସୁମିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଦିବସବ୍ୟାପୀ ଚାଲିଥିବା ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରତିଷ୍ଠିତ କେନ୍ଦ୍ରର ମୁଖ୍ୟମାନେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଜିଲା ପରିଷଦ ସଭ୍ୟଙ୍କ ...

ପାଣି ପଡ଼ିବାରୁ ମୋବାଇଲ ୨ଟି ଓଦା ହୋଇଯାଇଥିବାରୁ ଏହା ସୁଇଚ୍ ଅଫ୍ ରହିଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୋବାଇଲ ୨ ଟି ଜବତ କରି ଷ୍ଟେଟ ଫୋରେନ୍‌ସିକ ଲାବୋରେଟୋରିକୁ ପଠାଇଛି। ଅନ୍ୟପକ୍ଷରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା ସମ୍ପର୍କରେ ସୂଚନା ପାଇ ଅତିରିକ୍ତ ଡିସିପି ପ୍ରକାଶ ପାଲ୍ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପାଲ୍ କହିଛନ୍ତି। ଏଥିସହ ସେ କହିଛନ୍ତି, ଯେଉଁଠାରୁ ଧର୍ମେନ୍ଦ୍ରଙ୍କ ମୃତଦେହ ମିଳିଥିଲା ଉକ୍ତ ଘରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କ ଖରାପ ରହିଛି। ତେଣୁ ସବୁ ଦିଗରୁ ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ପଦାକୁ ଅଣାଯିବ। ସେହିଭଳି ଜଣେ ବ୍ୟକ୍ତି ଶୁକ୍ରବାର ବିଳମ୍ବିତ ରାତି ୧୨ଟା୧୩ ମିନିଟରେ ଧର୍ମେନ୍ଦ୍ରଙ୍କ ଘରେ ପ୍ରବେଶ କରିବାକୁ ଉଦ୍ୟମ କରି ୧ମିନିଟ ପରେ କାନ୍ଥରୁ ଡେଇଁପଡୁଥିବାର ଏକ ଭିଡିଓ ଧର୍ମେନ୍ଦ୍ରଙ୍କ ସମ୍ମୁଖ ଘରେ ଲାଗିଥିବା ଏକ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳୁଛି। ତେଣୁ ସେହି ବ୍ୟକ୍ତି ଜଣକ କିଏ ତାକୁ ନେଇ ପୋଲିସ ତଦନ୍ତ କରିବାକୁ ଉକ୍ତ ସିସିଟିଭି ଫୁଟେଜକୁ ଜବତ କରିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ମୃତ୍ୟୁ ଘଟଣାକୁ ଏକ ସୁପରିକଳ୍ପିତ ହତ୍ୟା ବୋଲି ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଘଟଣା ପଛରେ ଗଣଶିକ୍ଷା ମନ୍ତ୍ରୀଙ୍କ ହାତ ରହିଥିବା ପ୍ରଭାତୀ ଅଭିଯୋଗ ଆଣିଛନ୍ତି। ତେବେ ଏଭଳି ଅଭିଯୋଗକୁ ଗଣଶିକ୍ଷା ମନ୍ତ୍ରୀ ଖଣ୍ଡନ କରିବା ସହ ଏହା ଏକ ରାଜନୈତିକ ବୟାନବାଜି ବୋଲି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ବନ୍ଧୁଙ୍କ ସାହାଯ୍ୟରୁ କାର୍ଯ୍ୟସିଦ୍ଧି ଘଟିବ। ଅଶ୍ୱିନୀ ନକ୍ଷତ୍ର ପାଇଁ ଗୃହ, ଭୂମି, ଗାଡ଼ି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀ, ଧାରକରଜ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ର କରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ ବନ୍ଧୁଙ୍କ ସହଯୋଗରେ କରିପାରନ୍ତି। ଅଫିସ୍‌ରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ବାହାରକୁ ଯିବା ସମୟକୁ ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ।

**ମିଥୁନ** ଭୁଲ୍ ବୁଝାମଣା, ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଦୂର ସମ୍ପର୍କୀୟଙ୍କଠାରୁ ସୁଖବର ଆସିବ।

**କର୍କଟ** ଆଜି ଯେଉଁ ଆଶା ନେଇ ଯାହା ପାଇଁ କିଛି କରିବେ, ତାହାଠାରୁ ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ଆଜି ହଠାତ୍ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଈର୍ଷା ପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା** କର୍ମକ୍ଷେତ୍ର ଓ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ସ୍ୱାତୀ ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ୍ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜି ସକାଳୁ ଅଫିସ କାମରେ ଦୂରଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। ଜ୍ୟେଷ୍ଠା ନକ୍ଷତ୍ର ଶତ୍ରୁ କବଳରୁ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ। ସନ୍ତାନଙ୍କ ଚିନ୍ତା ଦୂର ହେବ।

**ଧନୁ** ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର** ଆଜି ଅପରାହ୍ନରେ ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** ମନ ବୁଝିଲା ଭଳି କଥା କହି କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ କିଛି ଜିନିଷ ହରାଇବାକୁ ପଡ଼ିପାରେ। ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

# ‘ଯେକୌଣସି ସଂସଦୀୟ କମିଟିର ଅଧ୍ୟକ୍ଷ ପଦ ଆମକୁ ଦିଅ’

## ଲୋକ ସଭା ବାଚସ୍ପତିଙ୍କୁ ଅଧୀର ରଞ୍ଜନଙ୍କ ଚିଠି

ନୂଆଦିଲ୍ଲୀ, ୨୪।୯

କେନ୍ଦ୍ର ସରକାର ସଂସଦୀୟ ପରମ୍ପରାର ପାଳନ କରୁ ନାହାନ୍ତି ବୋଲି କଂଗ୍ରେସ ପକ୍ଷରୁ ଶନିବାର ଅଭିଯୋଗ କରାଯାଇଛି। ଏହି ମର୍ମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ଲେଖାଯାଇଛି। ସ୍ୱରାଷ୍ଟ୍ର, ବହିର୍ବ୍ୟାପାର, ପ୍ରତିରକ୍ଷା ଏବଂ ଅର୍ଥ ବିଭାଗ ଆଦି ଚାରିଟି ପ୍ରମୁଖ କମିଟିରୁ ଅନ୍ତତଃ ପକ୍ଷେ ଗୋଟିଏର ଅଧ୍ୟକ୍ଷ ପଦ କଂଗ୍ରେସକୁ ଦିଆଯାଉ ବୋଲି କଂଗ୍ରେସ ସଂସଦୀୟ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ ଦାବୀ କରିଛନ୍ତି। ବାଚସ୍ପତିଙ୍କୁ ଲେଖିଥିବା ଚିଠିରେ ଅଧୀର ଉଲ୍ଲେଖ କରିଛନ୍ତି ଯେ ସରକାର ସଂସଦୀୟ କମିଟିକୁ ଏକ ନାଟକରେ ପରିଣତ କରିଛନ୍ତି। ସରକାର ନିଜ କାର୍ଯ୍ୟକୁ ଗମ୍ଭୀରତାର ସହ ନେବାକୁ ପ୍ରସ୍ତୁତ ନୁହଁନ୍ତି । କମିଟି ପୁନର୍ଗଠନରେ ମୁଖ୍ୟ ବିରୋଧୀ ଦଳର ଭୂମିକାକୁ ଅଣଦେଖା କରାଯାଉଛି ଏବଂ



ସଂସଦରେ ଏହାର ଗୁରୁତ୍ୱ ହ୍ରାସ କରିବାକୁ ଉଦ୍ୟମ ହେଉଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ସଂସଦର ଗୁରୁତ୍ୱପୂର୍ଣ୍ଣ କମିଟିରେ ପ୍ରମୁଖ ବିରୋଧୀ ଦଳଙ୍କୁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ଏକ ପରମ୍ପରା ରହିଛି। ସେ କହିଛନ୍ତି, ୧୬ ତମ ଲୋକସଭାରେ ଗୃହ, ବହିର୍ବ୍ୟାପାର, ପ୍ରତିରକ୍ଷା ଏବଂ ଅର୍ଥ ମନ୍ତ୍ରଣାଳୟର ତିନୋଟି କମିଟି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାଖରେ ଥିଲା। ସେତେବେଳେ କଂଗ୍ରେସର ୪୪ ଜଣ ଏମ୍‌ପି ଥିଲେ। କିନ୍ତୁ ଏଥର ଏହି ତିନୋଟି କମିଟି ସେମାନଙ୍କଠାରୁ ଛଡ଼ାଇ ନିଆଯାଇଛି ଏବଂ ବର୍ତ୍ତମାନ ସରକାର ଆଇଟି କମିଟିକୁ ନିଜ ପାଖରେ ରଖିବାକୁ ଯାଉଛନ୍ତି। ଯଦି ସରକାର ଆଇଟି କମିଟି ନିଅନ୍ତି, ତେବେ ମୁଖ୍ୟ ବିରୋଧୀ ଦଳ ଭାବେ କଂଗ୍ରେସକୁ ବହିର୍ବ୍ୟାପାର କମିଟି ଦିଆଯିବା ଆବଶ୍ୟକ। ତେବେ ଏ କ୍ଷେତ୍ରରେ ସରକାର ଯେଉଁଭଳି ପଦକ୍ଷେପ ନେଉଛନ୍ତି ତାହା ଗଣତନ୍ତ୍ର ପ୍ରତି ଉପହାସ ବୋଲି ଅଧୀର ଅଭିଯୋଗ କରିଛନ୍ତି।

# ୨୯ରେ ଆସୁଛନ୍ତି ଜେ.ପି.ନଡ୍ଡା

- ଦଳୀୟ ନେତାଙ୍କୁ ସମ୍ବୋଧନ କରିବେ
- ବିଷ୍ଣୁ ସେଠୀଙ୍କ ପରିବାରକୁ ଭେଟିବେ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ଆସନ୍ତା ୨୯ ତାରିଖରେ ୨ ଦିନିଆ ଓଡିଶା ଗସ୍ତରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା



ଆସୁଛନ୍ତି । ଗସ୍ତ ଅବସରରେ ନଡ୍ଡା ରାଜ୍ୟର ଦଳୀୟ ନେତା ଓ ମୋର୍ଚ୍ଚାର ଜିଲାସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ। ନଡ୍ଡା ୨୯ ତାରିଖ ସକାଳ ୧୦ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସିଧାସଳଖ ରାଜ୍ୟ କାର୍ଯ୍ୟାଳୟକୁ ଆସିବେ। ପୂର୍ବାହ୍ନ ୧୧ରେ ଜନତା ମଇଦାନରେ ଓଡିଶାର ପ୍ରତ୍ୟେକ ଶକ୍ତି କେନ୍ଦ୍ରର ପ୍ରମୁଖମାନଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବେ। ଏହା ପରେ ସେ ରାଜ୍ୟର ସମସ୍ତ ଏମପି, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କ ସହ ଆଲୋଚନା କରିବା ପରେ ସନ୍ଧ୍ୟାରେ ପୁରୀ ଗସ୍ତ କରି ରାତ୍ରଯାପନ କରିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ୩୦ ତାରିଖ ସକାଳେ ପୁରୀଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ କରିବେ । ଏହାପରେ ସେ ଭଦ୍ରକ ଜିଲା ତିହିଡି ଗସ୍ତକରି ଦିବଂଗତ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ପରିବାରକୁ ଭେଟି ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବେ । ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ନଡ୍ଡା ପାର୍ଟୀର ସମସ୍ତ ୭ଟି ମୋର୍ଚ୍ଚାର ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରିବେ । ୩୦ ତାରିଖ ସନ୍ଧ୍ୟାରେ ସେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋଲକ ସୂଚନା ଦେଇଛନ୍ତି।

# କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ନାମାଙ୍କନ ଫର୍ମ ନେଲେ ଥରୁର



ନୂଆଦିଲ୍ଲୀ,୨୪।୯ (ପି.ଟି.)

ଅକ୍ଟୋବର ୧୭ରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ବରିଷ୍ଠ ନେତା ଶଶୀ ଥରୁର ଶନିବାର ଦଳୀୟ ମୁଖ୍ୟାଳୟରୁ ନାମାଙ୍କନ ଫର୍ମ ସଂଗ୍ରହ କରିଛନ୍ତି। ନାମାଙ୍କନ ପତ୍ରରେ ଅନ୍ୟୁନ ୧୦ ରାଜ୍ୟର କଂଗ୍ରେସ କମିଟି ପ୍ରତିନିଧିଙ୍କ ସମର୍ଥନ ରହିବା ଆବଶ୍ୟକ ଥିବାରୁ ସେମାନଙ୍କ ଦସ୍ତଖତ ସଂଗ୍ରହ ପରେ ଥରୁର ଆସନ୍ତା ୩୦ ତାରିଖରେ ନୋମିନେଶନ ଦାଖଲ କରିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ନାମାଙ୍କନ ପ୍ରକ୍ରିୟା ଆରମ୍ଭର ପ୍ରଥମ ଦିନରେ ଥରୁରଙ୍କ ଘନିଷ୍ଠ ସହଯୋଗୀ ଆଲିମ୍ ଜାଭେରି କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରିଙ୍କଠାରୁ ଏହି ଫର୍ମ ସଂଗ୍ରହ କରିଛନ୍ତି। ଏହି ନିର୍ବାଚନରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସହ ଥରୁରଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି।

# ଭାଜପାରେ ମିଶିବା ଲାଗି ଯୋଗାଯୋଗରେ ଅଛନ୍ତି ୨୧ ଟିଏମ୍‌ସି ବିଧାୟକ: ମିଥୁନ୍

କୋଲକାତା,୨୪।୯

ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୧ ଜଣ ବିଧାୟକ ଭାଜପାରେ ଯୋଗଦେବା ଲାଗି ତାଙ୍କ ସହ ଯୋଗାଯୋଗରେ ଥିବା ଅଭିନେତାରୁ ରାଜନେତା ହୋଇଥବା ମିଥୁନ୍ ଚକ୍ରବର୍ତ୍ତୀ ପୁଣିଥରେ ଦାବି କରିଛନ୍ତି। କୋଲକାତାସ୍ଥିତ



ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ ସୂଚନା ଦେଇ ମିଥୁନ୍ କହିଛନ୍ତି, ଟିଏମ୍‌ସି ନେତାମାନେ ଯୋଗାଯୋଗରେ ଥିବାବେଳେ କେବଳ ସମୟକୁ ଅପେକ୍ଷା କରାଯାଇଛି। ତେବେ ସେମାନଙ୍କୁ ନେବା ଲାଗି ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ରହିଥିବା ସେ ଜାଣନ୍ତି ବୋଲି କହିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରରେ ସିବିଆଇ ଏବଂ ଇଡିର ଦୁରୁପଯୋଗ ହେଉଥିବା ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ସମ୍ପୃକ୍ତ ଥିବା ସେ ଭାବୁନାହାନ୍ତି ବୋଲି କହିଥିଲେ। ଏହା ଉପରେ ଖବରଦାତାମାନେ ମିଥୁନ୍‌ଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁବାରୁ ସେ କହିଥିଲେ, ଭାବୁଛି ମମତା ଠିକ୍ କହୁଛନ୍ତି। ବାସ୍ତବରେ ପ୍ରଧାନମନ୍ତ୍ରୀ ଏହା କରି ନ ଥାନ୍ତି। ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥାଏ। ଭାଜପା ପଶ୍ଚିମବଙ୍ଗ ଶାଖା ତାଙ୍କ ପଛରେ ପଡ଼ିଥିବା ମମତା ଅଭିଯୋଗ କରିଥିଲେ। ତେବେ ସେ ଯଦି ସ୍ୱଚ୍ଛ ଏବଂ କୌଣସି ଭୁଲ୍ କରି ନାହାନ୍ତି, ତେବେ ଘରେ ଶାନ୍ତିରେ ଶୁଅନ୍ତୁ। ଯଦି ତାଙ୍କର ଭୁଲ୍ କାର୍ଯ୍ୟ ସମ୍ପର୍କିତ ପ୍ରମାଣ ମିଳେ, ପ୍ରଧାନମନ୍ତ୍ରୀ କି ରାଷ୍ଟ୍ରପତି ମଧ ରକ୍ଷା କରିପାରିବେ ନାହିଁ ବୋଲି ମିଥୁନ୍ କହିଛନ୍ତି।

# ବିଜେଡିରୁ ବାଣୀକଲ୍ୟାଣ ମହାନ୍ତି ନିଲମ୍ବିତ

ଭୁବନେଶ୍ୱର/ପଦ୍ମପୁର (ବ୍ୟୁରୋ/ଡି.ଏନ୍.ଏ.),୨୪।୯

ଯୁବ ବିଜେଡି ସାଧାରଣ ସମ୍ପାଦକ ପଦରୁ ବାଣୀକଲ୍ୟାଣ ମହାନ୍ତିଙ୍କୁ ଶନିବାର ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା ବଲାଙ୍ଗୀର ପର୍ଯ୍ୟବେକ୍ଷକ ବାଣୀକଲ୍ୟାଣ କିଛିଦିନ ତଳେ ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କୁ ଦେଖିବାକୁ ମିଳି ନ ଥିଲା। ତେବେ ଏହି ସମୟରେ ସେ ଦଳବିରୋଧୀ କାର୍ଯ୍ୟ କରିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ବାଣୀକଲ୍ୟାଣଙ୍କ ଘର ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମରେ।

# ପଞ୍ଜାବରେ ଅପରେଶନ ଲୋଟସ୍ ପାଇଁ ରାଜ୍ୟପାଳ କାର୍ଯ୍ୟ କରୁଛନ୍ତି

ଚଣ୍ଡିଗଡ଼,୨୪।୯

ପଞ୍ଜାବରେ ଅପରେଶନ ଲୋଟସ୍ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟପାଳ ବନ୍‌ୱାରିଲାଲ୍ ପୁରୋହିତ ଭାଜପା ତରଫରୁ କାର୍ଯ୍ୟ କରୁଥିବା ଭଗୱନ୍ତ ମାନ୍‌ଙ୍କ ଏଏପି ସରକାର ଅଭିଯୋଗ ଆଣିଛି। ଯେଉଁସବୁ ରାଜ୍ୟରେ ଭାଜପା ଶାସନରେ ନାହିଁ, ସେଠାରେ ରାଜ୍ୟପାଳମାନଙ୍କୁ ଗୈରିକ ଦଳର ଏଜେଣ୍ଡା କାର୍ଯ୍ୟକାରୀ କରି ସରକାରଙ୍କୁ କାର୍ଯ୍ୟ କରାଇ ନ ଦେବା ଲାଗି ଦାୟିତ୍ୱ ଦିଆଯାଇଛି ବୋଲି ପଞ୍ଜାବ ଶକ୍ତିମନ୍ତ୍ରୀ ଅମନ ଆରୋରା ଅଭିଯୋଗ କରିଛନ୍ତି। ଏଏପି ସରକାରଙ୍କୁ ରାଜ୍ୟପାଳଙ୍କ ନୋଟିସ୍ ଯୋଗୁ ଏହି ଦଳ ସମ୍ବିଧାନ ଅନୁଯାୟୀ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁ ନ ଥିବା ସେ କହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ

## ଏଏପିର ଅଭିଯୋଗ

କୌଣସି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିବା ପୂର୍ବରୁ ସରକାରଙ୍କୁ ଆଲୋଚନା ହେବାକୁ ଥିବା ପ୍ରସଙ୍ଗଗୁଡ଼ିକର ତାଲିକା ମାଗି ନ ଥିଲେ। ପଞ୍ଜାବ ରାଜ୍ୟପାଳ ଭାଜପା ତରଫରୁ କାର୍ଯ୍ୟ କରୁଥିବାରୁ ପ୍ରଥମ ଥର ପାଇଁ ଏଭଳି ତାଲିକା ମଗାଯାଇଥିବା ଆରୋରା କହିଛନ୍ତି। ସେହିପରି ଦିଲ୍ଲୀ ଉପରାଜ୍ୟପାଳ ମଧ ସେଠାର ଏଏପି ସରକାରଙ୍କ କାର୍ଯ୍ୟରେ ବିଭିନ୍ନ ସମୟରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏଏପିର ଲୋକପ୍ରିୟତା ବୃଦ୍ଧିକୁ ନେଇ ଭାଜପା ଭୟଭୀତ। ସେଥିପାଇଁ ଏଏପିର ଲୋକାଭିମୁଖୀ କାର୍ଯ୍ୟକୁ ବନ୍ଦ କରିବାକୁ ସେମାନେ ଚାହାନ୍ତି ବୋଲି ଆରୋରା ଅଭିଯୋଗ କରିଛନ୍ତି।




| INDIA RANK | LIST OF THE TOP INDIAN INSTITUTIONS | WORLD RANK |
|---|---|---|
| 1 | Indian Institute of Science | 301-400 |
| 2-3 | University of Delhi | 601-700 |
| 2-3 | Vellore Institute of Technology | 601-700 |
| 4-7 | IIT Delhi | 701-800 |
| 4-7 | IIT Madras | 701-800 |
| 4-7 | IIT Roorkee | 701-800 |
| 4-7 | Jawaharlal Nehru University | 701-800 |
| 8 | IIT Kharagpur | 801-900 |

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ। ଆମ୍ଭମାନଙ୍କୁ ମହତ୍ କର। ମହତ୍ ପ୍ରୟାସୀ କର। ଉଦାରଚେତା କର। ସତ୍ୟ ସଙ୍କଳ୍ପ କର – ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ। – ଶ୍ରୀଅରବିନ୍ଦ



# ସିଭିଲ ସୋସାଇଟିର କ୍ଷତି



ଆକାର ପଟେଲ

ଶୁକ୍ରବାର ଭାରତର ପ୍ରଧାନମନ୍ତ୍ରୀ ସର୍ଦ୍ଦାର ସରୋବର ନିର୍ମାଣରେ ବାଧା ସୃଷ୍ଟି କରୁଥିବା ଲୋକମାନଙ୍କ ପ୍ରତି ଅର୍ବାନ ନକ୍ସଲ ବା ସହରୀ ନକ୍ସଲ ଶବ୍ଦ ପ୍ରୟୋଗ କରିଥିଲେ। ଏମିତି ଆକ୍ରମଣାତ୍ମକ ମନ୍ତବ୍ୟ ଦେବା ଏକ ସାଧାରଣ କଥା ହୋଇ ଆସିଛି। ତେବେ ତା' ଭିତରେ ପ୍ରଧାନମନ୍ତ୍ରୀ ବି ସିଭିଲ ସୋସାଇଟିକୁ ଶତ୍ରୁ ମଣି ଆକ୍ରମଣ କରିଛନ୍ତି। ୨୧ ଫେବୃୟାରୀ ୨୦୧୬ରେ ସେ ଭୁବନେଶ୍ୱରରେ ଏକ ରାଲିରେ କହିଥିଲେ, ''ସେ ଏନ୍‌ଜିଓଗୁଡ଼ିକର ଷଡ଼ଯନ୍ତ୍ରର ଶିକାର ହେଉଥିଲେ। ତାଙ୍କୁ ଶେଷ କରିଦେବା ସହ ତାଙ୍କ ସରକାରକୁ ତଡ଼ିଦେବା ଲକ୍ଷ୍ୟରେ ଏହା କରାଯାଇଥିଲା। ଏଠାରେ ଖର୍ଚ୍ଚ କରୁଥିବା ବିଦେଶୀ ପାଣ୍ଠିରୁ କିଛି ଅଂଶ ଆମକୁ ଦେବା ଲାଗି କେତେକ ଏନ୍‌ଜିଓକୁ ମୁଁ କହିଥିବାରୁ ସିଭିଲ ସୋସାଇଟିର ମୋ ପ୍ରତି ମଧ୍ୟ ଅସନ୍ତୋଷ ଭାବ ଥିଲା। ମୋଦି ମଧ୍ୟ କହିଥିଲେ ଯେ, କିଭଳି ମୋଦିଙ୍କୁ ଶେଷ କରିବେ ଓ ତାଙ୍କ ସରକାରକୁ ବିଦା କରିବେ ଓ କେମିତି ମୋଦିଙ୍କୁ ଅପମାନିତ କରିବେ ସେଥିପାଇଁ ସେମାନେ ସକାଳୁ ସଞ୍ଜଯାଏ ଚକ୍ରାନ୍ତ କରନ୍ତି। କିନ୍ତୁ ବନ୍ଧୁଗଣ, ଏ ସବୁ ରୋଗରୁ ଦେଶକୁ ମୁକ୍ତ କରିବା ଲାଗି ଆପଣମାନେ ମୋତେ ଭୋଟ ଦେଇଛନ୍ତି।'' ଏହି ସବୁ କଥାରୁ ଜଣାପଡୁଛି ,ମୋଦି ତାଙ୍କ ଲକ୍ଷ୍ୟ ହାସଲ କରିବାରେ ଏବେ ସଫଳ ହୋଇଛନ୍ତି। ମୋଦି ନେତୃତ୍ୱ ନେବା ପରଠାରୁ ବିଦେଶ ପାଣ୍ଠି ଗ୍ରହଣ କରିବା ନେଇ ୧୪,୦୦୦ ଏନ୍‌ଜିଓ ଉପରେ କଟକଣା ଲଗାଇଥିବା ଡିସେମ୍ବର ୨୦୧୯ରେ ପାର୍ଲାମେଣ୍ଟରେ କୁହାଯାଇଥିଲା। ଫଳରେ ପାଣ୍ଠି ୯୦% କମି ୨୦୧୮ର ୨.୨ ବିଲିୟନ ଆମେରିକୀୟ ଡଲାରରୁ ଖସି ଏହା ୨୦୧୯ରେ ପହଞ୍ଚିଛି ୨୯୫ ଡଲାରରେ। ଏହାଦ୍ୱାରା କେବଳ ଏନ୍‌ଜିଓର କର୍ମଚାରୀ ନୁହନ୍ତି, ବରଂ ତାହା ସହ କାମ କରୁଥିବା ଲୋକମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ବଳପୂର୍ବକ ପଦକ୍ଷେପ ଏବଂ ଅପରାଧ ଆଇନର ବିଭିନ୍ନ ବାଟରେ ଏନ୍‌ଜିଓଗୁଡ଼ିକ ଉପରେ ଆକ୍ରମଣ ହୋଇଛି। ଉଲ୍ଲେଖନୀୟ ଯେ, ଫରେନ୍ କଣ୍ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ (ଏଫ୍‌ସିଆର୍‌ଏ) ପରିବର୍ତ୍ତନ କରି ଏହା କରାଯାଇଛି। ଭାରତର ନିର୍ବାଚନ ପ୍ରକ୍ରିୟା ଏବଂ ଗଣତନ୍ତ୍ରରେ ବାହାରର ହସ୍ତକ୍ଷେପ ରୋକିବା ଲାଗି ୧୯୭୬ରେ ଏଫ୍‌ସିଆର୍‌ଏ ପ୍ରଥମେ ଅଣାଯାଇଥିଲା। ରାଜନୈତିକ ଦଳ ଓ ତା'ପ୍ରାର୍ଥୀମାନଙ୍କୁ, ସାମ୍ବାଦିକ ଓ ଖବରକାଗଜ ପ୍ରକାଶକ, ବିଚାରପତି, ଅମଲାତନ୍ତ୍ରୀ ଏବଂ ଲୋକସଭା ସଦସ୍ୟମାନଙ୍କୁ ବିଦେଶ ଅର୍ଥ ଗ୍ରହଣ କରିବା ଲାଗି ଏଥିରେ ନିଷେଧ କରାଯାଇଥିଲା। ଇତିମଧ୍ୟରେ ଆର୍ଥିକ ଉଦାରୀକରଣ ଏମାନଙ୍କ ମଧ୍ୟରେ ଅନେକଙ୍କୁ ବିଦେଶ ଅର୍ଥ ଗ୍ରହଣ କରିବାକୁ ଅନୁମତି ଦେଲା ଓ ଏଭଳି ଅର୍ଥ ଆଣିବା ଲାଗି ଭାରତ ସରକାର ବି ପ୍ରୋତ୍ସାହିତ କଲେ। ସେତେବେଳେ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ)କୁ ସ୍ୱାଗତ କରାଯାଇଥିଲା ଓ ଏହାର ସଂଖ୍ୟାକୁ ନେଇ ସରକାର ଗର୍ବ ଅନୁଭବ କରିଥିଲେ। ଏପରିକି ରାଜନୈତିକ ଦଳଗୁଡ଼ିକ ଏଫ୍‌ସିଆର୍‌ଏରୁ ନିଜକୁ ମୁକ୍ତ କରିବାରେ ସଫଳ ହୋଇପାରିଲେ। ଜାନୁୟାରୀ ୨୦୧୩ରେ ଦିଲ୍ଲୀ ହାଇକୋର୍ଟରେ ଦାୟର ଏକ ଜନସ୍ୱାର୍ଥ ମାମଲା ଦର୍ଶାଇଥିଲା ଯେ, ଭାରତୀୟ ଜନତା ପାର୍ଟି(ଭାଜପା) ଏବଂ କଂଗ୍ରେସ ଏଫ୍‌ସିଆର୍‌ଏ ଆଇନ ଉଲ୍ଲଂଘନ କରିଥିବା ବେଦାନ୍ତ/ ଷ୍ଟେର୍‌ଲାଇଟ କମ୍ପାନୀଠାରୁ ଅନୁଦାନ ଗ୍ରହଣ କରିଥିଲେ। ୨୮ ମାର୍ଚ୍ଚ ୨୦୧୪ରେ କୋର୍ଟ ରାୟ ଶୁଣାଇଲେ ଯେ,ଏଫସିଆର୍‌ଏ ଉଲ୍ଲଂଘନ ଲାଗି ଭାଜପା ଓ କଂଗ୍ରେସ ଦୋଷୀ ଏବଂ ମେ'ରେ ଏହି ଦୁଇ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସରକାରଙ୍କୁ କହିଲେ। ଜୁଲାଇ ଏବଂ ଅଗଷ୍ଟରେ କଂଗ୍ରେସ ଓ ଭାଜପା ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାୟର କଲେ। ତେବେ ୨୦୧୬ ବଜେଟରେ ଯେତେବେଳେ ବିଦେଶ ଉତ୍ସର ସଂଜ୍ଞା ପରିବର୍ତ୍ତନ କରାଯାଇ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଅନୁଦାନକୁ ବୈଧ କରାଗଲା ସେତେବେଳେ ଏଫସିଆର୍‌ଏ ପରିବର୍ତ୍ତନ ହୋଇଗଲା। ଉକ୍ତ ପରିବର୍ତ୍ତନ ଅବ୍ୟବସ୍ଥିତ ଭାବେ କରାଗଲା ଓ ଆଇନର ଭୁଲ୍ ସଂସ୍କରଣକୁ ସଂଶୋଧନ କରାଯାଇଥିଲା। ପରେ ଦଳଗୁଡ଼ିକୁ ଆଇନ ପଞ୍ଝାରୁ ମୁକୁଳାଇବା ଲାଗି ପୁନର୍ବାର ୨୦୧୮ରେ ଆଉ ଏକ ସଂଶୋଧନ ପାସ୍ କରାଗଲା । ଏହି ପରିବର୍ତ୍ତନ କରାଯିବା ପରେ ଇଲେକ୍ଟୋରାଲ ବଣ୍ଡ ସ୍କିମରେ ଭାଜପା ଏବଂ ଅନ୍ୟ ଦଳଗୁଡ଼ିକ ବିଦେଶରୁ ଗୁପ୍ତରେ ଅସୀମିତ ପାଣ୍ଠି ଗ୍ରହଣ କରିବା ଲାଗି ସୁଯୋଗ ପାଇଗଲେ। କିନ୍ତୁ ବେସରକାରୀ ସଂସ୍ଥା, ଏନ୍‌ଜିଓ ଆଇନ ନିୟନ୍ତ୍ରଣରେ ରହିଗଲେ। ସେମାନଙ୍କ କାର୍ଯ୍ୟକଳାପ ଲଗାତର ହ୍ରାସ ପାଇଚାଲିଲା ଓ ମୋଦି ଶାସନରେ ଏଫ୍‌ସିଆର୍‌ଏ ସଂଶୋଧନ ଦ୍ୱାରା ସେମାନେ ପାଣ୍ଠିଶୂନ୍ୟ ହୋଇଗଲେ।

ପରିବର୍ତ୍ତନ ଭିତରେ ମୁଖ୍ୟ ୪ଟି ବିଷୟ ଥିଲା। ପ୍ରଥମରେ ବିଦେଶ ଅର୍ଥ ପାଇବାକୁ ଏଫ୍‌ସିଆର୍‌ଏ ଲାଇସେନ୍ସ ଥିବା ୨୩,୦୦୦ ଏନ୍‌ଜିଓ କେବଳ ନୂଆଦିଲ୍ଲୀରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସଂସଦ ମାର୍ଗ ଶାଖାରେ ପାଣ୍ଠି ଗ୍ରହଣ କରିପାରିବେ। ଦ୍ୱିତୀୟ ପରିବର୍ତ୍ତନ ଥିଲା, ପ୍ରଶାସନିକ ବ୍ୟୟ ବାବଦରେ ଏନ୍‌ଜିଓମାନେ ଗ୍ରହଣ କରୁଥିବା ଅର୍ଥର କେବଳ ୨୦% ଖର୍ଚ୍ଚ କରିପାରିବେ। ତୃତୀୟରେ ଥିଲା ଏନ୍‌ଜିଓଗୁଡ଼ିକ ଗ୍ରହଣ କରିଥିବା ପାଣ୍ଠି ଏଫସିଆର୍‌ଏରେ କାର୍ଯ୍ୟ କରୁଥିବା ଅନ୍ୟ ଏନ୍‌ଜିଓଗୁଡ଼ିକୁ ବାଣ୍ଟିବା ଉପରେ ନିଷେଧାଦେଶ। ଏହା ନିଶ୍ଚିତ ଭାବେ ସେମାନଙ୍କ ମେଣ୍ଟ ଓ ପାରସ୍ପରିକ ସହଭାଗିତାଭିତ୍ତିକ କାର୍ଯ୍ୟଦକ୍ଷତାକୁ କ୍ଷତି କରିବ। ଚତୁର୍ଥରେ ଆଇନରେ ଏନଜିଓଗୁଡ଼ିକର ପଞ୍ଜୀକରଣ କିମ୍ବା ସେମାନଙ୍କ ଏଫ୍‌ସିଆର୍‌ଏ ଲାଇସେନ୍ସ ନବୀକରଣ କରାଯିବାରେ ସମସ୍ତ ଅଫିସ କର୍ମଚାରୀ, ଡାଇରେକ୍ଟର କିମ୍ବା ଅନ୍ୟ କର୍ମକର୍ତ୍ତାମାନଙ୍କ ଆଧାର ପ୍ରଦାନ କରିବା ବାଧ୍ୟତାମୂଳକ। ଏହା ସରକାରଙ୍କୁ ଏକ ଅଧିକାର ଦେଲା ଯେଉଁଥିରେ ଯେତେବେଳେ ଚାହିଁବେ ଏଫ୍‌ସିଆରଏ ଲାଇସେନ୍ସ ରଦ୍ଦ କରିପାରିବେ। ଏଣୁ ଅନ୍ୟ ପ୍ରାଇଭେଟ୍ ସେକ୍ଟରଗୁଡ଼ିକୁ କିଭଳି ଦେଖାଯାଉଥିବା ତାହା କହିବା ନିଷ୍ପ୍ରୟୋଜନ। ଜଣାଯାଏ.କାର୍ଯ୍ୟାନୁଷ୍ଠାନ କେବଳ ଏନ୍‌ଜିଓଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ସିଭିଲ ସୋସାଇଟି ପ୍ରତି ଏଭଳି ବିରୋଧୀ ମନୋଭାବ ନୂଆ ନ ଥିଲା। ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ୨୦୧୪ରେ ଏକ ଭାଷଣରେ ଏନ୍‌ଜିଓ ଏବଂ ବାହାର ଦେଶଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ନେଇ ଯାହା କହିଥିଲେ ସେଥିରେ ଏନ୍‌ଜିଓ ବିରୋଧୀ ଭାବ ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ସେ ଇଚ୍ଛାମୁତାବକ ତାଙ୍କ ପାଖରେ ଥିବା ଏଜେନ୍ସି ଓ ସ୍ୱାଧୀନତାକୁ ଲଗାଇଦେଇ ବ୍ୟାପକ ଓ ଅଭିନବ ଉପାୟରେ ସୋସାଇଟିର ଭାରି କ୍ଷତି କରିଛନ୍ତି।

Email:aakar.patel@gmail.com

# ଋଣ ଖିଲାପକାରୀ ସନ୍ତାନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଯେଉଁ ଋଣ ସେଇ ଋଣ ପରି ନୁହେଁ, ଯେମିତିକି ଗୃହ ଋଣ, କୃଷି ଋଣ ଅବା ପାଠପଢ଼ା ଋଣ, ଏ ଏମିତି ଏକ ଋଣ, ଯାହା ପାଇବା ଅବା ଶୁଝିବା ପାଇଁ କିଛି ଲିଖିତ ସନନ୍ଦପତ୍ର ନ ଥାଏ କି କେହି ସାକ୍ଷୀ ସନ୍ତକର ଲୋଡ଼ା ପଡ଼ି ନ ଥାଏ। ବାସ୍, କେବଳ ପାଇବା ବେଳେ ବେଶ୍ ଭାରି ଭାରି ଲାଗୁ କି ନ ଲାଗୁ, ଶୁଝିବା ବେଳେ କିନ୍ତୁ ଅନ୍ତରରେ ସୃଷ୍ଟି ହୋଇଥାଏ ଏକ ଅନିର୍ବଚନୀୟ ଉଶ୍ୱାସକର ଅନୁଭବ। ପିତୃସତ୍ୟ ପାଳିବା ପାଇଁ ବଚନବଦ୍ଧ ରାମ ଯେତେବେଳେ ସୀତା ଓ ଲକ୍ଷ୍ମଣଙ୍କ ସହ ଅଯୋଧ୍ୟା ପରିତ୍ୟାଗ କଲେ, ସେତେବେଳେ ସହସ୍ରାଧିକ ଶୋକାକୁଳ ଅଯୋଧ୍ୟାର ନରନାରୀ ସରଯୁ ନଦୀକୂଳରେ ତାଙ୍କ ପଥ ଓଗାଳି ଏଭଳି ଏକ ନିଷ୍ଠୁର ନିଷ୍ପତ୍ତିରୁ ନିବୃତ୍ତ ରହିବାକୁ ବିକଳ ଅନୁରୋଧ କଲେ। ମାତ୍ର ସେ ଯେଉଁ ଚମତ୍କାର ଉତ୍ତର ରଖିଥିଲେ ତାହା ଥିଲା ଏହିପରି– ''ବାଲ୍ୟକାଳରୁ ଏ ଯାବତ୍ ମୋ ପିତାଙ୍କ ନିକଟରୁ ଯାହା ଯେତେ ଋଣ କରିଛି ଆଜି ତାଙ୍କ ଇଚ୍ଛା ପୂରଣ କରି ତହିଁରୁ ସାମାନ୍ୟ ଶୁଝିବାକୁ ସେ ମୋତେ ଏକ ସୁଯୋଗ ଦେଇଛନ୍ତି। ଆପଣମାନେ ବାଧକ ହୋଇ ମୋତେ ସେ ସୁଯୋଗରୁ ବଞ୍ଚିତ କରନ୍ତୁ ନାହିଁ।'' ଆଲୋଚ୍ୟ ପ୍ରସଙ୍ଗଟି ସେଇ ଋଣ ପର୍ଯ୍ୟାୟର। ଏହି ଋଣର ନାମ ପିତୃଋଣ ବା ମାତୃଋଣ, ଯାହା ପାଇଲା ପରେ ଦାରୁଣ ଦୈନ୍ୟ ମଧ୍ୟରେ ବି ମା'ବାପା'ଙ୍କ ଛତ୍ରଛାୟା ତଳେ ସନ୍ତାନଟିଏ ନିଜକୁ ଦିଗ୍‌ବିଜୟୀ ବାଦ୍‌ଶାହା ମନେକରେ। ଅଥଚ ବିଡ଼ମ୍ବନାର ବିଷୟ, ମା'ବାପାଙ୍କ ହାତ ଛାଡ଼ି ଥରେ ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ଅର୍ଜନ କଲେ ସନ୍ତାନଟିର ବିସ୍ମୃତି ଗର୍ଭରେ ହଜିଯାଏ ତା'ର ଯେତେସବୁ ଅତୀତ। ସେ ଯେ ତା'ର ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କଠୁଁ ପାଇଥିବା ସ୍ନେହଶ୍ରଦ୍ଧା, ସେବାଶୁଶ୍ରୂଷା ଓ ଲାଳନପାଳନର ଅସୁମାରି ସମ୍ପଦରେ ଋଣଗ୍ରସ୍ତ ଏବଂ ସେମାନଙ୍କ ପରିଣତ ବୟସରେ ଏହି ଋଣକୁ ପରିଶୋଧ କରିବାର ସମୟ ଯେ ଏବେ ଉପନୀତ ; ଏହି ସତ୍ୟକୁ ସେ ଜାଣିଜାଣି ଭୁଲିଯାଏ। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ବାଙ୍ଗାଲୋର ବା ନ୍ୟୁୟର୍କରେ ରହୁଥିବା ସନ୍ତାନର ବାଟ ଚାହିଁଚାହିଁ ବୃଦ୍ଧ ବାପାଟିଏ ସବୁଦିନ ପାଇଁ ଆଖି ବୁଜିଦିଏ ତ ଅନ୍ୟ କେଉଁଠି ନିଜ ପତ୍ନୀ ଓ ପିଲାମାନଙ୍କ ବାହାରେ ପରିବାରର ପରିଭାଷା ସରିଯାଇଛି ବୋଲି ମନେକରୁଥିବା ପୁଅର ନିର୍ଯାତନା ସହି ନ ପାରି ବୁଢ଼ୀ ମାଆଟିଏ ବୃଦ୍ଧାଶ୍ରମରେ ଆଶ୍ରୟ ନିଏ।

ଅଳ୍ପ କେଇଦିନ ତଳେ ସଂସ୍କାର କଥା ଦୂରେ ଥାଉ, ମାନବିକତା ହରାଇ ବସିଥିବା ଏମିତି ଜଣେ ଋଣ ଖିଲାପକାରୀ ସନ୍ତାନର ଅପକୀର୍ତ୍ତି ପ୍ରତ୍ୟେକ ଗଣମାଧ୍ୟମରେ ଛାଇ ହୋଇ ଯାଇଥିଲା। ରାଜନଗର ଅଞ୍ଚଳର ଜଣେ ଅଶୀତିପର ବୃଦ୍ଧଙ୍କର ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ମୃତ୍ୟୁ ହୋଇଯାଇଥିଲା। ବୃଦ୍ଧଙ୍କର ହସ୍ପିଟାଲରେ ଚିକିତ୍ସା ଚାଲିଥିଲା ବେଳେ ଭୁବନେଶ୍ୱରରେ ରହୁଥିବା ତାଙ୍କର ଏକମାତ୍ର ପୁଅ ହାତରେ ତାଙ୍କ ପାଖକୁ ଆସିବା



ପାଇଁ ସମୟ ତ ନ ଥିଲା, ସେ ମରିଗଲା ପରେ ମଧ୍ୟ ଦୀର୍ଘ ସାତଘଣ୍ଟା କାଳ ହସ୍ପିଟାଲ ଶଯ୍ୟା ଉପରେ ତାଙ୍କ ଶବ ପଡ଼ିରହିଥିଲା ସିନା ; ଖବର ପାଇ ମଧ୍ୟ ତାକୁ କାନ୍ଧ ଦେଇ ଶ୍ମଶାନକୁ ବୋହି ନେବା ପାଇଁ ପୁଅର ଦେଖା ନ ଥିଲା। ନିଜ ସନ୍ତାନର ଆସିବା ପଥକୁ ଆତୁର ଭାବେ ଚାହିଁ ରହିଥିବା ସତୁରି ବର୍ଷର ବୁଢ଼ୀ ମାଆଟି ଶେଷରେ ନିଜ ସଦ୍ୟ ବୈଧବ୍ୟର ଯନ୍ତ୍ରଣାକୁ ଭୁଲିଯାଇ ଗାଁ ଲୋକଙ୍କ ସାହାଯ୍ୟରେ ନିଜ ପତିଙ୍କ ଦାହ ସଂସ୍କାର କରିଥିଲା। ଏମିତି ଅବିବେକୀ ହୋଇପାରନ୍ତି କେମିତି ସନ୍ତାନମାନେ!

ଆଉ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ। କେଇ ବର୍ଷ ତଳେ ଚାନ୍ଦବାଲି ବଜାରର ସଡ଼କ କଡ଼ରେ ଅଶୀବର୍ଷ ଅତିକ୍ରମ କରି ସାରିଥିବା ବୁଢ଼ୀଟିଏ ଘଣ୍ଟା ଘଣ୍ଟା ଧରି ବସି ରହିଥିଲା ତା' ପୁଅକୁ ଅପେକ୍ଷା କରି। ପଚାରିବା ଲୋକଙ୍କୁ କହୁଥିଲା, ତା' ପୁଅ ତାକୁ ଡାକ୍ତର ଦେଖାଇବାକୁ ଆଣିଛି। ସେଇ ମାଆଟି ଜାଣି ନ ଥିଲା ଯେ ନିଜ ପତ୍ନୀର ନିର୍ଦ୍ଦେଶ ମାନି ତା' ପୁଅ ଡାକ୍ତରଖାନା ନେବା ବାହାନାରେ ତାକୁ ସହରକୁ ଆଣି, ସେଠାରେ ତାକୁ ପରିତ୍ୟାଗ କରି ଗାଁକୁ ଫେରିଯାଇଛି।

ଖବର ପ୍ରକାଶ ପାଇଥିଲା ଯେ, ଏକଦା ଗସ୍ତରେ ଯାଉଥିବା ରାଜ୍ୟର ମୁଖ୍ୟ ଶାସନ ସଚିବ ରାସ୍ତାଧାରରେ ବସି କାନ୍ଦୁଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରି ସାଙ୍ଗରେ ନେଇଥିଲେ ଓ ତାଙ୍କଠାରୁ ପୁଅବୋହୂଙ୍କଠୁଁ ଭୋଗୁଥିବା ନିର୍ଯାତନା ସମ୍ପର୍କରେ ଶୁଣି ବିହିତ ପ୍ରତିକାର କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବ୍ୟାଙ୍କ୍‌ର ଋଣ ଖିଲାପକାରୀ ଆଇନ ଅନୁଯାୟୀ ଦଣ୍ଡିତ ହେଲା ଭଳି ନିଜ ବୃଦ୍ଧା ମାଆଙ୍କ ଋଣ ପରିଶୋଧ ନ କରି ପ୍ରତାରିତ କରିଥିବା ପୁଅଟି ଆମ ଶାସନ ବ୍ୟବସ୍ଥା ଦ୍ୱାରା ଦଣ୍ଡିତ ହୋଇଥିଲା। ମାତ୍ର ନିଜ ନିଜର ସନ୍ତାନମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ସବୁ ହତଭାଗ୍ୟ ମାଆ ବାପାମାନେ ମୁଖ୍ୟ ଶାସନ ସଚିବଙ୍କ ନଜରରେ ପଡ଼ିଲା ଭଳି ସୌଭାଗ୍ୟର ତ ଅଧିକାରୀ ନୁହନ୍ତି। ସୁତରାଂ, 'କ'ଣ କରିବା– କପାଳରେ ସିନା କର ମାରିବା' ହିଁ ସେମାନଙ୍କର ଭାଗ୍ୟ ଓ ଭବିତବ୍ୟ। ଏ ପ୍ରସଙ୍ଗରେ ପିତାପୁତ୍ର ସମ୍ପର୍କର ଇତିହାସରେ ଏହି ନିଷ୍ଠୁରତମ ଅଧ୍ୟୟନ ଅନୁଧ୍ୟାନ କରାଯାଉ।

ଗୋପୀ ମହାରଣା ନାମକ ଜଣେ ବୃଦ୍ଧଙ୍କୁ କିଛି ସ୍ୱେଚ୍ଛାସେବୀ ଉଦ୍ଧାର କରିଥିଲେ ରାଜଧାନୀ ଉପକଣ୍ଠ ଲିଙ୍ଗରାଜ ରୋଡ୍ ଷ୍ଟେଶନ ପରିସରରୁ। ଦେହସାରା ଘା'ଘଉଡ଼ ନେଇ ଅସହାୟ ଭାବେ ପଡ଼ିଥିବା ବେଳେ ଉଦ୍ଧାରକାରୀମାନେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ପରୀକ୍ଷାନିରୀକ୍ଷାରୁ ଜଣାପଡ଼ିଲା, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ଦୁରାରୋଗ୍ୟ ବ୍ୟାଧିରେ ସେ ପୀଡ଼ିତ। ପ୍ରଲମ୍ବିତ ଚିକିତ୍ସା ପାଇଁ ବୃଦ୍ଧଙ୍କ ପାଖରେ ଅର୍ଥ ନ ଥିଲା କି ନ ଥିଲେ କେହି ସମ୍ପର୍କୀୟ। ତଥାପି ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ତାଙ୍କୁ ଉପଲବ୍ଧ ହେଲା ସରକାରୀ ଚିକିତ୍ସା ସେବା। ଏମିତି ଚାଲିଲା ପ୍ରାୟ ଦୁଇ ମାସ। ବୃଦ୍ଧଙ୍କ ଅବସ୍ଥାରେ ବିଶେଷ ପରିବର୍ତ୍ତନ ନ ଆସିବାରୁ ଏକ ଖବରକାଗଜରେ ତାଙ୍କ ଫଟୋ ଛାପି ତାଙ୍କ ପରିବାର ବା ସମ୍ପର୍କୀୟଙ୍କ ଦୃଷ୍ଟିକୁ ଆଣିବାକୁ ଚେଷ୍ଟା କରାଗଲା। ଏହି ପ୍ରକ୍ରିୟାର ପରିଣାମ ଯାହା ମିଳିଲା, ତାହା ଥିଲା ସଂସ୍କାରସିଦ୍ଧ ସମ୍ପର୍କ ବିସଙ୍ଗତିର ଏକ କରୁଣତମ ଚିତ୍ର।

ବେଲଗୁଣ୍ଠାର ଗୋପୀ ମହାରଣା କାଠମିସ୍ତ୍ରୀ ଭାବେ କାମ କରି ଏକମାତ୍ର ପୁଅକୁ ପାଠ ପଢ଼ାଇଥିଲେ। ପୁଅକୁ ତାଙ୍କ ଭଳି ନ ଗଢ଼ି ବାବୁ ବନାଇବାକୁ ସେ ନିଜ ସ୍ଥିତି ଓ ସାମର୍ଥ୍ୟକୁ ଢେର ଆଘାତ ଦେଇଥିଲେ। ପୁଅ ପାଇଁ ନିଜ ସମର୍ପିତ ସାଧନାର ଶେଷ ସିଦ୍ଧାନ୍ତ ରୂପେ ଯେଉଁଦିନ ସେ ତାକୁ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଦେଖିବାକୁ ପାଇଲେ, ସେଇ ଦିନ ହିଁ ତାଙ୍କ ପତ୍ନୀ ଚିରଦିନ ପାଇଁ ଆଖି ବୁଜିଦେଲେ। ଗୋପୀଙ୍କ ଦେହ ଅସୁସ୍ଥ ହେବା ଆରମ୍ଭ କଲା। ପୁଅ ପାଠପଢ଼ାରେ ନିଜର ସବୁ ସମ୍ପତ୍ତି ବିକ୍ରି ହୋଇ ଯାଇଥିବାରୁ ନିଜର ଚିକିତ୍ସା ପାଇଁ କେବଳ ପୁଅ ହିଁ ଥିଲା ଏକମାତ୍ର ସମ୍ବଳ। ଅଥଚ କାଠମିସ୍ତ୍ରି ଗୋପୀ ମହାରଣାର ସଫ୍ଟୱେର ଇଞ୍ଜିନିୟର ପୁଅ ପାଖରେ ଆମେରିକାରୁ ଫେରି ଆସି ବାପାଙ୍କ ଚିକିତ୍ସା କରାଇବାକୁ ସମୟ ନ ଥିଲା।

ଅସହାୟ ଗୋପୀ ମହାରଣା ଓ ତାଙ୍କ ଅବିବେକୀ ପୁଅଙ୍କ କଥା କେବଳ ଦୁଇଜଣ ବାପାପୁଅଙ୍କ କଥା ନୁହେଁ। ଗୋପୀ ଭଳି ବାପାଙ୍କ ସଂଖ୍ୟା ଯେମିତି ଏକରେ ସୀମିତ ନୁହେଁ, ସେମିତି ଏକରେ ସରିଯାଇନାହିଁ ସେଭଳି ପୁଅଙ୍କର ଦୃଷ୍ଟାନ୍ତ। ଅତୀତରେ ଦିନେ ଏଇ ମାଟିରେ ପିତୃଋଣ ଶୁଝିବା ପାଇଁ ରାଜ୍ୟ ତ୍ୟାଗ କରିଥିଲେ ଜଣେ ପୁତ୍ର। ପୁଣି ପିତାଙ୍କ ଖୁସି ପାଇଁ ଜଣେ ପୁଅ ସାରା ଜୀବନ ଅବିବାହିତ ରହିଥିଲେ ତ ଆଉ ଜଣେ ନିଃସଂକୋଚରେ ସମର୍ପି ଦେଇଥିଲେ ନିଜ ଯୌବନ। ଆଜି ସମୟ ବଦଳିଯାଇଛି। ତା' ସହିତ ବଦଳିଯାଇଛି ପିତୃଋଣ ଭଳି ଏକ ପୁରୁଣାକାଳିଆ ତତ୍ତ୍ୱର ପରିଭାଷା। ବାଃ, ଆମ ଆଧୁନିକତାର ଜୟ ହେଉ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୭୨୪୧୦୫

# ସ୍ୱୟଂସିଦ୍ଧା ଉଦ୍ୟୋଗୀ

ବ୍ୟକ୍ତିତ୍ୱ



ନେହା ନାର୍ଖେଡେ

ଆଠ ବର୍ଷ ବୟସ ହୋଇଥିଲା ବେଳେ ପିତା ତାଙ୍କ ପାଇଁ ଏକ କମ୍ପ୍ୟୁଟର ଆଣି ଦେଇଥିଲେ। ଏହାକୁ ଦେଖି ପିଲାଟି ମନରେ କୌତୂହଳ ସୃଷ୍ଟି ହୋଇଥିଲା। ଫଳରେ ସେ ଟେକ୍ନୋଲୋଜି ସହ କାର୍ଯ୍ୟ କରିବାକୁ ସ୍ୱପ୍ନ ଦେଖିଥିଲେ। ସମାଜରେ ପ୍ରତିଷ୍ଠିତ ହେବା ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ପିତା ସର୍ବଦା ତାଙ୍କୁ ବଡ଼ ହେବା ପାଇଁ ପ୍ରେରଣା ଦେଉଥିଲେ। 'ତୁ ସବୁ କିଛି କରିପାରିବୁ' ଭଳି ପିତାଙ୍କ ବାଣୀ ଓ ତାଙ୍କ ଉପରେ ପ୍ରଚଣ୍ଡ ଭରସା ଥିବାରୁ ତାହାକୁ ସୁଚାରୁରୂପେ କାର୍ଯ୍ୟରେ ପରିଣତ କରିବାରେ ସେ ସକ୍ଷମ ହୋଇଛନ୍ତି। ଭାରତର ଏହି ସର୍ବକନିଷ୍ଠା ସ୍ୱୟଂସିଦ୍ଧା (ନିଜ ଉଦ୍ୟମ ବଳରେ) ଉଦ୍ୟୋଗୀ ହେଲେ ନେହା ନାର୍ଖେଡେ। ଆଇଆଇଏଫ୍‌ଏଲ୍ ୱେଲ୍‌ଥ ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୨ରେ ନେହା ନିଜସ୍ୱ ପ୍ରଚେଷ୍ଟାରେ ସର୍ବକନିଷ୍ଠା ମହିଳା ଉଦ୍ୟୋଗୀ ହେବାର ଗୌରବ ଅର୍ଜନ କରିବା ପରେ ତାଙ୍କ ସଫଳତାର କାହାଣୀ ଏକ ଉଦାହରଣୀୟ ସ୍ଥାନରେ ପହଞ୍ଚିପାରିଛି।

ମହାରାଷ୍ଟ୍ରର ପୁଣେରେ ନେହା ୧୯୮୫ରେ ଜନ୍ମଗ୍ରହଣ କରିଥିଲେ। ୟୁନିଭର୍ସିଟିଅଫ୍‌ପୁଣେ ଅଧୀନ ପୁଣେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜିରୁ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଅର୍ଜନ କରିବା ପରେ ସେ ୨୦୦୭ରେ ଆମେରିକାର ଜର୍ଜିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସ୍ନାତକୋତ୍ତର ସାର୍ଟିଫିକେଟ୍‌ଧାରୀ ହୋଇଥିଲେ। ଏହା ପରେ ଓରାକଲ୍‌ରେ ସେ ପ୍ରିନ୍ସିପାଲ ସଫ୍ଟୱେର ଇଞ୍ଜିନିୟର ଭାବେ ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଲିଙ୍କଡ୍‌ଇନ୍‌ରେ ଯୋଗ ଦେଇଥିଲେ। ସେଠାରେ ୨୦୧୧ରେ ସେ ଜୁନ୍ ରାଓ ଓ ଜୟ କ୍ରେପ୍‌ସଙ୍କ ସହ ମିଶି 'କାଫ୍‌କା' ନାମରେ ଏକ ଓପନ୍ ସୋର୍ସ ପ୍ଲାଟଫର୍ମ ତିଆରି କରିଥିଲେ। ତାହା ନେହାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ଏହା ପରେ ୨୦୧୪ରେ ସେ କାଲିଫର୍ନିଆର ପାଲୋ ଅଲ୍‌ଟୋରେ ଜୁନ୍ ରାଓ ଓ ଜୟ କ୍ରେପ୍‌ସଙ୍କ ସହ ମିଶି 'କନ୍‌ଫ୍ଲୁଏଣ୍ଟ' ନାମରେ ଏକ ଷ୍ଟାର୍ଟଅପ୍ କମ୍ପାନୀ ପ୍ରତିଷ୍ଠା କରିଥିଲେ। ସେ ଏହାର ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ) ଥିଲେ। ୨୦୨୦ ଯାଏ କନ୍‌ଫ୍ଲୁଏଣ୍ଟର ଚିଫ୍ ପ୍ରଡକ୍ଟ ଅଫିସର ରହିଥିବା ନେହା ବର୍ତ୍ତମାନ ଏହାର ବୋର୍ଡ ସଦସ୍ୟ ରହିଛନ୍ତି। କିଛି ବର୍ଷ ଭିତରେ କମ୍ପାନୀର ଅଭିବୃଦ୍ଧି ଘଟି ୨୦୨୦ ଏପ୍ରିଲ ବେଳକୁ ପାଣ୍ଠି ସମୁଦାୟ ୪୫୬ ମିଲିୟନ୍ ଡଲାରରେ ପହଞ୍ଚିଥିଲା। ଏହା ପରେ କମ୍ପାନୀ ୧ ଜୁନ୍ ୨୦୨୧ରେ ଆଇପିଓ ମାଧ୍ୟମରେ ୪.୫ ବିଲିୟନ ଡଲାର ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ସଂସ୍ଥାର ଏଭଳି ଅଭିବୃଦ୍ଧି କ୍ଷେତ୍ରରେ ଗୋଲ୍‌ଡମାନ୍ ସାକ୍ସ, ନେଟ୍‌ଫ୍ଲିକ୍ସ ଓ ଉବର ଭଳି କମ୍ପାନୀର ଯୋଗଦାନ ରହିଛି। କାରଣ ଏହି କମ୍ପାନୀଗୁଡ଼ିକ ତଥ୍ୟଭିତ୍ତିକ କାର୍ଯ୍ୟକୁ ସୁଦୃଢ଼ କରିବା ଲାଗି କନ୍‌ଫ୍ଲୁଏଣ୍ଟର ପର୍ଯ୍ୟାପ୍ତ ସହାୟତା ନେଇଥାଆନ୍ତି। କନ୍‌ଫ୍ଲୁଏଣ୍ଟର ସହ–ପ୍ରତିଷ୍ଠାତା ଭାବେ ନେହାଙ୍କ ନେଟ୍ ୱର୍ଥ ୪,୭୦୦ କୋଟି ଟଙ୍କାରେ ପହଞ୍ଚିବା ଜଣେ ୩୭ ବର୍ଷୀୟା ମହିଳା ଉଦ୍ୟୋଗୀଙ୍କ ପକ୍ଷରେ ବଡ଼ ସଫଳତା ବୋଲି କୁହାଯାଉଛି।

ଅନବରତ ପରିଶ୍ରମ ଓ ମେଧା ବଳରେ ନେହା ଆଜି ଉପରକୁ ଉଠିପାରିଛନ୍ତି। ସେ କହନ୍ତି, ମାତାପିତା ପ୍ରଥମେ ତାଙ୍କ ମନୋବଳ ବଢ଼ାଇବା ଲାଗି ସବୁ ପ୍ରକାର ସହଯୋଗ କରିଥିଲେ। ଦ୍ୱିତୀୟରେ ଶିକ୍ଷାର ପ୍ରକୃତ ମୂଲ୍ୟ କ'ଣ ଶିଖାଇଥିଲେ ଏବଂ ତୃତୀୟରେ ମହିଳା ରୋଲ୍ ମଡେଲ୍‌ଙ୍କ କାହାଣୀ ଶୁଣାଇଥିଲେ। ଏସବୁ ଯୋଗୁ ସେ ଆଜି ଏହି ସ୍ତରରେ ପହଞ୍ଚିପାରିଛନ୍ତି ବୋଲି ନେହା କହିଛନ୍ତି। ବଡ଼ ହେବା ପାଇଁ ସେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ବିଶିଷ୍ଟ ଉଦ୍ୟୋଗୀ ଇନ୍ଦ୍ରା ନୂଇ ଓ ଜଣାଶୁଣା ପୋଲିସ ପ୍ରଶାସିକା କିରଣ ବେଦୀଙ୍କ ବିଷୟରେ ବହୁତ ପଢ଼ିଥିଲେ। ସେହିମାନଙ୍କ ଜୀବନୀ ତାଙ୍କ କ୍ୟାରିୟର ଉପରେ ବଡ଼ ପ୍ରଭାବ ପକାଇପାରିଛି ବୋଲି ସେ କହିଛନ୍ତି।

ଟେକ୍ନୋଲୋଜିକୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରିବା ଦିଗରେ ଆପାଚି କାଫ୍‌କା ସଫ୍ଟୱେରର ଯୋଗଦାନ ବହୁମାତ୍ରାରେ ରହିଆସିଛି। ଏଭଳି ସଫ୍ଟୱେର ବିକାଶ କରିବା ଦିଗରେ କାର୍ଯ୍ୟ କରିଥିବା ଟିମ୍‌ର ଜଣେ ସଦସ୍ୟ ହୋଇପାରିଥିବାରୁ ନେହା ଖୁସି ବ୍ୟକ୍ତ କରିଥାଆନ୍ତି। ପ୍ରଯୁକ୍ତି କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଥିବାରୁ ତାଙ୍କୁ ବିଭିନ୍ନ ପୁରସ୍କାର ମିଳିଛି। ୨୦୧୭ରେ ଏମ୍‌ଆଇଟି ଟେକ୍ନୋଲୋଜି ରିଭ୍ୟୁ ତାଲିକାରେ ୩୫ ବର୍ଷରୁ କମ୍ ଜଣେ ନବପ୍ରବର୍ତ୍ତକ ବା ଇନୋଭେଟର ଭାବେ ନେହା ସ୍ଥାନ ପାଇଥିଲେ। ପରବର୍ତ୍ତୀ ସମୟରେ ଆମେରିକା ତଥା ବିଶ୍ୱର ଶ୍ରେଷ୍ଠ ୫୦ ଟେକ୍ ମହିଳା ଉଦ୍ୟୋଗୀ ଭାବେ ଫୋର୍ବସ୍ ତାଲିକାରେ ତାଙ୍କ ନାମ ସ୍ଥାନିତ ହୋଇଥିଲା। ସାନ୍ ଫ୍ରାନ୍ସିସ୍‌କୋଠାରେ ଓରାକଲ୍ କୋଡ୍ ୱାନ୍ କନ୍‌ଫରେନ୍ସରେ ସେ ଓରାକଲ୍ ଗ୍ରାଉଣ୍ଡବ୍ରେକର ଆୱାର୍ଡ ମଧ୍ୟ ହାସଲ କରିଛନ୍ତି। ଅକ୍ଟୋବର ୨୦୨୦ରେ ନେହା ଫୋର୍ବସ୍‌ର ଆମେରିକାର ସେଲ୍ଫ ମେଡ୍ ୱିମେନ୍ ତାଲିକାର ୩୩ ସ୍ଥାନରେ ରହି ଭାରତର ନାମକୁ ଉଜ୍ଜ୍ୱଳ କରିଥିଲେ। ନେହା ଆଜି କମ୍ ବୟସରେ ଯେଉଁ ବଡ଼ ସଫଳତା ପାଇଛନ୍ତି, ତାହା ପଛରେ ରହିଛି–ଆତ୍ମବିଶ୍ୱାସ ଓ ଆହ୍ୱାନକୁ ସମ୍ମୁଖୀନ ହେବାର ସାହସ। ଯୁବ ଉଦ୍ୟୋଗୀ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ନେହାଙ୍କ ବ୍ୟକ୍ତିତ୍ୱକୁ ମଧ୍ୟ ଅଧ୍ୟୟନ କରିପାରିବେ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ସୁରକ୍ଷା ପାଇଁ ବର୍ଜ୍ୟର ପୁନଃଉପଯୋଗ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜସ୍ଥାନର ଆନନ୍ଦ ମାହେଶ୍ୱରୀ। ଆନନ୍ଦ କ୍ଷୀର ପ୍ୟାକେଟ, ସ୍ନାକ୍ସ ବକ୍ସ, ଡିଟରଜେଣ୍ଟ କଭର, ବ୍ୟାଗ ଏବଂ ଥର୍ମୋକୁଲ କଣ୍ଟେନରଗଡ଼ିକରେ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଓ ଫଳଗଛ ଉଗାରି ପାରିଛନ୍ତି। ଏହାବାଦ୍ ଲଙ୍କା, ଭେଣ୍ଡି, ଟମାଟୋ ଆଦି ପରିବା ଫଳାଇ ତାଙ୍କର ନିତିଦିନିଆ ଆବଶ୍ୟକତା ପୂରଣ କରିପାରୁଛନ୍ତି। ମୋଟରେ ସେ ୮୦୦ ବର୍ଗଫୁଟ ଜାଗାରେ ୧୫୦ ପ୍ରକାରର ୧୦୦୦ଟି ଗଛ ଲଗାଇଛନ୍ତି। ଏହି କାର୍ଯ୍ୟ ସେ କୋଭିଡ ଲକ୍‌ଡାଉନ ସମୟରେ ଆରମ୍ଭ କରିଥିଲେ। ସବୁଠୁ ବଡ଼ କଥା ହେଉଛି ଘରର ବର୍ଜ୍ୟ ବାଦ୍ ସେ ବିଭିନ୍ନ ଅଳିଆ ଗଦାରୁ ମଧ୍ୟ ଏସବୁ ସଂଗ୍ରହ କରିଛନ୍ତି। ଥର୍ମୋକୁଲ କଣ୍ଟେନର ନିକଟସ୍ଥ ମେଡିକାଲ ଷ୍ଟୋରଗୁଡ଼ିକରୁ ଆଣିଛନ୍ତି। ଏହି କାର୍ଯ୍ୟ କରିବା ସମୟରେ ତାଙ୍କୁ ଲୋକେ ଥଟ୍ଟା କରିବା ଆରମ୍ଭ କରିଥିଲେ। କିନ୍ତୁ ଏବେ ତାଙ୍କ ଗାର୍ଡେନକୁ ଦେଖି ତାଙ୍କ ଉଦ୍ଦେଶ୍ୟ ମହତ୍ତ୍ୱ ବୋଲି ବୁଝିପାରିଛନ୍ତି। ଆନନ୍ଦଙ୍କ ଉକ୍ତ କାର୍ଯ୍ୟକୁ ଲକ୍ଷ୍ୟକରି ତାଙ୍କ ସାଥୀମାନେ ବି ସମାନ ପ୍ରକାର ଗାର୍ଡେନ ଆରମ୍ଭ କରିଦେଇଚନ୍ତି। ବାସ୍ତବରେ ଏଭଳି ଉଦ୍ୟମ ଦ୍ୱାରା ବର୍ଜ୍ୟ ପରିଚାଳନା ସହ ପରିବେଶ ସୁରକ୍ଷା ହୋଇପରିବ ବୋଲି କହନ୍ତି ଆନନ୍ଦ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୭

- ସାମରିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଜାପାନ ଓ ଆମେରିକା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଆଲଜେରିଆରେ ନରସଂହାର ଲୀଳା ଚଳାଇଥିବା ବିଦ୍ରୋହୀ ଗେରିଲାମାନଙ୍କୁ ଦମନ କରିବା ପାଇଁ ଇସ୍‌ଲାମୀୟ ସାଲ୍‌ଭେସନ ଆର୍ମି (ଏ.ଆଇ.ଏସ୍.)ର ବିଦ୍ରୋହୀମାନେ ଅସ୍ତ୍ରବିରତି ଘୋଷଣା କରିଛନ୍ତି।
- ଉଲ୍‌ଫା ଉଗ୍ରପନ୍ଥୀଙ୍କ ସହ ଯୋଗସୂତ୍ର ରଖିଥିବା ଅଭିଯୋଗରେ ଟାଟା ଟି'ର ବରିଷ୍ଠ ଅଫିସର ବ୍ରଜେନ ଗୋଗୋଇ ଗିରଫ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | | 1 |
| | | | 1 | 9 | 4 | | | |
| | | | | | 8 | 3 | | |
| | 5 | | | | 3 | 4 | | |
| | | 2 | 7 | | | | | 5 |
| 8 | | | 5 | 6 | | | | |
| | 3 | | 4 | | 9 | | | |
| | | 9 | 6 | 1 | | | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 5 | 3 | 6 | 2 | 8 | 7 | 4 |
| 4 | 2 | 8 | 9 | 5 | 7 | 6 | 3 | 1 |
| 7 | 3 | 6 | 8 | 4 | 1 | 5 | 2 | 9 |
| 3 | 9 | 2 | 5 | 8 | 4 | 1 | 6 | 7 |
| 5 | 7 | 1 | 2 | 3 | 6 | 4 | 9 | 8 |
| 6 | 8 | 4 | 7 | 1 | 9 | 3 | 5 | 2 |
| 1 | 5 | 7 | 4 | 9 | 3 | 2 | 8 | 6 |
| 8 | 4 | 9 | 6 | 2 | 5 | 7 | 1 | 3 |
| 2 | 6 | 3 | 1 | 7 | 8 | 9 | 4 | 5 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଟିଏମ୍ ପୁନରୁଦ୍ଧାର ଜରୁରୀ

ମହାଶୟ,
ଓଟିଏମ୍ ପୁନରୁଦ୍ଧାରକୁ ନେଇ ନ୍ୟାୟାଳୟରେ ମାମଲା ରୁଜୁ ହେବା ଓଡ଼ିଶାର ପ୍ରଶାସନିକ ସେବାକୁ ଏକ ଶକ୍ତ ଧକ୍କା ବୋଲି କହିବାରେ କିଛି ଭୁଲ ହେବନାହିଁ। ଶିଳ୍ପାୟନର ଅଗ୍ରଗତି ପାଇଁ କଳିଙ୍ଗକୁ ଭଲ ପାଉଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆନ୍ତରିକ ପ୍ରଚେଷ୍ଟା ବଳରେ ଆତ୍ମନିର୍ଭରଶୀଳତାର ପ୍ରତୀକ ରୂପେ କଟକର ଚୌଦ୍ୱାରରେ ଗଢ଼ି ଉଠିଥିଲା ଓଟିଏମ୍, କଳିଙ୍ଗ ଟ୍ୟୁବ୍‌ସ ଓ କାଗଜ କଳ। ଏହା ବ୍ୟତୀତ ଚୌଦ୍ୱାର ନିକଟବର୍ତ୍ତୀ ଚାରିବାଟିଆଠାରେ ଭାରତ ସରକାରଙ୍କ ସାମରିକ ବିମାନଘାଟି, ସ୍କୁଲ, କଲେଜ ଓ ଟେକ୍ସଟାଇଲ ଇଂଜିନିୟରିଂ କଲେଜ ରହିଛି। ରୁଗ୍‌ଣ ଅବସ୍ଥାରେ ଥିବା ଓ ବନ୍ଦ ହୋଇ ଯାଇଥିବା କଳକାରଖାନା ସବୁକୁ ପୁନରୁଦ୍ଧାର କରିବା ଏବଂ ଚଳାଇବାକୁ ନେଇ ଓଡ଼ିଶା ପ୍ରଦେଶରେ କଞ୍ଚାମାଲର ଅଭାବ ନ ଥିବା ସତ୍ତ୍ୱେ ସେଗୁଡ଼ିକ ବନ୍ଦ କରି ରଖିବା ଯୁକ୍ତିଯୁକ୍ତ ନୁହେଁ। ଏପର୍ଯ୍ୟନ୍ତ ଓଟିଏମ୍ ପୁନରୁଦ୍ଧାର ପାଇଁ ଚାକିରି ହରାଇଥିବା କର୍ମଚାରୀମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲୁରହିଛି। ତନ୍ମଧ୍ୟରୁ ବହୁ କର୍ମଚାରୀଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ନା ସେମାନଙ୍କୁ ମିଳିଛି ତାଙ୍କର ପ୍ରାପ୍ୟ ନା ପ୍ରଦାନ କରାଯାଇଛି ଆର୍ଥିକ ସହାୟତା। ସରକାର ଓଟିଏମ୍ ପୁନରୁଦ୍ଧାର ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ନଥିବାରୁ ଆଜି ସମସ୍ୟାର ସମାଧାନ ପାଇଁ ମାମଲା ନ୍ୟାୟାଳୟରେ। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାରେ ବିଜୁ ପଟ୍ଟନାୟକଙ୍କ ପଦାଙ୍କ ଅନୁସରଣ କରି, ଆନ୍ତରିକତା ରଖିଲେ ହୁଏତ ଓଡ଼ିଶା ଏକ ଅଗ୍ରଣୀ ପ୍ରଦେଶ ଭାବେ ପରିଚିତ ହୋଇପାରିବ।

– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ଝରଇ ଅହରହ
ଧରଣୀ ଦୁରୁବହ
ବିପୁଳ ସ୍ୱେଦରାଶି ପରଶେ
ପତର ଲତ ପରେ
କି ମୃଦୁ ବାଣୀ ଝରେ
ସବୁଜ–ଘାସ–ଲୋମହରଷେ।

(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୋସିଆଲ୍ ମିଡିଆ ଗ୍ରୁପ୍



ବର୍ତ୍ତମାନ ବିଭିନ୍ନ ସୋସିଆଲ୍ ସାଇଟ୍ ଗ୍ରୁପ୍ ଅନେକଙ୍କୁ ଏକାଠି ଯୋଡ଼ି ରଖିବା ସହ ବିଭିନ୍ନ ସୂଚନା ଏକା ସଙ୍ଗେ ସମସ୍ତଙ୍କ ପାଖରେ ପହଞ୍ଚାଇବାର ଉତ୍ତମ ମାଧ୍ୟମ ପାଲଟିଛି। ହେଲେ କେବେକେବେ ଏଥିରେ ଆସୁଥିବା ଅନାବଶ୍ୟକ ବିଶେଷକରି ଫେକ୍ ମେସେଜ୍ ଗ୍ରୁପ୍ ମେମ୍ବରମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜୁଛି। ତେଣୁ କୌଣସି ସୋସିଆଲ୍ ସାଇଟ୍ ଗ୍ରୁପ୍‌ରେ ଆଡ୍‌ମିନ୍ କିମ୍ବା ମେମ୍ବର ଥିଲେ କେତେକ ଶିଷ୍ଟାଚାର ଜାଣିରଖିବା ଦରକାର...



ବର୍ତ୍ତମାନ ସମୟରେ ଫେସ୍‌ବୁକ୍, ହ୍ବାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସୋସିଆଲ୍ ମିଡିଆ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ବିଶେଷକରି ଏଥିରେ ଗ୍ରୁପ୍ କ୍ରିଏଟ୍ କରିବାର ସୁବିଧା ଏକା ସମୟରେ ସମସ୍ତଙ୍କୁ ବିଭିନ୍ନ ବାର୍ତ୍ତା ପହଞ୍ଚାଇବା କାର୍ଯ୍ୟ ସରଳ କରିଦେଇଛି। ହେଲେ ଅପରପକ୍ଷେ ଏଥିରେ ଆସୁଥିବା ବିଭିନ୍ନ ଫେକ୍ ମେସେଜ୍‌ଠାରୁ ଆରମ୍ଭ କରି ଅଯଥା ଫଟୋ, ଭିଡିଓ ଆଦି ଏକାଧିକ ଗ୍ରୁପ୍‌କୁ ପଠାଇବା ଦ୍ୱାରା ସମାଜରେ ଅନେକ ଭୁଲ୍ କଥା ପ୍ରଚାର ହେଉଥିବାର ନଜିର ରହିଛି। ତେଣୁ ଏଭଳି ଗ୍ରୁପ୍‌ର ଆଡ୍‌ମିନ୍ କିମ୍ବା ମେମ୍ବର ଥିଲେ, କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ...

**ବୁଝନ୍ତୁ ଗ୍ରୁପ୍‌ର ଗୁରୁତ୍ୱ:** କୌଣସି ସୋସିଆଲ୍ ସାଇଟ୍‌ରେ ନୂଆ ଗ୍ରୁପ୍ କ୍ରିଏଟ୍ କରୁଥିଲେ ଏହା ଫ୍ରେଣ୍ଡ୍, ଫ୍ୟାମିଲି, ଅଫିସିଆଲ୍ କିମ୍ବା ଅନ୍ୟ କୌଣସି କମ୍ୟୁନିଟିକୁ ନେଇ ଗଢ଼ୁଛନ୍ତି ପ୍ରଥମେ ତାହାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବୁଝନ୍ତୁ। ଏଥିରେ କାହାକୁ ନିଜ ଇଚ୍ଛାରେ ଆଡ୍ ନ କରି, କେହି ଏଥିରେ ମେମ୍ବର ହେବାକୁ ଇଚ୍ଛୁକ ବା ନୁହେଁ ଅନୁମତି ନେବା ପରେ ଆଡ୍ କରନ୍ତୁ।

**ବୟସକୁ ଧ୍ୟାନରେ ରଖନ୍ତୁ:** ବର୍ତ୍ତମାନ ଅଧିକାଂଶ ଫ୍ୟାମିଲି ଏବଂ ରିଲେଟିଭ୍ସ ଦୂରରେ ଥିଲେ ସୁଦ୍ଧା ଏକାଠି ରହିବା ଲାଗି ସୋସିଆଲ୍ ସାଇଟ୍‌ରେ ଗ୍ରୁପ୍ ଗଠନ କରୁଛନ୍ତି, ଯେଉଁଥିରେ ଗୋଟିଏ ମେସେଜ୍ କଲେ ଏକସଙ୍ଗେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ତାହା ଜାଣି ପାରୁଛନ୍ତି। ଯଦି ଆପଣ ଏଭଳି କୌଣସି ଗ୍ରୁପ୍‌ରେ ମେମ୍ବର ଅଛନ୍ତି, ତେବେ କୌଣସି ମେସେଜ୍ ସେଣ୍ଡ କରିବା ପୂର୍ବରୁ ପ୍ରଥମେ ଏଥିରେ ଥିବା ମେମ୍ବରମାନଙ୍କ ବୟସକୁ ଧ୍ୟାନରେ ରଖନ୍ତୁ।

**ଆବଶ୍ୟକତା ଦେଖି କରନ୍ତୁ ମେସେଜ୍:** ଫ୍ରେଣ୍ଡ୍ସ, ପ୍ରଫେସନାଲ୍ କିମ୍ବା କୌଣସି ସୋସିଆଲ୍ ଗ୍ରୁପ୍‌ର ମେମ୍ବର ଥିଲେ ସବୁ ମେସେଜ୍ ସବୁ ଗ୍ରୁପ୍‌ରେ ସେଣ୍ଡ୍ ନ କରି ଆବଶ୍ୟକତାକୁ ଧ୍ୟାନରେ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ବିଶେଷକରି ଗ୍ରୁପ୍‌ରେ କାହାକୁ ମାନସିକ ଆଘାତ ଦେବା ଭଳି କୌଣସି ପୋଷ୍ଟ କରନ୍ତୁ ନାହିଁ।

**କରନ୍ତୁ ମ୍ୟୁଟ୍:** କେବେକେବେ ଅଫିସିଆଲ୍ ଅବା ଫ୍ୟାମିଲି ଭଳି କେତେକ ଗ୍ରୁପ୍‌ରେ ଇଚ୍ଛା ଥାଉ ଅବା ନ ଥାଉ ମେମ୍ବର ହେବାକୁ ପଡ଼ିଥାଏ। ଆଉ ଏଥିରେ ଆସୁଥିବା ମେସେଜ୍ ଡିଷ୍ଟର୍ବ କରୁଥିବାରୁ କେହି କେହି ଗ୍ରୁପ୍‌ରୁ ଲେଫ୍ଟ ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହେଲେ ଏପରି କରିବା ଦ୍ୱାରା ସଭିଙ୍କ ମନରେ ଆପଣଙ୍କ ପ୍ରତି ଏକ ନକାରାତ୍ମକ ଭାବନା ସୃଷ୍ଟି କରିଥାଏ। ତେଣୁ ଏ କ୍ଷେତ୍ରରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି କିଛି ଦିନ ଲେଖାଏଁ ଏହାକୁ ମ୍ୟୁଟ୍ କରିପାରିବେ।

**କରନ୍ତୁନି ଅଯଥା ମେସେଜ୍ ଫରୱାର୍ଡ:** ଅଧିକାଂଶ ଗ୍ରୁପ୍‌ରେ ସକାଳୁ ଉଠିବାମାତ୍ରେ ଅନେକ ଗୁଡ୍‌ମର୍ନିଂ କିମ୍ବା ରାତିରେ ଗୁଡ୍‌ନାଇଟ୍ ଫଟୋ, ଭିଡିଓଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ମେସେଜ୍‌ରେ ଭର୍ତ୍ତି ହୋଇଯାଏ। ହେଲେ ଏହାଦ୍ୱାରା ଅନେକ ସମୟରେ ବାରମ୍ବାର ଅନାବଶ୍ୟକ ମେସେଜ ପାଇ ଗ୍ରୁପ୍‌ର ମେମ୍ବରମାନେ ବିରକ୍ତି ପ୍ରକାଶ କରିବା ସହ କେହି କେହି ଗ୍ରୁପ୍‌ରୁ ଲେଫ୍ଟ ମଧ୍ୟ ହୋଇଯା’ନ୍ତି। ତେଣୁ କୌଣସି ମେସେଜ୍, ଫଟୋ କିମ୍ବା ଭିଡିଓ ଦେଖିବା ମାତ୍ରେ ଏହାକୁ ତୁରନ୍ତ ଯେକୌଣସି ଗ୍ରୁପ୍‌ରେ ଶେୟାର ନ କରି ତାହା ଗ୍ରୁପ୍‌ର ମେମ୍ବରମାନଙ୍କ କାମରେ ଆସିବ କି ନାହିଁ ବୁଝି ବିଚାରି ପଠାନ୍ତୁ।

**ଫରୱାର୍ଡ ପୂର୍ବରୁ କରନ୍ତୁ ଚେକ୍:** ବର୍ତ୍ତମାନ ଅନେକ ଫେକ୍ ମେସେଜ୍ ସୋସିଆଲ୍ ସାଇଟ୍‌ରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ଏଭଳି ମେସେଜ୍ ଏକସଙ୍ଗେ ଏକାଧିକ ଗ୍ରୁପ୍‌ରେ ପଠାଯିବା ଦ୍ୱାରା ସମାଜରେ ଭୁଲ ଖବର ପ୍ରଚାରିତ ହେଉଛି। ତେଣୁ ଏଭଳି କୌଣସି ମେସେଜ୍ ବିଶେଷକରି ସମାଜରେ ଚାଲିଥିବା କିଛି ସମ୍ବେଦନଶୀଳ ଘଟଣାକୁ ନେଇ ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ତାହା ଠିକ୍ କି ନୁହେଁ ଜାଣିବା ପରେ ଫରୱାର୍ଡ କରନ୍ତୁ। କାରଣ ଏଥିପାଇଁ ଫେକ୍ ମେସେଜ୍ ପଠାଇବା ଭଳି ସାଇବର କ୍ରାଇମ୍ ଲାଗି ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ।

**ଗ୍ରୁପ୍‌ରେ ଆଣନ୍ତୁନି ବ୍ୟକ୍ତିଗତ କଥା:** ଯଦି କେବେ କୌଣସି ମେମ୍ବରଙ୍କ ସହ କୌଣସି କାରଣରୁ ମତଭେଦ ବା ଝଗଡ଼ା ହୋଇଯାଏ, ତେବେ ପର୍ସନାଲ୍ ନମ୍ବରରେ କଥା ହୁଅନ୍ତୁ। କାରଣ ବ୍ୟକ୍ତିଗତ କାର୍ଯ୍ୟ ଲାଗି ଗ୍ରୁପ୍ ବ୍ୟବହାର କରିବା ଦ୍ୱାରା ଅନ୍ୟ ମେମ୍ବରମାନେ ମଧ୍ୟ ଡିଷ୍ଟର୍ବ ହୋଇପାରନ୍ତି। ବିଶେଷକରି ଗ୍ରୁପ୍‌ରେ ଚାଟ୍ କରି କାହା ସହ ଝଗଡ଼ା କରିବା କିମ୍ବା କାହା ବିଷୟରେ ଏଣୁତେଣୁ ଲେଖି ସମସ୍ତଙ୍କ ଆଗରେ ପରିହାସ କରିବା ଦ୍ୱାରା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଆଞ୍ଚ ଆସିପାରେ, ସେଥିପ୍ରତି ଯତ୍ନଶୀଳ ରୁହନ୍ତୁ।

### ଏମାନେ କଣ କୁହନ୍ତି



**ଟିଟିଲି ପାତ୍ର (ପୁରୀ)–** ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ୍ ରହିଥାଏ। ହ୍ୱାଟ୍ସଆପ୍‌ରେ ବହୁତ ଗ୍ରୁପ୍‌ରେ ମେମ୍ବର ସହ କେତେକରେ ଆଡମିନ୍ ଅଛି। ଗ୍ରୁପ୍‌ରେ କେବେ ବ୍ୟକ୍ତିଗତ କଥା ଶେୟାର କରି ନଥାଏ କିମ୍ବା କାହାର ପ୍ରାଇଭେଟ୍ କଥାକୁ ଗସିପ୍ ପାଇଁ ବ୍ୟବହାର କରେ ନାହିଁ। କାହା ବିରୋଧରେ ମିଛ ଗୁଜବ କିମ୍ବା ଅପପ୍ରଚାର ନ କରିବା ପାଇଁ ପରାମର୍ଶ ଦେଇଥାଏ।



**ଶିବୁନ୍ କୁମାର ଭୂତିଆ(ଯାଜପୁର)–** ସୋସିଆଲ ମିଡିଆ ଅଧିକାଂଶ ଲୋକଙ୍କ ପାଇଁ ଆବଶ୍ୟକତା ପାଲଟିଗଲାଣି। କିଏ କେଉଁଠି କ’ଣ କରୁଛି, ସେମାନେ ଘରେ ବସି ମଧ୍ୟ ଜାଣି ପାରୁଛନ୍ତି। ଅନେକେ ଏଥିରେ ଦୀର୍ଘ ସମୟ ବିତେଉଛନ୍ତି। ସେହି ଘଣ୍ଟା ଘଣ୍ଟା ସମୟ ଅଯଥା ଖର୍ଚ୍ଚ ନ କରି ମୁଁ ସମସ୍ତଙ୍କୁ କୌଣସି ନ୍ୟୁଜ୍ ଉପରେ ଆଲୋଚନା କରିବାକୁ କହିଥାଏ। ସେହି ସମୟରେ ଧ୍ୟାନ ରଖେ କେହି ବି ହେଟ୍ ସ୍ପିଚ୍ ନ କୁହନ୍ତୁ କିମ୍ବା ଶେୟାର ନ କରନ୍ତୁ। କୌଣସି ଅଶାଳୀନ ମନ୍ତବ୍ୟ କିମ୍ବା ଅଶ୍ଳୀଳ ଭିଡିଓ, ଫଟୋ ଗ୍ରୁପ୍‌ରେ ଶେୟାର୍ ନ ହଉ। ଆମେ ଗ୍ରୁପ୍‌ରେ ପରସ୍ପରକୁ ନିଜ କାର୍ଯ୍ୟ କ୍ଷେତ୍ରରେ ଆହୁରି ଭଲ କରିବା ପାଇଁ ଉତ୍ସାହିତ ମଧ୍ୟ କରିଥାଉ।





## ଏ ସପ୍ତାହର ପ୍ରଶ୍ନ

୧– ଫାଦର ଅଫ୍ ଗ୍ରୀନ୍ ରିଭୋଲ୍ୟୁଶନ୍ .......... ଙ୍କୁ କୁହାଯାଏ ?
୨– ମ୍ୟାଗ୍ନିଫେରା ଇଣ୍ଡିକା .......... ର ବୈଜ୍ଞାନିକ ନାମ ?
୩– ଓଡ଼ିଶା ଇତିହାସ ପୁସ୍ତକ ................ ଲେଖିଛନ୍ତି ?
୪– ପୃଥିବୀର ସବୁଠୁ ବଡ଼ ମାଛ .............. ?
୫– ................. ନଦୀକୁ ଫାଦର ଅଫ୍ ଆଫ୍ରିକାନ୍ ରିଭର ବୋଲି କୁହାଯାଏ ?

## ଗତ ଥରର ଉତ୍ତର

୧ ସେପ୍ଟେମ୍ବର
୨ ସେପ୍ଟେମ୍ବର ୧୬ ତାରିଖ
୩ ଦିଲ୍ଲୀ
୪ ପର୍ତ୍ତୁଗାଲ
୫ ଟାଇମ୍ ଟ୍ରାଭେଲ୍ ଟନେଲ୍

## ଉତ୍ତରଦାତା

➤ସୁରଭି ସୂତାର, କେନ୍ଦ୍ରାପଡା, ➤ଦିଲୀପ କୁମାର ଖଣ୍ଡୁଆଳ, ନୟାଗଡ଼
➤ଗୋଦାବରୀଶ ବିଶ୍ୱାଳ, କେନ୍ଦୁଝର, ➤ନିର୍ମଳା ତ୍ରିପାଠୀ, ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦
# ସବୁଠୁ ଥଣ୍ଡା ହୋଟେଲ୍



୧– ଜିରାଫ୍ ମ୍ୟାନର.......... ନାଇରୋବି, କେନିଆ
୨– କନ୍‌ରାଡ୍ ହିଲ୍‌ଟନ୍.......... ରଙ୍ଗିଲା, ମାଳଦ୍ୱୀପ
୩– ଅନନ୍ତରା ଗୋଲ୍‌ଡେନ ଟ୍ରାଇଏଙ୍ଗେଲ୍.......... ସୋପ୍ ରୁକ୍, ଥାଇଲାଣ୍ଡ
୪– ଆଶ୍‌ଫୋର୍ଡ୍ କ୍ୟାଷ୍ଟଲ୍.......... ଆୟର୍ଲାଣ୍ଡ
୫– ଧାରା ଦେବ୍‌ଜୀ ରିସୋର୍ଟ.......... ଚିଆଙ୍ଗ୍ ମାଇ, ଥାଇଲାଣ୍ଡ
୬– କେବେକ୍ କେଭ୍ ହୋଟେଲ୍.......... ଗୋରେମେ, ତୁର୍କୀ
୭– ଲଣ୍ଡଲୋଜି ଟ୍ରି କ୍ୟାମ୍ପ୍.......... ସାଉଥ୍ ଆଫ୍ରିକା
୮– ଡି ଗ୍ଲାସ୍ ଆଇସ୍ ହୋଟେଲ୍.......... କାନାଡ଼ା
୯– ଜାଡେ ମାଉଣ୍ଟେନ୍ ରିସୋର୍ଟ.......... ସେଣ୍ଟ ଲୁସିଆ
୧୦– ଙ୍ଗୋରୋଙ୍ଗୋରୋ କ୍ରାଟର ଲଜ୍.......... ତାଞ୍ଜାନିଆ

### ୟୁଥ୍ ଆଲର୍ଟ
# ହେୟାର ବୋଟୋକ୍ସ ଟ୍ରିଟ୍‌ମେଣ୍ଟ

ବର୍ତ୍ତମାନ ଅଧିକାଂଶ ବିଶେଷକରି ଯୁବପିଢ଼ି ନିଜକୁ ସୁନ୍ଦର କରିବା ଲାଗି ବୋଟୋକ୍ସ ଟ୍ରିଟ୍‌ମେଣ୍ଟ କରାଉଥିବା ଦେଖିବାକୁ ମିଳୁଛି, ଯେଉଁଥିରୁ ବାଦ୍ ପଡ଼ିନି କେଶ। ତେବେ ଚନ୍ଦାପଣ, କେଶ ଝଡ଼ିବା ଅବା ପାଚିବା ସମସ୍ୟାରୁ ମୁକ୍ତି ପାଇବା ଲାଗି ଆପଣବି ହେୟାର୍ ବୋଟୋକ୍ସ କରାଉଥିଲେ କେତୋଟି କଥା ଜାଣିରଖନ୍ତୁ....



■ ହେୟାର ବୋଟୋକ୍ସ ଏବଂ ଡିପ୍ କଣ୍ଡିସନିଂ ଟ୍ରିଟମେଣ୍ଟ, ଯଦ୍ୱାରା କେଶ ହେଲ୍‌ଦି ରହିବା ସହ ସାଇନିଂ କରିଥାଏ। ଏହି ଟ୍ରିଟ୍‌ମେଣ୍ଟ ଦ୍ୱାରା ଡ୍ୟାମେଜ୍ କେଶ ରିପେୟାର ହେବା ସହ କିଛି ମାତ୍ରାରେ ଷ୍ଟ୍ରେଟ୍ ମଧ୍ୟ ହୋଇଯାଏ।

■ ଏହି ଟ୍ରିଟ୍‌ମେଣ୍ଟରେ ପ୍ରୋଟିନ୍, ବଣ୍ଟ–ଏଲ୍ ପେପ୍ଟାଇଡ୍, ଆମିନୋ ଏସିଡ୍, ଭିଟାମିନ୍ ବି୫, ଇ, କୋଲାଜେନ୍ କମ୍ପାଉଣ୍ଡସ୍, ଲିପିଡ୍ସ ଆଦିକୁ ବ୍ୟବହାର କରି କେଶରେ ଲଗାଯାଇଥାଏ।

■ ଏହା ଏକ ସେମି–ପର୍ମାନେଟ୍ ଟ୍ରିଟ୍‌ମେଣ୍ଟ ଅର୍ଥାତ୍ ଏହାକୁ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ କରାଇଲେ ବେଷ୍ଟ ରେଜଲ୍ଟ ମିଳିଥାଏ। ଏହି ଟ୍ରିଟ୍‌ମେଣ୍ଟ କରାଯିବାର ୨ରୁ ୪ମାସ ପର୍ଯ୍ୟନ୍ତ କେଶ ସାଇନିଂ କରିଥାଏ।

■ କେଶ ରୁକ୍ଷ ଦେଖାଯାଉଥିଲେ, ଅଗ ଫାଟୁଥିଲେ(ସ୍ପ୍ଲିଟ୍ ଏଣ୍ଡ) କିମ୍ବା ପ୍ରଦୂଷଣ ଯୋଗୁ ଝଡ଼ୁଥିଲେ ହେୟାର ବୋଟୋକ୍ସ ଆପଣଙ୍କ ପାଇଁ ଲାଭପ୍ରଦ ହୋଇପାରେ। ତେବେ ଏହି ଟ୍ରିଟ୍‌ମେଣ୍ଟ ପରେ ସଲ୍‌ଫେଟ୍ ଓ ସିଲିକନ୍‌ଯୁକ୍ତ ଶାମ୍ପୁ ବ୍ୟବହାର କରନ୍ତୁ। ଡ୍ରାଏନେସ୍ ଦୂରେଇବା ପାଇଁ ସପ୍ତାହକୁ ଥରେ ଡିପ୍ କଣ୍ଡିସନିଂ ହେୟାର ମାସ୍କ ଲଗାଇବାକୁ ଭୁଲନ୍ତୁ ନାହିଁ।

■ ବାହାରକୁ ଯିବା ପୂର୍ବରୁ ସ୍କାର୍ଫ ବ୍ୟବହାର କରନ୍ତୁ। ବୋଟୋକ୍ସ ଟ୍ରିଟ୍‌ମେଣ୍ଟ କରାଇଥିଲେ ହେୟାର ଷ୍ଟାଇଲିଂ ପାଇଁ ହିଟ୍ ଟ୍ରିଟ୍‌ମେଣ୍ଟ କରନ୍ତୁ ନାହିଁ।

■ ଯେହେତୁ ଏହା କେମିକାଲ୍‌ଯୁକ୍ତ ଟ୍ରିଟ୍‌ମେଣ୍ଟ, ତେଣୁ ବେଳେବେଳେ ଟ୍ରିଟ୍‌ମେଣ୍ଟ ଚାଲିଥିବା ସମୟରେ ସ୍କାଲପ୍ କୁଣ୍ଡାଇ ହୋଇଥାଏ କିମ୍ବା ଆଲର୍ଜି ହୋଇ ଫଳିଯିବାର ମଧ୍ୟ ଆଶଙ୍କା ଥାଏ। ତେଣୁ ଟ୍ରିଟ୍‌ମେଣ୍ଟ ବେଳେ ଏହି କେମିକାଲ୍ ଯେପରି ଆପଣଙ୍କ ଦେହରେ ନ ଲାଗେ, ସେଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

### ଜାଣନ୍ତୁ ଦୁନିଆ

କଲିକତା ସହରରେ ଥିବା ହାୱଡା ବ୍ରିଜ୍‌ର ନିଆରା ନିର୍ମାଣ ଶୈଳୀ ଏହାକୁ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱର ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...



# ହାୱଡା ବ୍ରିଜ୍

❖୭୦୫ ମିଟର ଲମ୍ବ ବିଶିଷ୍ଟ ହାୱଡା ବ୍ରିଜ୍‌କୁ ନିର୍ମାଣ କରିବା ଲାଗି ୨୬,୫୦୦ ଟନ୍ ଷ୍ଟିଲ୍ ବ୍ୟବହାର କରାଯାଇଛି। ହେଲେ ଏହି ବ୍ରିଜ୍‌ର ବିଶେଷତ୍ୱ ହେଉଛି ଏଥିରେ ଭାରସାମ୍ୟ ରକ୍ଷା କରିବା ଲାଗି କୌଣସି ଖୁଣ୍ଟ ନିର୍ମାଣ କରାଯାଇନାହିଁ କିମ୍ବା ନଟ୍, ବୋଲ୍ଟ ମଧ୍ୟ ବ୍ୟବହାର ହୋଇ ନାହିଁ।

❖ରେଣ୍ଡେଲ୍, ପାଲ୍‌ମର୍ ଏବଂ ଟ୍ରିଟନ୍ ଏହି ବ୍ରିଜ୍‌ର ଡିଜାଇନ୍ କରିଥିବା ବେଳେ କ୍ଲେଭ୍‌ଲାଣ୍ଡ ବ୍ରିଜ୍ ଆଣ୍ଡ ଇଞ୍ଜିନିୟରିଂ କମ୍ପାନୀ ଏହାର ନିର୍ମାଣ କାର୍ଯ୍ୟ କରିଥିଲା।

❖ଏହାର ନିର୍ମାଣ କାର୍ଯ୍ୟ ୧୯୩୬ ମସିହାରେ ଆରମ୍ଭ ହୋଇ ୧୯୪୨ରେ ଶେଷ ହୋଇଥିଲା ଏବଂ ୧୯୪୩, ଫେବୃୟାରୀ ୩ ତାରିଖରେ ଉଦ୍‌ଘାଟନ ହୋଇଥିଲା।

❖ଯଦିଓ ୧୯୬୫, ଜୁନ୍ ୧୪ରେ ଏହାର ନାମ ପରିବର୍ତ୍ତନ କରି ରବୀନ୍ଦ୍ର ସେତୁ ରଖାଯାଇଥିଲା ହେଲେ ଏହା ହାୱଡା ବ୍ରିଜ୍ ନାମରେ ହିଁ ଜଣାଶୁଣା।

❖ଏଥିରେ ଖୁବ୍ ସୁନ୍ଦର ଲାଇଟ୍ ଡେକୋରେଶନ୍ କରାଯାଇଛି। ତେଣୁ କେବଳ ଦିନ ନୁହେଁ ରାତିରେ ଏହାର ଦୃଶ୍ୟ ଖୁବ୍ ଦୃଷ୍ଟି ଆକର୍ଷକ ହୋଇଥିବାରୁ କେବଳ ବଙ୍ଗାଳୀ ନୁହେଁ ଅନେକ ଭାଷାଭାଷୀର ଚଳଚ୍ଚିତ୍ର ଶୁଟିଂ ଏହା ଉପରେ ଶୁଟିଂ କରାଯାଇଛି।

❖ଏହି ବ୍ରିଜ୍ ଉପରେ ଦୈନିକ ପ୍ରାୟ ୧ ଲକ୍ଷ ଯାନବାହନ ଚଳାଚଳ କରୁଥିବା ବେଳେ ପ୍ରାୟ ଦେଢ଼ ଲକ୍ଷ ପଦଚାରୀ ଯାତାୟାତ କରିଥା’ନ୍ତି। ଏଣୁ ଏହାକୁ ପୃଥିବୀର ସର୍ବାଧିକ ଗହଳି ବ୍ରିଜ୍‌ମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଥାଏ।

❖କଲିକତା ପୋର୍ଟ ଟ୍ରଷ୍ଟ ପକ୍ଷରୁ ଏହି ବ୍ରିଜ୍‌ରୁ ପକ୍ଷୀମଳ ଏବଂ ଅନ୍ୟାନ୍ୟ ଆବର୍ଜନା ସଫା କରିବା ଲାଗି ବାର୍ଷିକ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥାଏ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୫ ସେପ୍ଟେମ୍ବର, ୨୦୨୨



# ବିଦେଶୀ ପକ୍ଷୀଙ୍କ ସୁରକ୍ଷାରେ ଗ୍ରାମବାସୀ

ସମ୍ବଲପୁର,୨୪।୯(ବ୍ୟୁରୋ)

ପର୍ଯ୍ୟଟନ ଋତୁ ସମୟରେ ସମ୍ବଲପୁର ହୀରାକୁଦ ଜଳଭଣ୍ଡାରକୁ ସ୍ଥାନୀୟ ପକ୍ଷୀଙ୍କ ସହ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ଏହି ପକ୍ଷୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଅନେକ ସମୟରେ ଶିକାର ଓ ବିଭିନ୍ନ କାରଣରୁ ବିଦେଶୀ ପକ୍ଷୀଙ୍କ ମୃତ୍ୟୁ ଘଟିଥାଏ। ଏହି ପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଗ୍ରାମବାସୀ ଆଗେଇ ଆସିଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଉଦ୍ୟମରେ ତିନୋଟି ଗ୍ରାମକୁ ସାମିଲ କରାଯାଇଛି। ବରଗଡ଼ ଜିଲାର ଗୋବିନ୍ଦପୁର, ରାମଖୋଲ ଓ ତାମଦେଇ ଗ୍ରାମବାସୀ ସଙ୍କଳ୍ପ କରି ନିଜ ଗ୍ରାମକୁ ପକ୍ଷୀ ଗ୍ରାମ ଭାବେ ଘୋଷଣା କରିଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ନେଇ ବନବିଭାଗର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ କହିଛନ୍ତି, ଲୋକମାନଙ୍କ ସହିତ ମିଶି ବିଦେଶୀ ପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ଯୋଜନା କରାଯାଇଛି। ପ୍ରତି ଘରେ ଚଢ଼େଇର ଚିତ୍ର ରହିବ। ଏହା ଦ୍ୱାରା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବିଷୟରେ ସେମାନେ ଜାଣି ପାରିବେ। ବିଦେଶୀ ପକ୍ଷୀଙ୍କୁ ସହଜରେ ଚିହ୍ନଟ କରି ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷିତ ରଖିବେ। ଚିଲିକା ଓ ଭିତରକନିକା ପରେ ଏବେ ହୀରାକୁଦ ନଦୀବନ୍ଧ ଅଞ୍ଚଳକୁ ରାମସାର ସାଇଟ୍ ଭାବେ ଘୋଷଣା କରାଯାଇଛି। ଏହା ୭୪୩ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ। ହୀରାକୁଦକୁ ପ୍ରତିବର୍ଷ ଦେଶବିଦେଶରୁ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀ ଆସନ୍ତି। ଗତବର୍ଷ ୨ଲକ୍ଷରୁ ଉର୍ଦ୍ଧ୍ୱ ୧୦୦ରୁ ଅଧିକ ପ୍ରଜାତିର ପକ୍ଷୀଙ୍କ ଆଗମନ



ପକ୍ଷୀଗ୍ରାମରେ ଗ୍ରାମବାସୀଙ୍କ ସହ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ।

### ପଶ୍ଚିମ ଓଡ଼ିଶାରେ ପ୍ରଥମ ରାମସାର ସାଇଟ୍

ହୋଇଥିଲା। ହୀରାକୁଦ ଜଳଭଣ୍ଡାର ଉପରେ ଏହି ଗ୍ରାମବାସୀଙ୍କ ଜୀବନ ଜୀବିକା ନିର୍ଭର କରିଥାଏ। ସେମାନେ ନିଜର ଜୀବିକା ସହ ପକ୍ଷୀର ସୁରକ୍ଷା ସହଜରେ କରିପାରିବେ। ବିଦେଶୀ ପକ୍ଷୀ ପ୍ରାୟ ୬ମାସ ଧରି ବସବାସ କରନ୍ତି, ଯାହା ପର୍ଯ୍ୟଟକଙ୍କୁ ଆମୋଦ ଦେଇଥାଏ। ବଣଭୋଜି କରିବା ପାଇଁ ସ୍ଥାନୀୟ ଓ ରାଜ୍ୟର ବିଭିନ୍ନ ଜିଲାରୁ ପର୍ଯ୍ୟଟକ ଆସନ୍ତି। ଏହଛଡା ଏହି ଅଞ୍ଚଳକୁ ପଲିଥିନମୁକ୍ତ ଭାବେ ଘୋଷଣା କରାଯାଇଛି। ପର୍ଯ୍ୟଟକଙ୍କୁ ପଲିଥିନ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି। ଏଥିପାଇଁ ସ୍ୱେଚ୍ଛାସେବୀଙ୍କ ସହଯୋଗ ନିଆଯାଉଛି। ଏହାଦ୍ୱାରା ପର୍ଯ୍ୟଟନ ସ୍ଥଳର ବିକାଶ ହେବା ସହ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ବନବିଭାଗ ଆଶା ପ୍ରକଟ କରିଛି।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଉଦ୍ଧାର, ୩ ଗିରଫ

ଝାରସୁଗୁଡା ଅଫିସ,୨୪।୯: ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି ଅଭିଯୋଗରେ ପୋଲିସ୍ ୩ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ବାବୁଚକୁଲି ଗ୍ରାମର ଘନଶ୍ୟାମ ମେହେର (୨୬), ଦେବାନନ୍ଦ ଓରାମ (୨୯) ଓ ଶ୍ୟାମଡିଆର୍‌ଆଇ ଆଲିଆପଡାର ଉପେଶ ଓରାମ (୩୮)। ଏମାନଙ୍କ ନିକଟରୁ ପୋଲିସ୍ ୫ଗୋଟି ଲୁହା ବିଦ୍ୟୁତ୍ ଖୁଣ୍ଟ, ଗ୍ୟାସ୍ କଟର ଓ ଓଡି୧୫ପି-୯୫୦୭ନଂ. ବୋଲେରୋ ଗାଡି ଜବତ କରିଛି। ଗତ ୨୨ତାରିଖ ରାତିରେ ଅଭିଯୁକ୍ତମାନେ ଗ୍ୟାସ୍ କଟର ସାହାଯ୍ୟରେ କୁମ୍ଭାରବନ୍ଧ ଫାଣ୍ଡି ଅଞ୍ଚଳରୁ ଲୁହା ବିଦ୍ୟୁତ ଖୁଣ୍ଟ କାଟିନେଇଥିଲେ। ଏନେଇ ଏଲ୍‌ଆଣ୍ଡଟି କମ୍ପାନୀ ସୁପରଭାଇଜର ସନ୍ତୋଷ ଭୋଇ କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ବନହରାପାଲି ଥାନା ପୋଲିସ୍ ଏକ ମାମଲା (ନଂ୨୧୩/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଆଇଆଇସି ଆନ୍ନା ମିଞ୍ଜ ଓ କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ଗାର୍ନିଶ କଲେତ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଚଢାଉକରି ଅଭିଯୁକ୍ତମାନଙ୍କୁ ଧରିଥିଲେ।

### ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ କାର୍ଯ୍ୟକ୍ରମ ପ୍ରସ୍ତୁତି

ଝାରସୁଗୁଡ଼ା ଅଫିସ,୨୪।୯: ଝାରସୁଗୁଡା ଜିଲା କଂଗ୍ରେସ ତରଫରୁ ଜିଲା କାର୍ଯ୍ୟାଳୟରେ ରାହୁଲ ଗାନ୍ଧୀଙ୍କ ଭରତ ଯୋଡୋ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜିଲା ସଭାପତି ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଭାରୀ ଦାୟିତ୍ୱରେ ଥିବା ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପିସିସି ସମ୍ପାଦକ ମହେନ୍ଦ୍ର ନାଏକ, ଜିଲା ଓବିସି ସେଲ୍ ସଭାପତି ସୁବ୍ରତ ପ୍ରଧାନ, ସିଆରାମ ଦାସ, ବାବଲୁ ତ୍ରିପାଠୀ, ବ୍ରଜରାଜନଗର ସହର କଂଗ୍ରେସ ସଭାପତି ପ୍ରଫୁଲ୍ଲ ପଣ୍ଡା, ଲଇକେରା ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଭୋଇ, ଝାରସୁଗୁଡ଼ା ବ୍ଲକ ସଭାପତି ଅର୍ଜୁନ ନାଏକ, ଲଖନପୁର ବ୍ଲକ ସଭାପତି ଲିଙ୍ଗରାଜ ବଢେଇ, ଛାତ୍ର କଂଗ୍ରେସ ଜିଲା ସଭାପତି ରାହୁଲ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବିଭିନ୍ନ ପରିଚାଳନା କମିଟି ଗଠନ ହୋଇଛି। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଭାବେ ପ୍ରମୋଦ କୁମାର ପଣ୍ଡାଙ୍କୁ ପିସିସି ଦେଇଥିବା ନିଯୁକ୍ତିକୁ ସ୍ୱାଗତ କରାଯାଇଛି। ଆସନ୍ତା ଅକ୍ଟୋବର ୧୨ରେ ନିରୀକ୍ଷଣ କରିବା ପାଇଁ ପିସିସିର ଏକ ଟିମ୍ ଝାରସୁଗୁଡ଼ା ଆସିବ ବୋଲି ସୂଚନା ଦିଆଯାଇଛି।

### ଗାୟତ୍ରୀ କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ

ସମ୍ବଲପୁର,୨୪।୯(ବ୍ୟୁରୋ): ସମ୍ବଲପୁର ଜମାଦାରପାଲିସ୍ଥିତ ଗାୟତ୍ରୀ କଲେଜ ଅଫ ଫାର୍ମାସୀ ପରିସରରେ ଶନିବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ଶିବ ନାରାୟଣ ଶତପଥି ମା' ଗାୟତ୍ରୀଙ୍କ ପ୍ରତିକୃତିରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥି, ଅଧକ୍ଷ ପ୍ରଫେସର ସୂର୍ଯ୍ୟ ନାରାୟଣ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଅତିଶ କୁମାର ଶତପଥି ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସହଯୋଗୀ ଅଧାପକ ବିଶ୍ୱ ମୋହନ ରାଏ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ବି. ଫାର୍ମ ଶେଷବର୍ଷ ଛାତ୍ରୀ ସ୍ୱସ୍ତିକା ଦାଶଙ୍କ ରଚିତ ସମ୍ବଲପୁରୀ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଫେସର ସୌମ୍ୟଜିତ ବଡ଼ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଲାନି ଗ୍ରୀଡ୍

ସମ୍ବଲପୁର,୨୪।୯(ବ୍ୟୁରୋ)

୫ବର୍ଷ ବିତିଯାଇଥିଲେ ମଧ ସମ୍ବଲପୁର ମହାନଗର ନିଗମ ରାଶନପୁର ଗ୍ରୀଡ୍ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଏଥିରେ ନିଯୁକ୍ତ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଓ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ବିଳମ୍ବ ହୋଇଛି। କାମ ଆରମ୍ଭରୁ ହିଁ ବିଭ୍ରାଟ ହୋଇଥିଲା। ପ୍ରଥମେ ତାଲପାଲିସ୍ଥିତ ୩୩କେଭିରୁ ଏହି ଗ୍ରୀଡ୍‌କୁ ବିଦ୍ୟୁତ୍ ସଂଯୋଗ ଦେବାରେ ବିଳମ୍ବ ହୋଇଥିଲା। ଏବେ ଗ୍ରୀଡ୍‌ରୁ ବିଭିନ୍ନ ଫିଡରକୁ ସଂଯୋଗ ଦିଆଯାଇ ପାରୁନାହିଁ। ଫିଡର କାମ ଠିକା ସଂସ୍ଥା ଅସମ୍ପୂର୍ଣ୍ଣ କରି ଛାଡ଼ିଦେଇଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ପୋତାଯାଇନାହିଁ କି ତାର ଟଣାଯାଇନାହିଁ। ଏ ନେଇ ବିଦ୍ୟୁତ୍ ବିଭାଗ ପାଖରେ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହି ଗ୍ରୀଡ୍ ଉପରେ ସମ୍ବଲପୁର ମହାନଗର ନିଗମ ୪୦ନଂ. ୱାର୍ଡର ପ୍ରାୟ ୨୦ଖଣ୍ଡ ଗ୍ରାମ ସହ ଝାଙ୍କରପାଲି ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିବେ। କାର୍ଯ୍ୟକ୍ଷମ ନ ହେବାରୁ ଏବେ ଏହି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଛି। ସାମାନ୍ୟ ବର୍ଷା ଓ ପବନ ହେଲେ ବିଦ୍ୟୁତ୍ କାଟିଦିଆଯାଉଛି। ଲୋଭୋଲଟେଜ ସମସ୍ୟା ଦୂର ହୋଇପାରୁନାହିଁ। ଏବେ ଏହି ଅଞ୍ଚଳ ଗଣେଶନଗର ଓ ପୁଟିବନ୍ଧ ଗ୍ରୀଡ୍ ଉପରେ ନିର୍ଭର କରୁଛି। ତେଣୁ ଏହି ଗ୍ରୀଡ ଗୁଡ଼ିକରେ ସାମାନ୍ୟ ସମସ୍ୟା ହେଲେ ଏହି ଅଞ୍ଚଳବାସୀଙ୍କ ବିଦ୍ୟୁତ୍ ସରବରାହ କାଟି ଦିଆଯାଉଛି। ଟାଟା ପାୱାର ଓ ଓପିଟିସିଏଲ୍ ଅଧିକାରୀଙ୍କୁ ଅଭିଯୋଗ କଲେ ସେମାନେ ଦୋଷ ଲଦାଲଦି କରି ସମୟ ଗଡ଼ାଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଏସ୍‌ଡିଓ କୈଳାସ ବଳ କହିଛନ୍ତି ଯେ, କାର୍ଯ୍ୟରତ ଠିକାଦାରଙ୍କୁ ଆମ ବିଭାଗ ପକ୍ଷରୁ ବାରମ୍ବାର ନୋଟିସ କରାଯାଉଛି। ଉଚ୍ଚସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ରାଶନପୁରଠାରେ ଅଧାପନ୍ତରିଆ ଗ୍ରୀଡ୍।

# ଜମି ଅଧିଗ୍ରହଣକୁ ପୁଣି ଗ୍ରାମବାସୀଙ୍କ ବିରୋଧ

ଝାରସୁଗୁଡ଼ା ଅଫିସ,୨୪।୯

ଝାରସୁଗୁଡା ସରବାହାଲସ୍ଥିତ ଚୌକିପଡା ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ୬୧ପରିବାର ବିସ୍ଥାପିତ ହେବେ। ଏମାନଙ୍କୁ ପ୍ରଶାସନ ପୌରାଞ୍ଚଳର ୯ନଂ ୱାର୍ଡ କାପୁମାଲ ନିକଟରେ ଥଇଥାନ କରିବା ପାଇଁ ପ୍ରୟାସ ଚଳାଇଛି। ଏହାକୁ କାପୁମାଲ ଓ ଫଟାମାଲ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଗତ ଗୁରୁବାର ଜିଲା ପ୍ରଶାସନ କାପୁମାଲ ଗ୍ରାମରେ ପହଞ୍ଚିଥିବାବେଳେ ଶତାଧିକ ମହିଳାପୁରୁଷ ଏହାକୁ ବିରୋଧ କରିଥିଲେ। ଫଳରେ ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଉତ୍ତେଜନା ଦେଖାଦେଇଥିଲା। ଉପଜିଲାପାଳ ଦୟାମୟ ପାଢୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଶୁକ୍ରବାର ଏକ ଦ୍ୱିପାକ୍ଷିକ ବୈଠକ ରଖିଥିଲେ। ଏହି ବୈଠକକୁ ଗ୍ରାମବାସୀ ନ ଆସି ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଅବଗତ କରିଥିଲେ। ଏହାର ବିଚାର କରାଯିବ ବୋଲି ମନ୍ତ୍ରୀ ଦାସ ଗ୍ରାମବାସୀଙ୍କୁ କହିଥିଲେ। ଏହାର କୌଣସି ବିଚାର କରା ନ ଯାଇ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ପୁଣି ପୌର କର୍ତ୍ତୃପକ୍ଷ ସଶସ୍ତ୍ର ପୋଲିସ୍ ଫୋର୍ସନେଇ ଜମି ଅଧିଗ୍ରହଣ ପାଇଁ ଗ୍ରାମରେ ପହଞ୍ଚିଥିଲେ। ଉଭୟ ଗ୍ରାମର ଶତାଧିକ ମହିଳାପୁରୁଷ ଘଟଣାସ୍ଥଳରେ ପହଞ୍ଚି ପୂର୍ବଭଳି ବିରୋଧ କରିଥିଲେ । ଫଳରେ ପୌର କର୍ତ୍ତୃପକ୍ଷ ଫେରିଆସିଥିବା ଜଣାପଡିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ତାଣ୍ଡି କହିଛନ୍ତି, ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନିଆଯାଇ ଆସନ୍ତା ମଙ୍ଗଳବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ମନ୍ତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ରହିବେ ବୋଲି ସେ କହିଛନ୍ତି।



ଗ୍ରାମର ମହିଳାମାନେ ବିରୋଧ କରୁଛନ୍ତି।

# ସୁବର୍ଣ୍ଣପୁର ନର୍ସିଂ ସ୍କୁଲ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହବନ୍ଧନ

ସମ୍ବଲପୁର,୨୪।୯(ବ୍ୟୁରୋ)

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀରର ଉନ୍ନୟନ ପରିଷଦ ନିର୍ଦ୍ଦେଶକ (ସିଡିସି) ବିଘ୍ନେଶ ପ୍ରସାଦ ମିଶ୍ର, ଆସୋସିଏଟ ପ୍ରଫେସର ବିଶ୍ୱଜିତ ବେହେରା, ସ୍ନିଗ୍ଧା ମିନତି ଦାନି, ଅକ୍ଷୟ କୁମାର ସେଠୀ ସୁବର୍ଣ୍ଣପୁର ନର୍ସିଂ ସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲର ସହଅଧକ୍ଷା ସୁଲୋଚନା ଦାସ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ପ୍ରତିନିଧିଦଳ ପାଠାଗାର, ଶ୍ରେଣୀଗୃହ, ପରୀକ୍ଷାଗାର, ଛାତ୍ରୀନିବାସ, କମ୍ପ୍ୟୁଟର ଗୃହ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସ୍କୁଲର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲର ଚେୟାରମ୍ୟାନ ରଘୁନନ୍ଦନ ନାଏକ, ପ୍ରଶାସନିକ ଅଧିକାରୀ ନିଲମ କୁମାର ନାଏକ, ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ନର୍ସିଂ ସ୍କୁଲ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ମଧ୍ୟରେ ଆଲୋଚନା।

# ଅନୁଷ୍ଠାନର ଉତ୍କର୍ଷରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର,୨୪।୯(ବ୍ୟୁରୋ)

ସମ୍ବଲପୁର ଆଇଆଇଏମ୍‌ର ୮ତମ ପ୍ରତିଷ୍ଠା ଦିବସ ଜ୍ୟୋତିବିହାରସ୍ଥିତ ଅସ୍ଥାୟୀ କ୍ୟାମ୍ପସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଆଇଏଏସ୍ ତରୁଣ କପୁର ମୁଖ୍ୟଅତିଥି ଓ ଏମ୍‌ସିଏଲ୍ ନିର୍ଦ୍ଦେଶକ କେଶବ ରାଓ, ଟିପିଡବ୍ଲ୍ୟୁଓଡିଏଲ୍‌ସିଇଓ ଗଜାନନ ସମ୍ପାଟ୍ରୋ କାଲେ, ଉତ୍କଳର ପ୍ରତିଷ୍ଠାତା ଚନ୍ଦ୍ର ବିକାଶ, ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଆଇଏଏସ୍ କପୁର ଆଇଆଇଏମ୍ ସମ୍ବଲପୁରର ଉତ୍କର୍ଷତା ହାସଲ କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏମ୍‌ସିଏଲ୍ ନିର୍ଦ୍ଦେଶକ ରାଓ ଅନୁଷ୍ଠାନ ଅଗ୍ରଗତି କରି ଜାତୀୟ ସ୍ତରରେ ମାନ୍ୟତା ପାଇବାରେ ସଫଳତା ହାସଲ କରିବା ଉପରେ ମତ ରଖିଥିଲେ। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ ପ୍ରତିଷ୍ଠା ଦିବସର ବିଷୟବସ୍ତୁ ଉପରେ କହିବାକୁ ଯାଇ ଭାରତୀୟ ସଂସ୍କୃତିର ମହାନତା ବର୍ଣ୍ଣନା କରିଥିଲେ। ଉତ୍କଳର ପ୍ରତିଷ୍ଠାତା ଚନ୍ଦ୍ର ବିକାଶ ଗ୍ରାମୀଣ ମାନବ ଶକ୍ତିର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ କାଲେ ସମସ୍ତଙ୍କୁ ଅଭିବାଦନ ଜଣାଇଥିଲେ। ଆଇଆଇଏମ୍‌ର ଡ. ଦୀପ୍ତିରଞ୍ଜନ ମହାପାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମବିଏ ୨୦୨୧ ବ୍ୟାଚ୍‌ର ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ୭ ଜଣଙ୍କୁ ୧ଲକ୍ଷ ଟଙ୍କାର ସ୍କଲାରଶିପ ଦିଆଯାଇଥିଲା।

### ଫିଫା ଫୁଟ୍‌ବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ଅଫିସ,୨୪।୯

ଜିଲା ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟାଙ୍କ ଅଧ୍ୟକ୍ଷତାରେ ଫିଫା ଫୁଟ୍‌ବଲ୍ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ତରରେ ୧୭ବର୍ଷର ବାଳିକା,ବାଳକ ବିଭାଗର ପ୍ରତିଯୋଗିତା କିଭଳି ପରିଚାଳନା କରାଯିବ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତ ୩୦ତାରିଖ ସୁଦ୍ଧା ବ୍ଲକସ୍ତରୀୟ ପ୍ରତିଯୋଗିତା ସମାପନ ପାଇଁ ନିର୍ଦ୍ଧାରିତ କରାଯାଇଛି। ଜିଲାସ୍ତରୀୟ ଫିଫା ଫୁଟ୍‌ବଲ ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ତୃତୀୟ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲାର ସମସ୍ତ ବ୍ଲକ୍ ସମ୍ପାଦକ ଯୋଗଦେଇଥିଲେ। ଏଥିମଧ୍ୟରେ ନିତ୍ୟାନନ୍ଦ ନାୟକ, ଶିବଲାଲ୍ କଉଡି, କୁବେର କୁମ୍ଭାର, ଲକ୍ଷ୍ମୀ ନାରାୟଣ ସରଫ, ଅବନୀ କୁମାର ତ୍ରିପାଠୀ, ଶାରୀରିକ ଶିକ୍ଷକ ବଂଶୀଧର ପଶାୟତ, ସୁଶାନ୍ତ ପଟେଲ, ପଙ୍କଜିନୀ ପଟେଲ, ନଳିନୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ ବାଳିକା ହାଇସ୍କୁଲ ଶାରୀରିକ ଶିକ୍ଷକ ରବି ନାରାୟଣ ପୂଜାରୀ ଧନ୍ୟବାଦ ଦେଇଥିଲେ।

### ତୃତୀୟ ପର୍ଯ୍ୟାୟରେ ହେବ ୪ ହାଇସ୍କୁଲ ରୂପାନ୍ତରଣ

ନାକଟିଦେଉଳ,୨୪।୯(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକରେ ମୋ ସରକାର ଯୋଜନାରେ ତୃତୀୟ ପର୍ଯ୍ୟାୟରେ ୪ ହାଇସ୍କୁଲ ୫-ଟିରେ ରୂପାନ୍ତରିତ ହେବ। ଶନିବାର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ଭିଡ଼ିଓ କନଫରେନ୍ସ ଜରିଆରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଡିଓ ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଯୋଗଦେଇଥିଲେ। ରୂପାନ୍ତରିତ ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷାଦାନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବିଡ଼ିଓ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ବ୍ଲକର ୮ ହାଇସ୍କୁଲ ୫-ଟିରେ ରୂପାନ୍ତରିତ ହୋଇସାରିଥିବା ବେଳେ ତୃତୀୟ ପର୍ଯ୍ୟାୟରେ ଆଉ ୪ଟି ଉଚ୍ଚବିଦ୍ୟାଳୟ ରୂପାନ୍ତରିତ ହେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେଗୁଡ଼ିକ ହେଲା ବଲମ ହାଇସ୍କୁଲ, ଘୋଷରାମାଳ ହାଇସ୍କୁଲ,ସାଲେଭଟା ହାଇସ୍କୁଲ ଓ କାଦୋବାହାଲ ପଞ୍ଚଖଣ୍ଡା ହାଇସ୍କୁଲ। ବୈଠକରେ ଏହିସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ କିଭଳି ସୁଚାରୁରୂପେ ସମ୍ପନ୍ନ ହେବ ସେ ଉପରେ ଆଲୋଚନା କରିଥିଲେ।

### କଣ୍ଟିଆଲିରେ ଚଣ୍ଡୀଯଜ୍ଞ

ପଡିଆବାହାଲ, ୨୪।୯(ଡି.ଏନ.ଏ.)

ଜମନକିରା ବ୍ଲକ କଣ୍ଟିଆଲି ଗ୍ରାମରେ ଗ୍ରାମବାସୀଙ୍କ ମଙ୍ଗଳ କାମନା କରି ଶନିବାର ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିଦ୍ୟାଭୂଷଣ ନାୟକଙ୍କ ଉଦ୍ୟମରେ ତଥା ପଣ୍ଡିତ ସୁଦୀପ୍ତ ନାୟକ ପୌରୋହିତ୍ୟରେ ବିଧିବିଧାନ ଅନୁଯାୟୀ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ବେହେରା, ଦିଲୀପ ସରାଫ, କାନ୍ଦର୍ପ ଖମାରି ଓ ଉଦୟ ବେହେରା ପ୍ରତ୍ୟେକେ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଡିଆବାହାଲ ଜୟଦୁର୍ଗା ପଣ୍ଡିତ ସଂଘର ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ।

# ସନ୍ ଗ୍ରୁପ୍‌ର ଡାଇଗ୍ନୋସିସ୍ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୨୪।୯(ବ୍ୟୁରୋ

ସନ୍ ଗ୍ରୁପ ପ୍ରାୟ ୪୦ବର୍ଷ ହେବ ରାଜ୍ୟର ବିଭିନ୍ନ ଜିଲାରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଆସୁଛି। ସମ୍ବଲପୁର ସହିତ ପଡ଼ୋଶୀ ଜିଲାବାସୀଙ୍କୁ ଏଭଳି ସେବା ଯୋଗାଇବା ଲକ୍ଷ୍ୟରେ ଶନିବାର ଫାର୍ମ ରୋଡ଼ରେ ନୂତନ ଡାଇଗ୍ନୋସିସ୍ କେନ୍ଦ୍ର ଲୋକାର୍ପିତ ହୋଇଥିବା ଏହାର ସିଏମ୍‌ଡି ଡା. ଦିପକ ମିତ୍ର କହିଥିଲେ। ସେ ଆହୁରି କହିଥିଲେ, ସନ୍ ଗ୍ରୁପ ଓଡ଼ିଶାର ବିଶ୍ୱାସଯୋଗ୍ୟ ମଲ୍ଟିସ୍ପେସାଲିଟି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଅନୁଷ୍ଠାନ। ସମ୍ବଲପୁରରେ ପ୍ରାୟ ୧୨ହଜାର ବର୍ଗଫୁଟ ପରିମିତ ଷ୍ଟେଟ ଅଫ ଦି ଆର୍ଟ ରୋଗ ନିଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ରରେ ୧.୫ ଟେସ୍‌ଲା ଏମ୍‌ଆର୍‌ଆଇ ସ୍କାନର, ୯୬ ସ୍ଲାଇସ ସିଟି ସ୍କାନର, ଡିଜିଟାଲ ଏକ୍ସ-ରେ, ମାମୋଗ୍ରାଫି, ୪ଡି ଅଲଟ୍ରାସାଉଣ୍ଡ, ଇସିଜି, ଇଇଜି, ପିଇଟି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ପାଥୋଲୋଜି, ମାଇକ୍ରୋ ବାୟୋଲଜି, ହିଷ୍ଟୋ ପାଥୋଲୋଜି, ଉନ୍ନତ ଦନ୍ତ ଚିକିତ୍ସା, ଫାର୍ମାସି ସେବା, ଇକୋ କାଡ୍ରିଓଗ୍ରାଫି ପରି ଅତ୍ୟାଧୁନିକ ସୁବିଧା ରହିଛି। ବୁର୍ଲା ଭିମ୍‌ସାର ଅଧକ୍ଷ ଡ. ଜୟଶ୍ରୀ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ଶୋଭାଗିନୀ ନାୟକ ସମ୍ମାନିତ ଅତିଥି ଥିଲେ। ସମ୍ବଲପୁର କେନ୍ଦ୍ର ମୁଖ୍ୟ ମହେନ୍ଦ୍ର କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଜେଡି ସଙ୍ଗଠନ ପରିବର୍ତ୍ତନ ହେବା ଚର୍ଚ୍ଚା

ସମ୍ବଲପୁର,୨୪।୯(ବ୍ୟୁରୋ)

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ବିଜେଡି ସମଗ୍ର ଜିଲାରେ ପଦଯାତ୍ରା କରିବାକୁ ସ୍ଥିର କରିଛି। ଏହା ପୂର୍ବରୁ ବିଜେଡି ଜିଲା ସଙ୍ଗଠନରେ ଶୀଘ୍ର ପରିବର୍ତ୍ତନ ହେବା ଚର୍ଚ୍ଚା ହେଉଛି। ଦଶହରା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ତାଲିକା ପ୍ରକାଶ ପାଇବା ନେଇ ଦଳୀୟ କର୍ମୀଙ୍କ ମହଲରେ ଆଲୋଚନା ହେଉଛି। ନିର୍ବାଚନକୁ ଆଖିଆଗରେ ରଖି ସଙ୍ଗଠନ କରାଯିବ। ସାଙ୍ଗଠନିକ ଦକ୍ଷତାର ଅଭିଜ୍ଞତା ତଥା ବ୍ୟକ୍ତିତ୍ୱର ସ୍ୱଚ୍ଛତାକୁ ମାପକାଠି କରାଯିବ ବୋଲି ନେତାମାନେ କହୁଛନ୍ତି। ଜିଲା ସଭାପତି ଓ ସମ୍ପାଦକ ଏବଂ ବ୍ଲକ ସଭାପତି ଓ ଅନ୍ୟାନ୍ୟ ପଦ ପାଇଁ ଅନେକ ଦଳୀୟ କର୍ମୀ ଓ ନେତା ଆଶାୟୀ ରହିଛନ୍ତି।

ବିଶେଷକରି ଜିଲା ସଭାପତି ପାଇଁ ଆଶାୟୀଙ୍କ ବାବଦରେ ଆଲୋଚନା ହେଉଛି। ବର୍ତ୍ତମାନ ସଭାପତି ଥିବା ସିଦ୍ଧାର୍ଥ ଦାଶ ପୁଣିଥରେ ଦଳ ତାଙ୍କ ଉପରେ ଭରସା କରି ଦାୟିତ୍ୱ ଦେବ ବୋଲି ଆଶା ରଖିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ପଞ୍ଚାୟତ ନିର୍ବାଚନ ହୋଇଛି, ଯାହାକି ବିଜେଡିକୁ ସଫଳତା ଦେଇଥିଲା। ପୂର୍ବତନ ବିଜେଡି ଜିଲା ସଭାପତି ତଥା ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ ମଧ ଆଶାୟୀ ତାଲିକାରେ ରହିଛନ୍ତି। ଜିଲା ସଭାପତି ଭାବେ କାର୍ଯ୍ୟ କରିବାରେ ତାଙ୍କର ଦକ୍ଷତା ରହିଛି। ସେହିପରି ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ନାମ ମଧ ଚର୍ଚ୍ଚାକୁ ଆସିଛି। ସହରରେ ତାଙ୍କର ପ୍ରମୁଖ ସଙ୍ଗଠନ ରହିଛି। ବିଭିନ୍ନ ସାମାଜିକ ସଙ୍ଗଠନ ସହିତ ଜଡ଼ିତ ହୋଇ ସେବା କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଅନ୍ୟପଟେ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଭାପତି ତଥା ପୁରୁଣା ବିଜେଡି ନେତା ସଞ୍ଜୟ ବାବୁଙ୍କ ନାମ ଚର୍ଚ୍ଚାକୁ ଆସିଛି। ବିଜେଡି ଯୁବନେତା ତଥା ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ଆଶାୟୀ ତାଲିକାରେ ଅଛନ୍ତି। ଯୁବ ସଙ୍ଗଠନ କରିବାରେ ଜିଲାରେ ତାଙ୍କର ଅଭିଜ୍ଞତା ରହିଛି। ଅଭିଜ୍ଞତା ଦୃଷ୍ଟିରୁ ଯଦି ଚୟନ କରାଯାଏ ତା'ହେଲେ ବର୍ତ୍ତମାନର ସଭାପତି ଦାଶ ଓ ପୂର୍ବତନ ସଭାପତି ରଥ ଜିଲା ସଭାପତି ରହି କାର୍ଯ୍ୟ ସମ୍ପାଦନ କରିବାର ଅଭିଜ୍ଞତା ରହିଛି। ଅନ୍ୟପଟେ ଯୁବ ଓ ନୂତନ ଚେହେରାକୁ ଯଦି ଅଗ୍ରାଧିକାର ଦିଆଯାଏ ତେବେ ସଞ୍ଜିତ ଓ ସଞ୍ଜୟ ବାବୁଙ୍କୁ ପଦ ମିଳିପାରେ। ଦଳ ଯଦି ମହିଳା କାର୍ଡ ଖେଳେ ତା'ହେଲେ ବିଧାୟିକା ଡା. ପାଣିଗ୍ରାହୀଙ୍କୁ ସୁଯୋଗ ମିଳିପାରେ ବୋଲି ରାଜନୈତିକ ବ୍ୟକ୍ତିବିଶେଷ ଆଲୋଚନା କରୁଛନ୍ତି। ସେହିପରି ଜିଲା ବାହାର ଜଣେ ମନ୍ତ୍ରୀଙ୍କ ଅନୁଗତ ଦେବେନ କିଶୋର ପତିଙ୍କ ନାମ ମଧ ଚର୍ଚ୍ଚାକୁ ଆସିଛ। ରେଙ୍ଗାଲି ଓ ଧନକଉଡ଼ା ବ୍ଲକ ଅଞ୍ଚଳରେ ଦେବେନଙ୍କ ସଙ୍ଗଠନ ରହିଛି। ନୂତନ ଚେହେରା, ଯୁବବର୍ଗ ଓ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଦଳର କେତେକ ପୁରୁଖା ନେତା କହୁଛନ୍ତି। ବ୍ଲକ ସ୍ତରରୁ ନୂତନ କମିଟି ପାଇଁ ନାମ ତାଲିକା ପ୍ରଦାନ କରା ହୋଇସାରିଛି। ଜିଲାରେ ୪ ନିର୍ବାଚନମଣ୍ଡଳୀ ମଧ୍ୟରୁ ରେଢ଼ାଖୋଲ ଓ କୁଚିଣ୍ଡା ବିଜେଡି ଦଖଲ କରିଥିବା ବେଳେ ସମ୍ବଲପୁର, ରେଙ୍ଗାଲିରେ ପରାଜିତ ହୋଇଛି। ତେଣୁ ଦଳୀୟ ସଙ୍ଗଠନ ସୁଦୃଢ଼ କରିବା ପାଇଁ ଜିଲା କମିଟି ଗଠନ ଉପରେ ନିର୍ଭର କରୁଛି। ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ଦାଶ କହିଛନ୍ତି ଯେ, ଦଳର କୌଣସି ପଦପଦବୀ ନିଯୁକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥାନ୍ତି। କେହି ବି ଆଶା କରିପାରନ୍ତି। ହେଲେ ଦକ୍ଷତା, ଅଭିଜ୍ଞତା ଓ ବିଭିନ୍ନ ଦିଗକୁ ନେଇ ଦଳ ନିଯୁକ୍ତି କରିଥାଏ ବୋଲି ସେ କହିଥିଲେ।

# ଓଡ଼ିଶାର ୩ଜଣଙ୍କୁ ଏନ୍‌ଏସ୍‌ଏସ୍ ପୁରସ୍କାର



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏନ୍‌ଏସ୍‌ଏସ୍ ପୁରସ୍କାର ପାଇଥିବା ବ୍ୟକ୍ତିମାନେ।

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

୨୦୨୦-୨୧ ବର୍ଷ ପାଇଁ ଶନିବାର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପୁରସ୍କାର ମିଳିଛି। ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନୋଟି ବର୍ଗରେ ଦେଶର ମୋଟ ୪୨ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟ/ଯୁକ୍ତ୨ ପରିଷଦ ବର୍ଗରେ ୨ଜଣ, କାର୍ଯ୍ୟକ୍ରମ ଅଧିକାରୀ/ଏନ୍‌ଏସ୍‌ଏସ୍ ୟୁନିଟ୍ ବର୍ଗରେ ୧୦ଜଣ ଏବଂ ସ୍ୱେଚ୍ଛାସେବୀ ବର୍ଗରେ ୩୦ଜଣଙ୍କୁ ପୁରସ୍କାର ମିଳିଥିବାବେଳେ ଓଡ଼ିଶାର ତିନିଜଣ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେମାନେ ହେଲେ କାର୍ଯ୍ୟକ୍ରମ ଅଧିକାରୀ/ଏନ୍‌ଏସ୍‌ଏସ୍ ୟୁନିଟ୍ ବର୍ଗରେ ମୟୂରଭଞ୍ଜ ଜିଲା ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟର ଡ. ଦିଲୀପ କୁମାର ପାରମାଣିକ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ବର୍ଗରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ପ୍ରତୀକ ଦାଶ ଏବଂ ଭୁବନେଶ୍ୱରସ୍ଥିତ ସ୍କୁଲ ଅଫ୍ ଲ'ର ଆକାଂକ୍ଷା କବି।

## ମା' ହେଲେ ଦଶମ ଶ୍ରେଣୀ ଛାତ୍ରୀ

**ବଇଣ୍ଡା,୨୪।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଶନିବାର ଏକ ପୁତ୍ର ସନ୍ତାନ ଜନ୍ମ ଦେବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ପ୍ରକାଶ ଯେ, ସମ୍ପୃକ୍ତା ଛାତ୍ରୀଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ସମ୍ପୃକ୍ତା ଛାତ୍ରୀ ଗର୍ଭବତୀ ହୋଇଥିଲେ। ହେଲେ ଏ ସମ୍ପର୍କରେ ସେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ଶନିବାର ତାଙ୍କ ପେଟରେ ଯନ୍ତ୍ରଣା ହେବା ପରେ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ଅସୁସ୍ଥ ଛାତ୍ରୀ ଓ ଶିଶୁପୁତ୍ରଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକ ଭର୍ତ୍ତି କରିଥିବା ସୂଚନା ମିଳିଛି।




ଧ-୧୬୧୭



ଧ-୭୩୮୭୫


## ସିବିଆଇ ହାତରେ ଧରାପଡ଼ିଲେ ଇନ୍‌କମ୍ ଟ୍ୟାକ୍ସ ଅଫିସର

### ଜୁଏଲେରି ଦୋକାନ ମାଲିକଙ୍କଠାରୁ ୫ ଲକ୍ଷ ଲାଞ୍ଚ ନେଉଥିଲେ

**ଖୋର୍ଦ୍ଧା ଅଫିସ,୨୪।୯**



ସୁମନ ସୁନ୍ଦର ସାହୁ

ଖୋର୍ଦ୍ଧା ଇନ୍‌କମ୍ ଟ୍ୟାକ୍ସ ଅଫିସର ସୁମନ ସୁନ୍ଦର ସାହୁ ଶ୍ରୀରାମନଗରସ୍ଥିତ ବାସଭବନରେ ଏକ ଜୁଏଲେରୀ ଦୋକାନ ମାଲିକଙ୍କଠାରୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଶନିବାର ଭୁବନେଶ୍ୱର ସିବିଆଇ ଟିମ୍ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି ସିବିଆଇ। ୫ ଘଣ୍ଟାର ଜେରା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇ ଯାଇଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ମାରୱାଡି ପଟିରେ ଦେବେନ୍ଦ୍ର ସାହୁଙ୍କ ଶାନ୍ତି ଜୁଏଲେରୀ ଦୋକାନ ରହିଛି। ଦୋକାନ ଇନ୍‌କମ୍ ଟ୍ୟାକ୍ସ ଭରି ନ ଥିବା, ଆକାଉଣ୍ଟ ଅଡିଟ୍ ଠିକ୍‌ଭାବେ କରାଯାଉ ନ ଥିବା, ସରକାରଙ୍କୁ ଟ୍ୟାକ୍ସ ଫାଙ୍କୁଥିବା ଆଦି ଦର୍ଶାଇ ତାଙ୍କ ଦୋକାନରେ ଚଢ଼ାଉ କରିବାକୁ ଇନ୍‌କମ୍ ଟ୍ୟାକ୍ସ ଅଫିସର ସାହୁ କହିଥିଲେ। ତେବେ ଦେବେନ୍ଦ୍ର ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଜରିଆରେ ପରବର୍ତ୍ତୀ ସମୟରେ ସମସ୍ତ ଡକ୍ୟୁମେଣ୍ଟ ଅଫିସ୍‌ରେ ପଇଠ କରିବାକୁ କହିଥିଲେ ମଧ୍ୟ ଇନ୍‌କମ୍ ଟ୍ୟାକ୍ସ ଅଫିସର ଏହାକୁ ଅଗ୍ରାହ୍ୟ କରିଥିଲେ। ଚଢ଼ାଉରୁ ବର୍ତ୍ତିବା ଲାଗି ଦୋକାନ ମାଲିକଙ୍କୁ ୪୦ ଲକ୍ଷ ଟଙ୍କା ଦେବା ଲାଗି ଇନ୍‌କମ୍ ଟ୍ୟାକ୍ସ ଅଫିସର ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଅଫିସର ସାହୁ ଦେବେନ୍ଦ୍ରଙ୍କଠାରୁ ୧୦ ଲକ୍ଷ ଟଙ୍କା ଏବଂ ୫ ଲକ୍ଷ ଟଙ୍କାର ସୁନାଅଳଙ୍କାର ନେଇଥିବା ସମ୍ପର୍କୀୟ ସୁକାନ୍ତ ବରାଳ କହିଛନ୍ତି। ତେବେ ଅବଶିଷ୍ଟ ଟଙ୍କା ତୁରନ୍ତ ପଇଠ କରିବାକୁ ବାରମ୍ବାର ତାଗିଦ୍ କରିଥିଲେ। ଏନେଇ ଦେବେନ୍ଦ୍ର ଭୁବନେଶ୍ୱର ସିବିଆଇ ଅଫିସ୍‌ରେ ଅଭିଯୋଗ କରିଥିଲେ। ସିବିଆଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅପରାହ୍ନରେ ଜଣେ ଡିଏସ୍‌ପି ର୍‍ୟାଙ୍କ୍‌ର ଅଫିସରଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ୩ଟି କାରରେ ସୁମନଙ୍କ ବାସଭବନ ନିକଟରେ ପହଞ୍ଚିଥିଲା। ଯୋଜନା ମୁତାବକ ଦେବେନ୍ଦ୍ର ମଧ୍ୟ ସେଠାରେ ପହଞ୍ଚିଥିଲେ। ୫ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଟିମ୍ ସାହୁଙ୍କୁ କାବୁ କରିଥିଲା। ପରେ ଅପରାହ୍ନ ୧ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସିବିଆଇ ବିଭିନ୍ନ ଡକ୍ୟୁମେଣ୍ଟ ଯାଞ୍ଚ କରିବା ସହ ବୟାନ ରେକର୍ଡ କରିଥିଲା। ଏଥିସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ପରେ ତାଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇଯାଇଛନ୍ତି।

## ସୁସ୍ଥ ହୋଇ ଫେରିଲେ ବାବୁଶାନ୍ ସାଙ୍ଗରେ ଥିଲେ ସ୍ତ୍ରୀ ତୃପ୍ତି

**ଭୁବନେଶ୍ୱର,୨୪। ୯(ବ୍ୟୁରୋ)**

ଓଲିଉଡ୍ ଅଭିନେତା ବାବୁସାନ୍ ମହାନ୍ତି ଶନିବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତାଙ୍କ ସହ ହସ୍ପିଟାଲରୁ ସ୍ତ୍ରୀ ତୃପ୍ତି ଶତପଥୀ ମଧ୍ୟ ଆସିଥିବା ଦେଖିବାକୁ ମିଳିଥିଲା। ନିକଟରେ ଦମନ ଫିଲ୍ମର ପ୍ରମୋଶନ୍ ପାଇଁ ଲଦାଖ ଯାଇଥିବାବେଳେ ବାବୁସାନ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଲଦାଖରୁ ପେଙ୍ଗାଙ୍ଗ ବାଇକ୍ ନେଇ ଯିବାରୁ ତାଙ୍କର ଅକ୍ସିଜେନ୍ ଲେଭଲ କମିଯାଇଥିଲା। ସେଠାରେ ସେନା ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିବା ପରେ ଅକ୍ସିଜେନ୍ ସହାୟତାରେ ଭୁବନେଶ୍ୱର ଅଣାଯାଇଥିଲା। ଏଠାରେ ପାଖାପାଖି ୮ଦିନ ଧରି ସେ ଚିକିତ୍ସିତ ହେଉଥିଲେ। ସେଠାରେ ସ୍ତ୍ରୀ ତୃପ୍ତି ରହି ତାଙ୍କ ସ୍ୱାସ୍ଥ୍ୟର ଧ୍ୟାନ ରଖୁଥିଲେ। ବାବୁସାନ ଓ ତୃପ୍ତିଙ୍କ ପାରିବାରିକ ବିବାଦ ପରଠାରୁ ଉଭୟ ଅଲଗା ରହୁଥିବାବେଳେ ଏବେ ଉଭୟଙ୍କୁ ଏକାଠି ଦେଖିବା ପରେ ସେମାନଙ୍କ ଫ୍ୟାନ୍‌ମାନେ ବେଶ୍ ଖୁସି ଅନୁଭବ କରିଛନ୍ତି। ବାବୁସାନଙ୍କ ସମ୍ପର୍କୀୟ ରବି ମିଶ୍ର କହିଛନ୍ତି, ବାବୁସାନ୍‌ଙ୍କୁ ତୃପ୍ତି ହିଁ ମେଡିକାଲକୁ ଆଣି ତାଙ୍କର ଯତ୍ନ ନେଉଥିଲେ। ଶନିବାର ସୁସ୍ଥ ହେବା ପରେ ଉଭୟ ଉତ୍ତମ ମହାନ୍ତିଙ୍କୁ ଦେଖା କରିବାକୁ ଯାଇଥିଲେ। ତେବେ ସେମାନେ କେଉଁଠି ରହିବେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଅଭିନେତା ବାବୁସାନ୍ ଓ ଅଭିନେତ୍ରୀ ପ୍ରକୃତିଙ୍କ ସମ୍ପର୍କକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଜୁଲାଇ ୨୩ରେ ସେମାନେ ଚେନ୍ନାଇ ଯିବାକୁ କାର୍‌ରେ ବାହାରିଥିବାବେଳେ ସତ୍ୟନଗରରେ ସ୍ତ୍ରୀ ତୃପ୍ତି ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ଆସି ପ୍ରକୃତିଙ୍କୁ ଗାଡ଼ି ଭିତରୁ ଟାଣିଆଣି ମାଡ଼ ମାରିଥିଲେ। ଏନେଇ ଭିଡିଓ ଭାଇରାଲ ହେବା ପରେ ବାବୁସାନ ଓ ତୃପ୍ତିଙ୍କ ପାରିବାରିକ ବିବାଦ ପଦାକୁ ଆସିଥିଲା। ଏପରି କି ବିବାଦ ଥାନାରେ ପହଞ୍ଚିଥିଲା। ଏହାପରଠାରୁ ବାପଘରେ ରହୁଥିବା ତୃପ୍ତି ସ୍ୱାମୀ ବାବୁସାନ୍‌ଙ୍କ ଦେହ ଅସୁସ୍ଥ ସମୟରେ ପାଖରେ ରହି ଯତ୍ନ ନେବା ଆଗାମୀ ଦିନରେ ସେମାନଙ୍କ ପାରିବାରିକ ସମ୍ପର୍କ ପୁନଃ ଯୋଡ଼ିହେବାର ସୂଚନା ଦେଉଛି।

# ଘୁମୁସର ଉତ୍ତର ବନଖଣ୍ଡରେ ୬୪ ହାତୀ

**ଭଞ୍ଜନଗର,୨୪।୯(ଡି.ଏନ.ଏ)**



ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଦିନକୁ ଦିନ ହାତୀ ଆତଙ୍କ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀ ଜଙ୍ଗଲରୁ ବାହାରି ନିକଟସ୍ଥ ଗ୍ରାମଗୁଡିକରେ ଫସଲ ନଷ୍ଟ କରୁଛନ୍ତି। ଏହି ସମୟରେ କିଛି ଅଘଟଣ ଘଟିବା ଆଶଙ୍କାରେ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ବନ୍ଦ କରି ଦିଆଯାଉଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ କିଛି ବିକଳ୍ପ ବ୍ୟବସ୍ଥା କରି ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବା ପାଇଁ ଲୋକେ ଦାବି କରିଛନ୍ତି। ଏହିଭଳି ପରିସ୍ଥିତିରେ ଶନିବାର ସନ୍ଧ୍ୟାରେ ୨୧ ହାତୀ ମୁଜାଗଡ ରେଞ୍ଜରେ ଥିବା ଜଣାପଡିଛି । ସେଥିରୁ ବୁଦିଲୀ ନିକଟସ୍ଥ ଇଟାଭାଟିଠାରେ ଗୋଟିଏ ଦନ୍ତା ଘୂରି ବୁଲୁଛି। ସେହିଭଳି ଆଉ ୨୦ ହାତୀ ଗଣ୍ଡିସୁଲା ଗ୍ରାମ ନିକଟରେ ବୁଲୁଛନ୍ତି। ରାତିରେ ଉକ୍ତ ହାତୀପଲ ଏବଂ ଦନ୍ତା ହାତୀଟି ଭଞ୍ଜନଗର ମୁଜାଗଡ ଜାତୀୟ ରାଜପଥ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହି ସମୟରେ କିଛି ଅଘଟଣ ଘଟିବା ଆଶଙ୍କା ଥିବାରୁ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ରହି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ଅପରପକ୍ଷେ ଶୁକ୍ରବାର ରାତି ସାରା ପାୱାର କଟ୍ ହୋଇଥିବା ବେଳେ ଶନିବାର ସନ୍ଧ୍ୟାରୁ ପୁଣି ପାୱାର କଟ୍ ହୋଇଥିଲା। ତେଣୁ ଉତ୍ତ୍ୟକ୍ତ ଲୋକେ ମୁଜାଗଡ଼ଠାରେ ଭଞ୍ଜନଗର- ଫୁଲବାଣୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଛି। ସେହିଭଳି ଜଗନ୍ନାଥପ୍ରସାଦ ରେଞ୍ଜ୍‌ରେ ୧୭ ହାତୀ ଥିବା ବେଳେ ତାରସି ରେଞ୍ଜରେ ୨୬ ହାତୀ ଶନିବାର ସନ୍ଧ୍ୟା ସୁଦ୍ଧା ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ବିଗତ କିଛିଦିନ ମଧ୍ୟରେ ଏହି ବନଖଣ୍ଡରେ ୩ ଦନ୍ତାହାତୀର ମୃତ୍ୟୁ ଘଟିଛି। ତେଣୁ ଯେଭଳି କୌଣସି ଅଘଟଣ ନ ଘଟିବ ସେଥିପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଡିଏଫ୍‌ଓ ସୁଦର୍ଶନ ବେହେରା ପ୍ରତ୍ୟକ୍ଷ ଭାବେ ପାଟ୍ରୋଲିଂ ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ଏନେଇ ମୁଜାଗଡ ରେଞ୍ଜର ବିଦ୍ୟାଧର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ହାତୀଙ୍କ ସୁରକ୍ଷା ପାଇଁ କିଛି ସମୟ ଲାଗି ପାୱାର କଟ୍ କରାଯାଉଛି।


CLASSIFIED DISPLAY
MORE SPACE • SAME PRICE
TARIFF GST 5%

**ଧନ କୁବେର ଫାଇନାନ୍ସ**

30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)

**9457203304**


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ପେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର ଜ୍ଞାନକୌଶଳକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

### ଛାତି, ପେଟ ରୋଗ ଉପରେ ଅନ୍ତର୍ଜାତୀୟ ଚିକିତ୍ସକ କର୍ମଶାଳା




କର୍ମଶାଳାରେ ସ୍ପେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର ସଂକ୍ରାନ୍ତ ପୁସ୍ତିକାକୁ ଡାକ୍ତରମାନେ ଉନ୍ମୋଚନ କରୁଛନ୍ତି।

ପୂର୍ବ ଭାରତରେ ପେଟ ରୋଗୀଙ୍କୁ ବିଶ୍ୱସ୍ତରୀୟ ତଥା ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଶନିବାର ସ୍ଥାନୀୟ ଏକ ହୋଟେଲରେ ପ୍ରଥମଥର ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଖ୍ୟାତନାମା ପେଟରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ତଥା ଦେଶ ବିଦେଶରୁ ପ୍ରାୟ ୩୦୦ ଡାକ୍ତର ଯୋଗଦେଇଥିଲେ। ଥାର୍ଡ୍ ସ୍ପେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାରର ଅତ୍ୟାଧୁନିକ ପ୍ରକ୍ରିୟା ଏବଂ ଜ୍ଞାନକୌଶଳକୁ ରୋଗୀ ସେବାରେ ବହୁଳ ଭାବେ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କୌଣସି କଟା କଟି ବିନା କିପରି ବିଭିନ୍ନ ଛାତି ରୋଗ ଓ ପେଟ ରୋଗ ସଫଳ ଅସ୍ତ୍ରୋପଚାର ହୋଇପାରିବ ସେନେଇ କର୍ମଶାଳାରେ ଆଲୋଚନା ହୋଇଥିଲା। ଏହି ଅସ୍ତ୍ରୋପଚାରର ଦିନେ କିମ୍ବା ଦୁଇଦିନ ମଧ୍ୟରେ ଜଣେ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଆସିପାରିବେ। ଏହି ଅବସରରେ ଏକ ଘରୋଇ ହସ୍ପିଟାଲରେ ୪ଜଣ ରୋଗୀଙ୍କ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର କରି ଭିଡିଓ କନ୍‌ଫରେନ୍ସ ଜରିଆରେ ଡାକ୍ତରମାନଙ୍କୁ ଏହି ପ୍ରକ୍ରିୟାର ବିସ୍ତୃତ ବିବରଣୀ ଦିଆଯାଇଥିଲା। ସମସ୍ତ ୪ଜଣ ରୋଗୀ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡା. ମନୋଜ ସାହୁ କହିଛନ୍ତି। ତାଙ୍କ ସୂଚନାନୁସାରେ, ଏହି ଜ୍ଞାନକୌଶଳ ଜାପାନ ଓ ଜର୍ମାନୀ ଆଦି ଦେଶରୁ ଆରମ୍ଭ ହୋଇଥିବା ବେଳେ ଭାରତରେ ଅଳ୍ପ କେତେକ ଡାକ୍ତରଖାନାରେ ଏହାର ବିନିଯୋଗ କରାଯାଉଛି। ଭୁବନେଶ୍ୱରରେ ୨୦୧୪ରୁ ଏହି ଜ୍ଞାନକୌଶଳ ଜରିଆରେ ରୋଗୀଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବାବେଳେ ପୂର୍ବ ଭାରତରେ ସମସ୍ତ ଛୋଟ ବଡ଼ ହସ୍ପିଟାଲରେ ଏହି ସେବା ଯୋଗାଇ ଦେବା ପାଇଁ ପ୍ରୟାସ ଚାଲିଛି। ସାରା ବିଶ୍ୱରେ ଚିକିତ୍ସା ଜ୍ଞାନ କୌଶଳ ଦ୍ରୁତଗତିରେ ବଢୁଥିବାବେଳେ ଆମକୁ ମଧ୍ୟ ଏହା ସହ ତାଳ ଦେଇ ଉଚ୍ଚକୋଟୀର ରୋଗୀ ସେବା ପାଇଁ ଆଗକୁ ବଢ଼ିବାକୁ ହେବ ବୋଲି ଡା. ସାହୁ କହିଛନ୍ତି। କର୍ମଶାଳାକୁ ଡା. ମନୋଜ ଗୋୟେଙ୍କା, ଏସ୍. ପି. ସିଂହ ଉଦ୍‌ଘାଟନ କରିଥିବାବେଳେ ଡା. ସାହୁଙ୍କ ସମେତ ଡା. ଅଜିତ ମେଡିଓ, ଡା. ପଙ୍କଜ ଦେଶାଇ, ଡା. ଆମୋଲ ବାପାଇ, ଡା. ରାଜେଶ ପୁରୀ, ଡା. ସି. ଆର୍. ପଣ୍ଡା, ଡା. ସୁଶାନ୍ତ ସେଠୀ ପ୍ରମୁଖ ଏହି ଚିକିତ୍ସା ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

# ଜଙ୍ଗଲରେ ପ୍ରସବ

## ୨ କି.ମି. ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

**ଟିକିରି,୨୪।୯(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଅନେକ ଗାଁକୁ ଏବେ ମଧ୍ୟ ଭଲ ରାସ୍ତାଟିଏ ନାହିଁ। ଆମ୍ବୁଲାନ୍ସ ଗାଁକୁ ଯାଇପାରୁ ନ ଥିବାରୁ ରୋଗୀ ଏବଂ ଗର୍ଭବତୀ ଭାର, ଚୌକି ଏବଂ ଷ୍ଟ୍ରେଚରରେ ବୁହାହେବା ଏବଂ ବାଟରେ ପ୍ରସବ କରିବା ଏହି ଅଞ୍ଚଳ ପାଇଁ ସବୁଦିନିଆ ଘଟଣା ପାଲଟିଛି। ଶିରିପାଇ ପଞ୍ଚାୟତର କେନ୍ଦୁଗୁଡ଼ା ଗ୍ରାମରେ ଶନିବାର ପୁଣି ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି। ଗାଁର ଚାଟିରି ମାଝିଙ୍କ ଗର୍ଭବତୀ ସ୍ତ୍ରୀ ସିନାଇ(୩୩)ଙ୍କୁ ୨ କି.ମି. ଷ୍ଟ୍ରେଚରରେ ବୋହିନେବା ସମୟରେ ବାଟରେ ଜଙ୍ଗଲ ରାସ୍ତାରେ ସେ ପ୍ରସବ କରିଛନ୍ତି।

ସୂଚନା ଅନୁଯାୟୀ, ସିନାଇଙ୍କର ସକାଳେ ପ୍ରସବ ବେଦନା ଆରମ୍ଭ ହେଇଥିଲା। ତାଙ୍କୁ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯାଗ କରିଥିଲେ। ଆମ୍ବୁଲାନ୍ସ କାଶୀପୁରରୁ ଆସିଥିଲେ ମଧ୍ୟ ଭଲ ରାସ୍ତା ନ ଥିବାରୁ କେନ୍ଦୁଗୁଡ଼ାଠାରୁ ୨ କି.ମି. ପୂର୍ବରୁ କେରେଙ୍ଗାଗୁଡ଼ା ଛକରେ ଅଟକିଯାଇଥିଲା। ଆମ୍ବୁଲାନ୍ସ ଚାଳକ ପରିକ୍ଷିତ ନାୟକ ଷ୍ଟ୍ରେଚର ନେଇ ଗାଁକୁ ଚାଲି ଚାଲି ଯାଇଥିଲେ। ପରିବାର ଲୋକେ ଏବଂ ଆଶାକର୍ମୀଙ୍କ ସହାୟତାରେ ସେ ସିନାଇଙ୍କୁ ଷ୍ଟ୍ରେଚରରେ ବୋହି ଆଣିଥିଲେ। ବାଟରେ ପ୍ରସବ ପରେ ଉଭୟ ମା' ଏବଂ ନବଜାତକଙ୍କୁ ଆମ୍ବୁଲାନ୍ସରେ ନେଇ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ଏବେ ସୁସ୍ଥ ଥିବା ସୂଚନା ମିଳିଛି।



ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

### କାଶୀପୁର ଅଞ୍ଚଳବାସୀଙ୍କ ପାଇଁ ଦେହସୁହା

ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ଏଭଳି ଘଟଣା ଦେହସୁହା ହୋଇଥିବାବେଳେ ଅନେକ ସମୟରେ ଗର୍ଭବତୀ, ପ୍ରସୂତି ଏବଂ ନବଜାତକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଉଛି। ଆମ୍ବୁଲାନ୍ସ ଚାଳକମାନଙ୍କ ସହଯୋଗରେ ଆଉ କେତେଜଣଙ୍କ ଜୀବନ ମଧ୍ୟ ବଞ୍ଚିଯାଉଛି। ଏଭଳି ଘଟଣା ବାରମ୍ବାର ପ୍ରଶାସନର ନଜରକୁ ଆସୁଥିଲେ ମଧ୍ୟ ସବୁ ଗାଁକୁ ଭଲ ରାସ୍ତା ନ ହୋଇପାରିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।




ଧ-୭୪୦୧୬ ଧ-୭୩୬୪୯ ଧ-୧୬୨୩

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ହେମଗିର,୨୪।୯(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଟପରିଆଠାରୁ ଅବକାରୀ ବିଭାଗ ପକ୍ଷରୁ ଶନିବାର ୯ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ ଅବକାରୀ ବିଭାଗ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇ ଟପରିଆରୁ ଏହି ଗଞ୍ଜେଇ ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ନାମ ରମେଶ ବଇବାକୁ(୪୫) ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଭାଜପା କେ.ବଲାଙ୍ଗ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଲହୁଣୀପଡ଼ା,୨୪।୯(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ଠାରେ ଭାରତୀୟ ଜନତା ପାର୍ଟି (ଭାଜପା) କେ. ବଲାଙ୍ଗ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମାଦି ଓରାମ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ସଭାପତି ଅନିଲ କୁମାର ବାର୍ଲା ଏବଂ ମଣ୍ଡଳ ପ୍ରଭାରୀ ଉପେନ୍ଦ୍ର ବେହେରା ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଦଳର ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମଣ୍ଡଳ ପ୍ରଭାରୀ ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ ଯୋଜନା ପ୍ରସ୍ତୁତ କରି ମଣ୍ଡଳ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ୨୯ ରେ ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ବୈଠକରେ ଶକ୍ତିକେନ୍ଦ୍ର ପ୍ରମୁଖ ସହ ଶକ୍ତିକେନ୍ଦ୍ର ପ୍ରଭାରୀ ଯୋଗ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଜିଲା ଉପସଭାପତି ମହେଶ ଶାହା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ବରିଷ୍ଠ କାର୍ଯ୍ୟକର୍ତ୍ତା ହେମେନ୍ଦ୍ର ମାହାନ୍ତ, ବିମଳ ବୋଦ୍ରା, ଗୀତା ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ‘ହାଇସ୍କୁଲ ରୂପାନ୍ତରଣ’ କାର୍ଯ୍ୟକ୍ରମର ସମୀକ୍ଷା

**ସୁନ୍ଦରଗଡ଼ ଜିଲା**

■ ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ସ୍ୱପ୍ନ ବିଷୟରେ ପଚାରି ବୁଝିଲେ ୫-ଟି ସଚିବ

ସୁନ୍ଦରଗଡ଼, ୨୪।୯(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ଅଧୀନରେ ସୁନ୍ଦରଗଡ଼ ଜିଲାରେ ସମସ୍ତ ସରକାରୀ ହାଇସ୍କୁଲର ରୂପାନ୍ତରଣ କରାଯାଉଛି। ଶନିବାର ୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ଭିଡିଓ କନଫରେନ୍ସିଂ ଜରିଆରେ ଏହି କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିବାବେଳେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭବିଷ୍ୟତର ସ୍ୱପ୍ନ ବିଷୟରେ ପଚାରି ବୁଝିଥିଲେ। ଆମେ ସମସ୍ତେ ରୂପାନ୍ତରିତ ହାଇସ୍କୁଲଗୁଡ଼ିକ ବିକଶିତ କରାଯାଇଥିବା ବିଭିନ୍ନ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏହାର ପରିବେଶର ପୂର୍ଣ୍ଣ ଯତ୍ନ ନେବା ଆବଶ୍ୟକ। ଆମ ସ୍କୁଲ ପରିବେଶ ଏଭଳି ରହିଲେ ପିଲାଙ୍କର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହୋଇପାରିବ। ତେଣୁ ଏହି କାମରେ ପୁରାତନ ଛାତ୍ରୀଛାତ୍ର, ସ୍ଥାନୀୟ ଜନସାଧାରଣ, ପଞ୍ଚାୟତ ପ୍ରତିନିଧିମାନେ ସହଯୋଗ କରିବା ଦରକାର ବୋଲି କହିଛନ୍ତି ୫-ଟି ସଚିବ। ସେ ଆହୁରି କହିଥିଲେ ଯେ, ‘ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ହେଉଛି ମୁଖ୍ୟମନ୍ତ୍ରୀଙ୍କର ଏକ ଅଭିନବ ପରିକଳ୍ପନା। ଏହି କାର୍ଯ୍ୟକ୍ରମ ଅବସରରେ ୫-ଟି ସଚିବ ଉପସ୍ଥିତ ୧୭ଟି ବ୍ଲକର ବିଭିନ୍ନ ହାଇସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ କଥାବାର୍ତ୍ତା କରିଥିଲେ। ଛାତ୍ରୀଛାତ୍ର ନିଜ ଭବିଷ୍ୟତର ସ୍ୱପ୍ନ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଓସୱାନ କନଫରେନ୍ସ ହଲଠାରେ ଉପସ୍ଥିତ ଥିଲେ। ସେହିପରି ରାଉରକେଲାରେ ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ଏବଂ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ସମଗ୍ର ଶିକ୍ଷା ଅଭିଯାନର ବରିଷ୍ଠ ବୈଷୟିକ ପରାମର୍ଶଦାତା ବିଶ୍ୱମନୋହର ସୁବୁଦ୍ଧିଙ୍କ ସହିତ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ୧୭ଟି ବ୍ଲକ କାର୍ଯ୍ୟାଳୟଠାରେ ସ୍ଥାନୀୟ ବିଡିଓଙ୍କ ସହିତ ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ସ୍କୁଲ ପରିଚାଳନା କମିଟିର ସଦସ୍ୟ, ପୁରାତନ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଜନପ୍ରତିନିଧି ଭିଡିଓ କନଫରେନ୍ସିଂରେ ଯୋଗ ହୋଇଥିଲେ। ଜିଲାରେ ମୋଟ ୩୮୪ଟି ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପର୍ଯ୍ୟାୟକ୍ରମେ ୨୪୭ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଲୋକାର୍ପଣ ହେବାକୁ ଥିବା ହାଇସ୍କୁଲଗୁଡ଼ିକ ରୂପାନ୍ତରଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ୫-ଟି ସଚିବ ସୁନ୍ଦରଗଡ଼ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ: ୫ ଗିରଫ



ରାଜଗାଙ୍ଗପୁର ପୋଲିସ ଦ୍ୱାରା ଗିରଫ ଡକାୟତ ଓ ଜବତ ମାରଣାସ୍ତ୍ର।

■ ବନ୍ଧୁକ, ଭୁଜାଲି ଖଣ୍ଡା ଜବତ
■ ରାଜଗାଙ୍ଗପୁର ପୋଲିସର ସଫଳତା

ରାଜଗାଙ୍ଗପୁର, ୨୪।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳରେ ଡକାୟତି ଯୋଜନାବେଳେ ପୋଲିସ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବନ୍ଧୁକ, ଭୁଜାଲି, ଖଣ୍ଡା ଜବତ କରାଯାଇଛି। ରାଜଗାଙ୍ଗପୁର ଅଞ୍ଚଳର ଡାଲମିଆ ସିମେଣ୍ଟ କାରଖାନା ତଥା ଅନ୍ୟ କାର୍ଯ୍ୟ ପାଇଁ ବାହାରୁ ଆସୁଥିବା ଟ୍ରକଗୁଡିକ ରାଜଗାଙ୍ଗପୁରର ବିଭିନ୍ନ ସ୍ଥାନରେ ପାର୍କିଂ କରିଥାନ୍ତି। କିଛି ଦିନ ହେବ ଏହି ପାର୍କିଂ ହୋଇଥିବା ଟ୍ରକଗୁଡିକରୁ ଡକାୟତି ଜାରି ରହିଥିଲା। ଶୁକ୍ରବାର ରାତିରେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ୍ୱ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ରାତି ପ୍ରାୟ ୧ଟାରେ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇ ଏକ ଡକାୟତି ଘଟଣା ଭିଆଇବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜାଣିପାରିଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ଅଧିକାରୀ ତଥା ପୋଲିସ ବାହିନୀ ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ଏକ ଦେଶିପିସ୍ତଲ, ଏକଖଣ୍ଡା, ଏକ ଭୁଜାଲି ଓ ୨ ଟି ଲୁହାରଡ ଜବତ କରି ତଦନ୍ତ କରିଥିଲେ। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁର୍ବୃତ୍ତମାନେ ରାଜଗାଙ୍ଗପୁର ସହରର ବିଭିନ୍ନ ଅଞ୍ଚଳର ବାସିନ୍ଦା। ସେମାନେ ହେଲେ ସତିଶ ସା ବାରୁପଡା, ସୂରଜ ସତର ସିଂ ବାରୁପଡା, କିଶୋର ବୁଡା ବାରୁପଡା ଜିତୁଟୋଲି, ଗ୍ୟାନରଞ୍ଜନ ସନ୍ତୋଷ ରଜାକ ମଧୁସୂଦନ କଲୋନୀ, ଆନନ୍ଦ ରାଏ ଟାଇଗର ସ୍ୱାଧୀନ କଲୋନୀର ଅଟନ୍ତି।

# ଆଦିବାସୀ ସମାଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ ଅତିଥି ଓ ଗ୍ରାମବାସୀ।

ସୁନ୍ଦରଗଡ଼/ସବ୍‌ଡେଗା,୨୪।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ କିରାଲଗା ଗ୍ରାମ ପଞ୍ଚାୟତର ଟେଢ଼ିକହ ଗ୍ରାମରେ ଶନିବାର ଆଦିବାସୀ ସମାଜ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଏହି ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ଆଦିବାସୀଙ୍କର ପରମ୍ପରାକୁ ନେଇ ଗ୍ରାମବାସୀଙ୍କ ଦ୍ୱାରା ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନାଚଗୀତ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଟେଢ଼ିକହବାସୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ଉପସ୍ଥିତ ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ, ସବଡେଗା ବ୍ଲକ ‘କ’ର ଜିଲା ପରିଷଦ ସଭ୍ୟ ମନୋଜ ବାରୁଆ, କିରାଲଗା ସମିତି ସଭ୍ୟା ସୁଷମା ବାଡ଼ା ଓ ସରପଞ୍ଚ ସଂଯୁକ୍ତା କୁଜୁରଙ୍କୁ ଜଣାଇଥିଲେ।

### ସରକାରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

ସୁନ୍ଦରଗଡ଼,୨୪।୯(ଡି.ଏନ.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଦିବସୀୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ସକାଳେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରକୁ ସଫା କରାଯାଇଥିଲା। ପୂର୍ବାହ୍ନ୧୦ଟାରେ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷଠାରେ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ:ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ନୂତନ ଖମାରୀ ଓ ସେବତୀ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଜାତୀୟ ସେବା ଯୋଜନାର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଅଧାପକ ରତ୍ନେଶ ରଞ୍ଜନ ସ୍ୱଚ୍ଛତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ମଧ୍ୟ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ। ବରିଷ୍ଠ ଅଧାପକ ବୀରେନ୍ଦ୍ର ପଟେଲ, ଅଧାପକ ଡ.କୁଳମଣି ବେହେରା ତଥା ମହାବିଦ୍ୟାଳୟର ଅଧାପିକା ଅଧାପକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ପାଠଚକ୍ର



ପାଠଚକ୍ରରେ ମଞ୍ଚାସୀନ କଲେଜ ଅଧକ୍ଷ, ଅତିଥି ଓ ବକ୍ତା।

ଦେବଗଡ଼,୨୪।୯(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେଉଥିବା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଶନିବାର ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ଓ ମୋ କଲେଜ ଅଭିଯାନର ମିଳିତ ଆନୁକୂଲ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିକତା ଶୀର୍ଷକରେ ପାଠଚକ୍ର ହୋଇଯାଇଛି। କଲେଜ ଅଧକ୍ଷ ଡ. ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରିୟବ୍ରତ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁଜିତ କୁମାର ନାଥ ଓ ସମ୍ମାନିତ ଅତିଥି ଭାବେ ଅଧାପକ ଚିତ୍ତରଞ୍ଜନ ଦାଶ ଯୋଗ ଦେଇଥିଲେ। ମୋ କଲେଜ ଅଭିଯାନର ସଂଯୋଜକ ଦାମୋଦର ନାୟକ, ମୁଖ୍ୟ ଅଧାପିକା ବୀଣାପାଣି ନାୟକ ଯୋଗଦେଇଥିଲେ।

### ଜାତୀୟ ସେବା ଯୋଜନା ଦିବସ

ଦେବଗଡ଼,୨୪।୯(ଡି.ଏନ୍.ଏ.)

ଦେବଗଡ଼ର ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ. ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିରର ସଂଯୋଜକ ବିକ୍ରମ କୁମାର ଜେନା ସଭା ପ୍ରାରମ୍ଭରେ ବିଦ୍ୟାର୍ଥୀଙ୍କୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ଏଥିରେ ମୋ କଲେଜ ଅଭିଯାନର ସଂଯୋଜକ ଦାମୋଦର ନାୟକ ଓ ଅଧାପିକା ଶତରୂପା ମିଶ୍ର ଯୋଗଦେଇଥିଲେ।

# କଂଗ୍ରେସ ସରକାର ଗଠନରେ ସହଯୋଗ ପାଇଁ ଆହ୍ୱାନ

**ଜିଲା କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା**



ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଦେବଗଡ଼,୨୪।୯ (ଡି.ଏନ୍.ଏ.)

ଦେବଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବାହ୍ନରେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଜେଲ ଛକ ନିକଟରୁ ହଜାର ହଜାର କଂଗ୍ରେସ କର୍ମୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ଏକ ଶୋଭାଯାତ୍ରାରେ ଗୋପାଳଜୀ ମନ୍ଦିର ପରିସରରେ ଥିବା ସେଣ୍ଟର ଫର୍ କଲଚର କଲ୍ୟାଣ ମଣ୍ଡପକୁ ପାଛୋଟି ଆଣି ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ରାଜ୍ୟ ସାଧାରଣ ସମ୍ପାଦିକା ମାଣିକପ୍ରଭା ପ୍ରଧାନ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ବେଉରା, ଟ୍ରେଡ଼ ୟୁନିୟନ ସଭାପତି କିଶୋର ଜେନା, ଦେବଗଡ଼ ଜିଲା ପର୍ଯ୍ୟବେକ୍ଷ ବୀରେନ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା କଂଗ୍ରେସ କମିଟି ପକ୍ଷରୁ ଉପରୋକ୍ତ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ନେତୃବୃନ୍ଦ ଦଳ ମଧ୍ୟରେ ମତଭେଦକୁ ଦୂରକରି କେନ୍ଦ୍ର ସରକାର ଗରିବ ମାରଣ ଯୋଜନାକୁ ତୀବ୍ର ସମାଲୋଚନା କରିଥିଲେ। ଦଳୀୟ କର୍ମୀମାନେ କେନ୍ଦ୍ର ସରକାରଙ୍କ ଗରିବ ମାରଣନୀତି ଓ ରାଜ୍ୟ ସରକାରଙ୍କ ବିଫଳତାକୁ ପ୍ରତି ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ ଓ ଦେଶ ପାଇଁ କଂଗ୍ରେସର ବଳିଦାନକୁ ପୁଣି ଥରେ ପ୍ରତି ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କହିଥିଲେ। ଆଗାମୀ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ସରକାର ଗଠନରେ ସହଯୋଗ ପାଇଁ ଉପସ୍ଥିତ କର୍ମୀଙ୍କୁ ନେତାମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ମହିଳା ସଭାନେତ୍ରୀ ମଞ୍ଜୁଲତା ନାଏକ, ପୂର୍ବତନ ଜିଲା ସଭାପତି ସେମ ହେମ୍ବ୍ରମ, ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ସଚ୍ଚିଦାନନ୍ଦ ପଟ୍ଟନାୟକ, ସମ୍ପାଦକ ବିନୋଦ ବିହାରୀ ନାଏକ, ନଗର ସଭାପତି ପ୍ରକାଶ ଚନ୍ଦ୍ର ଦେବତା, ତିଳେଇବଣି ବ୍ଲକ ସଭାପତି ଗଣେଷ ପ୍ରଧାନ, ରିଆମାଳ ବ୍ଲକ ସଭାପତି ସୁଶୀଲ କୁମାର ସାହୁ, ବାରକୋଟ ବ୍ଲକ ସଭାପତି କ୍ଷୀରୋଦ ବିହାରୀ ପ୍ରଧାନ, ବରିଷ୍ଠ ନେତା ସନ୍ତୋଷ କୁମାର ସାହୁ, ଏସ୍‌ସି ସେଲ ସଭାପତି ମଞ୍ଜୁଳ ନାଏକ ପ୍ରମୁଖ ବକ୍ତବ୍ୟ ପ୍ରଦାନ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୦ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୫ ସେପ୍ଟେମ୍ବର, ୨୦୨୨ Sambalpur, Sunday, September 25/2022

# ହର୍ଷଲ, ଚହଲଙ୍କ ଫର୍ମକୁ ନେଇ ଚିନ୍ତାରେ ଭାରତ

**ଆଜି ଅନ୍ତିମ ଟି୨୦**

**ହାଇଦ୍ରାବାଦ,୨୪।୯(ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଟି୨୦ ସିରିଜର ଅନ୍ତିମ ମ୍ୟାଚ୍ ରବିବାର ହାଇଦ୍ରାବାଦରେ ଖେଳାଯିବ। ସିରିଜ୍ ୧-୧ରେ ରହିଥିବା ବେଳେ ଭାରତ ହର୍ଷଲ ପଟେଲ ଓ ୟୁଜବେନ୍ଦ୍ର ଚହଲଙ୍କ ଫର୍ମକୁ ନେଇ ଚିନ୍ତାରେ ରହିଛି। ପ୍ରଥମ ମ୍ୟାଚ ମୋହାଲିରେ ଖେଳାଯାଇଥିବା ବେଳେ ଅଷ୍ଟ୍ରେଲିଆ ୪ ଉଇକେଟରେ ଜିତି ନେଇଥିଲା। ସେହିପରି ବର୍ଷା ବାଧାପ୍ରାପ୍ତ ନାଗପୁର ମ୍ୟାଚକୁ ୬ ଉଇକେଟରେ ଜିତି ସିରିଜକୁ ଫେରିଥିଲା ଭାରତ। ଏହି ମ୍ୟାଚକୁ ଜିତି ଘରୋଇ ଦଳ ସିରିଜ୍ ବିଜୟୀ ହେବାକୁ ପ୍ରୟାସ କରିବ। ତେବେ ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଷଲ ପଟେଲ ଓ ଭାରତର ପ୍ରମୁଖ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ଫର୍ମ ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ନାଗପୁରରେ ଅକ୍ଷର ପଟେଲଙ୍କ ଘାତକ ବୋଲିଂ ବଳରେ ଭାରତ ଭଲ ଆରମ୍ଭ କରିଥିଲେ ହେଁ ଇନିଂସର ଶେଷ ଆଡକୁ ବୋଲରମାନେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ପୂର୍ବରୁ ଭୁବନେଶ୍ୱରଙ୍କ ଫର୍ମକୁ ନେଇ ଭାରତ ଚିନ୍ତାରେ ରହିଥିବା ବେଳେ ଆଘାତ ସମସ୍ୟାରୁ ଫେରିଥିବା ହର୍ଷଲ ପଟେଲ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସେ ୪୯ ରନ ବ୍ୟୟ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମାତ୍ର ୨ ଓଭରରେ ୩୨ ରନ ଦେଇଥିଲେ। ବିଗତ ଦୁଇ ମ୍ୟାଚ ହିସାବକୁ ନେଲେ ତାଙ୍କର ଇକୋନୋମି ହାର ୧୩.୫୦ ରହିଛି, ଯାହାକି ମ୍ୟାନେଜମେଣ୍ଟର ଚିନ୍ତା ବଢାଇଛି। ମିଡିଲ ଓଭରରେ ଭାରତୀୟ ସ୍ପିନରମାନେ ରନଗତି ଉପରେ ଅଙ୍କୁଶ ଲଗାଇଥାନ୍ତି। ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଥିବା ୟୁଜବେନ୍ଦ୍ର ଚହଲ ବିଗତ କିଛି ମ୍ୟାଚରେ ମହଙ୍ଗା ସାବ୍ୟସ୍ତ ହେଉଥିବା ବେଳେ ଉଇକେଟ ହାସଲରେ ମଧ୍ୟ ବିଫଳ ହୋଇଛନ୍ତି। ତୃତୀୟ ଟି୨୦ରେ ଚହଲଙ୍କ ସ୍ଥାନରେ ଅଶ୍ୱିନଙ୍କୁ ଖେଳାଇପାରେ ଭାରତ। ରାହୁଲ ଏବଂ ବିରାଟ କୋହଲିଙ୍କ ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ ରହିଥିବା ବେଳେ ରୋହିତ ଶର୍ମା ଫର୍ମକୁ ଫେରିବା ଭାରତ ପାଇଁ ଖୁସି ଖବର। ଫିନିଶର ଦାୟିତ୍ୱ ଠିକ୍ ଭାବରେ ନିର୍ବାହ କରିଥିବା ଦୀନେଶ କାର୍ତ୍ତିକଙ୍କୁ ଆଉ ଅଧିକ ସୁଯୋଗ ପ୍ରଦାନ କରିବ ମ୍ୟାନେଜମେଣ୍ଟ। ଯଶପ୍ରୀତ ବୁମ୍ରାଙ୍କ ପ୍ରତ୍ୟାବର୍ତ୍ତନ ପରେ ଭାରତୀୟ ବୋଲିଂ ଲାଇନ ଅପ୍ ମଧ୍ୟ ଶକ୍ତିଶାଳୀ ମନେହେଉଛି। ଭାରତ ପରି ଅଷ୍ଟ୍ରେଲିଆର ମଧ୍ୟ ବୋଲିଂ ଆକ୍ରମଣ ଦୁର୍ବଳ ରହିଛି। ପ୍ରଥମ ଟି୨୦ରେ ୨୦୦ରୁ ଅଧିକ ରନ୍ ଦେଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ତେବେ ମାଥ୍ୟୁ ୱେଡ୍ ଓ ଆରୋନ ଫିଞ୍ଚ ଫର୍ମକୁ ଫେରିଥିବା ବେଳେ ମ୍ୟାକ୍ସୱେଲଙ୍କଠାରୁ ଦଳ ଏକ ବଡ଼ ଇନିଂସ ଆଶା କରିବ।

# ଦୁଲୀପ ଟ୍ରଫି ଫାଇନାଲ: ପଶ୍ଚିମାଞ୍ଚଳ ବିଜୟ ନିକଟତର

**କୋଏମ୍ବାଟୁର, ୨୪।୯ (ପି.ଟି.):** ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ଦକ୍ଷିଣାଞ୍ଚଳ ସମ୍ମୁଖରେ ପଶ୍ଚିମାଞ୍ଚଳ ୫୨୯ରନର ବିଶାଳ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଦକ୍ଷିଣାଞ୍ଚଳ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୧୫୪ ରନ କରିଛି। ହାତରେ ଆଉ ମାତ୍ର ୪ଟି ଉଇକେଟ ରହିଥିବା ବେଳେ ଦଳ ବିଜୟଲକ୍ଷ୍ୟଠାରୁ ଆହୁରି ୩୭୫ ରନ ଦୂରରେ ରହିଛି। ଫଳରେ ପଶ୍ଚିମାଞ୍ଚଳ ରବିବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ଏକ ବୃହତ୍ ବିଜୟ ଆଡକୁ ଅଗ୍ରସର ହେଉଛି। ସ୍ଥାନୀୟ ଏସ୍‌ଏନ୍‌ଆର କଲେଜ ଗ୍ରାଉଣ୍ଡରେ ଶନିବାର ସକାଳେ ପଶ୍ଚିମାଞ୍ଚଳ ଏହାର ପୂର୍ବଦିନର ଦ୍ୱିତୀୟ ଇନିଂସ ଅସମାପ୍ତ ସ୍କୋର ୩୭୬/୩ରୁ ଖେଳ ଆରମ୍ଭ କରିଥିଲା। ଶୁକ୍ରବାର ଦ୍ୱିଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲ ୨୬୫ ରନ କରି ଆଉଟ ହେବା ପରେ ସର୍ଫରାଜ ଖାଁଙ୍କ ଅପରାଜିତ ୧୨୭ (୧୭୮ବଲ୍) ଦଳର ସ୍କୋରକୁ ଆଗେଇ ନେଇଥିଲା। ହିତ୍ ପଟେଲ (୫୧ ନଟ ଆଉଟ)ଙ୍କ ସହ ତାଙ୍କର ଅପରାଜିତ ୧୦୩ରନର ଏକ ପାର୍ଟନରଶିପ୍ ହୋଇଥିଲା। ଦୁଲୀପ ଟ୍ରଫିରେ ପ୍ରଥମ ପଦାର୍ପଣ କରିଥିବା ସର୍ଫରାଜ ତାଙ୍କ ଶତକ ହାସଲ କରିବା ପରେ ପଶ୍ଚିମାଞ୍ଚଳ ଅଧିନାୟକ ଅଜିଙ୍କ୍ୟ ରାହାନେ ତାଙ୍କ ଦଳର ଦ୍ୱିତୀୟ ଇନିଂସ ୫୮୫/୪ରେ ଘୋଷଣା କରିଥିଲେ। ଦକ୍ଷିଣାଞ୍ଚଳ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହନ କୁନ୍ନୁମାଲଙ୍କୁ ଛାଡ଼ିଦେଲେ ଅନ୍ୟ କେହି କ୍ରିଜ୍‌ରେ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ଅତୀତ ସେଠ୍ ଓ ଜୟଦେବ ଉନାଡକଟ୍‌ଙ୍କ ପେସ୍ ବୋଲିଂ ଆକ୍ରମଣ ଆଗରେ ଦକ୍ଷିଣାଞ୍ଚଳର ଅଭିଜ୍ଞ ବ୍ୟାଟରମାନେ ବିଫଳ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର: ପଶ୍ଚିମାଞ୍ଚଳ:** ୨୭୦ ଓ ୫୮୫/୪, ଘୋଷଣା (ଯଶସ୍ୱୀ ଜୟସ୍ୱାଲ-୨୬୫, ଶ୍ରେୟାସ ଆୟାର-୭୧, ସର୍ଫରାଜ ଖାଁ ୧୨୭; ଆର. ସାଇକିଶୋର-୨/୧୫୭, କେ. ଗୋଥାମ-୨/୨୩୫)।
**ଦକ୍ଷିଣାଞ୍ଚଳ:** ୩୨୭ ଓ ୧୫୪/୬ (ରୋହନ କୁନ୍ନୁମାଲ-୯୩; ଜୟଦେବ ଉନାଡକଟ-୨/୨୬, ଅତୀତ ସେଠ୍-୨/୨୯, ଶାମ୍ସ ମୁଲାନି-୨/୨୪)।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ସେପ୍ଟେମ୍ବର ୨୫/୨୦୨୨ (୧୨+୮=୨୦ ପୃଷ୍ଠା) Sambalpur, Sunday, September 25/2022 Page 20 | ପୃଷ୍ଠା-୧



## ଟାଇଗରଙ୍କ ପ୍ରିୟ ଅଲ୍ଲୁ

ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ପ୍ରିୟ ନାୟକ ହେଉଛନ୍ତି ସାଉଥ୍ ଫିଲ୍ମ ଜଗତର ଷ୍ଟାଇଲିଶ୍ ହିରୋ ଅଲ୍ଲୁ ଅର୍ଜୁନ।

୦୨

୦୮

## ଏରିଗାଇସି ଫାଇନାଲରେ

ଅର୍ଜୁନ ଏରିଗାଇସି ଜୁଲିଅସ୍ ବେଅର ଜେନେରେଶନ କପ୍ ଅନ୍‌ଲାଇନ୍ ରାପିଡ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି।



# ଚାଇଲ୍ଡ ପର୍ନୋଗ୍ରାଫି: ୨୧ ରାଜ୍ୟରେ ଚଢ଼ାଉ

**ନୂଆଦିଲ୍ଲୀ,୨୪।୯**

ଶିଶୁମାନଙ୍କୁ ନେଇ ଅଶ୍ଲୀଳ ଚିତ୍ର ବା ଚାଇଲ୍ଡ ପର୍ନୋଗ୍ରାଫି ପ୍ରସ୍ତୁତ କରି ଅନ୍‌ଲାଇନରେ ବିକ୍ରି ଓ ପ୍ରସାରଣ କରାଯାଉଥିବାରୁ ଏହାକୁ ରୋକିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଶନିବାର ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ସିବିଆଇ ଅଧିକାରୀମାନେ ଏକସଙ୍ଗେ ହିମାଚଳପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ଗୋଆ, କର୍ଣ୍ଣାଟକ, ତେଲଙ୍ଗାନା, ତାମିଲନାଡୁ



ସମେତ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୯ଟି ସ୍ଥାନରେ ଚଢ଼ାଉ କରିଛନ୍ତି। ସିବିଆଇ ଇତିହାସରେ ଏହା ସବୁଠୁ

### ସିବିଆଇର ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ

ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ଇଣ୍ଟରନେଟ୍‌ରେ ଏଭଳି ଅଶ୍ଲୀଳ ଫଟୋ ଓ ଭିଡିଓ ଉପଲବ୍ଧ ହେଉଥିବା ନେଇ ଇଣ୍ଟରପୋଲ୍‌ର ସିଙ୍ଗାପୁରସ୍ଥିତ ଶିଶୁ ବିରୋଧୀ ଅପରାଧ ଶାଖାଠାରୁ ସୂଚନା ପାଇବା ପରେ ସିବିଆଇ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଅପରାଧରେ ସମ୍ପୃକ୍ତ ସମ୍ପୂର୍ଣ୍ଣ ନେଟ୍‌ୱର୍କ ଉପରେ ଚଢ଼ାଉ ଲାଗି ୨୦୦ରୁ ଊର୍ଦ୍ଧ୍ୱ ସିବିଆଇ ଅଧିକାରୀଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ କରାଯାଇଥିଲା।

ପର୍ନୋଗ୍ରାଫି ବିକ୍ରି ଓ ପ୍ରସାରଣ ଲାଗି କ୍ଲାଉଡ୍ ଷ୍ଟୋରେଜ୍ ବ୍ୟବହାର କରାଯାଉଥିବା ଜଣାପଡ଼ିବା ପରେ ଏହା ଉପରେ ତଥ୍ୟ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବୈଷୟିକ ପଦ୍ଧତିରେ ନଜର ରଖିବା ସହ ଅଭିଯୁକ୍ତମାନଙ୍କ ଆଡ୍ଡାସ୍ଥଳ ଚିହ୍ନଟ ପରେ ଚଢ଼ାଉ ଚାଲିଥିବା ସିବିଆଇ ସୂତ୍ରରୁ କୁହାଯାଇଛି। ଏହି କାର୍ଯ୍ୟାନୁଷ୍ଠାନର ନାଁ ରଖାଯାଇଛି 'ମେଘଚକ୍ର'। ଅନୁରୂପ ଅପରାଧକୁ ନେଇ ଗତବର୍ଷ ନଭେମ୍ବରରେ ସିବିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେତେବେଳେ ଏହାର ନାମ ରଖାଯାଇଥିଲା ଅପରେଶନ କାର୍ବନ। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଜରିଆରେ ଶିଶୁ ପର୍ନୋଗ୍ରାଫି ପ୍ରସାରଣ ଏବଂ ଶିଶୁମାନଙ୍କୁ ବ୍ଲାକ୍‌ମେଲିଂରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ଗ୍ୟାଙ୍ଗ୍‌କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ☞ପୃଷ୍ଠା-୩

## ୧ରୁ ୫ଜି ସେବା



**ନୂଆଦିଲ୍ଲୀ,୨୪।୯:** ଆସନ୍ତା ଅକ୍ଟୋବର ୧ ତାରିଖରେ ଭାରତରେ ୫ଜି ସେବା ଆରମ୍ଭ ହେବାକୁ ଯାଉଛି। ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହି ୫ଜି ସେବା ଲଞ୍ଚ୍ କରିବେ। ଏସିଆର ସର୍ବବୃହତ୍ ଟେଲିକମ୍, ମିଡିଆ ଏବଂ ଟେକ୍‌ନୋଲୋଜି ଫୋରମ୍ ଭାବେ ନିଜକୁ ଦାବି କରୁଥିବା ଆଇଏମ୍‌ସିର କାର୍ଯ୍ୟକ୍ରମକୁ ଭାରତର ଟେଲିକମ୍ ବିଭାଗ ଏବଂ ସେଲୁଲାର ଅପରେଟର୍ସ ଆସୋସିଏଶନ ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଉଛି। ସ୍ୱଳ୍ପ ସମୟସୀମା ମଧ୍ୟରେ ଦେଶର ୮୦ ପ୍ରତିଶତ ଅଞ୍ଚଳରେ ୫ଜି ଟେଲିକମ୍ ସେବା ଉପଲବ୍ଧ କରାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିବା ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ସପ୍ତାହରେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଚଣ୍ଡିଗଡ଼, ହାଇଦ୍ରାବାଦ, ଗାନ୍ଧୀନଗର, ଗୁରୁଗ୍ରାମ, ଜାମନଗର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ ଏବଂ ପୁଣେରେ ୫ଜି ସେବା ଶୁଭାରମ୍ଭ ହେବ ବୋଲି ଟେଲିକମ୍ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ବେଳେ ଓଡ଼ିଶାରେ ମଧ୍ୟ ଏହି ସମୟରେ ଲଞ୍ଚ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

# ୨ରେ ଲଘୁଚାପ: ପ୍ରବଳ ଛେଚିବ

**ଭୁବନେଶ୍ୱର୨୪।୯(ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ହେବ। ଉପକୂଳ ଓଡିଶାର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଅକ୍ଟୋବର ୨ରୁ ୪ ତାରିଖ ଯାଏ ବର୍ଷା ଲାଗି ରହିବ। ରାଜ୍ୟରେ ମୌସୁମୀଜନିତ ବର୍ଷା ଲାଗି ରହିଛି। ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଭଦ୍ରକରେ ୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୨.୮, ପାରାଦୀପ ୩୨, ଗୋପାଳପୁର ୧୪.୩, ମାଲକାନଗିରି ୧୫, ଛତ୍ରପୁର ୨୦, ଜଗତସିଂହପୁର ୧୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୬ ଓ ୨୭ ତାରିଖରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ବର୍ଷା ହୋଇପାରେ। ରାଜ୍ୟରେ ଚଳିତ ବର୍ଷ ଭଲ ବର୍ଷା ହୋଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୨୪ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ୪% ଅଧିକ ବର୍ଷା ହୋଇଛି।



ଶନିବାର ବର୍ଷା ପରେ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍ ରୋଡ୍ ଜଳମଗ୍ନ।

# ବିହାରରେ ଠାବ ହେଲେ ୨ ଯୋଗାଣକାରୀ

### ନକଲି ମେଡିସିନ କାରବାର ମାମଲା

**କଟକ ଅଫିସ,୨୪।୯**

ଓଡ଼ିଶା ବାହାରକୁ ଯାଇଥିବା କମିଶନରେଟ୍ ପୋଲିସର ଏକ ଟିମ୍ ବିହାରର ଗୟାଠାରେ ନକଲି ମେଡିସିନ ଯୋଗାଣକାରୀଙ୍କୁ ଠାବ କରିଛି। ବିହାର ପୋଲିସ ସହାୟତାରେ ସେଠାରେ ତଦନ୍ତ କରାଯାଉଛି। ଗୟାସ୍ଥିତ ବାଲାଜୀ ଏଜେନ୍ସିର ୨ ଜଣଙ୍କୁ ପୋଲିସ ପଚରାଉଚୁରା କରୁଥିବାବେଳେ ସେମାନଙ୍କୁ ଗିରଫ କରି ଓଡ଼ିଶା ଅଣାଯିବ ବୋଲି ଡିସିପି ପିନାକ ମିଶ୍ର ଶନିବାର ସୂଚନା ଦେଇଛନ୍ତି। ନକଲି ମେଡିସିନ କାରବାର ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ୨ ଅଭିଯୁକ୍ତଙ୍କୁ ଜେରାବେଳେ ପୋଲିସକୁ ଏନେଇ ସବିଶେଷ ତଥ୍ୟ ହସ୍ତଗତ ହୋଇଥିଲା। ଉକ୍ତ ତଥ୍ୟକୁ ଆଧାର କରି ପୁରୀଘାଟ ଥାନା ଆଇଆଇସିଙ୍କ ନେତୃତ୍ୱରେ ୪ ଜଣିଆ ଏକ ଟିମ୍ ଗତ ୨୧ ତାରିଖରେ ବିହାର ଯାଇଛି।

ପ୍ରକାଶ ଯେ, ଉଚ୍ଚ ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ନକଲି ମେଡିସିନ୍ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ☞ପୃଷ୍ଠା-୩




ନିତିଦିନିଆ ଜୀବନରେ ଛୋଟ ଛୋଟ ପରିବର୍ତ୍ତନ ଆଣି
100 ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଏବଂ ସୁଖୀ ଜୀବନ ଜିଇବାର ଉପାୟ
PATANJALI®



ନିଜ ରୋଷେଇରୁ କ୍ଷତିକାରକ କେମିକାଲ୍‌ଯୁକ୍ତ ରିଫାଇନ୍‌ଡ ଅଏଲ ଓ ଅପମିଶ୍ରିତ ଘିଅ ଆଦିକୁ ଆଜି ହିଁ ହଟାନ୍ତୁ । ପତଞ୍ଜଳିର ଶୁଦ୍ଧ କଚ୍ଚି ଘାନୀ ସୋରିଷ ତେଲ, ଫିଜିକାଲି ରିଫାଇନ୍‌ଡ ନାଚୁରାଲ ରାଶି ତେଲ, ରାଇସ୍ ବ୍ରାନ୍ ତେଲ ତଥା ଗାଈର ଶୁଦ୍ଧ ଦେଶୀ ଘିଅ ବ୍ୟବହାର କରନ୍ତୁ ଯାହା ସ୍ମୃତି, ମେଧା ଓ ଦୃଷ୍ଟି ଶକ୍ତି ବର୍ଦ୍ଧକ, ବଳ, ଆୟୁ ଓ ଯୌବନ ବୃଦ୍ଧି କରିଥାଏ । ନାଚୁରାଲ୍ ଅଏଲ୍ ଓ ଗାଈର ଘିଅ ଆପଣଙ୍କ ଇମ୍ୟୁନିଟି ବଢ଼ାଇ ରୋଗ ସହ ଲଢ଼ିବାର ଶକ୍ତି ଦେଇଥାଏ ।



ମସଲା କମ୍ ହିଁ ଖାଆନ୍ତୁ, କିନ୍ତୁ ଭଲ ଖାଆନ୍ତୁ । ଆଜିକାଲି ସ୍ୱାଦ ବଢ଼ାଇବା ପାଇଁ ଖାଦ୍ୟରେ ସିନ୍ଥେଟିକ୍ ଫ୍ଲେଭର୍ ଏବଂ ସ୍ୱାଦବର୍ଦ୍ଧକ ଉପାଦାନ ମିଶାଯାଇଥାଏ, ଯାହା ଅତ୍ୟନ୍ତ କ୍ଷତିକାରକ ଅଟେ। ଆମର ପୂର୍ବଜମାନେ ଆହାର ବିଜ୍ଞାନରେ ଗବେଷଣା କରି ଖାଦ୍ୟକୁ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର କରିବା ପାଇଁ ଏଥିରେ ମସଲାଗୁଡ଼ିକୁ ସମାବିଷ୍ଟ କରିଥିଲେ, କିନ୍ତୁ ମସଲା ଶୁଦ୍ଧ ହୋଇଥିଲେ ଏବଂ ତାହାର ଫର୍ମୁଲେଶନ୍ ସାଇଣ୍ଟିଫିକ୍ ହୋଇଥିଲେ ହିଁ ଲାଭ ମିଳିଥାଏ । ପତଞ୍ଜଳି ମସଲାଗୁଡ଼ିକ ସେହି ପୂର୍ବଜଙ୍କ ପଦ୍ଧତିରେ ପ୍ରସ୍ତୁତ କରାଯାଇଥିବା 100% ଶୁଦ୍ଧ ମସଲା ଅଟେ, ଯାହା ପାଚନତନ୍ତ୍ରକୁ ସୁସ୍ଥ ରଖିବା ସହିତ ଇମ୍ୟୁନିଟି ମଧ୍ୟ ବଢ଼ାଇଥାଏ ।

~~ଚିନି, ଲୁଣ, ମଇଦା~~



ଆପଣ ଚିନି, ବଜାରର ମିଷ୍ଟାନ୍ନ ଏବଂ ଜଙ୍କ୍ କିମ୍ବା ଫାଷ୍ଟ ଫୁଡ୍ ଥରେ ବି ଖାଇଲେ ତାହାର କୁପ୍ରଭାବ ଅନେକ ଦିନ ପର୍ଯ୍ୟନ୍ତ ଆପଣଙ୍କ ପାଚନ ତନ୍ତ୍ରରୁ ଆରମ୍ଭ କରି ଡି.ଏନ୍.ଏ. ପର୍ଯ୍ୟନ୍ତ ପଡ଼ିଥାଏ । ସେଗୁଡ଼ିକ ବଦଳରେ ଆପଣ ପତଞ୍ଜଳି ହନି, ମଧୁରମ୍ ଏବଂ ଖଜୁରି, ମୁନକ୍କା, ଅଞ୍ଜିର ଆଦି ପ୍ରାକୃତିକ ଭାବେ ମିଠା ଆହାରକୁ ନିଜ ଜୀବନରେ ସାମିଲ କରନ୍ତୁ । ଲୁଣରେ ସୈନ୍ଧବ ଲୁଣ ବ୍ୟବହାର କରନ୍ତୁ । ଅଟାରେ ମୋଟା ଅଟା ଯେପରିକି ପତଞ୍ଜଳି ଚକ୍କି ଅଟା, ମଲ୍ଟିଗ୍ରେନ୍ ଅଟା, ମକ୍କା ଅଟା, ରାଗି ଅଟା, ଏକ୍ସଟ୍ରା ଫାଇବର୍ ଅଟା, ଡାଇବେଟିକ୍ ଅଟା, ମିସ୍ସି ଅଟା, ମେଥି ଅଟା ଓ ଗ୍ଲୁଟେନ୍-ଫ୍ରି ଅଟା ଆଦି ଆପଣାନ୍ତୁ । ମଲ୍ଟିଗ୍ରେନ୍ ଅଟା ଓ ଡ୍ରାଏ ଫ୍ରୁଟ୍ସ କେବଳ ପତଞ୍ଜଳିର ଏକ୍ସକ୍ଲୁସିଭ୍ ଷ୍ଟୋର୍ସରେ ଉପଲବ୍ଧ ହୋଇଥାଏ । ଅବଶିଷ୍ଟ ସମସ୍ତ ଉତ୍ପାଦ ଖୋଲା ବଜାରରେ ମଧ୍ୟ ଉପଲବ୍ଧ ।



ନିଜର ଦୈନନ୍ଦିନ ଲାଇଫଷ୍ଟାଇଲରେ ଆୟୁର୍ବେଦକୁ ସମ୍ମିଳିତ କରନ୍ତୁ । ଅଁଳା, ଏଲୋଭେରା ଏବଂ ଗିଲୟ ଜୁସ୍ ଗରମ ପାଣିରେ ଦୈନିକ ସକାଳେ ପିଅନ୍ତୁ ଏବଂ 100ରୁ ଅଧିକ ରୋଗରୁ ରକ୍ଷା ପାଆନ୍ତୁ । ପାଚନତନ୍ତ୍ର, ଇମ୍ୟୁନିଟି, ସ୍କିନ୍, ଆର୍ଥ୍ରାଇଟିସ୍ ଓ ଡାଇବେଟିସ୍ ଭଳି ଲାଇଫଷ୍ଟାଇଲ୍ ରୋଗରେ ଅତ୍ୟନ୍ତ ଗୁଣକାରୀ ଅଟେ । ଏହା କେଶର ସ୍ୱାସ୍ଥ୍ୟ, ଦୃଷ୍ଟି ଶକ୍ତି, ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟି ଓ ପାଚନତନ୍ତ୍ରର ଅନ୍ୟ ସମସ୍ୟାଗୁଡ଼ିକରେ ପୂର୍ଣ୍ଣ ଲାଭକାରୀ ଅଟେ । ଯେଉଁମାନେ ଉକ୍ତ କୋଷ୍ଠକାଠିନ୍ୟରେ ପୀଡ଼ିତ ସେମାନେ ରାତିରେ ମଧ୍ୟ 20ରୁ 30 ମିଲି ଏଲୋଭେରା ଜୁସ୍ ଓ ଅଁଳା ଜୁସ୍ ନିଶ୍ଚୟ ସେବନ କରନ୍ତୁ । ପାଚନ ତନ୍ତ୍ର ସୁସ୍ଥ ହେଲେ ଆପଣଙ୍କୁ ନିତିଦିନିଆ ସ୍ୱାଭାବିକ ଆହାରରୁ ସମ୍ପୂର୍ଣ୍ଣ ପୋଷଣ ମିଳିବ ଓ ଆପଣ ନ୍ୟୁଟ୍ରିସନ ଅଭାବର ଶିକାର ହେବେନାହିଁ ।



ରୋଗକୁ ମୂଳରୁ ଦୂର କରିବା ପାଇଁ ପତଞ୍ଜଳି ଏବଂ ଦିବ୍ୟର ଗବେଷଣା ତଥା ପ୍ରମାଣ ଆଧାରିତ ଔଷଧ ଆପଣାନ୍ତୁ । ଏହି ଔଷଧଗୁଡ଼ିକ ଆପଣ ନିକଟତମ ପତଞ୍ଜଳି କେନ୍ଦ୍ରରୁ କିଣିପାରିବେ । ପ୍ରମୁଖ ମେଡିକାଲ ଷ୍ଟୋର୍ସରେ ମଧ୍ୟ ପତଞ୍ଜଳିର ଔଷଧ ଉପଲବ୍ଧ ଅଛି, ଯେପରିକି ଲିଭର ପାଇଁ ଲିଭୋଗ୍ରିଟ୍ ଓ ଲିଭାମୃତ ଆଡ୍‌ଭାନ୍ସ, କିଡ୍‌ନୀ ପାଇଁ ରିନୋଗ୍ରିଟ୍, କୋଲାଇଟିସ୍ ପାଇଁ କୋଲୋଗ୍ରିଟ୍, ଥାଇରଏଡ୍ ପାଇଁ ଥାଇରୋଗ୍ରିଟ୍, ବି.ପି. ପାଇଁ ମୁକ୍ତାବଟୀ ଓ ବିପିଗ୍ରିଟ୍, ସୁଗାର୍ ପାଇଁ ମଧୁନାଶିନୀ ବଟୀ ଓ ମଧୁଗ୍ରିଟ୍, ଆର୍ଥ୍ରାଇଟିସ୍ ପାଇଁ ପୀଡ଼ାନିଲ ଏବଂ ଅର୍ଥୋଗ୍ରିଟ୍, ମସ୍ତିଷ୍କ ରୋଗ ପାଇଁ ମେମୋରୀଗ୍ରିଟ୍ ଓ ମେଧାବଟୀ, ଆଖି ପାଇଁ ଆଇଗ୍ରିଟ୍ ଗୋଲ୍ଡ, ହାର୍ଟ ପାଇଁ ହୃଦୟାମୃତ ଓ କାର୍ଡିଓଗ୍ରିଟ୍, ଇମ୍ୟୁନିଟି ପାଇଁ ଇମ୍ୟୁନୋଗ୍ରିଟ୍ ଆଦି ।



PATANJALI® wellness
Yoga, Ayurveda & Naturopathy

ପ୍ରତିଦିନ ସକାଳେ ଆସ୍ଥା ଲାଇଭ୍ ଓ ଇଣ୍ଡିଆ ଟି.ଭି.ରେ ଯୋଗଋଷି ସ୍ୱାମୀ ରାମଦେବ ଜୀଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ ନିଶ୍ଚୟ କରନ୍ତୁ ତଥା ଯୋଗ, ଆୟୁର୍ବେଦ ଏବଂ ନେଚୁରୋପ୍ୟାଥି ଦ୍ୱାରା ନିଜର ସବୁ ରୋଗର ସ୍ଥାୟୀ ସମାଧାନ ପାଆନ୍ତୁ । ଏହା ସହିତ, ଅସାଧ୍ୟ ରୋଗଗୁଡ଼ିକୁ ଦୂର କରିବାର ଉପାୟ ଏବଂ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ ବିଷୟରେ ପ୍ରାମାଣିକ ଜ୍ଞାନ ପ୍ରାପ୍ତ କରନ୍ତୁ । ପତଞ୍ଜଳିରେ 7 ଦିନର ଆବାସିକ ଉପଚାରରେ ଇଣ୍ଟିଗ୍ରେଟେଡ୍ ଥେରାପି ଦ୍ୱାରା ନେଚୁରୋପ୍ୟାଥି, ପଞ୍ଚକର୍ମ ଓ ଷଟ୍‌କର୍ମର ଶହ ଶହ ଥେରାପି ଦ୍ୱାରା ରୋଗମୁକ୍ତ, ଔଷଧମୁକ୍ତ ଜୀବନ ଜିଇବା ପାଇଁ ଯୋଗାଯୋଗ କରନ୍ତୁ ।

ରେଜିଷ୍ଟ୍ରେଶନ ପାଇଁ ଯୋଗାଯୋଗ କରନ୍ତୁ:
8954666111, 8954666222, 8954666333, 8954666555
Email: booking@patanjaliwellness.com | Website: www.patanjaliwellness.com

ଆସ୍ଥା LIVE — ଦୈନିକ ସକାଳ 5:00 ରୁ 7:30 ଓ ରାତି 8:00 ଘଟିକାରେ
INDIA TV — ଦୈନିକ ସକାଳ 7:56 ଘଟିକାରେ

ଆରୋଗ୍ୟ ସୂତ୍ର- ଦିନରେ ଦୁଇଥର ଚୋବାଇ-ଚୋବାଇ ସାତ୍ତ୍ୱିକ ଆହାର ସେବନ କରନ୍ତୁ । ସପ୍ତାହରେ ଥରେ ଉପବାସ, ଅଣୁ ତେଲ ଆଦିରୁ ନସ୍ୟ, କୁଞ୍ଜଳ ଏବଂ ମେଡିକେଟେଡ୍ ସାମଗ୍ରୀରେ ଧୂପ ଓ ଅଗ୍ନିହୋତ୍ର ନିଶ୍ଚୟ କରନ୍ତୁ ।

## ‘ବିମାନ ଚଳାଚଳ ପ୍ରତି ୫ଜି ବିପଦ’

**ନୂଆଦିଲ୍ଲୀ:** ଭାରତରେ ଖୁବ୍‌ଶୀଘ୍ର ୫ଜି ସେବା ଆରମ୍ଭ କରିବା ପାଇଁ ଉଭୟ ଟେଲିକମ୍ ମନ୍ତ୍ରଣାଳୟ ଏବଂ ସରକାର ପ୍ରାୟ ସମସ୍ତ ପ୍ରକ୍ରିୟା ଶେଷ କରିଛନ୍ତି। ହେଲେ ୫ଜି ସେବାର ଆରମ୍ଭ ହେବା ଆଗରୁ ବିଭିନ୍ନ ବିଷୟ ଉପରେ ତର୍ଜମା କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଆପତ୍ତି ସହ ଉଦ୍‌ବେଗ ପ୍ରକାଶ କରାଯାଇଛି। ବିଶେଷକରି ଉକ୍ତ ସେବା ପାଇଁ ବିମାନ ଚଳାଚଳ ପ୍ରତି ରହିଥିବା ବିପଦକୁ ନେଇ ଡିଜିସିଏ ଚିନ୍ତା ପ୍ରକଟ କରିଛି। ଏପରିକି ୫ଜି ପାଇଁ ରହିଥିବା ସମସ୍ୟା ବିଷୟରେ ଡିଜିସିଏ ପକ୍ଷରୁ ଟେଲିକମ୍ ବିଭାଗକୁ ମଧ୍ୟ ଅବଗତ କରାଯାଇଛି।

# ଭାରତରେ ୫,୦୦୦ କୋଟି ଟଙ୍କା ବିନିଯୋଗ କରିବ ନେସ୍‌ଲେ

**ନୂଆଦିଲ୍ଲୀ,୨୪।୯**


ମାର୍କ ସ୍ନାଇଡର

ଦେଶର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ତଥା ବିଶ୍ୱର ଜଣାଶୁଣା ଖାଦ୍ୟ ତଥା ପାନୀୟ କମ୍ପାନୀ ନେସ୍‌ଲେ ଏସ୍‌ଏ ଆସନ୍ତା ସାଢେ ୩ ବର୍ଷ ମଧ୍ୟରେ ବା ୨୦୨୫ ସୁଦ୍ଧା ଭାରତରେ ୫୦୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରିଛି ବୋଲି ନେସ୍‌ଲେର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମାର୍କ ସ୍ନାଇଡର ନିକଟରେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହା ଉପରେ ଯଦି ଆମେ ମିଶ୍ରଣ ଏବଂ ଅଧିଗ୍ରହଣ ପାଇଁ ସୁଯୋଗ ଦେଖୁ ତେବେ ଆମେ ସେଗୁଡିକୁ ମଧ୍ୟ ଅନୁସନ୍ଧାନ କରି ଖୁସି ହେବୁ ବୋଲି ମାର୍କ କହିଛନ୍ତି। ଏପରିକି ପୁଞ୍ଜି ବିନିଯୋଗ କ୍ୟାପେକ୍ସ (ପୁଞ୍ଜି ବ୍ୟୟ) ସାଙ୍ଗକୁ ପ୍ଲାଣ୍ଟ ସ୍ଥାପନ ଏବଂ କମ୍ପାନୀର ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବାକୁ ଯୋଜନା କରିଛୁ। ବର୍ତ୍ତମାନ କମ୍ପାନୀ ଭାରତରେ ୯ଟି ପ୍ଲାଣ୍ଟ ପରିଚାଳନା କରୁଥିବା ବେଳେ ଆଉ ଅଧିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ ନୂତନ ସ୍ଥାନଗୁଡିକ ଉପରେ ମଧ୍ୟ ନଜର ରଖିଛୁ। ବିଶେଷକରି କ୍ଲିୟରାନ୍ସ ଏବଂ ଅନୁମୋଦନ ଅନୁଯାୟୀ ପୁଞ୍ଜି ବିନିଯୋଗ ସହ ନିଯୁକ୍ତି ସୃଷ୍ଟି କରିବାରେ ଏହା ବେଶ୍ ସହାୟକ ହେବ ବୋଲି ମାର୍କ ଆଶାବ୍ୟକ୍ତ କରିଛନ୍ତି। ସେହିଭଳି କମ୍ପାନୀ ଶ୍ରେଷ୍ଠ ୧୦ ମଧ୍ୟରେ ଥିବା ଭାରତୀୟ ବଜାରରେ ପୁଞ୍ଜି ବିନିଯୋଗ ଯୋଜନା ସମ୍ପର୍କରେ ସ୍ନାଇଡର ଏକ ମିଡିଆ ରାଉଣ୍ଡ ଟେବୁଲରେ ବିସ୍ତୃତ ମତବ୍ୟକ୍ତ କରିଛନ୍ତି।

### ୨୦୨୫ ସୁଦ୍ଧା ଉତ୍ପାଦନ କ୍ଷମତା ବୃଦ୍ଧି ସାଙ୍ଗକୁ ନୂତନ ସ୍ଥାନ ଉପରେ କମ୍ପାନୀ ନଜର ରଖିଛି

ଅପରପକ୍ଷରେ ଭାରତରେ ଉତ୍ପାଦନ ଆରମ୍ଭ କରିବାର ୬୦ବର୍ଷ ମଧ୍ୟରେ ଏହି ଯୋଜନା ୮,୦୦୦ କୋଟି ଟଙ୍କା ସହ ତୁଳନା କରାଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀ ୧୧୦ ବର୍ଷରୁ ଅଧିକ ସମୟ ଧରି ଭାରତ ବଜାରରେ ତା’ର ଉପସ୍ଥିତି ଜାହିର କରିଆସିଛି। ଏହି ବିନିଯୋଗ ଉଭୟ ବିକାଶମୂଳକ କାର୍ଯ୍ୟ ଏବଂ ବ୍ରାଣ୍ଡ୍ ବିଲ୍ଡିଂ ଇତ୍ୟାଦି ପାଇଁ କାର୍ଯ୍ୟ କରିବ ବୋଲି ସ୍ନାଇଡର ଆଶା ପ୍ରକାଶ କରିଛନ୍ତି। ସେହିପରି ୨୦୨୦ରେ କମ୍ପାନୀ ଗୁଜରାଟର ସାନନ୍ଦଠାରେ ଥିବା କାରଖାନାର କ୍ଷମତା ବୃଦ୍ଧି ପାଇଁ ପ୍ରାୟ ୨,୬୦୦ କୋଟି ଟଙ୍କାର ବିନିଯୋଗ ସମ୍ପର୍କରେ ମଧ୍ୟ ଘୋଷଣା କରିଥିଲା। କିଟ୍‌କାଟର ନିର୍ମାତା ପୁରିନା ପେଟକେୟାର ସହ ଦେଶରେ ପୋଷା ଖାଦ୍ୟ ବିଭାଗରେ ପ୍ରବେଶ କରିଥିଲେ।

ଏ ସମ୍ପର୍କରେ ନେସ୍‌ଲେ ଇଣ୍ଡିଆର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ସୁରେଶ ନାରାୟଣନ କହିଛନ୍ତି, କମ୍ପାନୀର ମୂଳ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ସହ ଏହା ଆଉ ଏକ ଧ୍ୟାନ କ୍ଷେତ୍ର ହେବ। ବିଶେଷକରି କମ୍ପାନୀ ୩ଟି ପରିକଳନା ଯୋଜନା ମାଧ୍ୟମରେ ଏହାର ନକ୍ସା ପ୍ରସ୍ତୁତ କରିଛି। ସୂଚନାଯୋଗ୍ୟ, ୨୦୨୧ ରେ ନେସ୍‌ଲେ ଇଣ୍ଡିଆର ଆୟ ୧୪,୭୦୯.୪୧ କୋଟି ଟଙ୍କା ରହିଥିଲା। କମ୍ପାନୀ ଶେଷ ଥର ମ୍ୟାଗି ନୁଡୁଲ୍ ଉତ୍ପାଦନ ପାଇଁ ସାନନ୍ଦଠାରେ ଏହାର କାରଖାନା ଖୋଲିବା ପାଇଁ ପ୍ରାୟ ୭୦୦କୋଟି ଟଙ୍କା ବିନିଯୋଗ କରିଥିଲା।

## ପାର୍ବଣରେ ୨.୫ ଲକ୍ଷ କୋଟି ଖର୍ଚ୍ଚ କରିବେ ଭାରତୀୟ

**ନୂଆଦିଲ୍ଲୀ,୨୪।୯**

ଗତ ୨ ବର୍ଷ ହେବ କୋଭିଡ୍ ମହାମାରୀ ପାଇଁ ପାର୍ବଣ ବଜାର ମାନ୍ଦା ପଡ଼ିଯାଇଥିଲା। ବିଶେଷକରି ୨୦୨୦ ଏବଂ ୨୦୨୧ରେ ପାର୍ବଣର ମଜା ଉଠାଇପାରି ନ ଥିଲେ। ଫଳରେ ଚଳିତ ବର୍ଷ ପାର୍ବଣରେ ଲୋକମାନେ କିଣାକିଣି ସାଙ୍ଗକୁ ପୂଜା ପାଳନର ପ୍ରସ୍ତୁତି କରିସାରିଲେଣି। କାରଣ ପୂର୍ବ ବର୍ଷ ପରି ଚଳିତ ବର୍ଷ ଭାରତରେ ମହାମାରୀ ପ୍ରକୋପ କମ୍ ରହିଛି। ତେଣୁ ଚଳିତବର୍ଷ ପାର୍ବଣରେ ଗ୍ରାହକମାନେ ଅଧିକ ମାତ୍ରାରେ କିଣାକିଣି କରିବେ ବୋଲି ଜଣାପଡ଼ିଛି। ଚଳିତ ପାର୍ବଣରେ ଭାରତୀୟ ଗ୍ରାହକଙ୍କ ଖର୍ଚ୍ଚ ପ୍ରାୟତଃ ୩୨ ବିଲିଅନ ଡଲାର ବା ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ରହିବ ବୋଲି ଲୋକାଲ ସର୍କଲ୍ସ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ କରୋନା ମହାମାରୀ ପୂର୍ବରୁ ୨୦୧୯ ପାର୍ବଣରେ ଭାରତୀୟ ଗ୍ରାହକମାନେ ୩୭ ବିଲିଅନ ଡଲାର ଖର୍ଚ୍ଚ କରିଥିଲେ ବୋଲି ସର୍ଭେରୁ ସୂଚନା ମିଳିଛି।

## ସାରେଗାମା କାର୍‌ଭାନ ମୋବାଇଲ ଉନ୍ମୋଚିତ



**ଭୁବନେଶ୍ୱର,୨୪।୯**

ଭାରତୀୟ ସଙ୍ଗୀତ ଶିଳ୍ପର ପ୍ରମୁଖ ବ୍ରାଣ୍ଡ୍ ସାରେଗାମା ପକ୍ଷରୁ ଏକ ଭିନ୍ନ ଧରଣର ମୋବାଇଲ ଫୋନ୍ ‘ସାରେଗାମା କାର୍‌ଭାନ ମୋବାଇଲ ଫୋନ୍’ର ଉନ୍ମୋଚନ ସାଙ୍ଗକୁ ଓଡ଼ିଶା ବଜାର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀର ପୂର୍ବ ଏବଂ ଉତ୍ତର-ପୂର୍ବ ଜୋନ୍‌ର ଜେଡ୍‌ଏସ୍‌ଏମ୍ ସରୋଜ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚିତ କରିଥିଲେ। ଏପରିକି ଓଡ଼ିଶାରେ ଉକ୍ତ ଫୋନ୍‌ର ବଜାର ପ୍ରବେଶ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଓଡ଼ିଶା ଏଏସ୍‌ଏମ୍ ବିକ୍ରମ ପାତ୍ରଙ୍କ ସମେତ ଲକ୍ଷ୍ମୀ ମୋବାଇଲ ଷ୍ଟୋରର ମାଲିକ ନକୁଳ ସୁବୁଦ୍ଧି ଏବଂ ଓଡ଼ିଶା ଡିଷ୍ଟ୍ରିବ୍ୟୁଟର ଭୀମସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଏହା ହେଉଛି ଦେଶର ପ୍ରଥମ ଫିଚର ଫୋନ୍ ଯେଉଁଥିରେ କିମ୍ବଦନ୍ତୀ ଗାୟକ ଗାୟିକାମାନଙ୍କର ୧୫୦୦ରୁ ଅଧିକ ମନଛୁଆଁ ଗୀତ ରହିଛି, ଯାହାକୁ ସଙ୍ଗୀତପ୍ରେମୀମାନେ ବିନା କୌଣସି ପ୍ରତିବନ୍ଧକରେ ଶୁଣିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସବୁଠୁ ବଡ଼ କଥା ହେଉଛି ଏହି ଗୀତଗୁଡ଼ିକୁ ଶୁଣିବା ଲାଗି କୌଣସି ଇଣ୍ଟରନେଟ୍ ସଂଯୋଗର ଆବଶ୍ୟକତା ନାହିଁ। ସେହିଭଳି ଉକ୍ତ ମୋବାଇଲ ଫୋନ ବର୍ତ୍ତମାନ ୨ଟି ଭାରିଆଣ୍ଟରେ ଉପଲବ୍ଧ।

## ଆଇସିଆଇସିଆଇ ବ୍ୟାଙ୍କର ‘ଫେଷ୍ଟିଭ୍ ବୋନାଞ୍ଜା’

**ନୂଆଦିଲ୍ଲୀ,୨୪।୯**

ଚଳିତ ବର୍ଷର ପାର୍ବଣଋତୁକୁ ନଜରରେ ରଖି ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଫେଷ୍ଟିଭ୍ ବୋନାଞ୍ଜା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ଗ୍ରାହକମାନଙ୍କ ପାଇଁ ବ୍ୟାପକ ପ୍ରକାର ଅଫର ସହ ରିହାତି ଓ ୨୫ହଜାର ଟଙ୍କାର କ୍ୟାଶବ୍ୟାକ୍ ସୁବିଧାକୁ ମଧ୍ୟ ବ୍ୟାଙ୍କର ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, କଞ୍ଜୁମର ଫାଇନାନ୍ସ ଓ କାର୍ଡଲେସ୍ ଇଏମ୍‌ଆଇକୁ ବ୍ୟବହାର କରି ଉପଭୋଗ କରିପାରିବେ। ଏପରିକି ବ୍ୟାଙ୍କର ଡେବିଟ୍ କାର୍ଡ ଓ କ୍ରେଡିଟ୍ କାର୍ଡକୁ ବ୍ୟବହାରକରି ଇଏମ୍‌ଆଇ ଜରିଆରେ ମଧ୍ୟ ଗ୍ରାହକମାନେ ଉପରୋକ୍ତ ଅଫରଗୁଡ଼ିକୁ ହାସଲ କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଝା କହିଛନ୍ତି, ଆମ ଗ୍ରାହକମାନଙ୍କ ପାଇଁ ଫେଷ୍ଟିଭ୍ ବୋନାଞ୍ଜା ଅଫର ଆରମ୍ଭ କରାଯାଇଥିବା ବିଷୟରେ ଘୋଷଣାକରି ଆମେ ଅତ୍ୟନ୍ତ ଉଲ୍ଲସିତ ଅଛୁ। ଯେଉଁଥିରେ କିଣାକିଣି ଓ ବ୍ୟୟ ଉପରେ ବ୍ୟାପକ ଅଫର,ରିହାତି ଓ କ୍ୟାଶ୍‌ବ୍ୟାକ୍ ସୁବିଧା ରହିଛି। ସେହିଭଳି ବିଭିନ୍ନ ପ୍ରକାର ଉତ୍ପାଦ ଓ ସେବା ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରିବା ଲାଗି ଆମେ ଅଗ୍ରଣୀ ବ୍ରାଣ୍ଡ୍ ଓ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକ ସହ ସହଯୋଗିତା ମଧ୍ୟ ସ୍ଥାପନ କରିଛୁ। ଆଇସିଆଇସିଆଇ ବ୍ୟାଙ୍କର ଡେବିଟ୍-କ୍ରେଡିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ କଞ୍ଜୁମର ଫାଇନାନ୍ସକୁ ବ୍ୟବହାରକରି ଗ୍ରାହକମାନେ ଉକ୍ତ ଅଫରର ସୁବିଧା ହାସଲ କରିପାରିବେ।

## ଆଜି ଷ୍ଟାର୍ କିରଣରେ ‘ମହାବାହୁ’

**ଭୁବନେଶ୍ୱର,୨୪।୯**




ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଷ୍ଟାର କିରଣରେ ଆଜି(ରବିବାର) ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ‘ମହାବାହୁ’ର ପ୍ରସାରଣ ହେବ। ଉକ୍ତ ଚ୍ୟାନେଲ୍ ପ୍ରତି ସପ୍ତାହ ଶେଷ(ରବିବାର)ରେ ଦର୍ଶକମାନଙ୍କୁ ନୂଆ ଚଳଚ୍ଚିତ୍ର ଭେଟି ଦେଉଛି। ଫଳରେ ସାରା ପରିବାର ରବିବାର ଏକତ୍ରିତ ହୋଇପାରୁଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଆକାଶଦାସ ନାୟକ ଏବଂ ନାୟିକା ଭୂମିକାରେ ପୁନମ ମିଶ୍ର ଅଭିନୟ କରିଛନ୍ତି। ଏହା ଏକ ପାରିବାରିକ ଏବଂ ମନୋରଞ୍ଜନ ଭିତ୍ତିକ ଚଳଚ୍ଚିତ୍ର। ମହାବାହୁ ଚଳଚ୍ଚିତ୍ର ହେଉଛି ଏକ ପ୍ରତିକୂଳ ପରିସ୍ଥିତିରେ ଅବିଶ୍ୱାସରେ ବିଶ୍ୱାସର ବିରୋଧରେ ଆଭ୍ୟନ୍ତରୀଣ ଯୁଦ୍ଧର କାହାଣୀ। ଉକ୍ତ ଚଳଚ୍ଚିତ୍ରରେ ଶୁଭମ୍ ଚରିତ୍ରରେ ଆକାଶ ସୁନ୍ଦର ଅଭିନୟ ସାଙ୍ଗକୁ ଜଣେ ସଫଳ ଶିଳ୍ପପତିର ଭୂମିକାରେ ଅଭିନୟ କରିଛନ୍ତି। ଏପରିକି ଯେତେବେଳେ ହଠାତ୍ ଶୁଭମ୍ ତାଙ୍କ ମସ୍ତିଷ୍କରେ ହୋଇଥିବା ଏକ ଟ୍ୟୁମର ବିଷୟରେ ଜାଣିବାକୁ ପାଆନ୍ତି ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସେ ପ୍ରଭୁ ଜଗନ୍ନାଥଙ୍କ ଉପରୁ ସମସ୍ତ ବିଶ୍ୱାସ ହରାଇ ବସନ୍ତି। ଏହା ପରେ ଶ୍ରୀଜଗନ୍ନାଥଙ୍କ ଉପରେ ତାଙ୍କର ହଜିଯାଇଥିବା ବିଶ୍ୱାସ କିପରି ପୁନଃ ସ୍ଥାପିତ ହେଉଛି, ତାହା ଉକ୍ତ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକମାନଙ୍କୁ ସୁନ୍ଦର ଭାବରେ ପରିବେଷଣ କରାଯାଉଛି।

## ରିଅଲ୍‌ମି ସି୩୦ଏସ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୯**

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ନୂଆ ରିଅଲ୍‌ମି ସି୩୦ଏସ୍‌ର ଶୁଭାରମ୍ଭ କରାଯାଇଛି। ରିଅଲ୍‌ମି ସି୩୦ଏସ୍‌ର ଅନ୍ୟତମ ପ୍ରମୁଖ ହାଇଲାଇଟ୍ ହେଉଛି ଏହାର ସାଇଡ୍-ଫିଙ୍ଗରପ୍ରିଣ୍ଟ ସେନ୍‌ସର। ସି-ସିରିଜ୍ ସେଗ୍‌ମେଣ୍ଟରେ ଫିଙ୍ଗରପ୍ରିଣ୍ଟ ସେନ୍‌ସରର ପୁନଃ ଶୁଭାରମ୍ଭ କରିଥିବା ରିଅଲ୍‌ମି ସି୩୦ଏସ୍ ଆପଣଙ୍କ ସ୍ମାର୍ଟଫୋନ୍‌କୁ କେବଳ ୦.୫୮ ସେକେଣ୍ଡରେ ଅନ୍‌ଲକ୍ କରିବା ପାଇଁ ସକ୍ଷମ । ରିଅଲ୍‌ମି ସି୩୦ଏସ୍‌ରେ ଏକ ମାଇକ୍ରୋ-ଟେକ୍ସଚର୍ ଆଣ୍ଟି-ସ୍ଲିପ୍ ଡିଜାଇନ ରହିଛି, ଯାହାର ଓଜନ ମାତ୍ର ୧୮୨ଗ୍ରାମ ଏବଂ ଏଥିରେ ଏକ ଅଲ୍‌ଟ୍ରା-ସ୍ଲିକ୍ ୮.୫ ଏମ୍‌ଏମ୍ ବଡି ରହିଛି । ଏହି ସ୍ମାର୍ଟଫୋନ୍ ଏକ ୬.୫ ଇଞ୍ଚ୍ ଫୁଲ୍‌ସ୍କ୍ରିନ୍ ଏଲ୍‌ସିଡି ଡିସ୍‌ପ୍ଲେ ସହ ଆସୁଛି। ୟୁନିସକ୍ ଏସ୍‌ସି୯୮୬୩ଏ ଅକ୍ଟା-କୋର୍ ପ୍ରୋସେସର ଦ୍ୱାରା ପରିଚାଳିତ ରିଅଲ୍‌ମି ସି୩୦ଏସ୍ ଏହାର ଉପଭୋକ୍ତାଙ୍କୁ ଏକ ଅତ୍ୟଧିକ ସୁଗମ ପରିଚାଳନା ଅନୁଭୂତି ଦେଉଛି। ଏ ସମ୍ପର୍କରେ ରିଅଲ୍‌ମି ଗ୍ରୁପ୍‌ର ଅଧ୍ୟକ୍ଷ ମାଧବ ସେଠ୍ କହିଛନ୍ତି, ରିଅଲ୍‌ମି ସି-ସିରିଜ୍‌କୁ କମ୍ ମୂଲ୍ୟର ସ୍ମାର୍ଟଫୋନ୍ ଚାହୁଁଥିବା ଉପଭୋକ୍ତାଙ୍କୁ ସର୍ବୋତ୍ତମ ଫିଚର ପ୍ରଦାନ କରିବା ପାଇଁ ନିର୍ମାଣ କରାଯାଇଛି। ରିଅଲ୍‌ମି ସି୩୦ଏସ୍ ହେଉଛି ଡିଜାଇନ୍ ଓ ଟେକ୍ନୋଲୋଜିର ଉପଯୁକ୍ତ ସମ୍ମିଶ୍ରଣ ଥିବା ଏକ ଉତ୍ପାଦ ନିର୍ମାଣ କରିବା ପାଇଁ ଆମର ନୂତନ ପ୍ରୟାସ ରହିଛି।

**ଫୁରସତ୍**

## ଟାଇଗରଙ୍କ ପ୍ରିୟ ଅଲ୍ଲୁ



**ମୁମ୍ବାଇ:** ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ପ୍ରିୟ ଅଭିନେତା ହେଉଛନ୍ତି ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଷ୍ଟାଇଲିଶ୍ ହିରୋ ଅଲ୍ଲୁ ଅର୍ଜୁନ। ସୁପର ହିଟ୍ ଫିଲ୍ମ ପୁଷ୍ପା: ଦ ରାଇଜ୍‌ର ହିରୋ ଅଲ୍ଲୁ ଅର୍ଜୁନ ନିଜ ଷ୍ଟାଇଲ୍ ଓ ଅଭିନୟ ପାଇଁ ବେଶ୍ ପରିଚିତ। ନିଜକୁ ସବୁବେଳେ ଫିଟ୍ ରଖୁଥିବା ଏହି ଦକ୍ଷିଣଭାରତୀୟ ନାୟକଙ୍କ ପ୍ରଶଂସକ ବଲିଉଡ୍‌ର କେଉଁ ସୁପରଷ୍ଟାରଙ୍କ ତୁଳନାରେ କମ୍ ନୁହନ୍ତି। ଇନ୍‌ଷ୍ଟାଗ୍ରାମରେ ‘ଆସ୍କ ମାଇଁ କ୍ୱେଶ୍ଚିନ୍’ର ଟାସ୍କ କଲାବେଳେ ଇନ୍‌ଷ୍ଟା ଟାଇଗରଙ୍କୁ ତାଙ୍କ ଫେଭରାଇଟ୍ ସାଉଥ୍ ଆକ୍ଟର କିଏ ବୋଲି ପଚାରିଥିଲା, ଯେଉଁଥିରେ ଟାଇଗର ଅଲ୍ଲୁ ଅର୍ଜୁନ ତାଙ୍କ ପ୍ରିୟ ଅଭିନେତା ବୋଲି କହିଥିଲେ। ଅଲ୍ଲୁ ଅର୍ଜୁନଙ୍କ ପୁଅ ଅଲ୍ଲୁ ଆର୍ୟା ଟାଇଗରଙ୍କର ଜଣେ ବଡ଼ ଫ୍ୟାନ୍। କିଛିଦିନ ପୂର୍ବେ ଅଲ୍ଲୁ ଅର୍ଜୁନ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ଆର୍ୟା ବାଗି-୩ର ଶୁଟିଂ ସେଟ୍‌କୁ ଡାକିବା ଲାଗି ଟାଇଗରଙ୍କୁ ଅନୁରୋଧ କରୁଛନ୍ତି। ଟାଇଗରଙ୍କ ଆଗାମୀ ଫିଲ୍ମ ‘ଗନପଥ’ର ଶୁଟିଂ ଏବେ ଜାରି ରହିଛି, ଯାହା ଡିସେମ୍ବର ୨୩ରେ ମୁକ୍ତିଲାଭ କରିବ।

## କକ୍‌ପିଟ୍‌ରେ ଘୁମାଉଛନ୍ତି ଅଧିକାଂଶ ପାଇଲଟ୍

**ମୁମ୍ବାଇ**

ଦେଶର ଅଧିକାଂଶ ପାଇଲଟ୍ ଥକା ମେଣ୍ଟାଇବା ପାଇଁ କକ୍‌ପିଟ୍ (ବିମାନରେ ବସି ଚଲାଇବା ପାଇଁ ଥିବା ସ୍ଥାନ)କୁ ବାଛିଛନ୍ତି। ଅର୍ଥାତ୍ ଅଧିକାଂଶ ପାଇଲଟ୍ କକ୍‌ପିଟରେ ଘୁମାଉଥିବା ଏକ ସର୍ଭେରୁ ଜଣାପଡ଼ିଛି। ଅନେକ ସମୟରେ ଏହା ବିପଜ୍ଜନକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି। କାରଣ ଯେଉଁ ପାଇଲଟ୍‌ମାନେ କକ୍‌ପିଟ୍‌ରେ ଘୁମାଉଛନ୍ତି ସେମାନେ ତାଙ୍କ ସହ ପାଇଲଟ୍‌ଙ୍କୁ ଏ ସମ୍ପର୍କରେ ଜଣାଉ ନ ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଆଞ୍ଚଳିକ, ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଉଡାଉଥିବା ପାଇଲଟଙ୍କୁ ନେଇ ଏନ୍‌ଜିଓ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେଶନ୍ ପକ୍ଷରୁ ଏକ ସର୍ଭେ କରାଯାଇଛି। ଏହି ସର୍ଭେ ଜରିଆରେ ପାଇଲଟ୍‌ମାନଙ୍କ ଥକାପଣକୁ ମାପ କରାଯାଇଛି। ଏହି ଷ୍ଟଡିରେ ମୋଟ ୫୪୨ ଜଣଙ୍କୁ ସାମିଲ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୬% ପାଇଲଟ୍ ଦିନବେଳା ବିମାନ ଉଡ଼ାଣବେଳେ ଘୁମାଉଥିବା ଜଣାପଡ଼ିଛି। ଥକାପଣ ପାଇଁ ୫୪% ପାଇଲଟ ଅଧିକାଂଶ ସମୟ କକ୍‌ପିଟ୍‌ରେ ଘୁମାଇଥାନ୍ତି। ସେହିପରି ୪୧ ପ୍ରତିଶତ ପାଇଲଟ୍ ବିମାନ ଚଲାଇବା ସମୟରେ ବେଳେବେଳେ ଶୋଇପଡ଼ନ୍ତି। ଶରୀର କିଛି ସମୟ କାମ କରି ଥକିଯିବା ପରେ ମସ୍ତିଷ୍କ ଓ ଶରୀର କାମ କରିବା ବନ୍ଦ କରିଦେଇଥାଏ। ଫଳରେ କିଛି ସମୟ ପାଇଁ ନିଦ ଲାଗିଥାଏ। ସେଥିପାଇଁ ଦିନବେଳେ ପାଇଲଟ୍‌ମାନେ ଶୋଇ ପଡ଼ିଥାନ୍ତି ବୋଲି ଅନ୍ତର୍ଜାତୀୟ ବେସାମରିକ ବିମାନ ଚଳାଚଳ ସଂଗଠନ କହିଛି। ବିମାନ ଉଡ଼ାଣବେଳେ ପାଇଲଟ୍ ଶୋଇପଡ଼ିବା କାରଣରୁ ଅନେକ ଦୁର୍ଘଟଣା ଘଟୁଥିବାର ଦେଖାଯାଇଛି। ୨୦୧୦ରେ ମାଙ୍ଗାଲୋର ବିମାନ ଦୁର୍ଘଟଣାରେ ୧୫୮ ଜଣଙ୍କ ମୃତ୍ୟୁ ହୋଇଥିଲା। ୨ ଘଣ୍ଟା ୫ମିନିଟର ବିମାନ ଯାତ୍ରାରେ ପାଇଲଟ୍ ୧ ଘଣ୍ଟା ୪୦ ମିନିଟ ଶୋଇ ପଡ଼ିଥିବା କକ୍‌ପିଟ ଭଏସ୍ ରେକର୍ଡରରୁ ଜଣାପଡ଼ିଥିଲା। ପାହାନ୍ତାରେ ବିମାନ ଯାତ୍ରା କରିବା କାରଣରୁ ପାଇଲଟ୍‌ଙ୍କ କ୍ଷେତ୍ରରେ ଥକାପଣର ମାତ୍ରା ବଢ଼ିଥିବା କୁହାଯାଇଛି। ସକାଳ ୬ଟା ସମୟରେ ବିମାନ ଉଡ଼ାଣ କରିବାକୁ ଥିବାବେଳେ ପାଇଲଟମାନଙ୍କୁ ରାତି ୩ରୁ ଉଠି ବାହାରିବାକୁ ପଡ଼ିଥାଏ। ନିଦ ପୂର୍ଣ୍ଣ ହୋଇ ନ ଥିବାବେଳେ ଲଗାତର ୧୦ରୁ ୧୨ ଘଣ୍ଟା ଡ୍ୟୁଟି କରିବା ଦ୍ୱାରା ଶରୀରକୁ ଯଥେଷ୍ଟ ବିଶ୍ରାମ ମିଳେନାହିଁ। ଏହି କାରଣ ଯୋଗୁ ପାଇଲଟମାନେ କକ୍‌ପିଟ୍‌ରେ ଘୁମାଇଥାନ୍ତି। ତେବେ ଏଥିଯୋଗୁ ବର୍ତ୍ତମାନ ସମୟରେ ବିମାନ ଦୁର୍ଘଟଣାର ମାତ୍ରା ବୃଦ୍ଧି ପଇଥିବା ଦେଖିବାକୁ ମିଳିଛି।



## ବାଇକ୍ ସହ ମହିଳାଙ୍କୁ ଟେକି ରାସ୍ତା ପାର

**ଜୟପୁର:** କିଛିଦିନ ହେବ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ପ୍ରବଳମାତ୍ରାରେ ବର୍ଷା ହେବାରେ ଲାଗିଛି,ଫଳରେ ଅନେକ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। ଗ୍ରାମର ରାସ୍ତାଘାଟରେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି ଲୋକେ। ଏଭଳି ସ୍ଥିତିରେ ରାଜସ୍ଥାନର ବାରାନ ଜିଲାରୁ ଏକ ଭିଡିଓ ସାମ୍ନାକୁ ଆସିଛି। ଗ୍ରାମବାସୀ ଜଣେ ମହିଳାଙ୍କୁ ବାଇକ୍‌ରେ ବସେଇ ଟେକିନେଇ ଆଣ୍ଠୁଏ ପାଣିରେ ରାସ୍ତା କଢ଼ାଇ ନେଉଥିବା ଦେଖିବାକୁ ମିଳିଛି। ଏକ ଦମ୍ପତି ବାଇକ୍ ଯୋଗେ ଚରଖାଡି ଗ୍ରାମକୁ ଯାଉଥିବାବେଳେ ରାସ୍ତା ଜଳମଗ୍ନ ହୋଇଯିବା କାରଣରୁ ସ୍ଥାନୀୟ ଲୋକେ ମହିଳାଙ୍କୁ ବାଇକ୍‌ରେ ବସେଇ କଲ୍‌ଭର୍ଟ ପାର କରାଇଥିବା କୁହାଯାଉଛି।



## ବ୍ୟୟବହୁଳ ହେବ ଶିଞ୍ଜୋଙ୍କ ଅନ୍ତ୍ୟେଷ୍ଟି

**ଟୋକିଓନ୍**



### ଏଲିଜାବେଥ୍‌ଙ୍କ ଶେଷକୃତ୍ୟଠାରୁ ଅଧିକ ଖର୍ଚ୍ଚ

ଆସନ୍ତା ସପ୍ତାହରେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଆୟୋଜନ ହେବାକୁ ଅଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମ ପାଇଁ ହେଉଥିବା ବ୍ୟୟକୁ ନେଇ ଦେଶବାସୀ ପ୍ରଶ୍ନ କରିବା ସହ ପ୍ରତିବାଦ ଆରମ୍ଭ କରିଛନ୍ତି। ଶିଞ୍ଜୋଙ୍କ ଅନ୍ତିମ ସଂସ୍କାରରେ ୧.୬୬ ବିଲିୟନ୍ ୟେନ୍ ଖର୍ଚ୍ଚ ହେବ ବୋଲି କୁହାଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶେଷକୃତ୍ୟରେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ ନେଇ ଖବର ପ୍ରକାଶ ପାଇବା ପରେ ଦେଶବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ନିକଟରେ ବ୍ରିଟେନ ମହାରାଣୀ ଏଲିଜାବେଥ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ମହାରାଣୀଙ୍କଠାରୁ ଶିଞ୍ଜୋଙ୍କ ଅନ୍ତିମ ସଂସ୍କାରରେ ଅଧିକ ଅର୍ଥ ଖର୍ଚ୍ଚ ହେଉଥିବା ଆଲୋଚନା ହେଉଛି। ଶିଞ୍ଜୋଙ୍କ ଷ୍ଟେଟ୍ ଫ୍ୟୁନେରାଲ କାର୍ଯ୍ୟକ୍ରମକୁ ଦେଶବାସୀ ବିରୋଧ କରିବା ସହ ଏଲିଜାବେଥ୍‌ଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ସହ ତୁଳନା କରିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ଟୋକିଓ ଅଲମ୍ପିକ୍ସ ପାଇଁ ଜାପାନ ୧୩ ବିଲିୟନ୍ ଡଲାର ଖର୍ଚ୍ଚ କରୁଥିବାବେଳେ ଶିଞ୍ଜୋଙ୍କ କାର୍ଯ୍ୟକ୍ରମରେ ଏହାର ଦୁଇଗୁଣା ଅର୍ଥ କ’ଣ ପାଇଁ ଖର୍ଚ୍ଚ କରାଯିବ ବୋଲି ପ୍ରତିବାଦକାରୀମାନେ ପ୍ରଶ୍ନ କରିଛନ୍ତି। ଟୋକିଓର ଇଭେଣ୍ଟ ଅର୍ଗାନାଇଜର୍ ମୁରାୟମା ଏହି କାର୍ଯ୍ୟକ୍ରମର ଆୟୋଜକ ରହିବ। ତେବେ ଏଲିଜାବେଥ୍‌ଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସେ ନେଇ କୌଣସି ଗଣମାଧ୍ୟମରେ ଖବର ପ୍ରକାଶ ପାଇନାହିଁ। ଚଳିତବର୍ଷ ଜୁଲାଇରେ ଶିଞ୍ଜୋଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଜାପାନ ସରକାର ଶିଞ୍ଜୋଙ୍କ ଷ୍ଟେଟ୍ ଫ୍ୟୁନେରାଲ ପାଇଁ ୨୫୦ ମିଲିୟନ୍ ୟେନ୍ ଖର୍ଚ୍ଚ କରାଯିବ ବୋଲି ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି। ସେହିପରି ମୁଖ୍ୟ କ୍ୟାବିନେଟ୍ ସଚିବ ହିରୋକାଜୁ ମାଟ୍‌ସୁନୋଙ୍କ ସୂଚନାକ୍ରମେ କାର୍ଯ୍ୟକ୍ରମ ପାଇଁ ୮୦୦ ମିଲିୟନ୍ ୟେନ୍ ବ୍ୟୟ ବରାଦ ହୋଇଥିବାବେଳେ ୬୦୦ ମିଲିୟନ୍ ୟେନ୍‌ରେ କାର୍ଯ୍ୟକ୍ରମ ହୋଇଯିବ ବୋଲି ଆଶା ରଖାଯାଇଛି ।

## ନଦୀ କୁହେ ମାନବ କ୍ରମବିକାଶର କାହାଣୀ

### ବିଶ୍ୱ ନଦୀ ଦିବସ



ପୃଥିବୀ ଇତିହାସରେ ମାନବର କ୍ରମବିକାଶର କାହାଣୀ ବେଶ୍ ରୋଚକ। ମାନବ ସଭ୍ୟତା ନଦୀକୂଳରେ ହିଁ ଗଢ଼ି ଉଠିଥିଲା। ମାନବର ପ୍ରତିଟି ବିକାଶର ମୂକସାକ୍ଷୀ ହୋଇ ନଦୀ ରହିଛି। ତେଣୁ ନଦୀ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟର ଗନ୍ତାଘର କହିଲେ କିଛି ଭୁଲ୍ ହେବ ନାହିଁ। ତେଣୁ ନଦୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସର ଚତୁର୍ଥ ରବିବାରକୁ ବିଶ୍ୱ ନଦୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ୨୦୨୨ ବର୍ଷରେ ଏହା ସେପ୍ଟେମ୍ବର ୨୫ରେ ପାଳିତ ହେଉଛି। ସମଗ୍ର ବିଶ୍ୱରେ ନଦୀଗୁଡ଼ିକର ଉନ୍ନତ ପରିଚାଳନା ବ୍ୟବସ୍ଥାକୁ ଉତ୍ସାହିତ କରିବା ପାଇଁ ଏହି ଦିନଟି ଉଦ୍ଦିଷ୍ଟ। ପୃଥିବୀରେ କେତେ ନଦୀ ରହିଛି ତାହାର ଠିକ୍ ସଂଖ୍ୟା ନିର୍ଣ୍ଣୟ କରିବା କଷ୍ଟକର। ବିଶେଷଜ୍ଞଙ୍କ ଅନୁଯାୟୀ, ୧୬୫ଟି ପ୍ରମୁଖ ନଦୀ ଅଛି। ସେଥିମଧ୍ୟରୁ ୭୬ଟି ନଦୀର ଲମ୍ବ ୧୦୦୦ ମାଇଲରୁ ଅଧିକ। ଡିସେମ୍ବର ୨୦୦୩ରେ ମିଳିତ ଜାତିସଂଘ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଜୀବନ ଦଶନ୍ଧି ପାଇଁ ଜଳ ଭାବରେ ଘୋଷଣା କରିଥିଲା। ଲକ୍ଷ୍ୟ ଥିଲା, ଆମ ଗ୍ରହର ଜଳ ଉତ୍ସଗୁଡ଼ିକର ଉତ୍ତମ ଯତ୍ନ ନେବା ପାଇଁ ସଚେତନତା ସୃଷ୍ଟି କରିବା । ୨୨ ମାର୍ଚ୍ଚ ୨୦୦୫ରେ ଆନୁଷ୍ଠାନିକ ଭାବେ ଏହା ଆରମ୍ଭ ହୋଇଥିଲା। ୨୦୦୫ରେ ପ୍ରଥମେ ବିଶ୍ୱ ନଦୀ ଦିବସ ଅନୁଷ୍ଠିତ ହୋଇଥିଲା। ସେହି ଦିନଠାରୁ ୧୦୦ରୁ ଅଧିକ ଦେଶରେ ଲକ୍ଷ ଲକ୍ଷ ଲୋକ ଏହି ଦିନଟିକୁ ପାଳନ କରିଆସୁଛନ୍ତି।

## ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ୍‌

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବୁର୍ଲା ହାଇସ୍କୁଲ ଫୁଟ୍‌ବଲ ପଡିଆଠାରେ ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍‌ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ନିହାଲ ସିଂ ଅଧକ୍ଷତା କରିଥିଲେ। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟଅତିଥି, ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାସ୍ୟ ଅଭିନେତା ବିନ୍ଦୁ, ରୋହିଦାସ ସମାଜ ସମ୍ବଲପୁର ଜିଲା ସଭାପତି ଦିଲୀପ ମେହେର ମଞ୍ଚାସୀନ ଥିଲେ।

# ଯୁଯୁମୁରାରେ ଯାତ୍ରୀଙ୍କ ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

ସମ୍ବଲପୁର,୨୪।୯(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଛକରେ ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଯୁଯୁମୁରା ବିଡିଓ ନିଳାମ୍ବର ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ଯୁଯୁମୁରା ଥାନା ଛକରେ ଜାତୀୟ ରାଜପଥରେ ଯିବାଆସିବା କରୁଥିବା ବସ୍‌ଗୁଡ଼ିକ ରହୁଛି। ଏଠାରେ ପୂର୍ବରୁ ଏକ ବସ୍‌ଷ୍ଟପ ରହିଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ ସମୟରେ ଏହାକୁ ଉଚ୍ଛେଦ କରାଗଲା। ଏବେ ଯାତ୍ରୀମାନେ ବସ୍‌ ଓ ଅନ୍ୟାନ୍ୟ ଗାଡ଼ି ଧରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଖରେ ଶୌଚାଳୟ ନ ଥିବାବେଳେ ପାନୀୟ ଜଳ ପ୍ରକଳ୍ପ ନଷ୍ଟ ହୋଇଯାଇଛି। ବ୍ଲକ ଛକଠାରୁ ଯୁଯୁମୁରା ବଜାର ରାସ୍ତା ମରାମତି ସହ ଏନ୍‌ଏଚ୍‌ ୫୫ ଭାୟା ଚନ୍ଦନୀମାଲ ରାସ୍ତା ନିର୍ମାଣ କରାଯାଉ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ପ୍ରଧାନ, ହରିଶଙ୍କର ପ୍ରଧାନ, ରଞ୍ଜିତ ମୁଣ୍ଡା, ଅଶୋକ ପ୍ରଧାନ, ଶୋକ ମାଝି, କୃଷ୍ଣ ବାଗ, ସରୋଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ହତିବନ୍ଧା-କୋପିଆ ବିଜୁ ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର

ସିନାପାଲି,୨୪।୯(ଡି.ଏନ.ଏ.)



ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହତିବନ୍ଧା-କୋପିଆ ବିଜୁସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁ ସେତୁ ଉପରୁ ସିମେଣ୍ଟ ଓ ଗେଟି ଉପୁଡି ପଡୁଥିବା ବେଳେ ଲୁହଛାଡ଼ ଉପରୁ ଦେଖାଦେଲାଣି। ଏହା ଲୋକଙ୍କ ପାଇଁ ବିପଦ ବୋଲି ଲୋକେ ପ୍ରକାଶ କରିଛନ୍ତି। ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ ଶେଷହୋଇ ଆଜକୁ ପ୍ରାୟ ୪ ବର୍ଷ ବିତିଲାଣି, ହେଲେ ଉଦ୍‌ଘାଟନ ହୋଇନାହିଁ। ଉଦ୍‌ଘାଟନ ପୂର୍ବରୁ ସେତୁର ଏଭଳି ଦୁରାବସ୍ଥା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୬ରେ ହତିବନ୍ଧା-କୋପିଆ ରାସ୍ତା ନଦୀ ଉପରେ ଉଦନ୍ତୀ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତୁର ପ୍ରସ୍ଥ ୭.୫୦ ମି. ଓ ଦୈର୍ଘ୍ୟ ୩୦୭.୦୩ ମି. ସେତୁ ନିର୍ମାଣ ପାଇଁ ମୋଟ ୧୫.୨୨ ଲକ୍ଷ ଟଙ୍କା ଅଟକଳ କରାଯାଇଥିଲା। ସେତୁର ନିର୍ମାଣ କାର୍ଯ୍ୟ ୨୦୧୬ ଜାନୁୟାରୀରେ ଆରମ୍ଭ ହୋଇ ୨୦୧୮ ମେରେ ଶେଷ ହେବା ନିର୍ଦ୍ଧାରିତ ଥିଲା। ସେତୁ ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ବାରମ୍ବାର ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ କର୍ଣ୍ଣପାତ କରି ନ ଥିଲେ। ଯାହାର ପରିଣାମ ବର୍ତ୍ତମାନ ଦେଖାଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟରେ ନିର୍ଦ୍ଧାରିତ ଅବଶ୍ୟକ ପରିମାଣ ସିମେଣ୍ଟ, ବାଲି ଓ ଗେଟି ଠିକ ଅନୁପାତରେ ନ ଦେବାରୁ କମ ସମୟ ମଧ୍ୟରେ ଏଭଳି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# କୁଚିଣ୍ଡା କଲେଜରେ ଏନ୍‌ଏସ୍‌ଏସ୍‌ ଦିବସ

କୁଚିଣ୍ଡା,୨୪।୯(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କୁଚିଣ୍ଡା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଦାୟିତ୍ୱରେ ଥିବା ଦର୍ଶନ ବିଭାଗ ମୁଖ୍ୟ ସୁଚିତ୍ରା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ର ଗଠନରେ ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ମମତା ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଏନ୍‌ଏସ୍‌ଏସ୍‌ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ କାଗଜରେ ଫୁଲତୋଡା ପ୍ରସ୍ତୁତ କରି ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱେଚ୍ଛାସେବୀ କୁମୁଦିନି ପିଙ୍ଗ ଅନୁଭୂତି ବର୍ଣ୍ଣନା କରିଥିବାବେଳେ ସୌମ୍ୟ ରଞ୍ଜନ ପଟେଲ ଧନ୍ୟବାଦ ଦେଇଥିଲେ।

# ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

**ଝାରସୁଗୁଡା ଅଫିସ,୨୪।୯:** କୋଲାବିରା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହେଇଯାଇଛି। ଏନ୍‌ଏସ୍‌ଏସ୍‌ ପ୍ରୋଗ୍ରାମ ଅଫିସର ଡ. ନରେଶ କୁମାର ସାହୁଙ୍କ ଅଧକ୍ଷତାରେ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ସୁଶୀଲ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ପଢା ସହ ସମାଜ ସେବା ପ୍ରତି ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ସରୋଜ କୁମାର ପଟେଲ, ଲବ ପ୍ରଧାନ, ରୋହିତ ଖରସେଲ, ସରିତା ବେହେରା, ସସ୍ମିତା ବେହେରା, ରତ୍ନପୂର୍ଣ୍ଣା ଧୁରୁଆ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ସମ୍ମାନିତ ଅତିଥି ଥିଲେ। କଲେଜ ପରିସର ସଫେଇ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।




# ଶୃଙ୍ଖଳିତ ଅଧ୍ୟୟନ କଲେ ସଫଳତା ମିଳିବ



## କଳାପଥର କଲେଜରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ଅମରପାଲି,୨୪।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱାଗତ କରାଯାଇଛି। ଅଧକ୍ଷ ଶ୍ରୀକାନ୍ତ ପ୍ରଧାନ ଅନୁଷ୍ଠାନର ଇତିହାସ, ସଫଳତା, ନିୟମାବଳୀ ଓ ଶୃଙ୍ଖଳା ଜ୍ଞାନ ଉପରେ ଗୁରୁତ୍ୱାରୋପ ସହ ଏକ ଶୈକ୍ଷିକ ବାତାବରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶୃଙ୍ଖଳିତ ହୋଇ ଅଧ୍ୟୟନ କଲେ ସଫଳତା ନିଶ୍ଚିତ ମିଳିବ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟାପିକା ପ୍ରତିମା ବାରିକ ପାଠ୍ୟସୂଚୀ, ଅଧ୍ୟାପକ କିଶୋର କୁମାର ସାହୁ ପରୀକ୍ଷା ଓ ପ୍ରଶ୍ନପତ୍ର ଉପରେ ସମୀକ୍ଷା, ଶଶାଙ୍କ ଶେଖର ସୁଆର ସମୟ ନିର୍ଘଣ୍ଟ ସମ୍ପର୍କରେ କହିଥିଲେ। ଦେବଜାନୀ ମେସୁଆ ସ୍କୁଲ ପରିସରକୁ ରାଗିଂମୁକ୍ତ ଅଞ୍ଚଳ ଓ ଭୟମୁକ୍ତ ବାତାବରଣରେ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗତ ବାର୍ଷିକ ପରୀକ୍ଷାରେ ୫୦୦ରୁ ଊର୍ଦ୍ଧ୍ୱ ମାର୍କ ରଖୁଥିବା ନଅ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସବ୍ୟସାଚୀ କୋରା, ଦୀପ୍ତିମୟୀ କର୍ଣ୍ଣ, ଶର୍ମିଷ୍ଠା ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବବ୍ରତ କର୍ଣ୍ଣ, ଶାନ୍ତନୁ କୁମାର ପ୍ରଧାନ, ବିପିନ ବିହାରି କଲତା, ବସୁଦେବ ରଣା, କରୁଣାକର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ବିହାରରେ ଠାବ ହେଲେ...

ମେଡିସିନର ନମୁନା ସଂଗ୍ରହ କରାଯାଇଥିଲା। ପରେ ତାହାକୁ ପରୀକ୍ଷା କରାଯିବାରୁ ନକଲି ବୋଲି ଜଣାପଡିଥିଲା। ଡ୍ରଗ୍ସ କଣ୍ଟ୍ରୋଲର ବିଭାଗର ଅଭିଯୋଗ ଆଧାରରେ କଟକ ପୁରୀଘାଟ ଥାନାରେ ୨ଟି ମାମଲା ରୁଜୁ ହୋଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ନକଲି ମେଡିସିନ ସେବନ ଦ୍ୱାରା ଲୋକଙ୍କ ଜୀବନ ହାନି ହେବା ଭଳି ଆଶଙ୍କା ଥିବାରୁ ପୋଲିସ ମାମଲାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରିଥିଲା। ନକଲି ମେଡିସିନ କାରବାର ମାମଲାରେ ଜାଉଁଳିଆପଟିସ୍ଥିତ ପୂଜା ଏଣ୍ଟରପ୍ରାଇଜର୍ସର ସଞ୍ଜୟ ଜଲାନ ଓ ମାଣିକଘୋଷ ବଜାର ଭି. ଆର. ଡ୍ରଗ୍ସ ଏଜେନ୍ସିର ରାହୁଲ କୁମାର କ୍ୟାଲଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉଭୟଙ୍କୁ ରିମାଣ୍ଡରେ ଆଣି ଜେରା ପରେ ନକଲି ମେଡିସିନ ଗୟା ଓ ବେଙ୍ଗାଲୁରୁରୁ ଅଣାଯାଉଥିବା ଜଣାପଡିଥିଲା। ନମୁନା ସଂଗ୍ରହର ରିପୋର୍ଟ ଗତ ୧୭ ତାରିଖରେ ପୋଲିସର ହସ୍ତଗତ ହେବା ପରେ ଏହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ପରେ ପୋଲିସ ରାଜ୍ୟ ବାହାରକୁ ଯାଇ ମେଡିସିନ ଯୋଗାଣକାରୀଙ୍କୁ ଧରିବା ନିଶ୍ଚିତ ହୋଇଥିଲା। ଗୟାସ୍ଥିତ ବାଲାଜୀ ଏଜେନ୍ସିରୁ ନକଲି ମେଡିସିନ ଆସୁଥିବାରୁ ପ୍ରଥମେ ତାହାକୁ ଟାର୍ଗେଟ କରାଯାଇଥିଲା। ଅପରପକ୍ଷରେ ଏହି ଦୁଇ ମେଡିସିନର ବିକ୍ରିକୁ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ନିଷେଧ କରାଯାଇଥିଲା। ସେହିପରି ଗତ ୧୯ ତାରିଖରେ ମହତାବ ରୋଡ୍‌ସ୍ଥିତ ଏକ ଟ୍ରାନ୍ସପୋର୍ଟ ଏଜେନ୍ସିରୁ ନକଲି ଟେଲମା-୪୦ ଜବତ ହୋଇଥିଲା। ପୁନର୍ବାର ୨୨ ତାରିଖରେ ୩ଟି ଏଜେନ୍ସିରେ ଚଢ଼ାଉ କରାଯାଇ ପ୍ରାୟ ୨୦ ଲକ୍ଷ ଟଙ୍କାର ନକଲି ଟେଲ୍‌ମା-୪୦ ଓ ଟେଲମା-ଏଏମ୍‌ ମେଡ଼ିସିନ ଜବତ କରାଯାଇଥିଲା। ନିମଚୌଡ଼ିସ୍ଥିତ କ୍ୟାଲ ଏଜେନ୍ସି, ନୟାସଡ଼କସ୍ଥିତ ମହାବୀର ପ୍ରସାଦ ଓ ଏମ୍‌ଏଚ୍‌ ଫାର୍ମାସି ଏହି ନକଲି ମେଡିସିନ ଗଚ୍ଛିତ ରଖିଥିଲେ।

## ଚାଇଲ୍ଡ ପର୍ନୋଗ୍ରାଫି...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି ଚଢ଼ାଉର ଉଦ୍ଦେଶ୍ୟ ବୋଲି ଜଣେ ଅଧିକାରୀ କହିଛନ୍ତି। ଦେଶରେ ଶିଶୁ ପର୍ନୋଗ୍ରାଫି ରୋକିବା ଲାଗି କିଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି, ତାହା ଉପରେ ସବିଶେଷ ରିପୋର୍ଟ ଦେବା ଲାଗି ଗତ ସପ୍ତାହରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଇଣ୍ଟରନେଟ କମ୍ପାନୀଗୁଡ଼ିକଠାରୁ ଷ୍ଟାଟସ୍‌ ରିପୋର୍ଟ ମଧ୍ୟ ମଗାଯାଇଥିଲା। ୨୦୧୫ରୁ ସର୍ବୋଚ୍ଚ ଅଦାଲତ ଶିଶୁ ପର୍ନୋଗ୍ରାଫି ମାମଲାର ଅନୁଧ୍ୟାନ କରିଆସୁଛନ୍ତି। ଏଭଳି ଅଶ୍ଳୀଳ ଫଟୋ ଓ ଭିଡିଓ ପ୍ରସାରଣ ବନ୍ଦ ହେବା ଆବଶ୍ୟକ ବୋଲି ୨୦୧୮ରେ ଶୁଣାଣି ବେଳେ ସରକାର ଏବଂ ଗୁଗଲ୍‌, ମାଇକ୍ରୋସଫ୍ଟ, ଫେସ୍‌ବୁକ୍‌ ଆଦି ଇଣ୍ଟରନେଟ କମ୍ପାନୀଗୁଡ଼ିକ ସହମତ ହୋଇଥିଲେ।

Azadi Ka Amrit Mahotsav
Government of India

# ଗରିବଙ୍କ କଲ୍ୟାଣ ପାଇଁ ଅନ୍ତ୍ୟୋଦୟ
# ସଶକ୍ତ ଭାରତ ପାଇଁ ଅନ୍ତ୍ୟୋଦୟ

ଅନ୍ତ୍ୟୋଦୟ ଆମର ସଂକଳ୍ପ,
ଅନ୍ତ୍ୟୋଦୟ ଆମ ନୀତି ଏବଂ ଉଦ୍ଦେଶ୍ୟ ।
ଅନ୍ତ୍ୟୋଦୟ ସଂକଳ୍ପ ନେଇ ଦେଶ
ନିରବଚ୍ଛିନ୍ନ ଭାବେ ପ୍ରଗତି ପଥରେ
ଆଗେଇ ଚାଲିଛି ।
– ନରେନ୍ଦ୍ର ମୋଦୀ

 କ୍ଷୁଦ୍ର ଚାଷୀ, ରାସ୍ତାକଡ଼ ଉଠାଦୋକାନୀ, ଛୋଟ ବ୍ୟବସାୟୀ, ଅଟୋ ରିକ୍ସା ଚଳାଉଥିବା ବ୍ୟକ୍ତି, ଘର କାମ କରୁଥିବା ଲୋକ, ଏମାନଙ୍କୁ ନେଇ ସମାଜର ସବୁଠୁ ବଡ଼ ବର୍ଗ ଦେଶର ବିକାଶ ଯାତ୍ରାରେ ସହଭାଗୀ ହୋଇଛନ୍ତି ।

ଅନ୍ତ୍ୟୋଦୟ ଲକ୍ଷ୍ୟ ନେଇ, ଭାରତ ସରକାରଙ୍କ ଚିନ୍ତନରେ, ଗରିବମାନେ କେନ୍ଦ୍ରବିନ୍ଦୁରେ ରହିଛନ୍ତି । ସମାଜର ଏହି ସବୁଠୁ ବଡ଼ ବର୍ଗ ପାଇଁ ସରକାର ଲଗାତର ପ୍ରୟାସ କରୁଛନ୍ତି ଏବଂ ଏହି ବର୍ଗ ଲଗାତର ସାମର୍ଥ୍ୟବାନ ହେଉଛନ୍ତି ।

- ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଭାରତରେ ଆସିଛି ସବୁଠୁ ବଡ଼ ପରିବର୍ତ୍ତନ, ବିଗତ ୮ ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଂଖ୍ୟା **ତିନି ଗୁଣା** ବୃଦ୍ଧି ପାଇଛି ଏବଂ ମହିଳାଙ୍କ ଭାଗୀଦାରି **ଚାରିଗୁଣା** ବଢ଼ିଛି
- ECLGS ଯୋଜନା ଅଧୀନରେ **୧.୧୯ କୋଟି**ରୁ ଅଧିକ ହିତାଧିକାରୀଙ୍କୁ ସହଜରେ ମିଳିଛି **ଜରୁରିକାଳୀନ ଋଣ**, ବର୍ତ୍ତମାନ ସୁଦ୍ଧା **୩.୬୮ ଲକ୍ଷ କୋଟି** ଟଙ୍କାର ଋଣ ମଞ୍ଜୁର
- ପିଏମ୍‌ ସ୍ୱନିଧି ଯୋଜନା ଅଧୀନରେ **୩୨ ଲକ୍ଷ** ଉଠାଦୋକାନୀଙ୍କୁ ବିନା ଗ୍ୟାରେଣ୍ଟିରେ ମିଳିଛି ଋଣ
- କ୍ଷୁଦ୍ର ଉଦ୍ୟୋଗୀଙ୍କୁ **୨୦ ଲକ୍ଷ କୋଟି ଟଙ୍କା** ମୂଲ୍ୟର **୩୬.୫ କୋଟି**ରୁ ଅଧିକ ମୁଦ୍ରା ଋଣ ଜାରି
- ଉଠାଦୋକାନୀ, ଖୁଚୁରା ବିକ୍ରେତା, କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ପରିଧି ମଧ୍ୟରେ ସାମିଲ, ସେମାନଙ୍କୁ ମଧ୍ୟ **ପ୍ରାଥମିକ କ୍ଷେତ୍ର ଋଣ ଲଗାଣ**ର ମିଳିଛି ଲାଭ
- **୧୧ କୋଟି**ରୁ ଅଧିକ ଚାଷୀ ପିଏମ୍‌-କିଷାନ ଅଧୀନରେ ପାଉଛନ୍ତି ବାର୍ଷିକ **୬୦୦୦ ଟଙ୍କା**
- ସ୍ୱତନ୍ତ୍ର ଅଭିଯାନ ଅଧୀନରେ **୩.୧୩ କୋଟି**ରୁ ଅଧିକ ଚାଷୀଙ୍କୁ କିଷାନ କ୍ରେଡିଟ୍‌ କାର୍ଡ ପ୍ରଦାନ
- ମୋଟ **୨୫ ଲକ୍ଷ କୋଟି ଟଙ୍କା**ର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ହିତାଧିକାରୀଙ୍କୁ ମିଳିଲା
- ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦଗୁଡ଼ିକୁ ମିଳିଲା ଅଭୂତପୂର୍ବ ପ୍ରୋତ୍ସାହନ, ବ୍ୟବସାୟ **୧ ଲକ୍ଷ କୋଟି ଟଙ୍କା** ଟପିଲା, ଗ୍ରାମୀଣ କ୍ଷେତ୍ରରେ ମିଳିଲା ଲକ୍ଷାଧିକ ନିଯୁକ୍ତି ସୁଯୋଗ



CBC 22201/13/0117/2223

## ସଂକ୍ଷେପରେ

### ୪ମାସ ପରେ ନିଯୁକ୍ତ ହେଲେ ନୂତନ ବିଡିଓ

**ଲୋଇସିଂହା,୨୪।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ନୂତନ ବିଡିଓଭାବେ ଆକାଶ ରଞ୍ଜନ ସାହୁ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏଠାରେ କାର୍ଯ୍ୟରତ ବିଡିଓ ରାମଚନ୍ଦ୍ର ଖାଡିଆ ପଦୋନ୍ନତି ପାଇ ନୂଆପଡା ଉପଜିଲାପାଳଭାବେ ଗତ ମେ ମାସରୁ ବଦଳି ପରେ ଏହି ପଦ ଖାଲି ପଡିଥିଲା। ଏବିଡିଓ ବିଜୟ କୁମାର ହୋତା ଭାରପ୍ରାପ୍ତ ଦାୟିତ୍ୱରେ ରହିଥିଲେ । ନବ ନିଯୁକ୍ତ ବିଡିଓ ସାହୁ ଏଥିପୂର୍ବରୁ ଦେବଗଡ ଜିଲା ବାରକୋଟ ବ୍ଲକରେ କାର୍ଯ୍ୟ କରୁଥିଲେ। ଶନିବାର ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଅମରଜିତ ପଟେଲଙ୍କ ନେତୃତ୍ୱରେ ଜିତୁ ସାହୁ, ନୀଳାଞ୍ଚଳ ପାତ୍ର, କପୂର ଦୀପ ପ୍ରମୁଖ ବିଡିଓ ସାହୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।

### ଚିକିତ୍ସା ଅବହେଳାରୁ ଯୁବତୀଙ୍କ ମୃତ୍ୟୁ ଅଭିଯୋଗ

**ଖଡ଼ିଆଳ,୨୪।୯(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳଠାରେ ଚିକିତ୍ସା ଅବହେଳାରୁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ଯୁବତୀଙ୍କ ପରିବାରବର୍ଗ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବତୀ ହେଲେ ଖଡ଼ିଆଳ ନିକଟସ୍ଥ କୋଟିପଦର ଗ୍ରାମର ଜାନକୀ ପଟେଲ(୨୦)। ସୂଚନା ଅନୁଯାୟୀ, ଜାନକୀଙ୍କୁ ପ୍ରବଳ ଜ୍ୱର ହେବାରୁ ପରିବାର ଲୋକେ ଖଡ଼ିଆଳସ୍ଥିତ ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିକିତ୍ସା ଆରମ୍ଭ କରି ଯୁବତୀଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବା ପରେ ଯୁବତୀଙ୍କ ପ୍ରବଳ ବାନ୍ତି କରି ମୃତ୍ୟୁବରଣ କରିଥିଲେ। ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ରଞ୍ଜିତ ସିଂ ରାଉତଙ୍କୁ ପଚାରିବାରୁ ପୋଲିସରେ କେସ ଦେଇ ତଦନ୍ତ କରାଯିବ ଏବଂ ଦୃଢ଼କାର୍ଯ୍ୟାନୁଷ୍ଠା ଗ୍ରହଣ କରାଯିବ ବୋଲି କହିଛନ୍ତି। ବେଆଇନ କ୍ଲିନିକ ବନ୍ଦ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

### ଭିନ୍ନକ୍ଷମ ସଚେତନତା ଶିବିର

**ବୋଡେନ,୨୪।୯(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ ଦ୍ୱାରଶନୀ ହାଇସ୍କୁଲ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସୁନାପୁରଠାରେ ଭିନ୍ନକ୍ଷମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏବିଇଓ ପ୍ରେମାନନ୍ଦ ନାଏକ ଓ କ୍ଷମରାଜ ମହାପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ବୋଡେନ ବ୍ଲକ ବିଆର୍‌ଟି ଅଜୟ କୁମାର ପ୍ରଧାନ ଓ କେଶବ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ନରେନ୍ଦ୍ର ନାଗ, କର୍ଣ୍ଣ ଶବର ଓ ଜିତେନ୍ଦ୍ର ହଂସ ସାଧନା କର୍ମୀ ଭାବେ ଯୋଗଦାନ କରି ଭିନ୍ନକ୍ଷମମାନଙ୍କ ସମସ୍ୟା ତଥା ସରକାରୀ ସୁବିଧା ଉପରେ ଆଲୋକପାତ କରିଥିଲେ।

# ନୂଆ ଜୀବନ ପାଇଲେ କମଳ

**ବଲାଙ୍ଗୀର ଅଫିସ,୨୪।୯**


ମାତାପିତାଙ୍କ ସହ ସାନବାଞ୍ଜିପାଲି ଗାଁରେ କମଳ ବରିହା।

- ଜିଲାପାଳଙ୍କ ହସ୍ତକ୍ଷେପ ପରେ ହେଲା ଚିକିତ୍ସା
- ସୁସ୍ଥ ପୁଅକୁ ଦେଖି ଭାବବିହ୍ୱଳ ହେଲେ ମାତାପିତା
- ଧରିତ୍ରୀକୁ ଜଣାଇଲେ କୃତଜ୍ଞତା
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସୁଫଳ ପାଇଲେ ପରିବାର

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ସାନବାଞ୍ଜିପାଲି ଗ୍ରାମର ପ୍ରଥମ ମାଟ୍ରିକ୍ୟୁଲେଟ୍ ଓ ଗ୍ରାଜୁଏଟ୍ ମେଧାବୀ ଆଦିବାସୀ ଯୁବକ କମଳ ବରିହା (୩୦)ଙ୍କ ସଫଳ ଅସ୍ତ୍ରୋପଚାର ପରେ ଘରକୁ ଫେରିଛନ୍ତି। ଏହା ପରେ ଏହି ଗରିବ ଆଦିବାସୀ ପରିବାର ଓ ଗାଁରେ ଖୁସିର ଲହରି ଖେଳିଯାଇଛି।

୨୦୨୧ ଅକ୍ଟୋବରରେ କମଳ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଜ୍ୱର ହେବା ସହ ପେଟ ଫୁଲି ଯାଇଥିଲା। ତାଙ୍କ ମଳଦ୍ୱାର ହଠାତ୍ ବନ୍ଦ ହୋଇଯିବାରୁ ଅସ୍ତ୍ରୋପଚାର ପାଇଁ ତାଙ୍କୁ ବୁର୍ଲା ଭିମସାର ନିଆଯାଇଥିଲା। ସେଠାରେ ତିନିଥର ଅସ୍ତ୍ରୋପଚାର କରାଯାଇ ପେଟରେ ବିକଳ୍ପ ପାଇପ ଲଗାଯାଇଥିଲା। ଏହାସତ୍ତ୍ୱେ କମଳ ସୁସ୍ଥ ହୋଇ ନ ଥିଲେ। ତାଙ୍କ ଶରୀର କ୍ଷୀଣ ହୋଇଯାଇଥିଲା। ସେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। କମଳଙ୍କ ଅବସ୍ଥା ଦେଖି ନିହାତି ଗରିବ ତାଙ୍କ ମାତାପିତା ଭାଙ୍ଗି ପଡିଥିଲେ। ଧାର ଉଧାର କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସାରିଥିଲେ। ବଡ ହସ୍ପିଟାଲରେ ଚତୁର୍ଥ ଥର ଅସ୍ତ୍ରୋପଚାର ନକଲେ କମଳଙ୍କ ଅବସ୍ଥା ସାଂଘାତିକ ହେବା ଭୟ ଥିଲେ ମଧ ଟଙ୍କା ଅଭାବରୁ କିଛି ବି କରିପାରୁ ନ ଥିଲେ। ଏନେଇ ଧରିତ୍ରୀରେ ଗତ ଏପ୍ରିଲ ୨୦ ତାରିଖରେ ତିନିଥର ଅସ୍ତ୍ରୋପଚାର ପରେ ବି କମଳ ଅସୁସ୍ଥ ଶୀର୍ଷକ ଖବର ପରିବେଷଣ ପରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ଏଥିରେ ହସ୍ତକ୍ଷେପ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କମଳଙ୍କ ଉଚ୍ଚତର ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲା ସଂଯୋଜକ ସୁବ୍ରତ କୁମାର ସାହୁ ଗୁରୁତର ଅସୁସ୍ଥ କମଳଙ୍କୁ ବିଶାଖାପାଟଣାଠାରେ ଥିବା ମେଡିକଭର ହସ୍ପିଟାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ। ସେଠାରେ ଏକ ବିଶେଷଜ୍ଞ ଡାକ୍ତର ଦଳ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମଳଦ୍ୱାର ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ୨୦ ଦିନର ଚିକିତ୍ସା ପରେ କମଳ ସୁସ୍ଥ ହୋଇ ଏବେ ଘରକୁ ଫେରିଛନ୍ତି। ତାଙ୍କ ପେଟରୁ ପାଇପ ହଟାଯାଇଛି ଓ ପୂର୍ବପରି ତାଙ୍କ ମଳଦ୍ୱାର କାର୍ଯ୍ୟ କରୁଛି। ସୁସ୍ଥ ହୋଇ ଘରକୁ ଫେରିବା ପରେ କମଳଙ୍କ ପରିବାର ସହ ଗାଁ ଲୋକେ ଭାବାବେଗରେ ଅଧୀର ହୋଇପଡିଥିଲେ। ସମସ୍ତଙ୍କ ସହଯୋଗରେ କମଳ ନୂଆ ଜୀବନ ପାଇଲେ ବୋଲି କହିଛନ୍ତି। ଏଥିସକାଶେ ବରିହା ପରିବାର ଜିଲାପାଳ ରାଣା, ମେଡିକଭର ହସ୍ପିଟାଲର ଡାକ୍ତରୀ ଦଳ ଏବଂ ଧରିତ୍ରୀକୁ ଗଭୀର କୃତଜ୍ଞତା ଜଣାଇଛନ୍ତି। କମଳଙ୍କ ଚିକିତ୍ସା ପାଇଁ ଆନୁସଙ୍ଗିକ ସହାୟତା କରିଥିବା ଖପ୍ରାଖୋଲର ସ୍ୱେଚ୍ଛାସେବୀ ବିଜୟ ମଲ୍ଲିକ, ରାଜେଶ ଝାଙ୍କର ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲା ସଂଯୋଜକ ସୁବ୍ରତ ସାହୁଙ୍କୁ ମଧ ବରିହା ପରିବାର ଧନ୍ୟବାଦ ଜଣାଇଛନ୍ତି। ସୁସ୍ଥ ହେଲା ପରେ ଚାକିରି କରି ନିଜ ବୃଦ୍ଧ ମାତାପିତା, ଭିନ୍ନକ୍ଷମ ଭାଇ ଓ ଭଉଣୀଙ୍କ ଦୁଃଖ ଲାଘବ କରିବେ ବୋଲି କମଳ କହିଛନ୍ତି।

# ୨ ଅଧାପକଙ୍କୁ ଖଣ୍ଡାରେ ଆକ୍ରମଣ


ଆହତ ଅଧାପକ ବିଜୟ କିରନ୍।


ଆହତ ଅଧାପକ ସାହିଲ ସାହୁ।

**ବଲାଙ୍ଗୀର ଅଫିସ,୨୪।୯**

- ପୋଲିସ ବାରାକ୍ ପଛପଟେ ଲୁଟେରାଙ୍କ ଦୌରାତ୍ମ୍ୟ
- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର ସହରରେ ଆପରାଧିକ ଘଟଣା ବଢ଼ିବାରେ ଲାଗିଛି। ପୋଲିସ ଏହି ଅପରାଧିଙ୍କୁ ରୋକିବାରେ ବିଫଳ ହେଉଥିବାରୁ ଅପରାଧିଙ୍କ ଶକ୍ତି ବୃଦ୍ଧି ଘଟୁଥିବା ଦେଖାଯାଉଛି। ଶୁକ୍ରବାର ବିଳମ୍ବିତ ରାତିରେ ବଲାଙ୍ଗୀର ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ଜଣେ ଅଧାପକ ସାହିଲ ସାହୁ ବାଇକରେ ରେଳଷ୍ଟେଶନ୍ ଯାଉଥିବାବେଳେ ପୋଲିସ ବାରାକ୍ ପଛପଟ ମୁଖ୍ୟରାସ୍ତା ରାଜୀବ ନଗର ଅଞ୍ଚଳରେ କେତେକ ଯୁବକ ତାଙ୍କୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ପରେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଲୁଟେରାଙ୍କ କବଳରୁ ରକ୍ତ ଜୁଡୁବୁଡୁ ସାହିଲ ପଳାଇବା ଉଦ୍ୟମ କରି ନିକଟରେ ରହୁଥିବା ତାଙ୍କ ଜଣେ ସହକର୍ମୀ ଅଧାପକ ବିଜୟ କିରନ୍‌ଙ୍କ ଘର ପାଖକୁ ଦୌଡି ପଳାଇଥିଲେ। ତେବେ ଲୁଟେରାମାନେ ତାଙ୍କୁ ପିଛା କରିଥିଲେ। ପାଟିତୁଣ୍ଡ ଶୁଣି ବିଜୟ ଘର ସମ୍ମୁଖକୁ ଆସି ତାଙ୍କ ସହକର୍ମୀ ସାହିଲଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବା ବେଳକୁ ଲୁଟେରାମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବିଜୟଙ୍କ ବାମ ହାତ ଆଙ୍ଗୁଠି କଟିଯାଇଛି। ତାଙ୍କ ମୋବାଇଲ ଫୋନ୍, ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ରାସ୍ତା ଉପରେ ଦୁଇ ଅଧାପକ ସାହିଲ ଓ ବିଜୟ ରକ୍ତ ଜୁଡୁବୁଡ ଅବସ୍ଥାରେ ଚିତ୍କାର କରୁଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଧାପକଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ଅଧାପକ ବିଜୟଙ୍କ ବାମହାତ ଆଙ୍ଗୁଠି କଟିଯାଇଥିବା ଏବଂ ପ୍ଲାଷ୍ଟିକ୍ ସର୍ଜରୀ ଆବଶ୍ୟକ ପଡୁଥିବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତରଣ କରାଯାଇଛି। ଅନ୍ୟପକ୍ଷେ ଗୁରୁତର ସାହିଲ ସାହୁଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଶନିବାର ସନ୍ଧ୍ୟା ସୁଦ୍ଧା ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଲୁଟେରାମାନେ ଫେରାର ହୋଇଯାଇଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ ଚାଲିଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

ରିଜର୍ଭ ପୋଲିସ ବାରାକ୍ ପଛପଟେ ଲୁଟେରାମାନେ ଏଭଳି କାଣ୍ଡ ଭିଆଇବାକୁ ସାହସ କରିଥିବାରୁ ପୋଲିସ ପ୍ରତି ଅପରାଧିଙ୍କ ଭୟ ଆଦୌ ନାହିଁ ବୋଲି ସହରରେ ଚର୍ଚ୍ଚା ହେଉଛି। କିଛିଦିନ ପୂର୍ବରୁ ଇନ୍ଦିରାନଗର ସମ୍ମୁଖ ବିଏସ୍‌ଏନ୍‌ଏଲ ଅଫିସ ନିକଟ ବସ୍ ଟର୍ମିନାଲକୁ କାର୍ଯ୍ୟକ୍ଷମ କରାଯାଇଛି। ଯାତ୍ରୀମାନେ ବସ୍‌ରେ ଯିବା ଆସିବା କରିବା ପାଇଁ ଏହି ରାସ୍ତା ବ୍ୟବହାର କରୁଛନ୍ତି। ତେବେ ଏଭଳି ଏକ ବ୍ୟସ୍ତବହୁଳ ରାସ୍ତାରେ ଯଦି ଲୁଟେରାମାନେ ଏଭଳି କାଣ୍ଡ ଭିଆଇବାକୁ ସାହସ କରୁଛନ୍ତି ତେବେ ଏଥିରୁ ପୋଲିସ ପାଟ୍ରୋଲିଂ ଅବ୍ୟବସ୍ଥା ପଦାରେ ପଡିଯାଇଛି।

# ନୂଆଁଖାଇ ଭେଟ୍‌ଘାଟ୍, ସୁମତିଙ୍କୁ ଶକ୍ତି ସମ୍ମାନ


ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ସୁମତି ସା।

**ଲୋଇସିଂହା,୨୪।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ସୁମତି ସାଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ ଇଣ୍ଡିଆ ଚାମ୍ବର୍ସ ଅଫ କର୍ମସ ମହିଳା ଶାଖା ପକ୍ଷରୁ ଶକ୍ତି ସମ୍ମାନରେ ସମ୍ମାନିତ କରାଯାଇଛି। ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରୋହିତ ପୂଜାରୀ, ବିଧାନ ସଭାରେ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ମେୟର ସୁଲୋଚନା ଦାସ, କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢୀ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା, ଚାଳିଚଳଣିର ପ୍ରଶଂସା କରିଥିଲେ। ଏହି ଅବସରରେ କଳା, ସଂସ୍କୃତି, କ୍ରୀଡା, ସମାଜସେବା, ଚିକିତ୍ସା ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପଶ୍ଚିମ ଓଡ଼ିଶାର ବ୍ୟକ୍ତିବିଶେଷଙ୍କୁ ନୂଆଁଖାଇ ସମ୍ମାନ-୨୨ରେ ସମ୍ମାନୀତ କରାଯାଇଥିଲା । ୩ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିଥିବା ସୁମତି ସାଙ୍କୁ ନୂଆଁଖାଇ ସମ୍ମାନ, ପ୍ରୌଢ ଶିକ୍ଷାକ୍ଷେତ୍ରରେ ୩ ହଜାର ନିରକ୍ଷରଙ୍କୁ ସାକ୍ଷର କରିଥିବା ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ମହିଳା ଶାଖା ପକ୍ଷରୁ ଶକ୍ତି ସମ୍ମାନରେ ସମ୍ମାନିତ କରାଯାଇଛି । ପଶ୍ଚିମ ଓଡ଼ିଶାର ଜଣାଶୁଣା ଚେହେରା ଇନ୍ଦ୍ରମଣି ତ୍ରିପାଠୀ, ଶ୍ରୀମୟୀ ମିଶ୍ର, ପଲ୍ଲବୀ ହୋତା, ବିନାୟକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୨୬ରେ ଜିଲା କୃଷକ ମହାସଂଘର ରେଳରୋକୋ

### କୃଷି ବୀମା ଦାବି

**ଟିଟିଲାଗଡ, ୨୪।୯ (ଡି.ଏନ.ଏ)**

ଗତ ଖରିଫ ୨୦୨୧ରେ ବଲାଙ୍ଗୀର ଜିଲାରେ ଭୟଙ୍କର ମରୁଡି ସତ୍ତ୍ୱେ ଅଦ୍ୟାବଧି ୮୫ଟି ଗ୍ରାମ ପଞ୍ଚାୟତ ବୀମା ସହାୟତାରୁ ବଞ୍ଚିତ ରହିଛନ୍ତି। ଏହାର ପ୍ରତିବାଦରେ ଜିଲା କୃଷକ ମହାସଂଘ ପକ୍ଷରୁ ଆସନ୍ତା ୨୬ତାରିଖରେ ରେଳରୋକୋ ଚେତାବନୀ ଦିଆଯାଇଛି। ଶନିବାର ସ୍ଥାନୀୟ ଆଦିବାସୀ ଭବନ ପରିସରରେ ଏନେଇ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚାଷୀ ନେତାମାନେ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଲା କୃଷକ ମହାସଂଘ ମୁରିବାହାଲ ବ୍ଲକ କାର୍ଯ୍ୟକାରୀ ସଭାପତି, ଉପସଭାପତି କୈଳାସ ପ୍ରଧାନୀ, ସଇଁତଲା ବ୍ଲକ ପ୍ରଗତି କୃଷକ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ପୂର୍ବତନ ସରପଞ୍ଚ ହରିନାରାୟଣ ମିଶ୍ର, ସଞ୍ଜିବ ସାହୁ, ଚାଷୀ ଅନିରୁଦ୍ଧ ମେହେର, ବୁଦ୍ଧଦେବ ମହାକୁର, ଲମ୍ବୋଦର ବରଗ୍ତି, ଦୁଃଶାସନ ନାଗ, ନିତ୍ୟାନନ୍ଦ ମାଝି, କିଷାନ ନାଗ, ତପନ ପ୍ରଧାନୀ, ସଂଯୋଜକ ବୀରେନ୍ଦ୍ର ବାଗ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଅନେକ ଥର ଏ ନେଇ ପ୍ରଶାସନକୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଚାଷୀଙ୍କ ଜମିରେ ବୀମା ଏଜେଣ୍ଟ ଆସି କ୍ରପ କଟିଙ୍ଗ କରୁଛନ୍ତି। ହେଲେ କେତେ ଫସଲହାନୀ ହେଲା ତାହାର ହିସାବ କମ୍ପାନୀ ମନୋମୁଖୀ ଭାବରେ ନିଜ କାର୍ଯ୍ୟାଳୟରେ ବସି ଘୋଷଣା କରୁଛି। ଫସଲ କ୍ଷତି ହେଲେ ମଧ ଚାଷୀଙ୍କୁ କିଛି ସହାୟତା ମିଳୁ ନାହିଁ। ଧାରକରଜ କରି ଭରଣା କରିଥିବା ପ୍ରିମିୟମ ଟଙ୍କା ମଧ ବୁଡୁଛି। ଆସନ୍ତା ୨୫ ସୁଦ୍ଧା ଚାଷୀଙ୍କୁ କୌଣସି କ୍ଷୟକ୍ଷତି ସହାୟତା ରାଶି ପ୍ରଦାନ କରା ନ ଗଲେ ୨୬ରେ ଚାଷୀ ସଂଗଠନ ପକ୍ଷରୁ ବଲାଙ୍ଗୀର, ଟିଟିଲାଗଡ ଏବଂ ହରିଶଙ୍କର ରୋଡଠାରେ ରେଳରୋକୋ କରାଯିବ ବୋଲି ଚାଷୀ ନେତାମାନେ ଚେତାବନୀ ଦେଇଛନ୍ତି।

# ପାଳରେ ଜୀବନ ଆଙ୍କୁଥିବା ମଣିଷ


ଗୌରୀଶଙ୍କର ଆଙ୍କିଥିବା ଶ୍ରୀଜିଉଙ୍କ କଳାକୃତି ।

**ଲୋଇସିଂହା,୨୪।୯(ଡି.ଏନ.ଏ.)**

- ଅବସରପ୍ରାପ୍ତ ଶିକ୍ଷକଙ୍କ କଳାକୃତିକୁ ନେଇ ଚର୍ଚ୍ଚା
- ଅଭିନୟ,କଳାନିର୍ଦ୍ଦେଶକ ଭାବେ ସେ ସାଉଁଟିଛନ୍ତି ଭଲପାଇବା

ବଲାଙ୍ଗୀର ଜିଲା ଲୋଇସିଂହା ଡେଲିମାର୍କେଟର ଅବସରପ୍ରାପ୍ତ ଶିକ୍ଷକ ଗୌରୀଶଙ୍କର ବେଜ(୬୫)। ସୁବର୍ଣ୍ଣପୁର ଜିଲା ନାରାୟଣପୁରର ମୂଳ ବାସିନ୍ଦା ଗୌରୀଶଙ୍କର ୨୦୧୪ମସିହାରେ ଅବସର ଗ୍ରହଣ ପରେ ମଧ୍ୟ ସେ ଚଳଚଞ୍ଚଳ ରହିଛନ୍ତି। ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ପ୍ରଶଂସା ସାଉଁଟୁଛନ୍ତି। ଦେବାଦେବୀ, ପଶୁପକ୍ଷୀ ଓ ଆଦିବାସୀଙ୍କ ଚିତ୍ରଚରିତ୍ରକୁ ସେ କଳାକୃତିରେ ଜୀବନ୍ତ କରୁଛନ୍ତି। କୋଭିଡ ଲକ୍‌ଡାଉନ ସମୟରେ ପାଳ(ଗୋରୁଖାଦ୍ୟ)ରେ ଜଗନ୍ନାଥ, ଗଣେଶ ଏବଂ ଆଦିବାସୀଙ୍କ ଚିତ୍ର ପ୍ରସ୍ତୁତ କରିବାକୁ ଆରମ୍ଭ କରିଥିଲେ। ଏଥିରେ ରଙ୍ଗୀନ କାଗଜ ଓ ଫେବିକଲ ଅଠା ବ୍ୟବହାର କରି ୧୮ପ୍ରକାର ଗଣେଶ, ୧୨ପ୍ରକାର ଜଗନ୍ନାଥ ଚିତ୍ର ଏବଂ ବିଭିନ୍ନ ପଶୁପକ୍ଷୀ, ଫୁଲଫଳ ପ୍ରସ୍ତୁତି କରିଥିଲେ। ଏହି ସବୁ କଳାକୃତିକୁ ବିଭିନ୍ନ ପ୍ରଦର୍ଶନୀ ମେଳାରେ ପ୍ରଦର୍ଶନ କରିବା ବେଳେ ଲୋକେ ପସନ୍ଦ କରିଥିଲେ । ପାଳର ଉପଯୋଗ କରି କିପରି କଳାକୃତି କରାଯାଇପାରେ ତାହା ସେ କରି ଦେଖାଉଛନ୍ତି ବୋଲି କହିଛନ୍ତି ଗୌରୀଶଙ୍କର।

ଏସବୁ ସହ ଗୌରୀଶଙ୍କର ଜଣେ କଳାକାର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ବିଭିନ୍ନ ସମ୍ବଲପୁରୀ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ସମ୍ବଲପୁରୀ ଫିଲ୍ମ ଶଳାବୁଢା, ଝରଣ ଭଳି ଚଳଚ୍ଚିତ୍ରରେ ସେ କଳା ନିର୍ଦ୍ଦେଶକ ଭାବେ କାମ କରିଛନ୍ତି। ଏହାବ୍ୟତୀତ ସେ ଜଣେ ମଞ୍ଚ ପ୍ରସ୍ତୁତି କଳାକାର । ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଜିଲାର ବିଭିନ୍ନ ସାଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମରେ ମଞ୍ଚ ପ୍ରସ୍ତୁତ କରନ୍ତି। ୨୦୦୮ରେ ବଲାଙ୍ଗୀର କୋଶଳ କଳାମଣ୍ଡରେ ହେଉଥିବା ଲୋକଉତ୍ସବ ଚମତ୍କାର ମଞ୍ଚ ସଜାଇ ପ୍ରଶଂସିତ ହୋଇଥିଲେ ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସୁକଲପୁର, ବିରିଘାଟ ବିଜୟୀ

**ବୋଡେନ,୨୪।୯(ଡି.ଏନ.ଏ.)**


ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ନୂଆପଡା ଜିଲା ବୋଡେନ ବ୍ଲକ ବିନୋପୁର ମା' ଧରଣୀ ଯୁବକ ସଂଘ ଦ୍ୱାରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିନୋପୁର (ବି) ଓ ସୁକଲପୁର ମଧରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚରେ ସୁକଲପୁର ଟ୍ରାଇବେକର ଜରିଆରେ ବିଜୟୀ ହୋଇଥିଲା। ଫରସରା ଓ ବିରିଘାଟ ମଧରେ ଆୟୋଜିତ ଦ୍ୱିତୀୟ ମ୍ୟାଚରେ ବିରିଘାଟ ୨-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଦେବାଶିଷ ଜୋଷୀ ଖେଳ ପରିଚାଳନା କରିଥିବା ବେଳେ ଚନ୍ଦ୍ର ମାଝି ଓ ରିକୁ ମାଝି ଲାଇନ ମ୍ୟାନ୍ ଭାବେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ବେଦବ୍ୟାସ ନାଗ, ଉପସଭାପତି ଧବଳେଶ୍ୱର ବାଗ, ସମ୍ପାଦକ ଗଣ୍ଡାରାମ ମାଝି, ରମେଶ ନିଆଲ, ପାଣ୍ଡୁଲାଲ ନାଗ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟ ବୋଡେନ ସରପଞ୍ଚ ରଶ୍ମିତା ସିହ୍ନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟା ଯଜ୍ଞସେନୀ ମାଝି, ପଶୁରାମ ନିଆଲ, ଶ୍ୟାମସୁନ୍ଦର ଛତ୍ରିଆ, ସୁମିତ୍ରା ମାଝି, ଗନିତା ନାଗ, ସସ୍ମିତା ବାଗ, ସାନ୍ତନୁ ମାଝି, ମଧୁସୂଦନ ଜଗତ, କାଶୀନାଥ ବେହେରା, ଦନାର ଲୁହାର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ୧ ତାରିଖ ଫାଇନାଲ ଅନୁଷ୍ଠିତ ହେବ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ତୁଣ୍ଡଲା,୨୪।୯(ଡି.ଏନ.ଏ.)**



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଡ଼ିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବେଲଖଣ୍ଡି କ୍ଲଷ୍ଟର ପକ୍ଷରୁ ପିପଲପଦର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ନାଗଙ୍କ ସଭାପତିତ୍ୱରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୀମାଞ୍ଚଳ ବୁଦ୍ଧିଆ ଓ ବାଡ଼ିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ହେମସାଗର ସାହୁଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବବ୍ରୁବାହାନ ପଧାନ ଏବଂ ସମ୍ମାନିତ ଅଥିତି ଭାବେ ବେଲଖଣ୍ଡି କ୍ଲଷ୍ଟର ସିଆରସି ଦିବ୍ୟସିଂହ ମାଝି ରହିଥିଲେ। ସହକାରୀ ଶିକ୍ଷକ ଗୋବିନ୍ଦ ବାଗ ମଞ୍ଚ ପରିଚାଳନା କରିଥିବା ବେଳେ ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଜନ ହରିଜନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶିକ୍ଷକ ଘନଶ୍ୟାମ ଭୋଇ, ଭିକାରି ଚରଣ ଗୌଡ଼ିଆ, କୁଶ ପଧାନ ନନ୍ଦୀକିଶୋର ସାହୁ, ଦୀନବନ୍ଧୁ ସାହୁ, କାଳିଆ ଭୋଇ, କ୍ଷୀରସାଗର ଭୋଇ, ସାଗର ଦୀପ ଏବଂ କ୍ଲଷ୍ଟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହିଥିଲେ।

# ଭୌତିକ କାଣ୍ଡ, ସ୍କୁଲରେ ପୂଜାର୍ଚ୍ଚନା ପାଇଁ ନିଷ୍ପତ୍ତି

**ଲାଠୋର,୨୪।୯(ଡି.ଏନ.ଏ.)**

**ଭୟରେ ନବମ ଶ୍ରେଣୀ ଛାତ୍ରୀ ସ୍କୁଲ ନ ଆସିବା ଘଟଣା**

- ବୈଠକରେ ଅଭିଭାବକଙ୍କୁ ବୁଝାଇ ପାରିଲେନି ଶିକ୍ଷକ, ଜନ ପ୍ରତିନିଧି
- ମହାଷ୍ଟମୀରେ ପୂଜାର୍ଚ୍ଚନା ପାଇଁ ଚାଲିଛି ପ୍ରସ୍ତୁତି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଅର୍ଦ୍ଧାଧିକ ଛାତ୍ରୀ ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ସ୍କୁଲକୁ ଆସୁନାହାନ୍ତି। ଭୌତିକ କାଣ୍ଡ ଯୋଗୁଁ ନବମ ଶ୍ରେଣୀର ଦୁଇଜଣ ଛାତ୍ରୀଙ୍କ ଖୁବ୍‌କମ୍ ଦିନ ମଧରେ ମୃତ୍ୟୁ ଘଟିଥିବା ଖବର ପ୍ରଚାରିତ ହେବା ପରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡୁ ନାହାନ୍ତି। ଶିକ୍ଷକମାନେ ଛାତ୍ରୀମାନଙ୍କ ଘରକୁ ଘର ଯାଇ ସ୍କୁଲକୁ ପଢିବା ପାଇଁ ଆସିବାକୁ ବୁଝାଶୁଝା କରିଥିଲେ। ଏଥିରେ କୌଣସି ସୁଫଳ ନ ମିଳିବାରୁ ସ୍କୁଲ ପରିଚାଳନା ସମିତିର ସହଯୋଗରେ ଗତ ଶୁକ୍ରବାର ଏକ ବୈଠକ ବସିଥିଲା। ଏଥିରେ ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସରପଞ୍ଚ ଜୟଶ୍ରୀ ଭଇଁଷାଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସତ୍ୟନାରାୟଣ ମେହେର, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ଲାଠୋର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା. ଜୟଶ୍ରୀ ମିଶ୍ର, ଅବସରପ୍ରାପ୍ତ ଖେଳ ଶିକ୍ଷକ ସଦାନନ୍ଦ ବେହେରା ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଅଭିଭାବିକ ଓ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସରପଞ୍ଚ ଭଇଁଷାଲ ଆଜିର ବୈଜ୍ଞାନିକ ଯୁଗରେ ଭୌତିକ କାଣ୍ଡକୁ ନେଇ ନେଇ ପ୍ରଶ୍ନ ଉଠିଛି ତାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। କାଳବିଳମ୍ବ ନ କରି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବାକୁ ସେ ଅନୁରୋଧ କରିଥିଲେ। ହେଲେ ଯେ ପର୍ଯ୍ୟନ୍ତ ସ୍କୁଲରେ ପୂଜାପାଠ ଓ ହୋମ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆମେ ପିଲାଙ୍କୁ ଛାଡ଼ିବୁ ନାହିଁ ବୋଲି ସେମାନେ କହିଥିଲେ। ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ନୁହେଁ, ବରଂ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ମାନସିକସ୍ତରରେ ସୁଦୃଢ଼ କରିବା ପାଇଁ ଦୁର୍ଗାଷ୍ଟମୀ ଦିନ ସ୍କୁଲରେ ଏକ ପୂଜା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବିଦ୍ୟାଳୟ ପ୍ରଧାନଶିକ୍ଷକ ସସ୍ମିତ କୁମାର ଭୋଇ କହିଛନ୍ତି। ବର୍ତ୍ତମାନର ବିଜ୍ଞାନ ଯୁଗରେ ପିଲାଙ୍କ ମୁଣ୍ଡରେ ଅନ୍ଧବିଶ୍ୱାସ ଭରାଯାଉଥିବାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

# ବହି ସଂଗ୍ରହ ନିଶାରେ ଗଣପତି, ଭାଇଙ୍କ ସ୍ମୃତିରେ ପାଠାଗାର

ଭବାନୀପାଟଣା,୨୪।୯(ସ୍ୱ.ପ୍ର.)

ନିଶା ତାଙ୍କର ବହି ସଂଗ୍ରହ। ବହି ସଂଗ୍ରହ କରି ଘରକୁ ପାଠାଗାରରେ ମଧ୍ୟ ପରିଣତ କରିଛନ୍ତି। ଏପରି ଏକ ବ୍ୟକ୍ତିତ୍ୱ ହେଉଛନ୍ତି କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭିକାପଡା ଗାଁର ଗଣପତି ନାୟକ। ୨୫ ବର୍ଷରୁ ଅଧିକ ସମୟ ଧରି ସେ ବିଭିନ୍ନ ପୁସ୍ତକ ସଂଗ୍ରହ କରିବା ସହ ଏହାକୁ ସଜାଇ ରଖିଛନ୍ତି। ପ୍ରାୟ ୫ ହଜାରୁ ଅଧିକ ବହି ସଂଗ୍ରହ କରି ରଖିଥିବା ବେଳେ ଏଠାକୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପାଠ ମଧ୍ୟ ପଢାଉଛନ୍ତି । ଏହା ସହିତ ନିଜ ଗ୍ରାମରେ ଏକ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରି ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛନ୍ତି। ନାୟକ ପେସାରେ ଜଣେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ


ପାଠାଗାର।

ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ସେ ନିଜ ଜୀବନକୁ ଶିକ୍ଷା ପାଇଁ ସମର୍ପି ଦେଇଛନ୍ତି। ନବମ ଶ୍ରେଣୀରେ ପଢୁଥିବା ସମୟରୁ ଏଭଳି ବହି ସଂଗ୍ରହ କରି ସେ ନିଜର ଏକ ପାଠାଗାର ନିର୍ମାଣ କରିଥିଲେ। ସେ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ପୁସ୍ତକ ସଂଗ୍ରହ କରିବା ସହ ଏଗୁଡ଼ିକୁ ସଜାଇ ରଖିଛନ୍ତି। ତେବେ ୨୦୦୭ରେ ଗଣପତି ନାୟକଙ୍କ ଭାଇ ଗିରିଶ ଚନ୍ଦ୍ର ନାୟକଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଭାଇଙ୍କ ସ୍ମୃତିରେ ନିଜର ଏହି ପାଠାଗାରକୁ ଗିରିଶ ଚନ୍ଦ୍ର ସ୍ମାରକୀ ପାଠାଗାର ଭାବେ ନାମିତ କରି ଅଞ୍ଚଳର ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ସମର୍ପି ଦେଇଛନ୍ତି। ଗଣପତିଙ୍କ ପାଠାଗାରରେ ହିନ୍ଦୀ, ଇଂଲିଶ, ସଂସ୍କୃତ ଏବଂ ଓଡ଼ିଆ ଭାଷାର ବହୁ ବିରଳ ତଥା ମୂଲ୍ୟବାନ ପୁସ୍ତକ ସ୍ଥାନ ପାଇଛି। ଅଦ୍ୟାବଧି ବିଭିନ୍ନ ବିଷୟର ପ୍ରାୟ ୫ ହଜାର ପୁସ୍ତକକୁ ନିଜ ପାଠାଗାରରେ ସେ ସ୍ଥାନ ଦେଇଛନ୍ତି। ଏହି ପାଠାଗାରରେ ଏବେ ୩ଟି ଆଲମାରୀରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ସାଧାରଣ ଜ୍ଞାନ, ଗ୍ରାମପଞ୍ଚାୟତ ନିୟମ, ରାମାୟଣର ସାତଖଣ୍ଡ ସଂସ୍କୃତ ଓ ଓଡ଼ିଆ ଅନୁବାଦ, ମହାଭାରତର ଅଷ୍ଟାଦଶ ପୁରାଣର ଓଡ଼ିଆ ଓ ସଂସ୍କୃତ ପୁସ୍ତକ, ଜଗନ୍ନାଥ ସଂସ୍କୃତି, ଭବିଷ୍ୟତ ମାଳିକା, ମହାପୁରୁଷଙ୍କ ଜୀବନୀ, ଚତୁର୍ବେଦ, ୧୦୮ ଉପନିଷଦ, ଉପନ୍ୟାସ ଭଳି ଅନେକ ପୁସ୍ତକ ରହିଛି। ସେପଟେ ଗଣପତି ନିଜ ଗାଁ ଭିକାପଡ଼ାରେ ୨୦୦୪ରେ ଏକ ଭାଗବତ ଟୁଙ୍ଗୀର ନିର୍ମାଣ କରିଛନ୍ତି। ଅନେକ ଆଧ୍ୟାତ୍ମିକ ବିରଳ ପୁସ୍ତକ ପାଠାଗାରରୁ ଆଣି ଏଠାରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଯାଏ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗାଁ ଭାଗବତ ଟୁଙ୍ଗିରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଏହାସହ ପ୍ରତ୍ୟେକ ଗୁରୁବାର ଭାଗବତ ଓ ରାମାୟଣ ପାଠ କରିଥାନ୍ତି ଗାଁ ଲୋକେ। ଏହା ଦ୍ୱାରା ଗଣପତି ନିଜ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଇ ପାରିଛନ୍ତି ବୋଲି ଗ୍ରାମବାସୀ କୁହନ୍ତି।

# ଆଜି କ୍ରାନ୍ତି-ଜାଗୃତି ସମାରୋହ କମିଟିର ଆଲୋଚନାଚକ୍ର


ତଥାଗତ ସତପଥୀ, ସମ୍ପାଦକ, ଧରିତ୍ରୀ ଓ ଓଡ଼ିଶାପୋଷ୍ଟ


ପ୍ରଫେସର ମଧୁସୂଦନ ପତି, ଶିକ୍ଷାବିତ୍

ବଲାଙ୍ଗୀର ଅଫିସ,୨୪।୯

**ଆଲୋଚକ ଭାବେ ଯୋଗଦେବେ ତଥାଗତ ସତପଥୀ, ପ୍ର. ମଧୁସୂଦନ ପତି**

ବଲାଙ୍ଗୀର କ୍ରାନ୍ତି-ଜାଗୃତି ସମାରୋହ କମିଟି ପକ୍ଷରୁ ରବିବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସେମିନାରୀ ହଲଠାରେ ତୃତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଆଲୋଚନାଚକ୍ରରେ ଦୈନିକ ଧରିତ୍ରୀ ତଥା ଇଂରାଜୀ ଦୈନିକ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଫେସର ମଧୁସୂଦନ ପତି ଆଲୋଚକଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଆଲୋଚନାଚକ୍ରରେ ସ୍ୱାଧୀନତାର ପରିସୀମା ଓ ପରିଭାଷା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କ୍ରାନ୍ତି ଜାଗୃତି କମିଟି ତରଫରୁ ଅଗଷ୍ଟ ୯ କ୍ରାନ୍ତି ଦିବସରୁ ସେପ୍ଟେମ୍ବର ୨୯ ଜାଗୃତି ଦିବସ ପର୍ଯ୍ୟନ୍ତ ୫୦ ଦିନ ବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରବିବାର ସନ୍ଧ୍ୟାରେ ତୃତୀୟ ତଥା ଶେଷ ଆଲୋଚନାଚକ୍ର ଆୟୋଜନ କରାଯିବ ବୋଲି କମିଟି ସଭାପତି ପ୍ରଫେସର ଡ. ଶିବପ୍ରସାଦ ନନ୍ଦ ଜଣାଇଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର

ଅମରପାଲି,୨୪।୯(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ଦ୍ୱାରା ବ୍ଲକସ୍ତରୀୟ ସୁନେତ୍ର ଯୋଜନାରେ ଛାତ୍ରୀଛାତ୍ର ମାନଙ୍କ ଚକ୍ଷୁ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନିତାରାଣି ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଚକ୍ଷୁ ଶିବିରରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ମହାନଦୀ ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଇତିଶ୍ରୀ ଚାନ୍ଦ, ଦିବ୍ୟଜ୍ୟୋତି ମେହେର, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ ବିଦ୍ୟାଧର ସାହୁ, ବିନକା ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ସହାୟକ ଅଶୋକ କୁମାର ମଲ୍ଲିକ ଯୋଗଦେଇ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରିକ୍ଷା କରିଥିଲେ। ୧୪୦ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ସଙ୍ଗୀତା ମହାପାତ୍ର, ଦିଲୀପ ପଧାନ ଓ ସିଆରସିସି ଉମାକାନ୍ତ ପୂଝାରି ପରିଚାଳନା କରିଥିଲେ।

# ଯନ୍ତ୍ରଣାରେ ଛଟପଟ ୩ ବର୍ଷର ଶିଶୁ

ସୋନପୁର,୨୪।୯(ନି.ପ୍ର.)

- ଅସ୍ୱାଭାବିକ ଭାବେ ମୁଣ୍ଡ ବଢୁଛି
- ଏମ୍ସରେ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ
- ମୁଣ୍ଡରୁ କଟକ ମେଡିକାଲରେ ୨ଥର ପାଣି କଢାଯାଇଛି
- ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ, ମା ବାପା ଚିନ୍ତାରେ

୩ ବର୍ଷର ଶିଶୁ ଘୁଣ୍ଟୁ ଗୋପାଳ। ଅସ୍ୱାଭାବିକ ଭାବେ ତାର ମୁଣ୍ଡ ବଢୁଛି। ଶରୀର ଓ ବୟସ ତୁଳନାରେ ମୁଣ୍ଡ ବଡ ହୋଇଯାଇଛି। ଯେଉଁ ବୟସରେ ସାଙ୍ଗସାଥୀଙ୍କ ମେଳରେ ଖେଳାବୁଲା କରିବା କଥା ସେ ବୟସରେ ଶିଶୁଟି ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛି। ଶିଶୁଟି ମା କୋଳରେ ସବୁବେଳେ ଶୋଇ ରହୁଛି। ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଏହି ପରିବାର ବହୁ କଷ୍ଟରେ ଅର୍ଥ ଯୋଗାଡ କରି ପୁଅକୁ କଟକ ନେଇଥିଲେ। ହେଲେ କିଛି ଫଳ ମିଳିଲାନି। ଆର୍ଥିକ ସମ୍ବଳ ନ ଥିବାରୁ ପୁଅକୁ ଅଧିକ ଚିକିତ୍ସା ଲାଗି ଅନ୍ୟ କେଉଁଠାକୁ ନେଇ ପାରୁ ନାହାନ୍ତି। ଏମିତି ଏକ ମାନସିକ ଚାପ ଭିତରେ ଦିନ କାଟୁଛନ୍ତି ସୋନପୁର ତରିଆପଡାର ରୁବି ବେରିହା ଓ ପୌଲସ୍ତି ବେରିହା।

ବେରିହା ଦମ୍ପତ୍ତିଙ୍କ ଏକମାତ୍ର ପୁଅ ଘୁଣ୍ଟୁ ଗୋପାଳ। ଜନ୍ମ ସମୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ତେବେ ୩ ମାସ ପରେ ରୋଗ ଜଣା ପଡିଥିଲା। ଡାକ୍ତର କହିଲେ ଶିଶୁ ମୁଣ୍ଡରେ ପାଣି ଜମିଛି। ପୁଅକୁ କଟକ ବଡ ମେଡିକାଲ ନେଇ ୨ଥର ପାଣି କାଢିବା ପରେ ମା ବାପା ବେଶ୍ ଖୁସି ଅନୁଭବ କରିଥିଲେ। ହେଲେ ସେମାନଙ୍କ ସବୁ ସ୍ୱପ୍ନ ପାଣି ଫୋଟକା ପରି ମିଳେଇ


ମା ବାପାଙ୍କ କୋଳରେ ଶିଶୁ।

ଗଲା। କଟକରୁ ଫେରିବାର କିଛି ମାସ ପରେ ରୋଗ ଭଲ ହେବା ବଦଳରେ ପୁଣି ମୁଣ୍ଡ ବଢିବାରେ ଲାଗିଲା। ଏଣୁ ମା, ବାପା ଚିନ୍ତାରେ ଅଛନ୍ତି। ହୋଟେଲରେ ରୋଷେଇ କରି ପରିବାର ପ୍ରତିପୋଷଣ କରୁଥିବା ପୌଲସ୍ତିଙ୍କ ମୁଣ୍ଡରେ ଚଡକ ପଡିଛି। ପାଖରେ ଯାହା ସଞ୍ଚିତ ଅର୍ଥ ଥିଲା ସବୁ ଖର୍ଚ୍ଚ ହୋଇଗଲା। ଏବେ ପରିବାର ଚଳାଇବା ପାଇଁ ପାଖରେ ପଇସା ନାହିଁ। ସରକାରୀ ସହାୟତା ହିଁ ଏକମାତ୍ର ଭରସା। ରାଜ୍ୟ ସରକାର, ଜିଲା ପ୍ରଶାସନ, କୌଣସି ଅନୁଷ୍ଠାନ କିମ୍ବା ସହୃଦୟ ବ୍ୟକ୍ତି ସହାୟତାର ହାତ ବଢାଇଲେ ପୁଅର ଚିକିତ୍ସା କରିପାରନ୍ତେ ବୋଲି ଉଭୟ କହିଛନ୍ତି। ଏପଟେ ଶିଶୁଟିର ଅବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଶିଶୁର ଚିକିତ୍ସା ପାଇଁ ମା ବାପା ଜିଲାପାଳ ଓ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିରକୁ ଯାଇଥିଲେ। କିନ୍ତୁ ସେମାନଙ୍କୁ କିଛି ସହାୟତା ମିଳିନାହିଁ। ଶିଶୁର ଚିକିତ୍ସା ପାଇଁ କୌଣସି ଏକ ଉନ୍ନତ ଡାକ୍ତରଖାନାକୁ ପ୍ରଶାସନ ପକ୍ଷରୁ ପଠାଇବା ପାଇଁ ସେମାନେ ଅନୁରୋଧ କରିଛନ୍ତି। ପରିବାର ନିକଟରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅଛି। ଯେଉଁ ଡାକ୍ତରଖାନାରେ ଚିକିତ୍ସା କରାଇଲେ ଶିଶୁଟି ସୁସ୍ଥ ହେବ ସେହି ଡାକ୍ତରଖାନାକୁ ପଠାଇବା ପାଇଁ ଉଦ୍ୟମ କରାଯିବ ବୋଲି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି କହିଛନ୍ତି। ସୋମବାର ଶିଶୁକୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସକୁ ନିଆଯିବ ବୋଲି ମା ରୁବି ଓ ବାପା ପୌଲସ୍ତି କହିଛନ୍ତି।

# ଆଲୁମିନିୟମ ତାର ଚୋରି ଘଟଣାରେ ଉତ୍ତରପ୍ରଦେଶ ଲିଙ୍କ୍


ପୋଲିସ ଗିରଫ କରିଥିବା ୪ଅଭିଯୁକ୍ତ।

ଦେଓଗାଁ,୨୪।୯(ଡି.ଏନ.ଏ)

- ୪ ଗିରଫ
- ଟ୍ରାକିଂ କରି ଧରିଲା ପୋଲିସ

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅନ୍ତର୍ଲା ଛକରୁ ଆଲୁମିନିୟମ ତାର ଓ ବ୍ୟାଟେରୀ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଦେଓଗାଁ ପୋଲିସ। ଏ ଘଟଣାରେ ବାହାର ରାଜ୍ୟର ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି।କ ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶ ଗାଜିଆବାଦ ଜିଲା ମୁରାଦନଗର ଥାନା ଅଞ୍ଚଳର ସୋହେଲ ମଲ୍ଲିକ(୧୮), ଜୋଭେଦ ମଲ୍ଲିକ(୩୬), କୈଫ ମଲ୍ଲିକ(୧୯) ଓ ଫୈଜଲ ମଲ୍ଲିକ(୨୫)। ଏମାନଙ୍କଠାରୁ ପୋଲିସ ୧୧ ବଣ୍ଡଲ ଆଲୁମିନିୟମ ୧୧କେଭି ତାର, ୧୧ଟି ବଡ ସାଇଜର ବ୍ୟାଟେରୀ , ୧୦ଟି ଛୋଟ ସାଇଜର ବ୍ୟାଟେରୀ ଜବତ କରାଯାଇଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି। ସୂଚନାନୁସାରେ ଅନ୍ତର୍ଲା ଛକ ସମେତ ଆଖପାଖ ଅଞ୍ଚଳରୁ ବାରମ୍ବାର ଆଲୁମିନିୟମ ତାର ଚୋରି ହୋଇଆସୁଥିଲା। ଉକ୍ତ ର୍‍ୟାକେଟକୁ ଧରିବା ପାଇଁ ପୋଲିସ ଛାନଭିନ ଜାରି ରଖିଥିଲା। ଶୁକ୍ରବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ଏବଂ ମୋବାଇଲ ଟ୍ରାକିଂ କରି ପୋଲିସ ଏଏସଆଇ ମନୋଜ କୁମାର ମୁଣ୍ଡା ସଦଳବଳେ ଅଭିଯୁକ୍ତମାନଙ୍କୁ ବଲାଙ୍ଗୀରରୁ ଗିରଫ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଫେରାର ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

### କଲେଜରେ ଶୈକ୍ଷିକ ବାତାବରଣ ରକ୍ଷାକୁ ଗୁରୁତ୍ୱ

ସୋନପୁର,୨୪।୯(ନି. ପ୍ର ): ସୋନପୁର କଲେଜରେ ପ୍ରବେଶ ଉତ୍ସବ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି। ନବାଗତ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଅଧକ୍ଷ ରାଜୀବଲୋଚନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଆଚାର୍ଯ୍ୟ ନବାଗତ ଛାତ୍ରୀଛାତ୍ରଙ୍କୁ ନୀତି ନିୟମ, ଦାୟିତ୍ୱବୋଧ, ପାରସ୍ପରିକ ସଦ୍‌ଭାବ ରକ୍ଷା କରି ଶିକ୍ଷା ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ରାଗିଂ ଓ ଦୁର୍ବ୍ୟବହାର କାର୍ଯ୍ୟରୁ ନିବୃତ୍ତ ରହି କଲେଜର ଶୈକ୍ଷିକ ବାତାବରଣକୁ ସୁସ୍ଥ ଓ ସୁରକ୍ଷିତ ରଖିବାକୁ ଅଧକ୍ଷ ଆହ୍ୱାନ ଦେଇଥିଲେ। ଏହି ସଭାରେ ଯୁକ୍ତ ଦୁଇ ଶ୍ରେଣୀର ପ୍ରଶାସନିକ ମୁଖ୍ୟ ଅନନ୍ତନାରାୟଣ ଦାଶ, କଲେଜ ପ୍ରଶାସନିକ ଉପଦେଷ୍ଟା ଡଃ କଳ୍ପନା ମିଶ୍ର, ଶୈକ୍ଷିକ ଉପଦେଷ୍ଟା ବିଶନାଥ ମେହେର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଭାକୁ ଡ. ସୌରଭରଞ୍ଜନ ଖମାରୀ ପରିଚାଳନା କରିଥିବା ବେଳେ ଡ. ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କଳା,ବିଜ୍ଞାନ ଓ ବାଣିଜ୍ୟ ବିଭାଗର ବହୁ ଅଧାପିକା ଅଧାପକ ଉପସ୍ଥିତ ରହି ପ୍ରବେଶ ଉତ୍ସବକୁ ସଫଳ କରିଥିଲେ।

# ଏପିଜେ ଲୋଇସିଂହା ଚାମ୍ପିୟନ

**ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ**

ବଲାଙ୍ଗୀର ଅଫିସ,୨୪।୯

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲଶନିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ଫାଇନାଲ ଖେଳରେ ଏପିଜେ ଲୋଇସିଂହା ଦଳ ୨-୧ ଗୋଲରେ ବିଏନ୍‌ଏଏ ଜରାସିଂହା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଖେଳ ପ୍ରଥମାର୍ଦ୍ଧରେ ଏପିଜେ ଲୋଇସିଂହା ଦଳର ଦେବରାଜ ସାଙ୍କ ଚିତ୍ତାକର୍ଷକ ଗୋଲ ବଳରେ ୧-୦ ଗୋଲରେ ଦଳ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଲୋଇସିଂହା ଦଳର ପ୍ରେମରାଜ ପ୍ରଧାନଙ୍କ ଏକ ସୁନ୍ଦର ଗୋଲ ସ୍କୋର କରି ଦଳକୁ ୨-୦ରେ ଆଗୁଆ କରିଥିଲେ। ପରେ ସଂଘର୍ଷ କରି ଜରାସିଂହା ଦଳର କରନ ଦଣ୍ଡସେନା ଏକ ଗୋଲ ସ୍କୋର କରିଥିଲେ । ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଚଞ୍ଚଳ ରାଣା, ସମ୍ମାନିତ ଅତିଥି ଜିଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଯୋଗଦେଇ ଚାମ୍ପିୟନ ଏପିଜେ ଲୋଇସିଂହା ଦଳ ଏବଂ ଉପବିଜେତା ବିଏନ୍‌ଏଏ ଜରାସିଂହା ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ । ଫୁଟବଲ ଆସୋସିଏଶନ ଅଫ୍ ଓଡିଶା ତଥା


ଚାମ୍ପିୟନ ଏପିଜେ ଲୋଇସିଂହା ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷତା କରିଥିଲେ। ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ସଂସଦ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଟୁର୍ନାମେଣ୍ଟ ଅଧକ୍ଷ ପ୍ରଭାତ କୁମାର ମିଶ୍ର ମଞ୍ଚାସୀନ ଥିଲେ। ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖେଳ ପରିଚାଳନା କରିଥିବା ସମସ୍ତ ଜୋନଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଅତିଥିମାନେ ଟୁର୍ନାମେଣ୍ଟରେ ଖେଳ ପରିଚାଳନା କରିଥିବା ସମସ୍ତ ରେଫରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳିଭାବେ ବିଏନ୍‌ଏଏ ଜରାସିଂହା ଗୋବିନ୍ଦ ମାଝି, ମେନ୍ ଅଫ୍ ଦ ମ୍ଯାଚ୍ ଲୋଇସିଂହା ଏପିଜେ ଦଳର ସୁବ୍ରତ ପାତ୍ର ଓ ଉଦୀୟମାନ ଖେଳାଳୀ ଭାବେ ସାଇଟ୍ ସ୍ପୋର୍ଟସ ସୋସାଇଟି ସଦାଇପାଲିର ସମ୍ପିତ ନାଏକଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଖେଳକୁ ଅବଦୁଲ ମୁଜିବ, ସୁଶାନ୍ତ କୁମାର ନାଗ, ରାଜେନ୍ଦ୍ର ଧରୁଆ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଶରତ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ନାମେଣ୍ଟ ପରିଚାଳନାରେ କ୍ରୀଡା ସଂସଦ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ପରିଶେଷରେ ସଂସଦ ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

OFFICE OF THE SUPERINTENDENT
BLOCK PROGRAMME MANAGEMENT UNIT (NHM)
Charmal, CHC, Block: Rairakhol, Sambalpur
Email: bpmu.charmal@gmail.com
Adv. 193 Date: 21.09.2022
EXTENSION OF QUOTATION SUBMISSION DATE
The last date of submission of bid for the quotation call for "Hiring of BPMU Vehicle" vide Advt. No. 187 on Dtd.12.09.2022 published in the daily Newspapers i.e. "Dharitri" & "Dainaik Bhaskar" on Dtd.14.09.2022 & in Sambalpur district website: www.sambalpur.nic.in has been extended to 27.09.2022 upto 5 P.M. All other terms & conditions shall remain unchanged.
Sd./- Superintendent CHC Charmal, Sambalpur

# କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ କମିଟି ଗଠନ କଲା ବିଜେଡି

ଭବାନୀପାଟଣା,୨୪।୯(ସ୍ୱ.ପ୍ର.)

ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲେ ସୁଦ୍ଧା ସରଗରମ ହୋଇଛି କ୍ୟାମ୍ପସ ରାଜନୀତି। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ କ୍ୟାମ୍ପସ କମିଟି ଗଠନ କରିବାକୁ ଘୋଷଣା କରିଥିଲା ବିଜୁ ଛାତ୍ର ଜନତା ଦଳ। ତେଣୁ ବିଭିନ୍ନ କଲେଜ ସହ ବିଶ୍ୱବିଦ୍ୟାଳୟରେ ଉଷ୍ମତା ପରିଲକ୍ଷିତ ହେଉଛି। ଏପରିସ୍ଥଳେ ଶୁକ୍ରବାର କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ କ୍ୟାମ୍ପସ କମିଟି ଗଠନ କରିଛି ଛାତ୍ର ବିଜେଡି। ଛାତ୍ର ବିଜେଡିର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କଳାହାଣ୍ଡି ବିଶବିଦ୍ୟାଳୟର ୨୬ ଜଣିଆ କ୍ୟାମ୍ପସ କମିଟି ନାମ ଘୋଷଣା କରିଛନ୍ତି। କମିଟି ଆବାହକ ଭାବେ ହିରେନ୍ଦ୍ର ସାହୁ, ସହଆବାହକ ଭାବେ ଗୀତାଞ୍ଜଳି ହିଆଲ ଓ ପ୍ରାଚୁର୍ଯ୍ୟ ଭୋଇ, ଖେଳ ପ୍ରତିନିଧି ଭାବେ ସରିତା ଠାକୁର, ପ୍ରଜ୍ଞା ପରୀମିତା କୁମାର, ଲିଙ୍ଗରାଜ ଛତ୍ରିଆ ଓ ସୁନୀତା ସାହୁ, ସାଂସ୍କୃତିକ ପ୍ରତିନିଧି ଭାବେ ଭୋଲେଶ୍ୱରି ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମୋନାଲିସା ଦୀପ, ଜେଜି ବେହେରା ଓ କେଶବ ଚନ୍ଦ୍ର ନାଏକ, ସାମାଜିକ କାର୍ଯ୍ୟକଳାପ ପ୍ରତିନିଧି ଭାବେ ମୋନାଲିସା ସାହୁ, ଚାନ୍ଦନା ମେହେର, ଜ୍ୟୋତି ରଞ୍ଜନ ବେହେରା ଓ ତେଜରାଜ ବେହେରା, ହେଲ୍ପ ଡେସ୍କ ପ୍ରତିନିଧି ଭାବେ ଅନେୱଷା ପଣ୍ଡା, ରୁଦ୍ର ନାରାୟଣ ମଣ୍ଡଳୀ ନିଯୁକ୍ତି ହୋଇଛନ୍ତି। ଚିନ୍ମୟ ରାଉତ ଓ ସଚିନ ବେମାଲ, ହଷ୍ଟେଲ ଆବାହକ ଭାବେ ସ୍ମୃତି ଲିପ୍ସା ସାମଲ ଓ ହଂଶରାଜ ବେହେରା, ଡେ ସ୍କୋଲାର ପ୍ରତିନିଧି ଭାବେ ମିତାଲି ନାୟକ ଓ ରାକେଶ ସାହୁ, ସାମାଜିକ ଗଣମାଧ୍ୟମରେ ଭାରତୀ ନାୟକ, କରିଶ୍ମା ସାହୁ ଓ ମହେଶ ବାଗଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କମିଟି ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ପ୍ରଚେଷ୍ଟା କରିବା ସହ ନେତୃତ୍ୱ ସୃଷ୍ଟି କରିବାରେ ସହାୟକ ହେବ ବୋଲି ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି । ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ରାଜ୍ୟ ଉପସଭାପତି ଅଭିଷେକ ମହାପାତ୍ର, ରାଜ୍ୟ ସମ୍ପାଦକ ଆଶିଷ ମହାପାତ୍ର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

Government of Odisha
OFFICE OF THE PANCHAYAT SAMITI TITILAGARH
INVITATION FOR BIDS (IFB)
(Email ID- ori-titilagarh@nic.in)
Details Tender Call Notice No. 05/TIG/22-23
The Block Development Officer, Titilagarh on behalf of Governor of Odisha invites Percentage Rate Bids in Single Cover system in conformity with Detail Tender Call Notice No. 05/22-23 of Panchayat Samiti, Titilagarh, Dated 26.09.2022 to be eventually drawn up in State P.W.D. Form P-I contract for the execution of the works detail in the table, from the class of eligible contractors as mentioned against the work in Column-4 (Four) registered with the State Governments and contractors of equivalent Grade / Class Registered with Central Government/ MES / Railways / CPWD for execution of civil works. The proof of registration from the appropriate authority shall be enclosed along with the Bid. If successful the bidder who has not registered under State Government has to register under the appropriate registering authority of the State Government of Odisha in appropriate class of eligibility before award of the work as per prevalent registration norms of the State.
The bidders may submit bids for the following works.

| Sl. No. | Name of work | Approximate value of work | Class of contractor | Concerned office with Head qrs. | E.M.D. (Rs.) | Cost of document (Rs.) | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of High School Building at Kuskela under Titilagarh Block of Balangir Dist. (Civil Portion) | Rs.4677971.00 | B&A | Panchayat Samiti, Titilagarh | Bid Security Declaration | 6000.00 | 9(Nine) calendar months |

Sd./- Block Development Officer, Titilagarh

## ଜାତୀୟ ସେବା ଦିବସ ପାଳିତ

ବୋଡେନ,(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଜାତୀୟ ସେବା ଦିବସ ପାଳିତ ହୋଇଯାଇଛି। ଡିଗ୍ରୀ କଲେଜ ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ କିଶୋର କୁମାର କର୍ଣ୍ଣଙ୍କ ଅଧକ୍ଷତାରେ ଅଧାପକ ଅତିକ୍ ଖାନ୍, ଅଧାପିକା ପ୍ରିତୀସୁଧା ପଣ୍ଡା, ବିଜେତା ଚାଉଲିଆ, କେତକୀ ମେହେର ଓ ଜାତୀୟ ସେବା ସଂସ୍ଥା ମହିଳା ୟୁନିଟ କାର୍ଯ୍ୟକ୍ରମ ଅଧିକାରୀ ଖୁସ୍‌ବୁ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ମେହେର ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

**ଖଡ଼ିଆଳ,୨୪।୯(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମୋଡେଲ ଡିଗ୍ରୀ ମହାବିଦ୍ୟାଳୟରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଅଧକ୍ଷ ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅଧାପିକା ଗିତାଶ୍ରୀ ପ୍ରିୟମ୍ବଦା ସ୍ୱାଗତ ଭାଷଣ ପ୍ରଦାନ ଏବଂ ଅଧାପକ ସୁନୀଲ କୁମାର ପାଢୀ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶଜିତ ପାଢ଼ୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ସମାଧାନ ପାଇଁ ନିବେଦନ କରିଥିଲେ। ଡିନ ଡ଼ ପଦ୍ମଲୋଚନ ବର୍ମା ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟରେ ଥିବା ସମସ୍ୟାଗୁଡିକର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଦିନେଶ ତିୱାରୀ, ଜିଲା ପରିଷଦ ମାଲ୍ୟବନ୍ତ ସୁନା, ଅମିତ ସିଂ ଦେଓ, ଅଭିଷେକ ଜଗତ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଯୁକ୍ତ ୨ ଅଧକ୍ଷ ଅଶ୍ୱିନୀ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ଖଡ଼ିଆଳ ମୋଡେଲ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଥିବା ସମସ୍ୟାଗୁଡିକ ସମାଧାନ କରିବାକୁ ଛାତ୍ରୀଛାତ୍ରମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ମେଜର ରାମଚନ୍ଦ୍ର ମିଶ୍ର, ପରିଚାଳନା କମିଟି ସଭାପତି ଫଣିନ୍ଦମ ସିଂଦେଓ, ଅଧକ୍ଷ ଅକ୍ଷୟ କୁମାର ସାହୁ, ଜିଲା ପରିଷଦ ଚିତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବୃହତ୍‌ନିଯୁକ୍ତି ମେଳା: ୩୯୦ ଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ଭବାନୀପାଟଣା,୨୪।୯(ସ୍ୱ.ପ୍ର.):** ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଶନିବାର ଭବାନୀପାଟଣା ସରକାରୀ ଆଇଟିଆଇଠାରେ ଟାଟା ଇଲୋକଟ୍ରୋନିକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏକ ବୃହତ୍ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ନିଯୁକ୍ତି ମେଳାରେ ଜିଲାର ବିଭିନ୍ନ ବ୍ଲକରୁ ୮୬୭ ଓ ଜିଲା ବାହାରରୁ ୨୩ ସମୁଦାୟ ୮୯୦ଜଣ ଏସସି, ଏସ୍‌ଟି ଛାତ୍ରୀ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୩୯୦ଜଣଙ୍କୁ ଚୟନ କରାଯାଇ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରମୁଖ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ପଟେଲ କାର୍ଯ୍ୟକ୍ରମରେ ତଦାରଖ କରିଥିବା ବେଳେ ଜିଲା ନିଯୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିଲେ। ସେହିପରି ଓରମାସ୍‌ର ଜର୍ଜ କେରକେଟା, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଅମୁଲ୍ୟ କୁମାର ବାଉଲ, ବିମ୍ବାଧର ସାହୁ, ସ୍ଥାନୀୟ ଆଇଟିଆଇର ଅଧକ୍ଷ ସ୍ନେହାଶିଷ ମୁଦୁଲିଙ୍କ ସମେତ ଜିଲା ନିଯୋଜନ କାର୍ଯ୍ୟାଳୟ ଓ ସ୍ଥାନୀୟ ଆଇଟିଆଇ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ରୁପା ଅଳଙ୍କାରରେ ସଜ୍ଜିତ ହେବେ ମା’

ଖଡ଼ିଆଳ,୨୪।୯(ଡି.ଏନ.ଏ.)

ଚଳିତବର୍ଷ କରୋନା କଟକଣା ହଟିଥିବାରୁ ନୂଆପଡା ଜିଲା ଖଡ଼ିଆଳ ପଟ୍ଟନାୟକପଡ଼ା ଓ ରାଜାପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଜିଲାର ମୁଖ୍ୟ ଖଡ଼ିଆଳ ସହରରେ ଗଡ଼ଜାତ ଅମଳରୁ ସ୍ଥାନୀୟ ଲୋକମାନେ ଦୁର୍ଗାପୂଜାକୁ ଧୁମଧାମରେ ପାଳନ କରି ଆସୁଛନ୍ତି। ପ୍ରଥମେ ଖଡ଼ିଆଳର ରାଜଦରବାର ସମ୍ମୁଖରେ ୩ଦିନ ଧରି ଦୁର୍ଗାପୂଜା ଆୟୋଜନ କରାଯାଉଥିଲା। ୧୯୫୪ଠାରୁ ଖଡ଼ିଆଳର ପଟ୍ଟନାୟକ ପଡ଼ାର ଲୋକମାନେ ୯ ଦିନ ଧରି ନବରାତ୍ର ଦୁର୍ଗାପୂଜା ଆରମ୍ଭ କରିଥିଲେ। ଏହା ଅବିଭକ୍ତ କଳାହାଣ୍ଡି ଜିଲାର ପ୍ରଥମ ବୋଲି କୁହାଯାଏ। ୯ ଦିନ ଧରି ଦେବୀ ଦୁର୍ଗାଙ୍କ ବିଭିନ୍ନ ଶକ୍ତିଙ୍କୁ ପୂଜା କରାଯାଉ ଥିବାବେଳେ ଦେବୀଙ୍କ ଭୋଗ ରାଗ ବ୍ୟଞ୍ଜନ ମଧ ଭିନ୍ନ ଭିନ୍ନ ଧରଣର ହୋଇଥାଏ। ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଆଳତି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ଦେବୀଙ୍କ ମୃର୍ଣ୍ଣମୟୀ ମୂର୍ତ୍ତି ୨୫ କିଗ୍ରାର ରୁପା ଅଳଙ୍କାରରେ ସଜ୍ଜିତ କରାଯିବ। ୯ ଦିନ ଧରି ଦୁର୍ଗାପୂଜା କମିଟି ପକ୍ଷରୁ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ ସହ ହଜାର ହଜାର ଭକ୍ତଙ୍କ ପାଇଁ ଭଣ୍ଡାର ଦ୍ୱାରା ପ୍ରସାଦ ସେବନ କରାଯାଇଛି।

ଚଳିତ ବର୍ଷ ୯ ଦିନ ଧରି ଆୟୋଜିତ ଖଡ଼ିଆଳ ପଟ୍ଟନାୟକପଡାର ନବ ଦୁର୍ଗାପୂଜାର ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ୧୫ ଦିନ ହେଲା ଖଡ଼ିଆଳର କେତକୀ ଟେଷ୍ଟ ହାଉସ



ଖଡ଼ିଆଳ ପଟ୍ଟନାୟକପଡ଼ା ଦୁର୍ଗପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।

### ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋରସୋର

ନେତୃତ୍ୱରେ ପଶ୍ଚିମବଙ୍ଗରରୁ ଆସିଥିବା କାରିଗରମାନେ ପୂଜା ମଣ୍ଡପ ତିଆରିରେ ଲାଗିଛନ୍ତି। ଏଥର ପୂଜା ମଣ୍ଡପରେ ସୱିଚ ତୋରଣ ତିଆରି କରାଯାଇଛି। ୧୯୫୪ଠାରୁ ଖଡ଼ିଆଳ ରାଜାପଡ଼ାରେ ୪ ଦିନ ଧରି ହୋଇଆସୁଥିବା ବେଳେ ଦେବୀ ଦୁର୍ଗାଙ୍କ ମାଟି କାମ ଶେଷ ହୋଇଛି। ରାଜାପଡ଼ା ଦୁର୍ଗା କମିଟି ପକ୍ଷରୁ ଦେବୀଙ୍କ ପାଇଁ କଟକରୁ ସୁନା ହାର ତିଆରି ହୋଇ ଆସିଥିବା ବେଳେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଗରବା ଦାଣ୍ଡିଆ ନୃତ୍ୟର ଆୟୋଜନ କରାଯାଇଛି। ସେହିଭଳି ଏଠାରେ ବିଶେଷ ଆକର୍ଷଣ ରହିଛି ରାୟପୁରର ଧମାଇ ବାଦ୍ୟର ଆୟୋଜନ କରାଯାଇ ଥିବା ପୂଜା କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି।

# ଅନ୍ଧବିଶ୍ୱାସ, ନାରୀ ନିର୍ଯାତନା ଦୂର ଉପରେ ଗୁରୁତ୍ୱ



ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରୁଛନ୍ତି।

ନୂଆପଡ଼ା ଅଫିସ,୨୪।୯

### ଯାଦବ ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତ ଗନିଆରି ଖେଳ ପଡିଆରେ ଯାଦବ ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ସଭାପତି ଭରତଲାଲ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି, ଖଡିଆଳ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ଯାଦବ ସମାଜ ଜିଲା ସଭାପତି ସଞ୍ଜୟ ଧଙ୍ଗଡାମାଝି, ବଲାଙ୍ଗୀର ଯାଦବ ସମାଜ ଜିଲା ସଭାପତି ପରମାନନ୍ଦ ହାତୀ, ଛତିଶଗଡ ରାଜ୍ୟ ଚାରିଗଡ ଯାଦବ ସମାଜ ସଭାପତି କେନୁରାମ ଯାଦବ, ନୂଆପଡା ଜିଲା ପୂର୍ବତନ ସଭାପତି ହରେରାମ କୋଠାର ପ୍ରମୁଖ ସମ୍ମାନିତ ଅତିଥି ଏବଂ ଲମ୍ବୋଦର ନିଆଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ଯୁବପିଢି ସମାଜ ସେବାରେ ଆଗେଇ ଆସିବା, ଅନ୍ଧବିଶ୍ୱାସ, କୁସଂସ୍କାର, ନାରୀ ନିର୍ଯାତନା ଦୂର ଓ ଶିକ୍ଷା, ରାଜନୀତି, ସମାଜ ସେବା, କୃଷିକାର୍ଯ୍ୟ, ଗୋପାଳନ ଭଳି କାର୍ଯ୍ୟକୁ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ ନିବେଦନ କରିଥିଲେ। ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତି ଓ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ। ସମାଜର ଜିଲା ସମ୍ପାଦକ ତ୍ରିନାଥ ପୁଞ୍ଜି ସମ୍ପାଦକୀୟ ବିବରଣି ପାଠ କରିଥିଲେ। ଜିଲ ଯାଦବ ସମାଜ ଆୟୋଜନ କରିଥିବା ବେଳେ ଜୋହନ ରାଉତ ମଞ୍ଚ ପରିଚାଳନା କରିଥିଲେ। ଯୋଗେନ୍ଦ୍ର ବାଗ, ପୀତାମ୍ବର ଅଦା, କେଶବ ହଂସ, ପରମେଶ୍ୱର ହଂସ, ଶୋବନ୍ତ ହଂସ, ରୁଦ୍ରାକ୍ଷର ହଂସ, ଟିକେଶ୍ୱର ହଂସ, ଥୟରାମ ହଂସ, କୈଶ୍ୟପ ଶଗରିଆ, ମୋହନ ହଂସ, ସହଦେବ ଥପା, କୌଶିକ ବାଗ, ଚୁନେଶ ହଂସ, କପିଳ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ



ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୁନାଗଡ,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସଂସ୍କୃତି ଭବନଠାରେ ଶନିବାର ରାଷ୍ଟ୍ରୀୟ କଳାମଞ୍ଚ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେଶନ୍ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର ଉଦ୍‌ଘାଟନ କରିଥିଲେ। କୁବେର ସମାଜ ସଭାପତି ଉଦ୍ଧବ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଥୁଆମୂଳ ରାମପୁର ମହାବିଦ୍ୟାଳୟ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିହ୍ନା, ସମ୍ମାନିତ ଅତିଥି ଭାବେ ଏବିଭିପି ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ପ୍ରାନ୍ତ ସହକୋଷାଧକ୍ଷ ଅଶୋକ ସିଂ,ଏନ୍‌ଏସି ଉପାଧକ୍ଷା ହିମାଦ୍ରୀ ନାଏକ, ସାମାଜିକ କର୍ମୀ ଚିନ୍ମୟ ବେହେରା, ପ୍ରଭାତ ଦାଶ, ରଶ୍ମିଲତା ପାଢି ପ୍ରମୁଖ ଯୋଗଦେଇ ନୂଆଁଖାଇ ପର୍ବ ଉପରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେଶନ୍‌ର ସମ୍ପାଦକ ଅବିନାଶ ମୁଣ୍ଡ ପରିଚାଳନା କରିଥିଲେ। ଏବିଭିପି ଜିଲା ସଂଯୋଜକ ତନ୍ମୟ ବିଷି, ଜୁନାଗଡ ନଗର ସମ୍ପାଦକ ସୌରଭ ମିଶ୍ର, ଶାଖା ସଭାପତି ଶୋଭିତା କୈବର୍ତ୍ତ, ତନିଶା ଦୀପ, ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ ନରସିଂହ ସୁନାନୀ, ଜୁନାଗଡ ବ୍ଲକ ସଂଯୋଜକ ଭୂଷଣ ମେହେର, ଅଞ୍ଜଳି ପାଢି, ମାଧବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଡୋକାରିଚଞ୍ଚରାଠାରେ ସର୍ବଭାରତୀୟ ଏନ୍‌ସିସି ଟ୍ରାକିଂ କ୍ୟାମ୍ପ

କୋକସରା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ସର୍ବଭାରତୀୟ ଟ୍ରାଇବଲ ଏନସିସି ଟ୍ରାକିଂ କ୍ୟାମ୍ପ ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କୋକସରା ବ୍ଲକ ଗୁଡହାଣ୍ଡି ଡୋକାରିଚଞ୍ଚରାଠାରେ ଅନୁଷ୍ଠିତ ହୋଇଯାଇଛି। କୋକସରା ଡିଗ୍ରୀ ମହାବିଦ୍ୟାଳୟ କାର୍ଯ୍ୟକ୍ରମର ଆୟୋଜନ କରିଥିବା ବେଳେ କାର୍ଯ୍ୟକ୍ରମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼. ସଞ୍ଜୟ ଶତପଥୀ, ନାଭାଲ, ଏନସିସି ଅଧିକାରୀ, ଅତିଥି ଓ କ୍ୟାଡେଟମାନଙ୍କୁ ଡିଗ୍ରୀ ମହାବିଦ୍ୟାଳୟ କର୍ମକର୍ତ୍ତା ଓ ଡୋକାରିଚଞ୍ଚରା ଉନ୍ନୟନ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରଥମେ କ୍ୟାଡେଟମାନେ ଅନ୍ତର୍ଜାତିକ ପର୍ବାତାରୋହୀ ଯୋଗବ୍ୟାସ ଭୋଇଙ୍କ ତତ୍ତ୍ୱାବଧାନରେ ଗୁଡାହାଣ୍ଡି ପର୍ବତ ଶିଖରରେ ଟ୍ରାକିଂର ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ଭବାନୀପାଟଣା ନାଭାଲ କମାଣ୍ଡିଂ ଅଧିକାରୀ ସୁନିଲ ବେହେରା, କଳାହାଣ୍ଡି ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ମନୋଜ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଗୁଣାକାର ପଣ୍ଡା, ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧାପକ ସୁବ୍ରତ କୁମାର ବେହେରା, ଅଇରି ନାସନ ଚିନ୍ଦା, ପୁଷ୍ପରାଜ ମେହେର, ଲଡୁଗାଁ କଲେଜ ଅଧକ୍ଷ ଡ଼. ନିହାରକାନ୍ତ ପଣ୍ଡା, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଶିକ୍ଷାବିତ୍ ସୁଧୀର କୁମାର ପଣ୍ଡା, ଏନସିସି କୋର୍ଡିନେଟର ଚିତ୍ରସେନ ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହିଥିଲେ। ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତି ସଭାପତି, ସମ୍ପାଦକଙ୍କ ସହ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଏନ୍‌ଏମ୍‌ଓପିଏସ୍ ବ୍ଲକ ଶାଖା ଗଠିତ



ଏନଏମଓପିଏସ ବ୍ଲକ ଶାଖା ଗଠନ ବେଳେ ଉପସ୍ଥିତ କର୍ମଚାରୀ।

କୋକସରା,୨୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଏନ୍‌ଏମ୍‌ଓପିଏସ୍ କମିଟି ଗଠିତ ହୋଇଛି। ବ୍ଲକର ସମସ୍ତ ସରକାରୀ ବିଭାଗ ଏନ୍‌ପିଏସ୍ କର୍ମଚାରୀଙ୍କ ଉପସ୍ଥିତିରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷକ ସଂଘ ହରିପୁର କଟକ ଶାଖା ସଭାପତି ଭୁରିଶ୍ରବା ଜାଲ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଏନଏମଓପିଏସ କଳାହାଣ୍ଡି ଜିଲା ସଭାପତି ସାମନ୍ତ ପାଟଯୋଶୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ରାଜକୁମାର ନାଏକ, ମୁଖ୍ୟବକ୍ତା ଜୟପାଟଣା ଏନପିଏସ ଶିକ୍ଷକ ସଂଘ ସଭାପତି ଲଳିତ କୁମାର ନାଏକ, ଅଜିତ କୁମାର ସିଂହ, ରଞ୍ଜନ କୁମାର ହଂସ, ଇଂ ବାପୁନ ବେହେରା, ସୁଧୀର କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବସମ୍ମତିକ୍ରମେ ବିଭିନ୍ନ ସାମ୍ବିଧାନିକ ପଦପଦବୀ ପାଇଁ ସଭାପତି ଭାବେ ଦିପ୍ତୀରଞ୍ଜନ ଠାକୁର, ସମ୍ପାଦକ ଭୁବନେଶ୍ୱର ଛତ୍ରିଆ, କୋଷାଧକ୍ଷ ବିଜୟ ଶବର, କାର୍ଯ୍ୟକାରୀ ସଭାପତି ଭାବେ ବାପୁନ ବେହେରା, ଯୁଧିଷ୍ଠିର କର, ଅଜିତ ସିଂ, ରଞ୍ଜନ ହଂସ, ଥବୀର ଧ. ମାଝି, ସୁଧୀର ପଣ୍ଡା, ମିଡ଼ିଆ ସେଲ ଭାବେ ରମେଶ ଚନ୍ଦ୍ର ସାହୁ, ବିକାଶ ରଞ୍ଜନ ସାହୁ, କୌଶଲ୍ୟା ନାଏକ, ମଦନ ନାଏକ ମନୋନୀତ ହୋଇଥିଲେ। ବ୍ଲକର ବରିଷ୍ଠ ପ୍ରାଥମିକ ଶିକ୍ଷକ ଲିଙ୍ଗରାଜ ନାଏକ, ବୀରକିଶୋର ନାଗ, ଅମୁଲ୍ୟ ବେହେରା, ଭୋଜରାଜ ଦୁର୍ଗା ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏନପିଏସ ଉଚ୍ଚ ବିଦ୍ୟାଳୟ ବ୍ଲକ ସଭାପତି ବୁଧିରାମ ନାଏକ ମନୋନୀତ ସମସ୍ତ ନୂତନ ବ୍ଲକ କର୍ମକର୍ତ୍ତା ଏନଏମଓପିଏସ କର୍ମକର୍ତ୍ତାଙ୍କୁ ଜିଲ୍ଲା ସଭାପତିଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ଲୋକନାଥ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମଜୀବୀ ମଞ୍ଚ ପକ୍ଷରୁ ଦାବିପତ୍ର

ନୂଆପଡ଼ା ଅଫିସ,୨୪।୯

ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ନେତୃତ୍ୱରେ ନୂଆପଡ଼ା ଜିଲା ଶ୍ରମଜୀବୀ ମଞ୍ଚ ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋମନା, ନୂଆପଡା ବିଡ଼ିଓ ଏବଂ ଜିଲାପାଳଙ୍କ ଜରିଆରେ ୮ଦଫା ସମ୍ବଳିତ ଦାବିପତ୍ର ନୂଆପଡା ବରିଷ୍ଠ ରାଜସ୍ୱ ସହାୟକ ବି.ରଘୁ ପୂର୍ଣ୍ଣିମାଙ୍କୁ ପ୍ରଦାନ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନେ କାର୍ଯ୍ୟ କରି ମାସ ମାସ ଅପେକ୍ଷା କଲେ ମଧ୍ୟ ପାଉଣା ପାଉ ନ ଥିବାରୁ ଏହି ଯୋଜନାର ଆଇନରେ ଥିବା ପ୍ରାବଧାନ ଅନୁଯାୟୀ କାର୍ଯ୍ୟ କରିବାର ୭ ରୁ ୧୫ ଦିନ ମଧ୍ୟରେ ଶ୍ରମିକମାନଙ୍କ ମଜୁରି ପ୍ରଦାନ ସୁନିଶ୍ଚିତ କରିବା, ଅକୋଶଳୀ ଶ୍ରମିକଙ୍କୁ ଦୈନିକ ସର୍ବନିମ୍ନ ମଜୁରୀ ୮ଶହ ଟଙ୍କା, ବଜେଟରେ ଆବଶ୍ୟକ ପରିମାଣର ଅର୍ଥ ମଞ୍ଜୁର କରି ଠିକ ସମୟରେ ପାଉଣା ପ୍ରଦାନ, ଶ୍ରମିକମାନଙ୍କ ଆବଶ୍ୟକ ଉପକରଣ ବାବଦକୁ ଖର୍ଚ୍ଚ ବହନ କରିବା ସହ କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ଉପକରଣ ଉପଲବ୍ଧ କରିବା, ଶ୍ରମିକମାନଙ୍କୁ ଯାତାୟାତ ବାବଦକୁ ୧୦ ପ୍ରତିଶତ ଖର୍ଚ୍ଚ ପ୍ରଦାନ, ବିଳମ୍ବିତ ମଜୁରୀ ଦେବା କ୍ଷେତ୍ରରେ ଶ୍ରମିକମାନଙ୍କୁ ତାଙ୍କ ପ୍ରାପ୍ୟ ଅର୍ଥର ୫ ପ୍ରତିଶତ କ୍ଷତି ପୂରଣ ରାଶି ପ୍ରଦାନ, ଠିକ ଭାବରେ କାର୍ଯ୍ୟ ଆରମ୍ଭ ତାରିଖକୁ ଲିପିବଦ୍ଧ କରି କାର୍ଯ୍ୟସ୍ଥଳରେ ହିଁ ମାଷ୍ଟର ରୋଲ ପୁରଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ରଥୁରାମ ଦୀପ, ଗୋପାଳ ଶବର, ଧନଦେଇ ଶବର, ରେଖା ମାଝି, ଥବିର ସୁନାନୀ, ଲଳିତା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରମଜୀବୀ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜଳସେଚନ ପାଇଁ ୨୨୧ କୋଟି ଟଙ୍କା ବ୍ୟୟବରାଦ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଭବାନୀପାଟଣା,୨୪।୯(ସ୍ୱ.ପ୍ର.)

### ଚାଷୀଙ୍କ ପାଇଁ ଆଶୀର୍ବାଦ କହିଲା ବିଜେଡି

ଅଣ ଜଳସେଚିତ ଅଞ୍ଚଳରେ ଜଳ ସେଚନକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବିଭିନ୍ନ ନଦୀରୁ ଚାଷ ଜମିକୁ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବଜେଟରେ ଗୁରୁତ୍ୱ ଦେଇଛନ୍ତି। କଳାହାଣ୍ଡି ଜିଲାର ଅଣଜଳସେଚିତ ଅଞ୍ଚଳରେ ପାର୍ବତୀଗିରୀ ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ନେଇ ବଜେଟରେ ଆଗତ କରିଛନ୍ତି ରାଜ୍ୟ ସରକାର। ଯାହା ଜିଲାର ଚାଷୀଙ୍କ ପାଇଁ ଏହା ଏକ ଆଶୀର୍ବାଦ ହେବ ବୋଲି ଶୁକ୍ରବାର ସନ୍ଧ୍ୟାରେ ଭବାନୀପାଟଣାରେ ଜିଲା ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ୧୬ଟି ବିଭାଗର ୩୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା। ୨୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ଜିଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ସାଲେଭଟା, ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଦେଇପୁର, ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଓ ତେରେଙ୍ଗସିଲ ଆଦି ଅଞ୍ଚଳ ଚାଷୀମାନଙ୍କ ପାଇଁ ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ। ଯାହା ଜିଲାର ୫ ହଜାର ୫ ସହ ୪୭ ହେକ୍ଟର ଜମିକୁ ଜଳର ସୁବିଧା ଯୋଗାଇଦେବ। ଫଳରେ ଚାଷୀଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ। ଖବରଦାତା ସମ୍ମିଳନୀରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ପୋରାଧକ୍ଷା ସଂଯୁକ୍ତା ବେହେର, ଜିଲା ସଭାନେତ୍ରୀ ଲଳିତା ନାଏକଙ୍କ ସମେତ ଦଳର ଅନେକ ନେତା ଉପସ୍ଥିତ ଥିଲେ।

# ୨ୟ ଦିନରେ ପରିବାରବର୍ଗଙ୍କ ଗଣଧାରଣା

ଭବାନୀପାଟଣା,୨୪।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଦେୱାନସାହେବ ପଡାର ସୁବର୍ଣ୍ଣୀ ସାହୁ ଓ ପଦ୍ମା ସାହୁ ୨ଜଣ ମହିଳାଙ୍କ ପରିବାରକୁ ବିନା ନୋଟିସରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘର ଛାଡିବାକୁ ଚେତାବନୀ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୁବର୍ଣ୍ଣୀ ଓ ପଦ୍ମାଙ୍କ ପରିବାରବର୍ଗ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ପାଇଁ ଦିଆଯାଇଥିବା ଗଣଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରକାଶ ଯେ, ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ଦେୱାନସାହେବ ପଡାର ସୁବର୍ଣ୍ଣୀ ଓ ପଦ୍ମାଙ୍କ ଘର ରହିଛି। ବର୍ତ୍ତମାନ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାବେଳେ ପ୍ରଶାସନ ପକ୍ଷରୁ ଉଭୟଙ୍କ ଘର ଛାଡିବାକୁ କୁହାଯାଇଛି। ଦୀର୍ଘ ବର୍ଷ ଧରି ସ୍ଥାୟୀ ଭାବେ ରହିଆସୁଥିବା ଏହି ୨ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ନ କରି ବିନା ନୋଟିସରେ ଘର ଛାଡିବାକୁ ପ୍ରଶାସନ ଚେତାବନୀ ଦେଇଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ ଓ ସମ୍ପ୍ରସାରଣ ଦ୍ୱାରା ଜିଲାବାସୀ ଉପକୃତ ହେବେ, ଏହାକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ସରକାରଙ୍କ ଜମି ଅଧିଗ୍ରହଣ ଓ ବିସ୍ଥାପିତ ନିତୀ ଅନୁଯାୟୀ ଆମକୁ ଆମ ଘର ଡିହର ଉପଯୁକ୍ତ ସରକାରୀ ମୂଲ୍ୟ, ଆମେ ରହୁଥିବା ଘର ବଜାର ମୂଲ୍ୟ ସହିତ ଥଇଥାନ ଓ ବିସ୍ଥାପିତଙ୍କୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ଯୋଗାଇ ଦେଲେ ସ୍ୱଇଚ୍ଛାରେ ଆମେ ଘର ଛାଡିଦେବୁ ବୋଲି ସୁବର୍ଣ୍ଣୀ ଓ ପଦ୍ମା ପ୍ରକାଶ କରିଛନ୍ତି। ଏହି ଗଣଧାରଣାରେ ଆମ ଆଦମୀ ପାର୍ଟି ପକ୍ଷରୁ ଲକ୍ଷ୍ମୀ ନାରାୟଣ ପଣ୍ଡା, ଗଣେଶ ବାଗ, କବିତା ରାଉତ, ଶିବାନୀ ଶଙ୍କର ଭୋଇ, ବିଶିକେଶନ ମେହେର, ନମିତା ବାଗ, ପୁଷ୍ପାଞ୍ଜଳୀ ବାଗ, ଦୁର୍ଯ୍ୟନ ବାଗ, ନିରୋଦ ରାଉତ, ଅଲ ସିଡ୍ୟୁଲ କାଷ୍ଟ ଫେଡେରେଶନର ମହାସଚିବ ଜତିନ୍ଦ୍ର କର, ସଦସ୍ୟ ସୁଶିଲ ବାଗ, ବିଷମ ଚରଣ ଖମାରୀ, ଜନମ ମାଟି ସଂଗ୍ରାମ ସମିତି ସରୋଜ ବାଗ, ରାଜେଶ ନାଏକ, ଗିରିଧାରୀ ପାତ୍ର, ମନ୍ଦାକିନୀ ବାଣୁଆ, ଆର୍ଯ୍ୟା ସରାଫ, ଯାଜ୍ଞସିନୀ ସାହୁ ପ୍ରମୁଖ ସାମିଲ ହୋଇ ସମର୍ଥନ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ୟ ଦିନରେ ଗଣଧାରଣା।

### ବିନା ନୋଟିସରେ ଘର ଛାଡିବାକୁ ପ୍ରଶାସନର ଚେତାବନୀ ଘଟଣା

■କ୍ଷତିପୂରଣ, ଥଇଥାନ ଦାବି

## ସଂକ୍ଷେପରେ

### ୩ବର୍ଷର ଶିଶୁଙ୍କୁ ଅସଦାଚରଣ ଅଭିଯୋଗ

**ଅମରପାଲି,୨୪।୯(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ଜଣେ ତିନି ବର୍ଷର ଶିଶୁ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଶିଶୁକୁ ତାଙ୍କ ସମ୍ପର୍କୀୟ ବଡବାପା ଅଦସଦାଚରଣ କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗମତେ ବାପା ମା ଘରେ ଅନୁପସ୍ଥିତ ଥିବା ସମୟରେ ଶିଶୁଟି ସାଥିପିଲାଙ୍କ ସହିତ ଖେଳୁଥିଲେ। ଏହାର ସୁଯୋଗ ନେଇ ନାବାଳିକାକୁ ଡାକିନେଇ ଟିଁପାଲି ଗ୍ରାମର ରାଜୁ ଜଗଦଲା(୪୦) ଅସଦାଚରଣ କରିଥିଲେ। ଖବର ପାଇ ପୀଡିତାଙ୍କ ବାପା ମା ଅଭିଯୁକ୍ତ ରାଜୁ ଜଗଦଲାଙ୍କୁ ଏନେଇ ପଚାରିବାରୁ ସେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା(୧୯୬/୨୨)ରୁଜୁ ହୋଇଥିବା ଥାନା ଅଧିକାରୀ ପଦ୍ମାସିନି ମେହେର କହିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି।

### ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି

**ଜାମଟିକ୍ରା, ୨୪।୯(ଡି.ଏନ.ଏ.):** ମା’ ଦୁର୍ଗାଙ୍କ ନବରାତ୍ର ପୂଜା ପାଇଁ ପ୍ରସ୍ତୁତି ଜୋର୍ ଧରିଛି। ଦୀର୍ଘ ୨ ବର୍ଷ ହେଲା କରୋନା କଟକଣା ଲାଗିରହିଥିବା ବେଳେ ଚଳିତ ଥର ଘଣ୍ଟ, ଶଙ୍ଖ ଓ ବେଦମନ୍ତ୍ର ଧ୍ୱନିରେ ଦୁର୍ଗାମନ୍ଦିର ପ୍ରକମ୍ପିତ ହେବ। ଅତାବିରା ଦୁର୍ଗା ମନ୍ଦିର ପୂଜା ପରିଚାଳନା କମିଟି ତରଫରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ୨୬ ତାରିଖଠାରୁ ମା’ଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ବରିଷ୍ଠ ପୂଜକ ପଣ୍ଡିତ ଧରଣୀଧର ମିଶ୍ର ଓ ସୁବାଷ ଷଡ଼ଙ୍ଗୀଙ୍କ ପରିଚାଳନାରେ ସମସ୍ତ ପୂଜାକାର୍ଯ୍ୟ ଅନୁଷ୍ଠିତ ହେବ। ୯ଦିନ ଧରି ଚଣ୍ଡୀପାଠ, ହୋମଯଜ୍ଞ କରାଯିବ। ଦୁର୍ଗା ମନ୍ଦିରରେ କର୍ତ୍ତା ଭାବେ ସତ୍ୟନାରାୟଣ ଅଗ୍ରୱାଲ ଓ ପତ୍ନୀ ସୁନୀତା ଅଗ୍ରୱାଲ ଏବଂ ଦୁର୍ଗା ମେଢ ପାଇଁ ସମ୍ବିତ ପଧାନ ଓ ପତ୍ନୀ ଅନୁସୟା ପଧାନ କର୍ତ୍ତା ଦାୟିତ୍ୱ ତୁଲାଇବେ। ପରିଚାଳନା କମିଟି ସଭାପତି ଦୈତାରୀ ପଧାନଙ୍କ ନେତୃତ୍ୱରେ ୯ଦିନ ଧରି ଦୁର୍ଗାପୂଜା ଚାଲିବ।

### ଶିବ ମନ୍ଦିର ପୂଜକ ସଂଘ ଗଠିତ

**ସରଣ୍ଡା, ୨୪।୯(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବ୍ଲକ ସରଣ୍ଡା ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ଶୈବପୀଠ କଲ୍ୟାଣ ମଣ୍ଡପଠାରେ ଶନିବାର ଶିବମନ୍ଦିର ପୂଜକ ସଂଘ ଗଠିତ ହୋଇଛି। ଏଥିରେ ଥାନପତି ଜାତି ୧୩ ମହାସଭା ସରଣ୍ଡା ଆଞ୍ଚଳିକ ସଭାର ୨୩ ଗ୍ରାମର ସଦସ୍ୟ ଯୋଗ ଦେଇଥିଲେ। ଥାନପତି ଜାତି ସମାଜର କଲ୍ୟାଣ ସକାଶେ ମହାସଭାର ସମସ୍ତ ୧୩ ଆଞ୍ଚଳିକ ସଭାକୁ ସକ୍ରିୟ କରିବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। କୃଷ୍ଣ ମୋହନ ପୂଝାରୀଙ୍କ ସଭାପତିତ୍ୱରେ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପର୍ଶୁରାମ ମହାପାତ୍ର, ଉପସଭାପତି ରାଧେଶ୍ୟାମ ମହାପାତ୍ର, ସମ୍ପାଦକ ମଦନ ମହାପାତ୍ର, ସହ ସମ୍ପାଦକ ସୁମନ୍ତକ ମହାପାତ୍ର, କୋଷାଧକ୍ଷ ରୁଦ୍ର ମହାପାତ୍ରଙ୍କୁ ସର୍ବସମ୍ମତି ମନୋନୀତ କରାଯାଇଥିଲା। ୨୩ଟି ଗ୍ରାମରୁ ଜଣେ ଲେଖାଏ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା।

# ଇଚ୍ଛାଶକ୍ତି ଅଭାବରୁ ଅସମ୍ପୂର୍ଣ୍ଣ

## ଜିରା ନଦୀରେ ବ୍ରିଜ୍ ନିର୍ମାଣ ପ୍ରସଙ୍ଗ

**ବରଗଡ଼ ଅଫିସ, ୨୪।୯**

ବରଗଡ଼ ପୌର ପରିଷଦର ୱାର୍ଡ଼ ନଂ-୧୭ ଅଧୀନରେ ଅମ୍ବାପାଲି ରହିଛି। ବରଗଡ଼ ସହରରୁ ଅମ୍ବାପାଲିକୁ ଜିରା ନଦୀ ବିଭାଜନ କରିଛି। ବ୍ରିଟିଶ ଅମଳ ଜିରା ବ୍ରିଜ୍ ଅମ୍ବାପାଲିକୁ ବରଗଡ଼ ସହର ସହିତ ସଂଯୋଗ କରିଥିଲା। କିନ୍ତୁ ସେହି ପୁରୁଣା ବ୍ରିଜ୍‌କୁ ଭାଙ୍ଗି ନୂତନ ବ୍ରିଜ ନିର୍ମାଣର ପରିକଳ୍ପନା ପରେ ଅମ୍ବାପାଲି ବରଗଡ଼ ସହରରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅମ୍ବାପାଲିକୁ ସଂଯୋଗ ପାଇଁ ଫେୟାରୱେଦର ରାସ୍ତା ନିର୍ମାଣ କରାଯାଇଛି। ହେଲେ ତାହା ଥରକୁ ଥର ଧୋଇଯାଉଛି। ଅନ୍ୟପଟେ ୨୦୧୮ରୁ ନିର୍ମାଣାଧୀନ ନୂତନ ଜିରା ବ୍ରିଜ୍ ଅଞ୍ଚଳବାସୀଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି।


ଅସମ୍ପୂର୍ଣ୍ଣ ନୂତନ ଜିରା ବ୍ରିଜ୍

### ଟେଣ୍ଡର ଫିକ୍ସିଂରୁ ବିଳମ୍ବ



“ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ୨ବର୍ଷ ଅବଧି ରହିଥିଲା। ୨୦୨୦ ସୁଦ୍ଧା ନୂତନ ବ୍ରିଜ୍‌ରେ ଯାତାୟାତ ସ୍ୱାଭାବିକ ହେବା କଥା। ହେଲେ ଏପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଏହା ପଛରେ ଟେଣ୍ଡର ଫିକ୍ସିଂ ରହିଛି। ଯେଉଁ କଣ୍ଟ୍ରାକ୍ଟର ବ୍ରିଜ୍ ନିର୍ମାଣ କାର୍ଯ୍ୟର ଟେଣ୍ଡର ପାଇଛନ୍ତି, ସେ ନିଜେ ନିର୍ମାଣ କରୁନାହାନ୍ତି। ଅନ୍ୟ ଜଣେ କଣ୍ଟ୍ରାକ୍ଟରଙ୍କୁ ନିର୍ମାଣ କାର୍ଯ୍ୟ ଦେଇଛନ୍ତି। ଅନ୍ୟପଟେ ବ୍ରିଜ୍ ନିର୍ମାଣର ବ୍ୟୟ ଅଟକଳ ଅଧିକ ୭କୋଟି ବୃଦ୍ଧି ପାଇଥିବା ବେଳେ କାମଚଳା ଫେୟାର ୱେଦର ରାସ୍ତା ନିର୍ମାଣ କରି ଅର୍ଥ ହରିଲୁଟ୍ କରାଯାଉଛି। ତୁରନ୍ତ ନୂତନ ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ।

**-ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଭାଜପା ସଭାପତି**

### ସରକାରଙ୍କ ଦୂରଦୃଷ୍ଟିର ଅଭାବ



“ରାଜ୍ୟ ସରକାର ସବୁବେଳେ ବିକାଶର ନାରା ଦେଉଛନ୍ତି। ହେଲେ ସବୁ କାର୍ଯ୍ୟ ବିନା ଦୂରଦୃଷ୍ଟି ଓ ଭିଜନରେ ଚାଲିଛି। ନୂତନ ଜିରା ବ୍ରିଜ୍ ନିର୍ମାଣ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ସେଭଳି ଦୂରଦୃଷ୍ଟିହୀନତା ଯୋଗୁ ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଛି। ଅନଭିଜ୍ଞ ଯନ୍ତ୍ରୀ, ନେତାଙ୍କ ପାଇଁ କେବଳ ଅମ୍ବାପାଲି କିମ୍ବା ବରଗଡ଼ ସହରବାସୀ ନୁହନ୍ତି, ସାରା ଜିଲାବାସୀ ଏବେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ନୂତନ ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବରଗଡ଼ ସହରରୁ ସାରା ଜିଲା ବିଚ୍ଛିନ୍ନ ହୋଇ ପଡ଼ିଛି। ବ୍ରିଟିଶ ଅମଳର ଜିରା ବ୍ରିଜ୍ ଜିଲାର ଐତିହ୍ୟ ଥିଲା। କିନ୍ତୁ ସେହି ଐତିହ୍ୟକୁ ଚୂରମାର୍ କରି ନୂତନ ବ୍ରିଜ ଏପର୍ଯ୍ୟନ୍ତ ନିର୍ମାଣ କରାଯାଇ ନ ପାରିବା ପରିତାପର ବିଷୟ।

**-ପ୍ରଦୀପ ଦେବତା, କଂଗ୍ରେସ ନେତା, ବରଗଡ଼**

### ପ୍ରଶାସନିକ ଉଦାସୀନତା ଦାୟୀ



“ଜନପ୍ରତିନିଧି ତଥା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏପର୍ଯ୍ୟନ୍ତ ନୂତନ ବ୍ରିଜ୍ ନିର୍ମାଣ ସରିନାହିଁ। ପ୍ରଶାସନିକ ଉଦାସୀନତା ମଧ୍ୟ ଏହାର ଏକ ମୁଖ୍ୟ କାରଣ। ଏହି ବ୍ରିଜ ଉପରେ କେବଳ ଅମ୍ବାପାଲିବାସୀ ନିର୍ଭର କରନ୍ତି, ତାହା ନୁହେଁ ଏହା ବରଗଡ଼ ସହରରୁ ବରଗଡ଼-ବଲାଙ୍ଗୀର, ବରଗଡ଼-ରାୟପୁର ଭଳି ୨ଟି ରାଜପଥକୁ ସଂଯୋଗ କରିଛି। ପୁରୁଣା ବ୍ରିଜକୁ ଭଙ୍ଗାଯାଇ ନୂତନ ବ୍ରିଜ୍ ନିର୍ମାଣର ପରିକଳ୍ପନା ଆମ ସଭିଙ୍କ ପାଇଁ ଲଲିପପ୍ ସଦୃଶ ହୋଇଛି। ୪ବର୍ଷ ପରେ ମଧ୍ୟ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ ନ ପାରିବା ଶାସକ ଦଳର ପାରିବାପଣିଆକୁ ପଦାରେ ପକାଇଛି। ଏହି ବ୍ରିଜ୍ ସହିତ ଜିଲାର ସଂସ୍କୃତି, ଐତିହ୍ୟ, ବ୍ୟବସାୟ, ଶିକ୍ଷା ଆଦି ଯୋଡ଼ି ହୋଇଛି। ଏହା ସତ୍ତ୍ୱେ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ବିଭାଗୀୟ ଉଦାସୀନତା ବିଡ଼ମ୍ବନାର ବିଷୟ ହୋଇଛି।

**-ସୁରେଶ ମହାପାତ୍ର, ନାଗରିକ, ଅମ୍ବାପାଲି**

### ମାର୍ଚ୍ଚ ସୁଦ୍ଧା ସରିବ ନିର୍ମାଣ କାର୍ଯ୍ୟ



ରାଜ୍ୟ ସରକାର ସବୁବେଳେ ବରଗଡ଼ ଜିଲାର ବିକାଶକୁ ଅଗ୍ରାଧିକାର ଦେଇଆସିଛନ୍ତି। ପୁରୁଣା ଜିରା ବ୍ରିଜ୍ ବିପଦଶଙ୍କୁଳ ହୋଇ ପଡ଼ିଥିଲା। ଫଳରେ ସେଠାରେ ଏକ ନୂତନ ବ୍ରିଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ଅନୁଦାନ ଦେଇଛନ୍ତି। ବ୍ରିଜ୍ ନିର୍ମାଣ କାର୍ଯ୍ୟରେ କିଛି ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଫଳରେ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ଉଚ୍ଚମାନର ବ୍ରିଜ୍ ନିର୍ମାଣ ଲକ୍ଷ୍ୟ ରହିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅନୁଦାନ ମଧ୍ୟ ଦେଇଛନ୍ତି। ଇତିମଧ୍ୟରେ ବିଭାଗୀୟ ନୂତନ ନିର୍ବାହୀ ଯନ୍ତ୍ରୀ ଯୋଗଦାନ କରିଛନ୍ତି ଏବଂ ଉଚ୍ଚମାନର କାମ ସହିତ ତୁରନ୍ତ ଜିରା ବ୍ରିଜ୍ ନିର୍ମାଣ କାର୍ଯ୍ୟ ସାରିବାକୁ ତାଙ୍କୁ ନିର୍ଦ୍ଦେଶ ରହିଛି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଜିରା ବ୍ରିଜ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

**-ଦେବେଶ ଆଚାର୍ଯ୍ୟ, ବିଧାୟକ, ବରଗଡ଼**

**(ରିପୋର୍ଟ : ପ୍ରେମାନନ୍ଦ ଖମାରୀ)**

### ଅତାବିରାରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

**ସରଣ୍ଡା/ଜାମଟିକ୍ରା, ୨୪।୯(ଡି.ଏନ.ଏ.)**

ପ୍ରଜ୍ଞାନ ମିଶନ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ଗୀତା ଶ୍ଲୋକ ଆବୃତ୍ତି ପ୍ରତିଯୋଗିତା ଅବସରରେ ଶନିବାର ବରଗଡ଼ ଜିଲା ଅତାବିରା ବ୍ଲକସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଭଗବତ୍ ଗୀତାର ସାଂଖ୍ୟ ଯୋଗ ଆଧାରିତ ଏହି ପ୍ରତିଯୋଗିତାରେ ଅତାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରତିଯୋଗୀ ଭାଗ ନେଇଥିଲେ। ସଚ୍ଚିଦାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ପଣ୍ଡା, ଯୋଗେଶ୍ୱର ଶାସ୍ତ୍ରୀ, ଦୀପକ ପ୍ରଧାନ, ଚଣ୍ଡୀରାମ ଦେବତା, ଦେବସ୍ମିତା ନାୟକ, ପ୍ରିୟଦର୍ଶନୀ ଅର୍ଚ୍ଚନା ବାଗ, ମିନତୀ ଦାଶ, ସରମା ନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ‘କ’ ବିଭାଗରେ ଆସିୟାନା ପ୍ରଧାନ, ଆକୃତି ଭୋଇ, ଶ୍ରୀଣୀ ପ୍ରଧାନ, ଚିନ୍ମୟୀ ଭୁଏ, ନିରଜ ପ୍ରଧାନ, ସୌରିଶ ପ୍ରଧାନ, ରିୟାଂଶ ଅଗ୍ରୱାଲ, ସାକ୍ଷୀ ପ୍ରଧାନ, ପିୟୁଷ ମାଝୀ, ଛନ୍ଦାଶ୍ରୀ ପ୍ରଧାନ, ‘ଖ’ ବିଭାଗରେ ପିୟୁଷ ଗଡତିଆ, ଶ୍ରୀଧର ସାମନ୍ତରାୟ, ସୁଲଗ୍ନା ପ୍ରଧାନ, ଆୟୁଷ ପ୍ରଧାନ, ଆଲିସା ମିଶ୍ର, ସୌମ୍ୟାଶ୍ରୀ ସାହୁ, ହେପି ପ୍ରଧାନ, ଅନ୍ୱେଷ ସୁସାରୀ, ‘ଗ’ ବିଭାଗରେ ସୌରଭ ଦାଶ, ସୁମନ୍ତ ନାଗ, ଶୁଭଙ୍କର ସାହୁ, ଆଶିଷ ରଣା, ପ୍ରତୀକ ଦେବତା, ସାଇପ୍ରିୟା ଭୁଏ ନଭେମ୍ବର ୨୦ରେ ହେବାକୁ ଥିବା ବରଗଡ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବିଜେତାଙ୍କୁ ମାନପତ୍ର ଓ ପୁରସ୍କାର ସହ ସମସ୍ତ ପ୍ରତିଯୋଗୀଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଦ୍ୱାରା ଲିଖିତ ‘ଗୀତା ପ୍ରସାଦ’ ପୁସ୍ତକ ପ୍ରଦାନ କରାଯାଇଥିଲା। ଶେଷରେ ଯୋଗେଶ୍ୱର ଶାସ୍ତ୍ରୀ ଶାନ୍ତିମନ୍ତ୍ର ପାଠ କରିଥିଲେ। ଜିଲା ସଂଯୋଜକ ରାଜବଲ୍ଲଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଭାଗବତ ଥିଲେ ଅନନ୍ୟ ପ୍ରତିଭା’



ଭାଗବତଙ୍କୁ ଭାବାର୍ପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ,୨୪।୯**

ପୂଜ୍ୟପୂଜା ପରମ୍ପରାର ପୂଜାରୀ, ସାରସ୍ୱତ ସାଧକ, ସମାଜସେବୀ, କର୍ମଯୋଗୀ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦ ଥିଲେ ବିରଳ ଓ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ। ବରଗଡ଼ ସାମ୍ବାଦିକ ସଂଘ ଓ ଭାଗବତ ନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଆୟୋଜିତ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ବିଶିଷ୍ଟ ବକ୍ତାଗଣ ଏହି ମତ ପ୍ରକାଶ କରିଛନ୍ତି।

ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡ଼ଃ ଗୌରୀଦାସ ପ୍ରଧାନ ସଂଯୋଜନା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦ କିପରି ବିରଳ ଓ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ସେ ବିଷୟରେ ଆଲୋଚନା କରିଥିଲେ। ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ନନ୍ଦ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଯୋଡିବା ମାଧ୍ୟମର ସୂତ୍ରଧର ଥିଲେ ବୋଲି ଉଲ୍ଲେଖ କରି ସକ୍ରିୟ ରାଜନୀତିରେ ସମ୍ପୃକ୍ତ ନ ଥାଇ ରାଜନୀତିକୁ ଦିଗଦର୍ଶନ ଦେଇପାରୁଥିବା ମଣିଷ ପରି ମଣିଷଟିଏ ଥିଲେ ବୋଲି କହିଥିଲେ। ଅଧ୍ୟାପକ ଟେକଚାନ୍ଦ ଦୁଆନ ଭାଗବତ ବାବୁଙ୍କ ଏ ଅଞ୍ଚଳ ସହିତ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ପ୍ରଫେସର କାମଦେବ ସାହୁ କହିଥିଲେ, ଭାଗବତ ବାବୁ ବହୁ ପଦ ପଦବୀରେ ଥାଇ ମଧ ଜଣେ ସଫଳ କର୍ମଯୋଗୀ ଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସ୍ୱର୍ଗତ ନନ୍ଦଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ। ସ୍ୱର୍ଗତ ନନ୍ଦ ସାମାଜିକ କର୍ମୀଙ୍କ ପାଇଁ ଆଶ୍ୱାସନାର କେନ୍ଦ୍ରବିନ୍ଦୁ ଥିବାବେଳେ ଆମ ସମସ୍ତଙ୍କ ପାଇଁ ଚିରକାଳର ଆବଶ୍ୟକତା ବୋଲି ଏମ୍‌ପି ସୁରେଶ ପୂଜାରୀ ଉଲ୍ଲେଖ କରିଥିଲେ। ଅନ୍ୟତମ ବକ୍ତା ପ୍ରଦେଶ କଂଗ୍ରେସ ଉପ ସଭାପତି ଯଜ୍ଞେଶ୍ୱର ବାବୁ ଭାଗବତ ବାବୁଙ୍କୁ ଜଣେ ନିର୍ଭୀକ ସାମ୍ବାଦିକ ଥିଲେ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବରଗଡ଼ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ପ୍ରସନ୍ନ କୁମାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

### ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ କରାଯିବାକୁ ନିଷ୍ପତ୍ତି



ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାଉଁଶୁଣୀ, ୨୪।୯(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ସଭା କକ୍ଷରେ ସରପଞ୍ଚ ଅଁଇଠୁ ମାହାଲିକଙ୍କ ଅଧକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସମ୍ମାନିତ ଅତିଥି କମଳାକାନ୍ତ ଦଳବେହେରା ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଉପରେ ବକ୍ତବ୍ୟ ରଖିଥିଲେ। ଏହା ସହିତ ବାଉଁଶୁଣୀ ପଞ୍ଚାୟତର ୬ଟି ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ସଭାରେ ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ସାମୂହିକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏହା ସହିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ରାଙ୍କନ, ସଙ୍ଗୀତ, ରଙ୍ଗୋଲି, ଶୁଦ୍ଧ ଓଡ଼ିଆ ଲିଖନ, ସୃଜନଶୀଳ ଲିଖନ, କୁଇଜ, ଗପ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ତିନିଦିନିଆ ବିଜେତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାଇକମାଳ,୨୪।୯(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବିଜେତା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଡିଆଇଇଟି (ଟିଇ) ବେଣୁଧର ବରିହା, ଜିଲା ମୋ ସ୍କୁଲ ପରିଚାଳକ ଭାର୍ଗବ ନାୟକ, ଜିଲା ବିଜ୍ଞାନ ନିରୀକ୍ଷକ ଡ. ମନୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ଯୋଶୀ ଅତିଥି ପରିଚୟ, ପାଇକମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଚୂଡାମଣି ବାରିକ ବିବରଣୀ ପଠନ କରିଥିଲେ। ଆର. ପି. ଶିଭରାମ ଗାନ୍ଧୀ ଅନୁଭୂତି ବର୍ଣ୍ଣନା କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ବିଜେତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

- ଛାତ୍ରୀଛାତ୍ରଙ୍କ ମଧାହ୍ନଭୋଜନ ଟଙ୍କା ପ୍ରଦାନରେ ଜାଲିଆତି ଅଭିଯୋଗ
- ସମାଧାନ ନ ହେବା ପର୍ଯ୍ୟନ୍ତ ଖୋଲିବୁନି ତାଲା

**ବୌଦ୍ଧ,୨୪।୯(ସ୍ୱ.ପ୍ର)**

ବୌଦ୍ଧ ଜିଲା ଶିକ୍ଷାବିଭାଗରେ ନକଲି ଶିକ୍ଷକ ନେଇ ଚର୍ଚ୍ଚାରେ ରହିବା ସହ ଶିକ୍ଷକ ବଦଳିରେ ବ୍ୟାପକ ଅନିୟମିତା ନେଇ ସବୁ ସମୟରେ ଅଭିଯୋଗ ହୋଇ ଆସୁଛି। କିନ୍ତୁ ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ମଧାହ୍ନଭୋଜନ ଟଙ୍କା ପ୍ରଦାନରେ ଜାଲିଆତି ଦେଇ ଏକ ବଡ ଅଭିଯୋଗ ଆସିଛି। ଫଳରେ ଶେଷରେ ବିଦ୍ୟାଳୟ ମୁଖ୍ୟ ଗେଟରେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ତାଲା ପକାଯାଇଥିବା ଜଣାପଡିଛି। ମହାମାରୀ କରୋନା ସମୟରେ ସମସ୍ତ ବିଦ୍ୟାଳୟ ପୁରାପୁରି ବନ୍ଦ ହୋଇପଡିବା ସହ ମଧାହ୍ନଭୋଜନ ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇପଡିଥିଲା। କିନ୍ତୁ ସରକାର ଏହି ସମୟରେ ଛାତ୍ରୀଛାତ୍ରଙ୍କୁ ମଧାହ୍ନଭୋଜନ ପାଇଁ ସିଧାସଳଖ ଟଙ୍କା ଦେବାର ବ୍ୟବସ୍ଥା କରିବା ସହ ଛାତ୍ରୀଛାତ୍ରଙ୍କୁ ୨୦୦ ଦିନର ଅର୍ଥ ଦେଇଥିଲେ। ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଚାଉଳ ସହ ୫ଟଙ୍କା ୪୨ ପଇସା ଓ ଉଚ୍ଚ ମାଧ୍ୟମିକ ଛାତ୍ରୀଛାତ୍ରଙ୍କୁ ଚାଉଳ ସହ ୮ଟଙ୍କା ୧୦ ପଇସା ଦେବାର ବ୍ୟବସ୍ଥା କରିଥିଲେ। କିନ୍ତୁ ଜିଲାର ହରଭଙ୍ଗା ବ୍ଲକର ଛତରଙ୍ଗ ୟୁଜିଏମଇ ବିଦ୍ୟାଳୟରେ ଏହି ଅର୍ଥ ପ୍ରଦାନରେ ଜାଲିଆତି ହୋଇଥିବା ଅଭିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ ଅଭିଯୋଗ କରିବା ସହ ଶନିବାର ବିଦ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇଛନ୍ତି। ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ସମସ୍ତ ଚାଉଳ ପ୍ରଦାନ କରିଥିବାବେଳେ କିନ୍ତୁ ଟଙ୍କା ଦେବାରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ୨୦୦ ଦିନର ଟଙ୍କା ୧୦୮୪ ହେଉଥିବା ବେଳେ ଉଚ୍ଚ ମାଧ୍ୟମିକ ଛାତ୍ରୀଛାତ୍ରଙ୍କ ଟଙ୍କା ୧୬୨୦ ହେଉଛି। କିନ୍ତୁ ବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ୩୯୦ ଟଙ୍କା ଓ ଉଚ୍ଚ ମାଧ୍ୟମିକ ଛାତ୍ରୀଛାତ୍ରଙ୍କୁ ୪୫୦ ଟଙ୍କା ଲେଖାଏଁ ପ୍ରଦାନ କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ କୁଆଡେ କୌଣସି ବକେୟା ଟଙ୍କା ନ ଥିବା ପ୍ରକାଶ କରିଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। କିନ୍ତୁ ସିଆରସିସି ସୁଧିର ଦେହୁରୀ ଏନେଇ ୩ଟି ପର୍ଯ୍ୟାୟରେ ଟଙ୍କା ଆସିଥିବା ଜଣାଇବା ସହ ପ୍ରଥମ ପର୍ଯ୍ୟାୟରେ ୭୩ ଦିନର, ଦ୍ୱିତୀୟ ପର୍ଯ୍ୟାୟରେ ୫୭ ଦିନର ଓ ତୃତୀୟ ପର୍ଯ୍ୟାୟରେ ୭୦ ଦିନର ଟଙ୍କା ସମୁଦାୟ ୨୦୦ ଦିନର ଟଙ୍କା ଆସିଥିବା କହିଥିଲେ। ଅଭିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ କାହିଁକି ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଟଙ୍କା ପ୍ରଦାନ କରାଯାଇନାହିଁ ବୋଲି ଉଦ୍‌ବେଗ ପ୍ରକାଶ କରିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ଶନିବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିରାମ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ପୂର୍ବତନ ସରପଞ୍ଚ ଶୁଶିଲ କୁମାର ପ୍ରଧାନ, ସୁଶାନ୍ତ ରାଉତ, ରଞ୍ଜନ ହଂସ, ନିରଞ୍ଜନ ମେହେର, ରାଜକିଶୋର ବେହେରା ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଛନ୍ତି। ଏହି ଘଟଣାର ତଦନ୍ତ ହେବା ସହ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରୁ ତାଲା ହଟିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ହୋତାଙ୍କୁ ପଚାରିବାରୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଅଧା ଟଙ୍କା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଯୋଗୁ ପ୍ରଦାନରେ ବିଳମ୍ବ ହୋଇଛି। ଆଉ ବାକି ଅର୍ଥ ତୁରନ୍ତ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ ।



ବିଦ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇଛନ୍ତି ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୫ ସେପ୍ଟେମ୍ବର, ୨୦୨୨ Sambalpur, Sunday, September 25/2022


# ଟେନିସ କୋର୍ଟରୁ ଫେଡେରରଙ୍କ ସନ୍ନ୍ୟାସ



କ୍ୟାରିୟରର ଅନ୍ତିମ ମ୍ୟାଚ ରୋଜର ଫେଡେରରଙ୍କୁ ସାଥୀ ଖେଳାଳିମାନେ ଟେକି ଧରିଛନ୍ତି।



ଲାଭର କପ୍ ଡବଲ୍ସ ମ୍ୟାଚ ଖେଳିବା ପରେ ଭାବ ବିହ୍ୱଳ ରୋଜର ଫେଡେରର ଓ ରାଫାଲ ନାଡାଲ।

**ଲଣ୍ଡନ,୨୪ା୯(ପି.ଟି.)**

ଟେନିସରୁ ଅବସର ନେଲେ ରୋଜର ଫେଡେରର। ୨୪ ବର୍ଷର ସ୍ୱର୍ଣ୍ଣିମ କ୍ୟାରିୟରରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଫେଡେରର ଲାଭର କପ୍‌ରେ ଖେଳିଛନ୍ତି ନିଜର ଅନ୍ତିମ ମ୍ୟାଚ୍। ଲଣ୍ଡନର ଓ୨ ଆରେନାରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟେନିସ୍ ପ୍ରେମୀ ଓ ସାଥୀ ଖେଳାଳିଙ୍କ ପାଇଁ ଏହା ଏକ ଅଭୁଲା ମୁହୂର୍ତ୍ତ ରହିଥିଲା। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଫେଲ ନାଡାଲଙ୍କ ସହିତ ଟିମ୍ ୟୁରୋପ ପକ୍ଷରୁ ଡବଲ୍ସ ମ୍ୟାଚ ଖେଳି ଟେନିସ କୋର୍ଟରୁ ବିଦାୟ ନେଇଛନ୍ତି ୪୧ ବର୍ଷୀୟ ଫେଡେରର। ଜ୍ୟାକ୍ସ ଶକ୍ ଓ ଫ୍ରାନ୍ସିସ୍ ଟିଆଫୋଙ୍କ ବିପକ୍ଷରେ ଏହି ଡବଲ୍ସ ମ୍ୟାଚ ଖେଳିଥିଲେ ଟେନିସ ଜଗତର ଏହି ଦୁଇ ମହାନାୟକ। ତେବେ ପରାଜୟ ସହିତ ଟେନିସ୍ ଦୁନିଆର ଏହି ମହାନାୟକ ଅଲବିଦା ଜଣାଇଛନ୍ତି। ଫେଡେରର-ନାଡାଲ ଯୋଡି ଏହି ମ୍ୟାଚରେ ୪-୬, ୭-୬(୨) ଓ ୧୧-୯ରେ ଏହି ମ୍ୟାଚ ହାରି ଯାଇଥିଲେ। ତେବେ ମ୍ୟାଚର ଫଳାଫଳ ତାଙ୍କ ପାଇଁ କିଛି ଫରକ ପକାଏନାହିଁ ବୋଲି କହିଥିଲେ ଫେଡେରର। ଏହି ମ୍ୟାଚକୁ କେବଳ ବିଦାୟକାଳୀନ ସମ୍ବର୍ଦ୍ଧନା ନୁହେଁ ବରଂ ବିଦାୟକାଳୀନ ସମ୍ବର୍ଦ୍ଧନାର ବହୁବାଚକ ସହିତ ତୁଳନା କରାଯାଇପାରେ। ଏହି ମ୍ୟାଚ ସହିତ ଟେନିସ୍, ଫ୍ୟାନ୍ ଓ ନିଜ ସାଥୀ ଖେଳାଳିଙ୍କଠାରୁ ସେ ବିଦାୟ ନେଉଥିବା ଫେଡେରର ପ୍ରକାଶ କରିଥିଲେ। ମ୍ୟାଚ୍ ଶେଷ ହେବା ପରେ ଭାବବିହ୍ୱଳ ଫେଡେରର ଟିମ୍ ୟୁରୋପର ଖେଳାଳିମାନଙ୍କୁ ଅଭିବାଦନ ଜଣାଇଥିଲେ। ଟିମ୍ ଓ ଷ୍ଟାଣ୍ଡରେ ଥିବା ଦର୍ଶକଙ୍କ ସମର୍ଥନକୁ ଦେଖି ଫେଡେରର କାନ୍ଦି ପକାଇଥିଲେ। ଶେଷ ମ୍ୟାଚରେ ଫେଡେରରଙ୍କ ପାର୍ଟନର ରହିଥିବା ରାଫେଲ ନାଡାଲ ମଧ୍ୟ ଭାବବିହ୍ୱଳ ହୋଇ ପଡିଥିଲେ। ଆଣ୍ଠୁରେ ୩ ଥର ଅସ୍ତ୍ରୋପଚାର ହେବା ପରେ ଟେନିସକୁ ବିଦାୟ ଜଣାଇବାର ଏହି ନିଷ୍ପତ୍ତି ଠିକ୍ ବୋଲି ଫେଡେରର ମ୍ୟାଚ ପରବର୍ତ୍ତୀ ପ୍ରେସ୍ ମିଟ୍‌ରେ କହିଥିଲେ। ‘‘ପୂର୍ବରୁ ହଜାର ଥର କୋର୍ଟକୁ ଓହ୍ଲାଇ ସାରିଛି। ତେବେ ଆଜିର ରାତି ବେଶ୍ ସ୍ୱତନ୍ତ୍ର। ଆପଣମାନଙ୍କ ମଧ୍ୟରୁ କିଏ ଆସିବାକୁ ଚାହୁଁଛନ୍ତି’’ ବୋଲି ମ୍ୟାଚ୍ ପୂର୍ବରୁ ଟୁଇଟ୍ କରିଥିଲେ ଫେଡେରର। ସେହିପରି ଟେନିସ କୋର୍ଟରେ ତାଙ୍କର ସବୁଠାରୁ ବଡ ପ୍ରତିଦ୍ୱନ୍ଦ୍ୱୀ ତଥା କୋର୍ଟ ବାହାରେ ଭଲ ବନ୍ଧୁ ରାଫେଲ ନାଡାଲଙ୍କ ସହିତ କ୍ୟାରିୟରର ଅନ୍ତିମ ମ୍ୟାଚ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଫେଡେରରଙ୍କ ପୂର୍ବରୁ ପିଟ୍ ସାମ୍ପ୍ରାସ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ବେଳେ ପ୍ରଥମ ଖେଳାଳି ଭାବରେ ଫେଡେରର ତାଙ୍କ ରେକର୍ଡ ଭାଙ୍ଗିଥିଲେ। ଫେଡେରର ୨୦ଟି ଗ୍ରାଣ୍ଡସ୍ଲାମ ହାସଲ କରିଥିବା ବେଳେ ସର୍ବିଆର ନୋଭାକ୍ ଜୋକୋଭିଚ୍ ୨୧ ଓ ସ୍ପେନର ରାଫେଲ୍ ନାଡାଲ ୨୨ ଗ୍ରାଣ୍ଡସ୍ଲାମ ସହିତ ତାଙ୍କ ରେକର୍ଡ ଭାଙ୍ଗିଥିଲେ। ନିଜ କ୍ୟାରିୟରରେ ୧୦୩ଟି ସିଙ୍ଗଲ୍ସ ଟାଇଟଲ ସହିତ ଦୀର୍ଘ ୩୧୦ ସପ୍ତାହ ପାଇଁ ଏକ ନମ୍ବର ରହିବାର ରେକର୍ଡ ଫେଡେରରଙ୍କ ନାମରେ ରହିଛି। ଟେନିସ୍ ଇତିହାସରେ ଷଷ୍ଠ ଖେଳାଳି ଭାବରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିବା ଫେଡେରର ୨୦୦୪-୨୦୦୮ ପର୍ଯ୍ୟନ୍ତ ଏକ ନମ୍ବର ସ୍ଥାନରେ ରହି ବର୍ଷ ଶେଷ କରିଥିଲେ। ଏହାପରେ ୨୦୦୯ରେ ମଧ୍ୟ ଏକ ନମ୍ବରରେ ରହି ବର୍ଷ ଶେଷ କରିଥିଲେ। ୩୧୦ ସପ୍ତାହ ଧରି ଫେଡେରର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଥିଲେ। ଏହା ବ୍ୟତୀତ ସେ ନିଜ କ୍ୟାରିୟରରେ ୧୨୫୧ଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ୭୮୩ଟି ହାର୍ଡ କୋର୍ଟ ମ୍ୟାଚ ରହିଥିବା ବେଳେ ୧୯୨ଟି ବିଜୟ ଗ୍ରାସକୋର୍ଟରୁ ଆସିଛି। ସେହିପରି ଫେଡେରର ନିଜ କ୍ୟାରିୟରରେ ୧୩୦୫୯୪୩୩୯ ଡଲାର ପୁରସ୍କାର ରାଶି ହାସଲ କରିଛନ୍ତି, ଯାହାକି ଏକ ସର୍ବକାଳୀନ ରେକର୍ଡ।

### ସଂକ୍ଷେପରେ ଫେଡେରରଙ୍କ କ୍ୟାରିୟର

ଗ୍ରାଣ୍ଡସ୍ଲାମ: ୨୦
ଗ୍ରାଣ୍ଡସ୍ଲାମ ଫାଇନାଲ: ୩୧
ଅଷ୍ଟ୍ରେଲିଆନ ଓପନ୍:୬
ଫ୍ରେଞ୍ଚ ଓପନ:୧
ୱିମ୍ବେଲଡନ୍:୮
ୟୁଏସ୍ ଓପନ: ୫
ଏଟିପି ଟାଇଟଲ୍-୬
ସିଙ୍ଗଲ୍ସ ଟାଇଟଲ୍:୧୦୩
ଗ୍ରାଣ୍ଡସ୍ଲାମ ବିଜୟ/ପରାଜୟ: ୩୬୯-୬୦
ଗ୍ରାସ୍ କୋର୍ଟ ଟାଇଟଲ:୧୯
ହାର୍ଡକୋର୍ଟ ଟାଇଟଲ୍: ୭୧
ଅଲିମ୍ପିକ୍ସ ପଦକ: ୨, ୨୦୦୮(ବେଜିଂ) ୨୦୧୨(ଲଣ୍ଡନ)
କ୍ରମାଗତ ଏକ ନମ୍ବର: ୨୦୦୪-୨୦୦୮
ଏକ ନମ୍ବର: ୩୧୦ ସପ୍ତାହ
କ୍ୟାରିୟର ବିଜୟ: ୧୨୫୧

# ଏରିଗାଇସି-କାର୍ଲସେନ୍ ଫାଇନାଲ



**ନ୍ୟୁୟର୍କ, ୨୪ା୯(ପି.ଟି.):** ଭିଏତ୍‌ନାମର ଲିମ୍ କ୍ୱାଙ୍ଗ୍ ଲି’ଙ୍କୁ ପରାସ୍ତ କରି ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗାଇସି ଜୁଲିଅସ୍ ବେଅର ଜେନେରେଶନ କପ୍ ଅନ୍‌ଲାଇନ ରାପିଡ୍ ଚେସ୍ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଟାଇଟଲ ମୁକାବିଲାରେ ସେ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ୍‌ଙ୍କୁ ଭେଟିବେ। ୧୯ ବର୍ଷୀୟ ଏରିଗାଇସିଙ୍କୁ ତାଙ୍କ ଭିଏତ୍‌ନାମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। କାର୍ଲସେନ କିନ୍ତୁ ତାଙ୍କ ଗେମ୍ ୩-୧ରେ ଜିତିନେଇଥିଲେ। ଏରିଗାଇସି-ଲିମ୍ ଲି ପ୍ରଥମ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ଦ୍ୱିତୀୟଟିରେ ଭାରତୀୟ ଖେଳାଳି ଜିତିଥିଲେ। ତୃତୀୟ ଗେମ୍ ଡ୍ର ଆଡକୁ ମୁହାଁଉଥିବା ବେଳେ ଭିଏତ୍‌ନାମ ଖେଳାଳି ୩୨ ମୁଭ୍‌ରେ ଜିତି ନେଇଥିଲେ। ଟାଇବ୍ରେକରରେ ଏରିଗାଇସି ଲଗାତର ଦୁଇଟି ଗେମ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିନେଇଥିଲେ। ୧,୫୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଦୁଇଦିନିଆ ଫାଇନାଲ ଶନିବାର ବିଳମ୍ବିତ ରାତିରେ ଆରମ୍ଭ ହେବ। ଏଥିରେ ବେଷ୍ଟ ଅଫ୍ ଫୋର୍ ଗେମ୍ସ ଏନ୍‌କାଉଣ୍ଟର ହେବ। ରବିବାର ଦ୍ୱିତୀୟ ମ୍ୟାଚ ପରେ ବିଜେତା ନିରୂପିତ ହେବ।

# କିଟ୍ ବାଳକ ଦଳ ଗ୍ରୁପ୍ ଚାମ୍ପିୟନ



## ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ

**ଭୁବନେଶ୍ୱର,୨୪ା୯(ସ୍ପୋର୍ଟ୍ସ ବ୍ୟୁରୋ.)**

୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଗ୍ରୁପ୍ ଚାମ୍ପିୟନ ହୋଇଛି କିଟ୍। ଏହା ସହିତ କିଟ୍ ବାଳକ ଦଳ ସୁପର ଲିଗରେ ପ୍ରବେଶ କରିଛି। ଓସିଏ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟ କଟକ ଓ ଭୁବନେଶ୍ୱରର ବିଭିନ୍ନ ଭେନ୍ୟୁରେ ଖେଳାଯାଇଥିଲା। ସୁନ୍ଦରଗଡ, ଭଦ୍ରକ ଓ ମୟୂରଭଞ୍ଜ ସହିତ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିଲା। ଏହା ସହିତ କିଟ୍ ସମସ୍ତ ଗ୍ରୁପ୍ ମ୍ୟାଚକୁ ଜିତି ନେଇ ସୁପର ଲିଗ୍‌ରେ ପ୍ରବେଶ କରିଥିଲା। ଶନିବାର ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା କିଟ୍। ସିଦ୍ଧିମାନ ନୀରଜ ମିଶ୍ର ଓ ଅରୁଣ ସିଂ ଚମତ୍କାର ବ୍ୟାଟିଂ ଓ ବୋଲିଂ ପ୍ରଦର୍ଶନ କରି ଦଳକୁ ବିଜୟୀ କରିବା ସହିତ ସୁପର ଲିଗ୍‌ରେ ପ୍ରବେଶ କରିଥିଲେ। ଦଳର ଏହି ସଫଳତା ପାଇଁ କିଟ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଖେଳାଳି ଓ କୋଚମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଓଡ଼ିଶା ଫେରିବା ପରେ ହକି ଇଣ୍ଡିଆର ନବନିଯୁକ୍ତ ସଭାପତି ଦିଲୀପ ତିର୍କୀଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା।

# ଭାରତର କ୍ଲିନ୍ ସୁଇପ୍



ଅର୍ଦ୍ଧ ଶତକ ହାସଲ ପରେ ଦୀପ୍ତି ଶର୍ମା।

**ଲଣ୍ଡନ,୨୪ା୯(ପି.ଟି.):** ଇଂଲଣ୍ଡ ମହିଳା ଦଳ ବିପକ୍ଷ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଭାରତ। ଦୀପ୍ତି ଶର୍ମା ଓ ସ୍ମୃତି ମନ୍ଧାନାଙ୍କ ଲଢୁଆ ଅର୍ଦ୍ଧଶତକ ସହିତ ରେଣୁକା ସିଂଙ୍କ ଘାତକ ବୋଲିଂ ବଳରେ ଭାରତ ୩-୦ରେ ସିରିଜ ଜିତିନେଇଛି। ଲର୍ଡ୍ସରେ ଖେଳାଯାଇଥିବା ଅନ୍ତିମ ଦିନିକିଆରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଓପନର ସ୍ମୃତି ମନ୍ଧାନା ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଭାରତ ୪୫.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ରେଣୁକା ସିଂଙ୍କ ୪ ଉଇକେଟ ସଫଳତା ବଳରେ ଭାରତ ୧୬ ରନରେ ମ୍ୟାଚକୁ ଜିତି ନେଇଥିଲା। ଅପରିବର୍ତ୍ତିତ ଏକାଦଶ ସହିତ ଭାରତ ପଡିଆକୁ ଓହ୍ଲାଇଥିଲା। ଶେଫାଳି ବର୍ମା ବିଫଳ ହେବା ସହିତ ଖାତା ଖୋଲିବା ପୂର୍ବରୁ ଦ୍ୱିତୀୟ ଓଭରରେ କେଟ୍ କ୍ରସଙ୍କ ଶିକାର ହୋଇଥିଲେ। ଉଇକେଟ କିପର ୟସ୍ତିକା ଭାଟିଆଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ଦ୍ୱିତୀୟ ସଫଳତା ହାସଲ କରିଥିଲେ କେଟ୍। ଦ୍ୱିତୀୟ ଦିନିକିଆରେ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିବା ହରମନପ୍ରୀତ୍ କୌର(୪) ଓ ହରଲିନ୍ ଦେଓଲ(୩) ସହଜରେ ପ୍ୟାଭିଲିୟନ ଫେରିବା ସହିତ ଭାରତ ମାତ୍ର ୨୯ ରନରେ ୪ ଉଇକେଟ ହରାଇଥିଲା। ତେବେ ସ୍ମୃତି ମନ୍ଧାନା(୫୦) ଓ ଦୀପ୍ତି ଶର୍ମା(୬୮*)ଙ୍କ ମଧ୍ୟରେ ୫୮ ରନର ଭାଗୀଦାରି ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲା। ସପ୍ତମ ଉଇକେଟରେ ପୂଜା ବସ୍ତ୍ରକାର(୨୨) ଓ ଦୀପ୍ତି ଶର୍ମା ୪୦ରନ ଯୋଡିବାରୁ ଭାରତ ଏକ ସମ୍ମାନଜନକ ସ୍କୋର ହାସଲ କରିଥିଲା। ମନ୍ଧାନା ୭୯ ବଲ ଖେଳି ୫ ଚୌକା ମାରିଥିଲେ। ଅପର ପକ୍ଷରେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ଦୀପ୍ତି ଶର୍ମା ୧୦୬ ବଲ୍ ଖେଳି ୭ ଚୌକା ମାରିଥିଲେ। ଇଂଲଣ୍ଡ ପକ୍ଷରୁ କେଟ୍ କ୍ରସ ୪ ଉଇକେଟ ନେଇଥିବା ବେଳେ ସୋଫି ଏକେଲଷ୍ଟୋନ ଓ ଫ୍ରେୟା କାମ୍ପ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୭୦ରନର ବିଜୟ ଲକ୍ଷ୍ୟ ଇଂଲଣ୍ଡ ପାଇଁ ସହଜ ରହିବ ବୋଲି ଆଶା କରାଯାଉଥିଲା। ତେବେ ରେଣୁକା ସିଂ, ଅନ୍ତିମ ମ୍ୟାଚ ଖେଳୁଥିବା ଝୁଲଣ ଗୋସ୍ୱାମୀ ଓ ରାଜେଶ୍ୱରୀ ଗାଏକ୍ୱାଡଙ୍କ ଘାତକ ବୋଲିଂ ବଳରେ ଭାରତ ମ୍ୟାଚକୁ ଜିତି ନେଇଥିଲା। ଇଂଲଣ୍ଡ ପକ୍ଷରୁ ଚାର୍ଲୋଟ ଡିନ୍ ସର୍ବାଧିକ ୪୭ ରନ୍ କରିଥିବା ବେଳେ ଏମି ଜୋନ୍ସ (୨୮) ଓ ଏମା ଲାମ୍ବ(୨୧) ରନ କରିଥିଲେ। ଅନ୍ତିମ ମ୍ୟାଚ ଖେଳୁଥିବା ଝୁଲଣ କେଟ କ୍ରସ(୧୦)ଙ୍କୁ ବୋଲ୍ଡ କରି କ୍ୟାରିୟରର ଅନ୍ତିମ ଉଇକେଟ ଅକ୍ତିଆର କରିଥିଲେ। ରେଣୁକା ସିଂ ୪/୨୯ର ବୋଲିଂ ଫିଗର ହାସଲ କରିଥିବା ବେଳେ ଝୁଲଣ ଗୋସ୍ୱାମୀ ଓ ରାଜେଶ୍ୱରୀ ଗାଏକ୍ୱାଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ